# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, September 23/2019 | ★★★★★★

୪୫ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଦୀପକ ପୁନିଆଙ୍କୁ ରୌପ୍ୟ ପଦକ**
କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ଦୀପକ ପୁନିଆ। ୧୮

୧୪ **ଅକ୍ଷୟଙ୍କ ମ୍ୟୁଜିକ୍ ଭିଡିଓରେ ନୂପୁର**
ଅଭିନେତା ଅକ୍ଷୟ କୁମାର ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ 'ଫିଲ୍‌ହାଲ୍'ର ଶୁଟିଂ କରିଛନ୍ତି। ଏଥିରେ କ୍ରିତି ସାନନଙ୍କ ଭଉଣୀ ନୂପୁର ଅଭିନୟ କରିଛନ୍ତି।



## ହ୍ୟୁଷ୍ଟନ ମଞ୍ଚରୁ ଭାରତ-ଆମେରିକାର ଘୋଷଣା

# ଆତଙ୍କବାଦ ବିରୋଧରେ ଏକାଠି

**ହ୍ୟୁଷ୍ଟନ,୨୨।୯(ପି.ଟି./ଆଇଏଏନ୍ଏସ୍)**

ଆତଙ୍କବାଦ କେବଳ ଭାରତ କି ଆମେରିକା ପାଇଁ ନୁହେଁ, ବରଂ ସାରା ବିଶ୍ୱ ଆଗରେ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡ଼ା ହୋଇଛି। ଆତଙ୍କବାଦର ମୁକାବିଲା ପାଇଁ ଭାରତ ଓ ଆମେରିକା ଏକାଠି ହୋଇଥିବାବେଳେ ଏହାର ମୂଳୋତ୍ପାଟନ ଲାଗି ବିଶ୍ୱ ସମୁଦାୟ ଆଗେଇ ଆସିବା ଜରୁରୀ ହୋଇପଡ଼ିଛି। ହ୍ୟୁଷ୍ଟନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱ ସମୁଦାୟକୁ ଏପରି ଆହ୍ୱାନ ଦେଇଛନ୍ତି।

୭ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ରବିବାର 'ହାଓଡି ମୋଦି' ମେଗା ଇଭେଣ୍ଟରେ ଉଦ୍‌ବୋଧନ ଦେଇଛନ୍ତି। ହ୍ୟୁଷ୍ଟନର ଏନ୍ଆର୍‌ଜି ଷ୍ଟାଡିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିଛନ୍ତି। ଆମେରିକାରେ ଏତେବଡ଼ କାର୍ଯ୍ୟକ୍ରମରେ ଭାଷଣ ଦେବାରେ ମୋଦି ହେଉଛନ୍ତି ପ୍ରଥମ ବିଦେଶୀ ନେତା। ଏହି ମେଗା ଇଭେଣ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେଇ ମୋଦିଙ୍କୁ ପ୍ରଶଂସାରେ ପୋତି ଦେଇଥିଲେ। ପ୍ରଥମେ ମୋଦି ଅଭିଭାଷଣ ଆରମ୍ଭ କରି ଟ୍ରମ୍ପ୍‌ଙ୍କୁ ଉଚ୍ଚ ପ୍ରଶଂସା କରିବା ସହ 'ଅବ୍‌କି ବାର୍ ଟ୍ରମ୍ପ୍ ସରକାର' (ଏଥର ଟ୍ରମ୍ପ୍ ସରକାର) ବୋଲି କହିଥିଲେ। ଟ୍ରମ୍ପ୍ ଜଣେ ସ୍ୱତନ୍ତ୍ର ବ୍ୟକ୍ତି, ଯାହାଙ୍କର ସବୁଠାରେ ଗଭୀର ତଥା ସ୍ଥାୟୀ ପ୍ରଭାବ ରହିଛି । ଏଭଳି ବିଶାଳ ଐତିହାସିକ ସମାବେଶରେ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିବା ତାଙ୍କ ପାଇଁ ଅତ୍ୟନ୍ତ ସମ୍ମାନର କଥା। ଭାରତ ତଥା ସାରା ବିଶ୍ୱରେ ଥିବା ଭାରତୀୟମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ, ଆମ ଗହଣରେ ଆଜି ଜଣେ ଅତି ସ୍ୱତନ୍ତ୍ର ବ୍ୟକ୍ତି ଅଛନ୍ତି, ଯିଏ ଆମେରିକାର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ। ରାଷ୍ଟ୍ରପତି ଟ୍ରମ୍ପ୍ ଇସ୍‌ଲାମିକ୍ ଆତଙ୍କବାଦକୁ ସାରା ବିଶ୍ୱ ପାଇଁ ବିପଦ ବୋଲି ଅଭିହିତ କରିବା ସହ ଏହାର ସଫଳ ମୁକାବିଲା ଲାଗି ଭାରତ ସହ ଆମେରିକା ଛିଡ଼ା ହୋଇଛି। ସେହିପରି ସୁରକ୍ଷା କ୍ଷେତ୍ରରେ ଭାରତ ସହ ସ୍ୱାକ୍ଷରିତ ଚୁକ୍ତି ସମ୍ପର୍କରେ ଅବତାରଣା କରିଥିଲେ। ଆମେରିକାକୁ ଆତଙ୍କବାଦରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଦେଶର ସୀମାକୁ ବନ୍ଦ କରିବା ଉପରେ ଟ୍ରମ୍ପ୍ ଗୁରୁତ୍ୱ ଦେଇଥିଲେ। ଆତଙ୍କବାଦ ନିରୋଧୀ ଲଢ଼େଇରେ ସେ ମୋଦିଙ୍କୁ ଜଣେ ପ୍ରକୃତ ବନ୍ଧୁ ଭାବେ ଅଭିହିତ କରିଥିଲେ।

ଟେକ୍ସାସ୍-ଇଣ୍ଡିଆ ଫୋରମ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରମ୍ପ୍‌ଙ୍କ ଅଭିଭାଷଣ ପରେ ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଥିଲେ, ଭାରତ-ଆମେରିକା ମଧ୍ୟରେ ନୂଆ ଇତିହାସ ଓ ସମ୍ବନ୍ଧ ସୃଷ୍ଟି ହେଉଛି। ଏଠାରେ ଉପସ୍ଥିତ ଜନସମୁଦ୍ର ଏହାର ପ୍ରମାଣ ☞ପୃଷ୍ଠା-୪



ଏନ୍ଆର୍‌ଜି ଷ୍ଟାଡିୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଆମେରିକା କହିଲା ହାଓଡି ମୋଦି

- ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ
- ଅବ୍‌କି ବାର୍ ଟ୍ରମ୍ପ୍ ସରକାର: ମୋଦି
- ଆତଙ୍କବାଦ ବିରୋଧରେ ଟ୍ରମ୍ପ୍‌ଙ୍କ କଡ଼ା ସନ୍ଦେଶ
- ପାକିସ୍ତାନକୁ ପରୋକ୍ଷରେ ଟାର୍ଗେଟ କଲେ ଦୁଇନେତା
- ପରସ୍ପରକୁ ପ୍ରଶଂସାରେ ପୋତିଲେ

# ଚିଲିକାରେ ଜଳ ଘୂର୍ଣ୍ଣିଝଡ

**ବାଲୁଗାଁ,୨୨।୯(ଡି.ଏନ.ଏ.)**

ବଡ଼କୁଳ ପାନ୍ଥନିବାସସ୍ଥିତ ଚିଲିକା ଜଳରାଶିରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ ଜଳ ଘୂର୍ଣ୍ଣିଝଡ (ୱାଟର ସ୍ପାଉଟ୍) ସୃଷ୍ଟି ହୋଇ ଆକାଶକୁ ସ୍ପର୍ଶ କରିଥିଲା। ଏହା ଚିଲିକା ମଧ୍ୟସ୍ଥ ଜଟିଆନାସୀ ପାହାଡ଼ ଓ କାଳିଜାଇ ମଧ୍ୟରେ ପ୍ରାୟ ୨୦ମିନିଟ୍ ଧରି ଦୃଶ୍ୟ ହୋଇଥିଲା। ଚିଲିକା ଜଳକୁ ପବନର ଗୋଲେଇ ଚକ୍ର ମଧ୍ୟରେ ଆବଦ୍ଧ କରି ବାଦଲକୁ ଛୁଇଁଥିଲା, ଯାହାକି ଏକ ବିରାଟକାୟ ହାତୀଶୁଣ୍ଢ ପରି ଦୃଶ୍ୟମାନ ହୋଇଥିଲା। ସେଠାରେ ଉପସ୍ଥିତ ପର୍ଯ୍ୟଟକ ଏହି ଦୃଶ୍ୟକୁ ଉପଭୋଗ କରିଥିବା ବେଳେ ନିକଟସ୍ଥ ଅଞ୍ଚଳବାସୀଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା। ଚିଲିକାରେ ଏହା ପ୍ରଥମ ଘଟଣା। ପୂର୍ବରୁ ଏପରି ଦୃଶ୍ୟ କେବେ ଦୃଷ୍ଟିଗୋଚର ହୋଇ ନ ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି। କେହି ଏହା ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟାର ପ୍ରାକ୍ ସୂଚନା ବୋଲି ମତ ଦେଇଛନ୍ତି।

**ବାତ୍ୟା ଆଶଙ୍କାରେ ଲୋକେ ଭୟଭୀତ**



ରବିବାର ଅପରାହ୍ନରେ ଚିଲିକାରେ ସୃଷ୍ଟି ହୋଇଥିବା ଜଳ ଘୂର୍ଣ୍ଣିଝଡ।

## ଆନ୍ଧ୍ର ସୀମାରେ ଏନ୍‌କାଉଣ୍ଟର

# ୫ ମାଓବାଦୀ ନିହତ

**ବିଶାଖାପଟନମ୍, ୨୨।୯ (ଆଇଏଏନ୍ଏସ୍)**

ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାରେ ରବିବାର ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୁରକ୍ଷା ବଳର ମିଳିତ ଏନ୍‌କାଉଣ୍ଟରରେ ୨ ମହିଳାଙ୍କ ସମେତ ୫ ମାଓବାଦୀ ନିହତ ହୋଇଛନ୍ତି।

ବିଶାଖାପଟନମ୍ ଜିଲା ଗୁଡେମ୍ କୋଟା ବିଧି ବ୍ଲକ୍ ଅନ୍ତର୍ଗତ ଗୁମ୍ମିରେଭୁଲୁ ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ସୁରକ୍ଷା ବଳ ସେଠାକୁ ଯାଇ କୋମ୍ବିଂ ଅପରେଶନ ଚଳାଇଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପଟୁ ଗୁଳି ବିନିମୟ ପରେ ୫ ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଏହାସହ ଏନ୍‌କାଉଣ୍ଟରସ୍ଥଳରୁ ମାଓବାଦୀଙ୍କ ବିପୁଳ ଅସ୍ତ୍ରଶସ୍ତ୍ର ଓ କିଟ୍ ବ୍ୟାଗ୍ ଜବତ ହୋଇଛି। ମାଓବାଦୀଙ୍କ ଗୁଳିମାଡ଼ରେ କେହି ଯବାନ ମୃତାହତ ହୋଇନାହାନ୍ତି। ଏହି ମିଳିତ ଅପରେଶନରେ ମାଓବାଦୀ ନିରୋଧୀ ବଳ, ଗ୍ରେହାଉଣ୍ଡସ, ସ୍ପେଶାଲ ପ୍ରୋଟେକ୍ସନ୍ ଫୋର୍ସ (ଏସ୍‌ପିଏଫ୍) ନିୟୋଜିତ ଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ) ପକ୍ଷରୁ ପ୍ରତିଷ୍ଠା ସପ୍ତାହ (ସେପ୍ଟେମ୍ବର ୨୧ରୁ ୨୮) ପାଳନ ଚାଲିଥିବାବେଳେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୨୩ରେ ମାଓବାଦୀମାନେ ଆନ୍ଧ୍ରପ୍ରଦେଶର ଟିଡିପି ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ଶିବେରି ସୋମଙ୍କୁ ବିଶାଖାପଟନମ୍ ଜିଲାର ଆକାରୁ ଅଞ୍ଚଳରେ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାକୁ ବର୍ଷେ ପୂରିବାର ଦିନକ ପୂର୍ବରୁ ଯବାନଙ୍କ ଗୁଳିରେ ୫ ମାଓବାଦୀ ନିପାତ ହୋଇଛନ୍ତି।



**ଆଜିର ସମ୍ପାଦକୀୟ**

ଛବିରେ ହାତୀ

**ଆଜିର ମନ୍ତବ୍ୟ**

"ନେହେରୁଙ୍କ ଭୁଲ ଯୋଗୁ ପିଓକେ ସୃଷ୍ଟି ହୋଇଛି।
-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଜୁଲାଇରେ ଦେଶର କୋଇଲା ଆମଦାନୀ ୪% ହ୍ରାସ ଘଟି ୧୯ ନିୟୁତ ଟନ୍ ରହିଛି।
– କୋଇଲା ମନ୍ତ୍ରଣାଳୟ

# ଧୋଇଗଲା ନଗଡ଼ା ବିକାଶ

**ଯାଜପୁର ଅଫିସ,୨୨।୯**

ନଗଡ଼ା ବିକାଶକୁ ଅଧାପନ୍ତରିଆ କରି ବସିଯାଇଛି ପ୍ରଶାସନ। ନଗଡ଼ା ଆଧିବାସୀଙ୍କୁ ସେବା ପ୍ରଦାନ ପାଇଁ କୌଣସି ସରକାରୀ କର୍ମଚାରୀ ଆଉ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଚିକିତ୍ସକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ/କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି। ସ୍ୱଳ୍ପ ଓ ଦୀର୍ଘମିଆଦୀ ଯୋଜନା କାଗଜକଲମରେ ସୀମିତ ରହିଛି। ଅଶୋକଝର ପାହାଡ଼ ପାଦଦେଶରୁ ତଳନଗଡ଼ା ପର୍ଯ୍ୟନ୍ତ ୧୨.୯୫କୋଟି ଟଙ୍କାରେ ନିର୍ମିତ ରାସ୍ତା ୨ବର୍ଷ ନ ପୂରଣୁ ଗମନାଗମନ ଅନୁପଯୋଗୀ ହେବା ଏହାର ପ୍ରମୁଖ କାରଣ ସାଜିଛି। ଏହି ମର୍ମରେ ଗତ ୧୩ ତାରିଖରେ ଧରିତ୍ରୀରେ ଆରଡି ବିଭାଗରେ ଡିଏମ୍ଏଫ୍ ଚଳୁ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଆରଡି ବିଭାଗ ଅଧିକାରୀମାନେ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ବର୍ଷାର ସହଯୋଗ ନେଇଛନ୍ତି। ଗତ ୨ ମୌସୁମୀ ଋତୁରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସଫେଇ ଦେଇଛନ୍ତି। କିନ୍ତୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସିଂହଭାଗ ଅର୍ଥ ଚଳୁ ହୋଇଛି। ଯାହା ଫଳରେ ☞ପୃଷ୍ଠା-୪



- ୨ ବର୍ଷ ଗଲାନି ୧୨.୯୫ କୋଟିର ରାସ୍ତା
- ପ୍ରବଳ ବର୍ଷା ଯୋଗୁ ଧୋଇଗଲା ରାସ୍ତା: ଆରଡି ବିଭାଗ
- ନିମ୍ନମାନର ରାସ୍ତା ନିର୍ମାଣକୁ ଦାୟୀ କଲେ ଅଞ୍ଚଳବାସୀ


NECC NATIONAL EGG CO-ORDINATION COMMITTEE | 22.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


# ଦଶମଶ୍ରେଣୀ ଛାତ୍ରଙ୍କୁ ପ୍ରଜାକୋର୍ଟରେ ହତ୍ୟା

**ମାଲକାନଗିରି,୨୨।୯(ସ୍ୱ.ପ୍ର/ଡି.ଏନ.ଏ.)**

ମାଲାକନଗିରି ଜିଲା ସୀମାନ୍ତରେ ମାଓବାଦୀଙ୍କ ବର୍ବରତା ସୀମା ଟପିଛି। ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ପ୍ରଜାକୋର୍ଟରେ ଅତି ନିର୍ମମ ଭାବେ ହତ୍ୟା କରିଛି ଲାଲବାହିନୀ। ମୃତ ଛାତ୍ରଙ୍କ ନାମ ରମେଶ କୁଞ୍ଜାମ। ବିଜାପୁର ଏସ୍‌ପି ଦିବ୍ୟାଙ୍ଗ ପଟେଲଙ୍କ ସୂଚନା ଅନୁଯାୟୀ ଛତିଶଗଡ଼ ବିଜାପୁର ଜିଲାର ତର୍ଗ୍ରିମ ଅଞ୍ଚଳରୁ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ରମେଶଙ୍କୁ ଗତ ୧୬ରେ ମାଓବାଦୀମାନେ ଅପହରଣ କରି ନେଇ ଯାଇଥିଲେ। ଦୁଇ ଦିନ ରଖିବା ପରେ ପୋଲିସକୁ ମାଓବାଦୀଙ୍କ ଗୁପ୍ତ ସୂଚନା ଦେଉଥିବା ସନ୍ଦେହ କରି ତାଙ୍କୁ ଜଙ୍ଗଲ ମଧ୍ୟରେ ଏକ ପ୍ରଜାକୋର୍ଟରେ ହତ୍ୟା କରିଥିଲେ। ତେବେ ମାଓବାଦୀଙ୍କ ଚାପରେ ପରିବାର ଲୋକେ ପୋଲିସକୁ ଏ ସମ୍ପର୍କରେ କୌଣସି ସୂଚନା ନ ଦେଇ ତାଙ୍କର ଅନ୍ତିମ ସଂସ୍କାର କରି ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ଏସ୍‌ପି ପଟେଲ କହିଛନ୍ତି।







# ସୁମିତ୍ରା ଚୌଧୁରୀଙ୍କ ପରଲୋକ



କଟକ ଅଫିସ,୨୨।୯

ଗାନ୍ଧିବାଦୀ ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀ(୯୫)ଙ୍କର ରବିବାର ପୂର୍ବାହ୍ନ ୧୧ଟାରେ କଟକ ବାଖରାବାଦସ୍ଥିତ ବାସଭବନରେ ପରଲୋକ ଘଟିଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ ପୁତ୍ରବଧୂ ହେଉଛନ୍ତି ସୁମିତ୍ରା। ଗୋପବନ୍ଧୁଙ୍କ ପୁତ୍ର ମନମୋହନ ଚୌଧୁରୀଙ୍କୁ ସେ ବିବାହ କରିଥିଲେ। ଗୋପବନ୍ଧୁଙ୍କ ସାନଭାଇ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଝିଅ ଉତ୍ତରାଙ୍କ ବାନ୍ଧବୀ ମଧ୍ୟ ସୁମିତ୍ରା ଥିଲେ। ସ୍ୱାଧୀନତା ଆନ୍ଦୋଳନରେ ସୁମିତ୍ରାଙ୍କର ଭୂମିକା ରହିଥିଲା। ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି ହେବା ସମୟରେ ସେ କସ୍ତୁରବା ଟ୍ରଷ୍ଟରୁ ଇସ୍ତଫା ଦେଇ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନରେ ଯୋଗଦେଲେ। ଏହାଛଡ଼ା ସେବାସମିତି ଓ ଗ୍ରାମସେବକ ସମବାୟ ପ୍ରେସ୍‌ର ସମ୍ପାଦିକା ଭାବେ ସେ କାର୍ଯ୍ୟ କରିଛନ୍ତି। ମୃତ୍ୟୁ ପର୍ଯ୍ୟନ୍ତ ସର୍ବୋଦୟ ପତ୍ରିକାର ସେ ମୁଖ୍ୟ ସମ୍ପାଦିକା ରହିଥିଲେ। ଏଥିସହ ସେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ, ହିନ୍ଦ୍ ସ୍ୱରାଜ ଅଭିଯାନ ଟ୍ରଷ୍ଟର ସଭାନେତ୍ରୀ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ଉପଦେଷ୍ଟା ମଧ୍ୟ ଥିଲେ। ସେ ଅନେକ ପୁସ୍ତକର ସ୍ରଷ୍ଟା, ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀ ଥିଲେ। ଗୋପବନ୍ଧୁ ରମାଦେବୀ ସମ୍ମାନ, କସ୍ତୁରବା ସ୍ମୃତି ସମ୍ମାନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ସମ୍ମାନ, ସେବା ସୁବର୍ଣ୍ଣ ସମ୍ମାନ, ମହାମାୟା ପଟ୍ଟନାୟକ ସ୍ମୃତି ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ଜମ୍ମୁ-କଶ୍ମୀରଠାରେ ଗାନ୍ଧୀ ଗ୍ଲୋବାଲ ଆୱାର୍ଡ ମଧ୍ୟ ସୁମିତ୍ରାଙ୍କୁ ଦିଆଯାଇଥିଲା। ଜନ୍ ହୋଲ୍ଟଙ୍କ ଇଂଲିଶ ପୁସ୍ତକର ଅନୁବାଦ 'ପିଲାଏ ଶିଖନ୍ତି କିପରି', ଅନ୍ୟ ଏକ ଇଂଲିଶ ପୁସ୍ତକର ଅନୁବାଦ 'ଅଦ୍ଭୁତ ଭିକ୍ଷୁ' ଓ ବଙ୍ଗଳା ପୁସ୍ତକର ଅନୁବାଦ 'ଗାନ୍ଧିଜୀଙ୍କ ଜୀବନ କଥା' ହେଉଛି ସୁମିତ୍ରାଙ୍କ ଉଲ୍ଲେଖଯୋଗ୍ୟ ରଚନା। ପଶ୍ଚିମବଙ୍ଗର ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ସୁମିତ୍ରା ୧୯୨୪ ନଭେମ୍ବର ୧୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସହରର ଅନେକ ବରିଷ୍ଠ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ଖାନ୍‌ନଗର ଶ୍ମଶାନରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

# ୨୪ରୁ ପ୍ରବଳ ବର୍ଷା
# ୪ଦିନ ପର୍ଯ୍ୟନ୍ତ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

୨୪ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବିଶେଷକରି ଗଞ୍ଜାମ, ପୁରୀ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ୯ଜିଲାରେ ପ୍ରବଳ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୨୫ରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ଦିନ ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼ ଆଦି ୫ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ପୁରୀ, ଦେବଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ ଓ ଜଗତ୍‌ସିଂହପୁର ଆଦି ୬ ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ୨୬ତାରିଖ ଦିନ ବରଗଡ଼ ଓ ସୁନ୍ଦରଗଡ଼ ଆଦି ଦୁଇଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଏବଂ ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଓ ନୟାଗଡ଼ ଆଦି ୪ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସୋମବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ, କେନ୍ଦ୍ରାପଡ଼ା, ଗଞ୍ଜାମ, ନୟାଗଡ଼ ଓ ବାଲେଶ୍ୱର ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତର ସମ୍ଭାବନା ରହିଛି। ଉତ୍ତର ଓ ଦକ୍ଷିଣ ଉପକୂଳ ଓଡ଼ିଶାରେ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ଅପରାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି ହୋଇଥିବାବେଳେ ଚାନ୍ଦବାଲିରେ ସର୍ବାଧିକ ୧୬ମିଲିମିଟର ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

# ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ହାତୀ ଛୁଆର ମୃତ୍ୟୁ

ଖୁଣ୍ଟୁଣୀ,୨୨।୯(ଡି.ଏନ.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲର ଶରଡ଼ ପଡ଼ିଆରୁ ରବିବାର ପୂର୍ବାହ୍ନରେ ବନ ବିଭାଗ ଏକ ହାତୀ ଛୁଆର ମୃତଦେହକୁ ଉଦ୍ଧାର କରିଛି। ଖଣ୍ଡୁଆଳି ଗ୍ରାମର କେତେକ ଲୋକେ କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବାବଳେ ଏକ ହାତୀପଲ ଚିତ୍କାର କରୁଥିବାର ଶୁଣିବାକୁ ପାଇଥିଲେ। ଏହି ଚିତ୍କାର ଶୁଣିବା ପରେ ସେମାନେ ପ୍ରାୟ ଦେଢ଼ କିଲୋମିଟର ଘଞ୍ଚ ଜଙ୍ଗଲ



ମଧ୍ୟକୁ ଯାଇ ଦେଖିବାବେଳେ ଛୁଆଟି ତଳେ ପଡ଼ିଛି ଓ ୮ରୁ ୧୦ହାତୀ ତା' ଚାରି ପାଖରେ ଘେରି ରହି ଚିତ୍କାର କରୁଥିଲେ। ଏହି ଘଟଣା ପ୍ରଘଟ ହେବା ମାତ୍ରେ କୌଣସି ସୂତ୍ରରୁ ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ଅନୁପସ୍ଥିତ ଥିବାବେଳେ କୃଷ୍ଣପୁର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ, ବନରକ୍ଷୀ ଆଶିଷ ନାଏକ, କୃଷ୍ଣ ଦେହୁରୀ ଓ ପାରା ଷ୍ଟାଫମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀ ଛୁଆକୁ ଠାବ କରିଥିଲେ। ବନ କର୍ମଚାରୀମାନଙ୍କୁ ଦେଖି ସମସ୍ତ ହାତୀ ସେଠାରୁ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ତେବେ ବନ କର୍ମଚାରୀମାନେ ମୃତ ହାତୀକୁ ସେଠାରେ ହିଁ ଗାତ ଖୋଳି ପୋତି ଦେଇଥିବା ଜଣାପଡିଛି। ହାତୀ ଛୁଆ ମୃତ୍ୟୁର କାରଣ ସମ୍ପର୍କରେ ଗୁରୁଡି ଝାଟିଆ ପଶୁ ବିଶେଷଜ୍ଞ ଶ୍ରୀନିବାସ ଆଚାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ତେବେ ମୃତ ହାତୀ ଛୁଆର ମୃତ୍ୟୁ ହେବାର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷେ ଯେକୌଣସି ମୃତ ହାତୀର ବ୍ୟବଚ୍ଛେଦ ପରେ ହିଁ ପୋତା ଯିବା କଥା। କିନ୍ତୁ ଏଠାରେ କୌଣସି ଅଧିକାରୀ ନ ଜାଣି ହାତୀ ଛୁଆକୁ କିପରି ପୋତି ଦିଆଗଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ଜିଲ୍ଲା ଚିଠି
## ରାଉରକେଲା

# ଆରଜିଏଚ୍‌ର ଭାଗ୍ୟ

ଗତ ୮୦ ଦଶକରେ ଷ୍ଟିଲସିଟିରେ ପ୍ରତିଷ୍ଠା କରାଯାଇ ଥିଲା ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)। ଆରମ୍ଭରୁ ଏହି ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ଥିଲା ୬୪। ପରବର୍ତ୍ତୀ ସମୟରେ ସେହି ସଂଖ୍ୟା ୧୨୮ କରାଗଲା। ହାତଗଣତି କେତେଜଣ ଡାକ୍ତରଙ୍କୁ ନେଇ ଆରମ୍ଭ କରାଯାଇଥିବା ଏହି ଡାକ୍ତରଖାନାରେ ଏବେ ୨୨ଜଣ ଡାକ୍ତର ଅଛନ୍ତି। କିନ୍ତୁ ଆବଶ୍ୟକ ୬୭। ଏହି ଡାକ୍ତରଖାନାକୁ ଜିଲାସ୍ତରୀୟ ମାନ୍ୟତା ଦେବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ଏନେଇ ବିଭିନ୍ନ ସମୟରେ ବିରୋଧୀ ଦାବିପତ୍ର ପ୍ରଦାନ ସହିତ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନାନା ଆନ୍ଦୋଳନ, ଅଭିଯୋଗ ଓ ଅନୁରୋଧ ପରେ ବି କିଛି ଲାଭ ହୋଇନି। ବର୍ଷକୁ ୫/୬ଥର କଂଗ୍ରେସ ଏନେଇ ଆନ୍ଦୋଳନ କରିଛି। ତଥାପି ଡାକ୍ତରଖାନାର ଭାଗ୍ୟ ପରିବର୍ତ୍ତନ ହୋଇପାରୁନି। ଅସ୍ଥାୟୀ କର୍ମଚାରୀଙ୍କୁ ଦରମା ମିଳୁ ନ ଥିବାରୁ ସରକାରୀ ଦଳ ନେତା ବି ବହୁଥର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତୁରନ୍ତ ଏହି ଡାକ୍ତରଖାନାର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଦାବି କରିଛନ୍ତି। ତଥାପି ସେପରି ଆଖିଦୃଶିଆ ସଫଳତା ମିଳିନି। ଆର୍‌ଜିଏଚ୍‌କୁ ଲାଗି ଘରୋଇ ମେଡିକାଲ କଲେଜ ହାଇଟେକ୍ କାମ କରୁଛି। ବିରୋଧୀଙ୍କ ଦାବି ହାଇଟେକ୍‌କୁ ଆର୍‌ଜିଏଚ୍ ସହ ମିଶ୍ରଣ କରି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ। ନତୁବା ଆର୍‌ଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରାଯାଉ। ତାହା ବି ହେଉନି। ଷ୍ଟିଲ ସିଟିରେ ଚିକିତ୍ସା ସୁବିଧା ସନ୍ତୋଷଜନକ ନୁହେଁ। ବିଭିନ୍ନ ମାରାତ୍ମକ ରୋଗ ନିଦାନ ପାଇଁ ପ୍ରତିଦିନ ରୋଗୀ ଆମ୍ବୁଲାନ୍ସରେ କଟକ, ଭୁବନେଶ୍ୱର ଭଳି ସହରକୁ ଯାଉଛନ୍ତି। ପରିବହନ ଓ ଚିକିତ୍ସା ବ୍ୟୟ ଦୃଷ୍ଟିରୁ ଯାତାୟାତରେ ଅର୍ଦ୍ଧେକ ଟଙ୍କା ଖର୍ଚ୍ଚ ହେଉଛି। ଆବଶ୍ୟକତା ଦୃଷ୍ଟିରୁ ରୋଗୀଙ୍କ ସମ୍ପର୍କୀୟ ମାସାଧିକ କାଳ ସେଠାରେ ପଡ଼ି ରହୁଛନ୍ତି। ଏଣୁ ଗୁରୁତ୍ୱ ଦୃଷ୍ଟିରୁ ଆର୍‌ଜିଏଚ୍‌ର ଉନ୍ନତି ନିହାତି ଆବଶ୍ୟକ। ଏମିତି ଯୁକ୍ତି ବାଢୁଛନ୍ତି ବିରୋଧୀ। କେବଳ ସେତିକି ନୁହେଁ, ଏହି ଡାକ୍ତରଖାନା ଉପରେ କେବଳ ସୁନ୍ଦରଗଡ଼ବାସୀ ନିର୍ଭର କରନ୍ତିନି। ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ର ରୋଗୀ ବି ଏଠାକୁ ଆସନ୍ତି। ଏମିତି ଅବସ୍ଥାରେ ସାଧାରଣ ଭାବେ ଦେଖିଲେ ଉକ୍ତ ଡାକ୍ତରଖାନାରେ ଆଇସିୟୁ ଭଳି ଅନେକ ସୁବିଧା ଆଜି ପର୍ଯ୍ୟନ୍ତ ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ବହୁ ସ୍ପେଶାଲିଷ୍ଟ ଡାକ୍ତର ପଦ ଖାଲି ପଡ଼ିଛି। କର୍ମଚାରୀ ଅଭାବରୁ ଅଧିକାଂଶ ସମୟରେ ରୋଗୀଙ୍କ ସମ୍ପର୍କୀୟ ଓ ବିଭାଗୀୟ ଅଧିକାରୀଙ୍କୁ ହଟହଟା ହେବାକୁ ପଡୁଛି। ଏନେଇ ବହୁ ସମୟରେ ଡାକ୍ତରଖାନାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଛି। ତଥାପି ସ୍ଥିତି ସୁଧୁରୁନି। ସକାଳ ହେବା ମାତ୍ରେ ଏହି ଡାକ୍ତରଖାନାରେ ବହିଃ ବିଭାଗରେ ନାହିଁ ନ ଥିବା ଭିଡ଼ ଲାଗି ରହୁଛି। ରୋଗୀମାନଙ୍କୁ ଡାକ୍ତରମାନଙ୍କ ସହ ପରାମର୍ଶ କରିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗୁରୁତର ରୋଗୀମାନେ ବି ଏଥିପାଇଁ ଭାଗ୍ୟକୁ ଆଦରି ପଡୁଛନ୍ତି। ସେଥିପାଇଁ ଅଧିକାଂଶ ସମୟରେ ରୋଗୀମାନଙ୍କୁ ତାଙ୍କ ସମ୍ପର୍କୀୟମାନେ ଅନ୍ୟତ୍ର ନେଇ ଚିକିତ୍ସା କରିବାକୁ ବାଧ ହେଉଛନ୍ତି। ଏମିତି ଆଉ କେତେ ଦିନ ଚାଲିବ ବୋଲି ରାଉରକେଲାବାସୀ ପ୍ରଶ୍ନ କରୁଛନ୍ତି। ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ଚେଷ୍ଟା ଚଳାଇଥିବା ବେଳେ ଆର୍‌ଜିଏଚ୍ ଅବହେଳିତ ହୋଇ ରହିଛି। ରାଉରକେଲା ଭଳି ମହାନଗର ଓ ସ୍ମାର୍ଟ ସିଟିରେ ଚିକିତ୍ସା ଅବସ୍ଥା କାହିଁକି ସୁଧୁରୁନି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

– ବସନ୍ତ କୁମାର ଧଳ








ବ୍ରାଉନ୍‌ସୁଗାର ବେପାରୀ ରାଜାଙ୍କ ଘର ଉପରେ ଚଢ଼ାଉ

# ଏସ୍‌ଟିଏଫ ହାତରେ ଲାଗିଲା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ

**ଦୁଇଟି ଦାମୀ ଗାଡ଼ି, ୬୦ ହଜାର ଟଙ୍କା ଜବତ**

**ବାଲେଶ୍ୱର ଅଫିସ/ ଜଳେଶ୍ୱର, ୨୨।୯**

ବ୍ରାଉନ୍‌ସୁଗାର ବେପାରୀ ସେକ୍ ରାଜାଙ୍କୁ ଏସ୍‌ଟିଏଫ୍ ୭ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ବହୁ ତଥ୍ୟ ପାଇଛି। ରାଜାଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଶନିବାର ଏସ୍‌ଟିଏଫ୍ ସହଦେବଖୁଣ୍ଟା ମଡେଲ ଥାନା ବିଚାରଗଞ୍ଜ ଫାଣ୍ଡିର ହାବିଲଦାର ରଞ୍ଜନ ସାହୁଙ୍କୁ ଗିରଫ କରିଥିଲା। ରାଜାଙ୍କୁ ପଚରାଉଚରା ପରେ ସେ ବ୍ରାଉନସୁଗାର ସହ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଘରେ ଲୁଚାଇ ରଖିଥିବା ସ୍ୱୀକାର କରିଥିଲେ। ଏହି ଆଧାରରେ ରବିବାର ଏସ୍‌ଟିଏଫ୍‌ର ଆଡିଶନାଲ ଏସ୍‌ପି ତେଜରାଜ ପଟେଲଙ୍କ ତତ୍ତ୍ୱାବଧାନରେ ୨ଟି ଟିମ୍ ସେକ୍ ରାଜାଙ୍କୁ ନେଇ ତାଙ୍କ ଅରଡ଼ବଜାରସ୍ଥିତ ମସଜିଦ୍ ଗଳିରେ ଥିବା ବାସଭବନ ଉପରେ ଚଢ଼ାଉ କରିଥିଲା। ଚଢାଉ ସମୟରେ ତାଙ୍କର ମା’ ଏବଂ ସ୍ତ୍ରୀ ଉପସ୍ଥିତ ଥିଲେ। ଏସ୍‌ଟିଏଫ୍ ରାଜାଙ୍କ କହିବା ଅନୁସାରେ ତାଙ୍କଘରର ଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। କୁହାଯାଉଛି ଯାଞ୍ଚ ସମୟରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଛି। ବ୍ରାଉନ ସୁଗାର ବ୍ୟବସାୟ ଟଙ୍କାରେ ରାଜା କିଣିଥିବା ଦୁଇଟି ଦାମୀ ଗାଡିକୁ ଜବତ କରାଯିବା ସହ ଘର ଭିତରେ ସେ ଲୁଚାଇ ରଖିଥିବା ନଗଦ ୬୦ ହଜାର ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ଏସ୍‌ଟିଏଫ୍ ତାଙ୍କୁ ପଚରାଉଚରା କରିବା ସମୟରେ ତାଙ୍କୁ ଏହି ବ୍ରାଉନ ସୁଗାର ବ୍ୟବସାୟରେ ସହଯୋଗ କରୁଥିବା ୫ ଜଣ ପୋଲିସ ଅଫିସରଙ୍କ ବିଷୟରେ କହିଥିଲେ। ଏସ୍‌ଟିଏଫ୍ ସେ କହିଥିବା ୫ଜଣ ଅଫିସରଙ୍କର ଏଥିରେ ସମ୍ପୃକ୍ତି ଅଛି କି ନାହିଁ ସେନେଇ ମଧ୍ୟ ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ କରିଦେଇଛି।

ସେହିପରି ଅନ୍ୟ ଏକ ଟିମ୍ ସନ୍ଧ୍ୟା ସମୟରେ ତଦନ୍ତ ପାଇଁ ଜଳେଶ୍ୱରରେ ପହଞ୍ଚିଥିଲେ। ସେଠାରେ କେଉଁମାନଙ୍କ ସହ ତାଙ୍କର ସମ୍ପର୍କ ରହିଛି ସେନେଇ ତଦନ୍ତ କରିବା ପାଇଁ ଶେଖବାଡ଼ ଓ ରାଜପୁର ବସ୍ତିରେ ଚଢ଼ାଉ କରିଛନ୍ତି। ଏ ସମ୍ପର୍କରେ ଆଡିଶନାଲ ଏସ୍‌ପି ପଟେଲ କହନ୍ତି, ଅଧିକରୁଅଧିକପ୍ରମାଣଏବଂତଥ୍ୟସଂଗ୍ରହଲାଗିତଦନ୍ତଚାଲିଛି।







ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୩ ସେପ୍ଟେମ୍ବର, ୨୦୧୯



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆତଙ୍କବାଦ...

ପ୍ରଥମ ପୃଷ୍ଠାରୁ...

ଦେଉଛି। କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ଉପସ୍ଥିତି ୧୩୦ କୋଟି ଭାରତୀୟଙ୍କ ପାଇଁ ସମ୍ମାନର ବିଷୟ। ଭାରତର ବିକାଶ ସମ୍ପର୍କରେ ପ୍ରଶଂସା ହେଉଛି ପ୍ରବାସୀ ଭାରତୀୟଙ୍କ ସଫଳତାର ସମ୍ମାନ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବହୁ ଲୋକ ନାମ ପଞ୍ଜୀକରଣ କରିଥିଲେ । ହେଲେ ସ୍ଥାନାଭାବ ଯୋଗୁ ସେମାନେ ଆସିପାରି ନାହାନ୍ତି। ଏଥିଲାଗି ମୋଦି ସେମାନଙ୍କୁ କ୍ଷମା ମାଗିବା ସହ ହ୍ୟୁଷ୍ଟନ ସହର ଓ ଆମେରିକାକୁ ଧନ୍ୟବାଦ ଦେଇଥିଲେ। ମୋଦି କହିଥିଲେ, ସେ ୧୩୦ କୋଟି ଭାରତୀୟଙ୍କ ନିର୍ଦ୍ଦେଶରେ କାମ କରୁଥିବା ଜଣେ ସାଧାରଣ ବ୍ୟକ୍ତି। କାର୍ଯ୍ୟକ୍ରମର ନାମ ହାଓଡି ମୋଦି ରଖାଯାଇଛି। ଏହାର ତାତ୍ପର୍ଯ୍ୟ ହେଉଛି ହାଓଡି ଇଣ୍ଡିଆ। ତେବେ ଭାରତରେ ସବୁ ଠିକ୍ ଅଛି ବୋଲି ମୋଦି ବିଭିନ୍ନ ଭାରତୀୟ ଭାଷାରେ ଉତ୍ତର ଦେଇଥିଲେ। ଭାରତ ଭିନ୍ନ ଭିନ୍ନ ଭାଷା, ସମ୍ପ୍ରଦାୟ, ପୂଜା ପଦ୍ଧତି, ବେଶଭୂଷାକୁ ନେଇ ଏକ ସ୍ୱତନ୍ତ୍ର ଦେଶ। ବିବିଧତାରେ ଏକତା ହେଉଛି ଆମର ପରମ୍ପରା, ଶକ୍ତି ଓ ପ୍ରେରଣା। ୨୦୧୯ ସାଧାରଣ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଧ୍ୱଜା ବିଶ୍ୱରେ ଉଡାଇଛି। ନିର୍ବାଚନରେ ଭାଗନେଇଥିବା ୮ କୋଟି ପ୍ରଥମଥର ମତଦାତା ହେଉଛନ୍ତି ଯୁବତୀଯୁବକ। ଏଥର ସର୍ବାଧିକ ମହିଳା ନିର୍ବାଚିତ ହୋଇ ପାର୍ଲାମେଣ୍ଟକୁ ଯାଇଛନ୍ତି। ୬ ଦଶକରେ ପ୍ରଥମଥର ପାଇଁ ଏକ ସରକାର ପୂର୍ବାପେକ୍ଷା ଅଧିକ ଆସନରେ ସଫଳତା ହାସଲ କରି କ୍ଷମତାକୁ ଫେରିଛି। ଧୈର୍ଯ୍ୟ ଆମର ପରିଚୟ, କିନ୍ତୁ ବିକାଶ ପାଇଁ ଆମେ ଏବେ ଅଧୈର୍ଯ୍ୟ। ଭାରତରେ ସବୁଠୁ ଚର୍ଚ୍ଚିତ ଶବ୍ଦ ପାଲଟିଛି ବିକାଶ। ସବ୍ କା ସାଥ୍ ସବ୍‌କା ବିକାଶ ସବୁଠୁ ବଡ଼ ମନ୍ତ୍ର। ନ୍ୟୁ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବା ପାଇଁ ଦେଶବାସୀ ଦିନରାତି ଏକ କରିଦେଇଛନ୍ତି। ଆମେ ଏବେ ନିଜ ସହ ମୁକାବିଲା କରୁଛୁ କହି ମୋଦି ଗ୍ରାମାଞ୍ଚଳର ବିକାଶ, ରୋଷେଇ ଗ୍ୟାସ୍ (ଏଲ୍‌ପିଜି), ସଡ଼କ ନିର୍ମାଣ, ବ୍ୟାଙ୍କିଙ୍ଗ୍, ପାସ୍‌ପୋର୍ଟ, ଆୟକର ରିଟର୍ନ, ଅନ୍‌ଲାଇନ୍ ସେବା ଆଦି କ୍ଷେତ୍ରରେ ନିଜ ସରକାରର ସଫଳତା ବଖାଣିଥିଲେ। ସେହିପରି ଡାଟାକୁ ଏକ ନୂଆ ସୁନା ଭାବେ ଅଭିହିତ କରି ଏହା ବିଶ୍ୱର ସମସ୍ତ ରାଷ୍ଟ୍ର ତୁଳନାରେ ଭାରତରେ ଶସ୍ତା ବୋଲି କହିଥିଲେ। ଭାରତ ୱେଲଫେୟାର ସ୍କିମ୍ (ଜନମଙ୍ଗଳ ଯୋଜନା) ସହ ଅନେକ ବିଷୟକୁ ଫେୟାରୱେଲ (ବିଦାୟ) ଦେଉଛି। ବହୁ ପୁରୁଣା ତଥା ଅଦରକାରୀ ଆଇନ, ଆୟକରର ଜଟିଳ ପ୍ରକ୍ରିୟା, ବେନାମୀ କମ୍ପାନୀ ଆଦିକୁ ଦେଶ ବିଦାୟ ଦେଇଛି। ସେହିପରି ନିକଟରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ମଧ୍ୟ ଆମେ ବିଦାୟ ଦେଇଛୁ। ୩୭୦ରୁ କେବଳ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ ଫାଇଦା ନେଉଥିଲେ। ଏହା ଜମ୍ମୁ-କଶ୍ମୀର ଓ ଲଦାଖବାସୀଙ୍କୁ ବିକାଶ ସହ ଯୋଡ଼ି ସମାନତାର ଅଧିକାର ପ୍ରଦାନ କରିବ। ରାଜ୍ୟ ସଭାରେ ଭାଜପାର ସଂଖ୍ୟାବଳ ନ ଥିଲେ ବି ଏ ସମ୍ପର୍କିତ ବିଲ୍ ଗୃହୀତ ହୋଇଥିଲା। ଏଥିପାଇଁ ଭାରତର ଏମ୍‌ପିମାନଙ୍କୁ ସମ୍ମାନ ଦେବା ପାଇଁ ସେ କିଛି ସମୟ ଛିଡ଼ା ହେବା ଲାଗି ଉପସ୍ଥିତ ଲୋକଙ୍କୁ ଅନୁରୋଧ କରିଥିଲେ। ଆମେରିକାରେ ୯/୧୧ ହେଉ କି ଭାରତରେ ୨୬/୧୧ ହେଉ ଏସବୁ ଆକ୍ରମଣର ଷଡ଼ଯନ୍ତ୍ରକାରୀ କେଉଁଠି ରହନ୍ତି ବୋଲି ସେ ପରୋକ୍ଷରେ ପାକିସ୍ତାନକୁ ଟାର୍ଗେଟ କରିଥିଲେ। ଏହାସହ ଆତଙ୍କବାଦ ଓ ଏହାର ପୃଷ୍ଠପୋଷକଙ୍କ ବିରୋଧରେ ଲଢ଼େଇକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଆତଙ୍କବାଦ ନିରୋଧୀ ଅଭିଯାନରେ ଟ୍ରମ୍ପଙ୍କ ସହଯୋଗ ପାଇଁ ତାଙ୍କୁ ସମ୍ମାନ ଦେବା ଲାଗି ଉପସ୍ଥିତ ଲୋକଙ୍କୁ ଛିଡ଼ା ହେବା ପାଇଁ ସେ ଅନୁରୋଧ କରିଥିଲେ।

ଏହା ପୂର୍ବରୁ ହ୍ୟୁଷ୍ଟନ ମେୟର ଟର୍ନର, ସିନେଟର ଟେଡ୍ କ୍ରୁଜ୍ ଓ ଜନ୍ କର୍ନିନ୍‌ଙ୍କ ସମେତ ଅନେକ ବରିଷ୍ଠ ଆଇନ ପ୍ରଣେତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଆଇନପ୍ରଣେତାମାନେ ଭାରତକୁ ଆମେରିକାର ପ୍ରକୃତ ବନ୍ଧୁ ଭାବେ ଅଭିହିତ କରିବା ସହ ଏହି ମେଗା ଇଭେଣ୍ଟ ଦୁଇଦେଶର ସମ୍ପର୍କରେ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶାବ୍ୟକ୍ତ କରିଥିଲେ। ମୋଦି ଭାରତୀୟ ସମୟ ରାତି ୯ଟା ୪୦ରେ ମଞ୍ଚ ଉପରକୁ ଯାଇ ନତମସ୍ତକ ହୋଇ ଉପସ୍ଥିତ ପ୍ରବାସୀ ଭାରତୀୟଙ୍କୁ ସମ୍ମାନ ଜଣାଇଥିଲେ। ପରେ ସେ ଉଦ୍‌ବୋଧନ ଦେଇ ୫୦ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ହୃଦୟ ଜିତିଥିଲେ। ବିଶ୍ୱର ଶକ୍ତି ରାଜଧାନୀ ଭାବେ ପରିଚିତ ହ୍ୟୁଷ୍ଟନରେ ପ୍ରଧାନମନ୍ତ୍ରୀ ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ମିଳିତ ସମ୍ବୋଧନ ଦୁଇ ବୃହତ୍ ଗଣତନ୍ତ୍ରର ସମ୍ପର୍କକୁ ନୂଆ ଶକ୍ତି ପ୍ରଦାନ କରିବ । ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ-ଆମେରିକୀୟଙ୍କ ହୃଦୟ ଜିଣି ରିପବ୍ଲିକାନ୍ ପାର୍ଟି ଆଡ଼କୁ ଆକର୍ଷିତ କରିବା ଲାଗି ଏହା ଟ୍ରମ୍ପଙ୍କ ଉଦ୍ୟମ ବୋଲି କୁହାଯାଉଛି।

# କ୍ରୀଡ଼ା ହିଁ ଭବିଷ୍ୟତରେ ସମୃଦ୍ଧି ଆଣିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ବ୍ୟୁରୋ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ ପ୍ରଭୁ ଚାୱ୍ଲା।

- ୫'ଟି, ମୋ ସରକାର ଯୋଜନାକୁ ଗୁରୁତ୍ୱ
- ଉତ୍ତରାଧିକାରୀ ବାଛିବା ପରମ୍ପରାରେ ବିଶ୍ୱାସ କରେନା

କ୍ରୀଡ଼ା ରାଜ୍ୟର ଯୁବତୀଯୁବକମାନଙ୍କ ପାଇଁ ଏକ ନିବେଶ ସଦୃଶ। ସେହିପରି ରାଜ୍ୟର ସମୃଦ୍ଧ ଭବିଷ୍ୟତ ପାଇଁ ଦକ୍ଷ ଯୁବବର୍ଗର ନିବେଶ ଆବଶ୍ୟକତା ରହିଛି। କ୍ରୀଡ଼ା ହିଁ ଏହି ଆବଶ୍ୟକତାକୁ ପୂର୍ଣ୍ଣ କରିଥାଏ, ତେଣୁ ରାଜ୍ୟ ସରକାର କ୍ରୀଡ଼ାକୁ ଅଧିକ ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏକ ଇଂଲିଶ ଦୈନିକ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱ୍ଲାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ରବିବାର ଏହିକଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦିନରେ ରାଜ୍ୟ ପ୍ରଶାସନରେ ୫'ଟି ମନ୍ତ୍ରର କାର୍ଯ୍ୟକାରିତା ଏବଂ ମୋ ସରକାର ଯୋଜନାକୁ ସଫଳ ରୂପେ ପ୍ରୟୋଗ କରାଯିବ। ଦୁଇ ଦଶନ୍ଧି ପୂର୍ବରୁ ଓଡ଼ିଶା ଏକ ଗରିବ ରାଜ୍ୟ ରୂପେ ପରିଚିତ ଥିଲା। ହେଲେ ବର୍ତ୍ତମାନ ଏହା ପ୍ରଗତି କରୁଥିବା ଦେଶର ଅନ୍ୟତମ ପ୍ରମୁଖ ରାଜ୍ୟରେ ପରିଣତ ହୋଇପାରିଛି। ରାଜ୍ୟର ଏହି ରୂପାନ୍ତରିତ ପଛରେ ଏକ ଶକ୍ତିଶାଳୀ ଦଳ(ଟିମ୍) କାର୍ଯ୍ୟ କରୁଛି। ଏମାନଙ୍କ ମଧ୍ୟରେ ରହିଛନ୍ତି କେତେକ ଦକ୍ଷ ଅଫିସର, ରାଜନେତା ଏବଂ ଅନ୍ୟାନ୍ୟ ବ୍ୟକ୍ତିତ୍ୱ। ସମସ୍ତଙ୍କ ଦଳଗତ(ଟିମ୍ ୱାର୍କ) ପ୍ରଚେଷ୍ଟା ହିଁ ରାଜ୍ୟ ପାଇଁ ପ୍ରଗତି ଆଣିଦେଇଛି। ଏହା ହିଁ ତାଙ୍କର ବାରମ୍ବାର ବିଜୟୀ ହେବାର କାରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଦୃଶ୍ୟରେ ରହି ଅନେକ ବ୍ୟକ୍ତିବିଶେଷ(ଅଫିସର/ବୁଦ୍ଧିଜୀବୀ) ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରୁଥିବା ନବୀନ କହିଛନ୍ତି। ସେହିପରି ଗତ ସାଧାରଣ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଥବା ଭାଜପା ସହ କୌଣସି ତିକ୍ତ ଅନୁଭୂତି ନ ଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ଗଠନଧର୍ମୀ ଉନ୍ନତିମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କୁ ସହଯୋଗ କରାଯାଉଛି । ନିକଟରେ ମୁଖ୍ୟମନ୍ତ୍ରୀ ଗାର୍ଡ ଅଫ୍ ଅନର ବ୍ୟବସ୍ଥାକୁ ରାଜ୍ୟରୁ ଉଠାଇ ଦେଇଥିଲେ। ଅନୁରୂପ ଭାବେ ରାଜ୍ୟ ସଚିବାଳୟର ନାମ ପରିବର୍ତ୍ତନ କରି ଲୋକସେବା ଭବନ କରିଥିଲେ। ଏହା କରିବା ପଛରେ ପ୍ରଶାସନକୁ ଅଧିକ ଲୋକକୈନ୍ଦ୍ରିକ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାରା ଦେଶରେ ଜମ୍ମୁ ଓ କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଠାଯିବା ନେଇ ବିତର୍କ ଲାଗି ରହିଛି। ଏହାକୁ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡି ପୂର୍ବରୁ ସମର୍ଥନ ଦେଇସାରିଛି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନୁଚ୍ଛେଦ ୩୭୦ ଦୀର୍ଘଦିନର ଏକ ପ୍ରସଙ୍ଗ ରହିଥିଲା। ଏହାର ଉଚ୍ଛେଦକୁ ସମର୍ଥନ କରୁଛି, ଏହି ନିଷ୍ପତ୍ତି ସେହି ଅଞ୍ଚଳ ବିକାଶ ପାଇଁ କାର୍ଯ୍ୟ କରିବ। ସେହିଭଳି ଭଲ ଦଳ(ଟିମ୍) ଦ୍ୱାରା ରାଜ୍ୟ ପ୍ରଶାସନ ପରିଚାଳିତ ହେଉଛି। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ଜଣେ ଭଲ ରାଜନୈତିକ ଉତ୍ତରାଧିକାରୀ ସୃଷ୍ଟି କରିବେ ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ, ସାଧାରଣ ଜନତା ହିଁ ତାଙ୍କର ପ୍ରକୃତ ଉତ୍ତରାଧିକାରୀ ବାଛିବେ। ଉତ୍ତରାଧିକାରୀ ବାଛିବା ଭଳି ପରମ୍ପରାରେ ସେ ବିଶ୍ୱାସ କରୁ ନ ଥିବା ନବୀନ କହିଛନ୍ତି।

## ଧୋଇଗଲା...

ପ୍ରଥମ ପୃଷ୍ଠାରୁ...

ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣ ସାମଗ୍ରୀ ଧୋଇ ହୋଇଯାଇଥିବା କୁହାଯାଉଛି। ଏହାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

୨୦୧୬ ଜୁଲାଇରେ ନଗଡ଼ା ଶିଶୁ ମୃତ୍ୟୁ ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିଲା। ଏଥିଯୋଗୁ ରାଜ୍ୟ ଓ କେନ୍ଦ୍ର ସରକାର ମୁଣ୍ଡେଇଥିବା ବଦନାମକୁ ଲିଭାଇବା ପାଇଁ ଆପ୍ରାଣ ଉଦ୍ୟମ ଆରମ୍ଭ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ମାସିକ ୩୫ କେଜି ଲେଖାଏଁ ଚାଉଳ ଯୋଗାଇ ଦେବାକୁ ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗମନାଗମନ ଅନୁପଯୋଗୀ ଯୋଗୁ ବର୍ତ୍ତମାନ ସମସ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ ପଡିଛି। ୧୦।୧୧।୨୦୧୬ରେ ହାଇଗ୍ରୀଭା ଇନଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥାକୁ ନଗଡାକୁ ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୯।୩।୨୦୧୭ ସୁଦ୍ଧା କାର୍ଯ୍ୟ ସମ୍ପାଦନ କରିବାକୁ ଚୁକ୍ତିରେ ଦର୍ଶାଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗର ପତ୍ରସଂଖ୍ୟା ୮୦୪୭/୨୩।୮।୨୦୧୬ରେ ଆବଶ୍ୟକ ଗାଇଡଲାଇନ ଅନୁସାରେ ରାସ୍ତା ନିର୍ମାଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଥିପାଇଁ ସମୁଦାୟ ୧୪.୮୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ୧୨.୯୫ କୋଟି ଟଙ୍କାରେ ରାସ୍ତା ନିର୍ମାଣ କରିବାକୁ ଠିକାଦାର ସହ ଚୁକ୍ତି ହୋଇଥିଲା। ମାତ୍ର ଚୁକ୍ତି ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହୋଇ ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦିତ ହୋଇଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ଓ ମେଟାଲ ପରସ୍ତ ଉଠିଯାଇଛି। ଗାଡ଼ି ମୋଟର ଯିବା ତ ଦୂରର କଥା ପାଦରେ ଚାଲିଚାଲି ଯିବା କଷ୍ଟକର ବ୍ୟାପାର ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡି ବିଭାଗର ନିର୍ବାହୀ ଯନ୍ତ୍ରୀ ବିଜୟକୁମାର ମହାରଣା ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ଇତିମଧ୍ୟରେ ୩ଟି ବର୍ଷା ଋତୁ ଅତିକ୍ରାନ୍ତ ହୋଇ ସାରିଛି। ବର୍ଷା ଯୋଗୁ ମାଟି ଡ୍ରେନ ଅବରୋଧ ହୋଇଯିବାରୁ ରାସ୍ତାରେ ବ୍ୟବହୃତ ସାମଗ୍ରୀ ଧୋଇ ହୋଇଯାଇଛି ବୋଲି ସେ ଦର୍ଶାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପରିବାରର ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସଭାସମିତିରେ ଉନ୍ନତ ମାନର ଆଲୋଚନା, ପାରିବାରିକ ସଦ୍ଭାବ ସବୁ ପାଇବେ। ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ। ଆନୁଷ୍ଠାନିକ କାମରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ ପାଇଁ ପ୍ରସ୍ତୁତି ଚଳାଇ ପାରନ୍ତି। ଜମିଜମା କାରବାର, ନୂତନ ଘର ତିଆରି, ଯାନ ବାହନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବିଗତ ଦିନରେ ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ** ଆଜି କୌଣସି ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବାକୁ ପଡିପାରେ। ଦିନ ମଧ୍ୟରେ ଘର କିମ୍ବା ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡୋଶୀଙ୍କ ସହ ସମସ୍ୟା ମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି।

**କର୍କଟ** ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ସମ୍ମୁଖରେ କିଏ କିଛି ସିନା କହିବେ ନାହିଁ ପଛରେ ବହୁତ ସମାଲୋଚନା ହେବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିନପାରେ ଏବଂ ଘର କାମକୁ ମଧ୍ୟ ଅଣଦେଖା କରିବେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ସିଂହ** କର୍ମକ୍ଷେତ୍ରରେ ଅଳସୁଆମି ଅବହେଳା ଯୋଗୁ କାମଟି ବିଗିଡି ଯାଇପାରେ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ସାମୟିକ ଖୁସି ରହିବେ। ବ୍ୟବସାୟରୁ ଭଲ ଲାଭ ପାଇବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ମନ ଭିତରର ଅକୁହା କଥାକୁ ବନ୍ଧୁଙ୍କ ନିକଟରେ ବଖାଣି ସାମୟିକ ସହାନୁଭୂତି ଲାଭ କରିବେ।

**କନ୍ୟା** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ଗୁରୁଜନଙ୍କ ପରାମର୍ଶରେ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କୌଶଳ ପ୍ରୟୋଗ କରି କାମ ହାସଲ କରି ପାରିବେ ।

**ତୁଳା** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟପାତ୍ର ହେବେ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟ ଭିତ୍ତିକ କାମଗୁଡିକ ସୁରୁଖୁରୁରେ ହୋଇଯିବ। କଳା, ସାହିତ୍ୟ, ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କେବଳ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ । ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । କର୍ମ କ୍ଷେତ୍ରରେ ଜଣେ ସହକର୍ମୀଙ୍କ ସହ କଳହ ଲାଗିପାରେ।

**ଧନୁ** ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ମନ ଠିକ୍ ରହିବାରେ ବନ୍ଧୁଙ୍କ ପରାମର୍ଶ ମୁଖ୍ୟ ଭୂମିକା ଗ୍ରହଣ କରିବ।

**ମକର** ପାରିବାରିକ ସମସ୍ୟାକୁ ନେଇ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ** କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ, ନଚେତ୍ ସମାଲୋଚିତ ହେବାକୁ ପଡିପାରେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ** ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢି ବଢି ଯିବା କାରଣରୁ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ।

ଆଜି ଆଶ୍ୱିନ କୃଷ୍ଣ ନବମୀ ସୋମବାର, ଶାରଦୀୟ ସମଦିବସ, ସେପ୍ଟେମ୍ବର ୨୩ ତାରିଖ, ରାଶିନକ୍ଷତ୍ର-ଦିବା ଘ୧୨।୦୭ମି. ପରେ, ପୁନର୍ବସୁ/ମିଥୁନ, ମିଥୁନରାଶିର ଘାତବାର, ନବମୀର ଶ୍ରାଦ୍ଧ, ଦିବା ଘ୭।୧୫ମି. ମଧ୍ୟେ ଘ୮।୫୦ମି. ଗତେ, ଘ୧୧।୧୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୧ମି. ଗତେ, ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

3BHK simplex (SC property) 1k.m. from SUM Hospital, plot - 1800sqft. Build-1350sqft. 9861402539, 9938374731. D-67396

Plot at Sundarpada mouza, Botanda 2.5k.m. from Airport, Bhubaneswar. Contact for detail: 9078002314, 7735015318. D-67072

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871. D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535. D-66780

Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330. D- 66789

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392




At Royal Lagoon, Bhubaneswar, 1810 sqft. fourteenth floor flat north facing semi furnished with Servant room suitable for Executives. Contact: 9123673098. D-14451

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by therapist. 9114402304. D-67367

Refresh your mind and soul with best therapy at Orchid Salon/ Spa. 9937287222. D-66963

Ayurvedic full body massage ladies/gents smart experts therapist: 8480939300. D-66966

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Monalisa Massage Club: All types body massage with hiprofile smart lady rooms service available- 9708545108. D-14410

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166


**LEGAL NOTICE**

Notice Under Order-5 Rule 20 C.P.C

IN THE COURT OF THE CIVIL JUDGE (SENIOR DIVISION) DHENKANAL.

CIVIL SUIT NO. 350/2018

Bhagirathi Behera ..... Plaintiff.

Versus

Pratap Chandra Behera and others. .... Defendants.

To,

Pratap Chandra Behera, Son of late Chandramani Behera, At- Khamar Sahi, P.S.- Town, District- Dhenkanal.

At present Fategad Police Station, P.O/ P.S- Fategad, District- Nayagarh.

(Defendant No.3)

Whereas the Plaintiff Bhagirathi Behera, S/o Madhab Chandra Behera village Karigar Sahi, (Chamar Sahi), P.S.- Town, District- Dhenkanal has filed the above Civil Suit for declaration of the sale deed No. 10501603970 dated 13.12.2016 as null and void, which was executed in favour of Defendant No.3.

You are hereby directed to appear before the Hon'ble Court on 16.10.2019 positively, failing which the case will be heard and determined in your absence.

Given under my hand and seal of this court, this 13th day of September 2019.

Sd-
CIVIL JUDGE
(SENIOR DIVISION)
Dhenkanal.
D-66822

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଆର୍ଥିକ ମାନ୍ଦାବସ୍ଥା ମୁକାବିଲା କରାଯାଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୯(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଗତ କିଛିଦିନ ହେବ ଆର୍ଥିକ ମାନ୍ଦାବସ୍ଥା ସମସ୍ତଙ୍କୁ ଅସୁବିଧାରେ ପକାଇଛି। ଆମେରିକା ଏବଂ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଏହାର ଏକ ମୁଖ୍ୟ କାରଣ। ଏହାସହ ସୌଦି ଆରବରେ ଡ୍ରୋନ୍ ଆକ୍ରମଣ ପରେ ତୈଳ ବଜାରରେ ଦର ବୃଦ୍ଧି ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହେଉଛି। ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ ଆମେରିକୀୟ ଡଲାର ବିଶିଷ୍ଟ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ବିଗତ କିଛିଦିନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ଆର୍ଥିକ ମାନ୍ଦାବସ୍ଥା ଦୂର କରିବା ସକାଶେ ଭାରତ ସରକାର ସକାରାତ୍ମକ ପଦକ୍ଷେପ ନେଇଛନ୍ତି। ଏବେ ଏସିଆ ମହାଦେଶରେ କମ୍ପାନୀଗୁଡିକ ଉପରେ ସବୁଠୁ କମ୍ ଟିକସ ଲାଗୁ କରୁଥିବା ଦେଶଭାବେ ଭାରତ ଆଗକୁ ଆସିଛି। ଭାରତର କର୍ପୋରେଟ ଟ୍ୟାକ୍ସ ସିଙ୍ଗାପୁର ସହ ସମାନ ହୋଇଛି। ଏହା ମୋଦି ସରକାରଙ୍କ ଏକ ଐତିହାସିକ ନିର୍ଣ୍ଣୟ। ପୂର୍ବରୁ ପଞ୍ଜୀକୃତ କମ୍ପାନୀଗୁଡିକ ପାଇଁ ୩୦ ପ୍ରତିଶତରେ ଥିବା କର୍ପୋରେଟ ଟ୍ୟାକ୍ସରେ ଦେୟ ଓ ସେସ୍‌କୁ ମିଶାଇ ୩୪.୯ ପ୍ରତିଶତ ଥିଲା, ଏହା ଏବେ ୧୦ପ୍ରତିଶତ ହ୍ରାସ ପାଇ ୨୫.୧୭ ପ୍ରତିଶତରେ ରହିବ। ନୂଆ ପଞ୍ଜୀକୃତ କମ୍ପାନୀଗୁଡିକ ଯାହା ବିନିର୍ମାଣ (ମାନୁଫାକ୍ଚରିଂ) କ୍ଷେତ୍ରରେ କାର୍ଯ୍ୟରତ, ସେମାନଙ୍କ ଆୟକରକୁ ୧୫ ପ୍ରତିଶତରେ ସୀମିତ ରଖାଯାଇଛି। ଏହି ନୂଆ କମ୍ପାନୀଗୁଡିକୁ କୌଣସି ସର୍ବନିମ୍ନ ବିକଳ୍ପ ଟିକସ (ଏମ୍‌ଏଟି) ଦେବାକୁ ପଡିବନାହିଁ। ଯେଉଁ ପୁରୁଣା କମ୍ପାନୀଗୁଡିକ ସର୍ବନିମ୍ନ ବିକଳ୍ପ ଟିକସ ୧୮.୫ ପ୍ରତିଶତ ହାରରେ ଦେଉଥିଲେ ଏହାକୁ ମୋଦି ସରକାର ୧୫ ପ୍ରତିଶତରେ ସୀମିତ ରଖିବାକୁ ନିର୍ଣ୍ଣୟ କରିଛନ୍ତି। ଏହି ପଦକ୍ଷେପ ମାନୁଫାକ୍ଚରିଂ ସେକ୍ଟରରେ ନୂଆ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ସହ ମେକ ଇନ ଇଣ୍ଡିଆ ପଦକ୍ଷେପକୁ ତ୍ୱରାନ୍ୱିତ କରିବ। ଏଥିଯୋଗୁ ପୁଞ୍ଜି ନିବେଶକାରୀ ଭାରତର ଷ୍ଟକ ଏକ୍ସଚେଞ୍ଜରେ ଶେୟାର କ୍ରୟ କରିବାକୁ ପ୍ରୋତ୍ସାହିତ ହୋଇଛନ୍ତି।

ଏହି ଟ୍ୟାକ୍ସ ରିହାତି ଘୋଷଣା ପରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୩୬,୦୯୩ ପଏଣ୍ଟରୁ ୩୮,୦୧୭ ପଏଣ୍ଟରେ ପହଞ୍ଚି ପାରିଛି। ଏହି ପଏଣ୍ଟ ବୃଦ୍ଧି ଷ୍ଟକ୍ ଏକ୍ସଚେଞ୍ଜର ଇତିହାସରେ ଏକ ରେକର୍ଡ ସୃଷ୍ଟି କରିଛି। ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ସେମାନଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟର ସୀମା ବଢାଯାଇଛି। ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁସନ୍ଧାନ ସଂସ୍ଥାର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ କାମରେ ଦୁଇ ପ୍ରତିଶତ ଅର୍ଥ ବ୍ୟୟ କରିହେବ। ଦେଶର ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଏକୀକୃତ କରି ଚାରିଟି କରାଯାଇଛି। ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୭୦ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଢ କୋଟି ଟଙ୍କା ପର୍ଯ୍ୟନ୍ତ ବେପାର କରୁଥିବା ଛୋଟ ବ୍ୟବସାୟୀ ବ୍ୟାଙ୍କରୁ କମ ସୁଧରେ ଅଧିକ ଋଣ ସୁବିଧା ପାଇପାରିବେ। ମଧ୍ୟମ, କ୍ଷୁଦ୍ର ଓ ଅଣୁ ଶିଳ୍ପୋଦ୍ୟୋଗୀଙ୍କୁ ବଡ ସାହାଯ୍ୟ ମିଳିବ। ସେହିପରି ୧ ହଜାର ଟଙ୍କାରୁ କମ ଭଡା ବିଶିଷ୍ଟ ହୋଟେଲ ରୁମ୍ ଏବଂ ୭ ହଜାର ୫ ଶହ ଟଙ୍କାର ରୁମ୍ ଉପରେ ଲାଗୁଥିବା ଜିଏସ୍‌ଟିକୁ ହ୍ରାସ କରାଯାଇଛି। ଏହାଦ୍ୱାରା ଓଡିଶାର ହୋଟେଲ ଶିଳ୍ପ ବୃଦ୍ଧିପାଇବ, ଯାହା ପର୍ଯ୍ୟଟନ ପାଇଁ ଭଲ। କୃଷି ଉତ୍ପାଦ ଯଥା ଡାଲି, ଚାଉଳ, ଚା, କଫି, ପନିପରିବା ଆଦି ପଣ୍ୟାଗାରରେ ସଂରକ୍ଷଣ ବ୍ୟବସ୍ଥାରୁ ଜିଏସ୍‌ଟି ପର୍ଯ୍ୟାୟକ୍ରମେ ହ୍ରାସ କରି ଶୂନରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍ ଚାଳିତ ବାହନ କ୍ରୟରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଉପରୋକ୍ତ ପଦକ୍ଷେପଗୁଡିକ ଦ୍ୱାରା କମ୍ପାନୀର ଅଧିକ ଆୟ ବୃଦ୍ଧି ହେବା ସହ କମ୍ପାନୀ ଅଧିକ ପୁଞ୍ଜିନିବେଶ କରିବେ, ଯାହାଦ୍ୱାରା କି ଦେଶରେ ଅଧିକ ରୋଜଗାର ସୃଷ୍ଟି ହେବା ସହ ଅର୍ଥନୀତି ଦ୍ରୁତ ଗତିରେ ବିକଶିତ ହେବ। ଏହାସହ ୧.୫ କୋଟି ଟଙ୍କାରୁ କମ୍ ଅର୍ଥରେ ବେପାର କରୁଥିବା ଲୋକଙ୍କୁ ସ୍ୱେଚ୍ଛାକୃତ ପେନ୍‌ସନ ଯୋଜନାରେ ସାମିଲ କରାଯିବ। ଆସନ୍ତା ୫ ବର୍ଷରେ ୧୦୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଭିତ୍ତିଭୂମି ବିକାଶ ଯଥା- ରାସ୍ତା, ରେଳ, ଜଳ ଓ ଆକାଶପଥରେ ସଂଯୋଗ ତଥା ଟେଲି ଯୋଗାଯୋଗ କ୍ଷେତ୍ରରେ ବିନିଯୋଗ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।




ବାବୁ ମହଲ: ଓଲଟା ନୀତି
ଦେଖନ୍ତୁ ଭିଡିଓ
YouTube /dharitrilive


# ଭିମ୍‌ସାର ହେବ ସୁପର ସ୍ପେଶିଆଲିଟି ହସ୍‌ପିଟାଲ

ସମ୍ବଲପୁର,୨୨।୯(ବ୍ୟୁରୋ)

**ଡିସେମ୍ବର ସୁଦ୍ଧା ପୂରଣ ହେବ ନିର୍ଦ୍ଦେଶକ ପଦବୀ**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର) ସୁପର ସ୍ପେଶିଆଲିଟି ହସ୍‌ପିଟାଲ କରାଯିବ। ଏଥିପାଇଁ କାମ ଆରମ୍ଭ ହୋଇଛି। ଏହାର ନିର୍ଦ୍ଦେଶକ ପଦବୀ ଆସନ୍ତା ଡିସେମ୍ବର ସୁଦ୍ଧା ପୂରଣ କରାଯିବ। ଏଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି। ବାରମ୍ବାର ଏହି ପଦ ପାଇଁ ବିଜ୍ଞାପନ ପ୍ରକାଶ କରାଯାଇଛି। ହେଲେ କେହି ଆବେଦନ କରୁନାହାନ୍ତି। ପୁଣି ଥରେ ବିଜ୍ଞାପନ ପ୍ରକାଶ ପାଇବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ସମାରୋହରେ ଯୋଗଦେବା ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାଶ କହିଲେ, ଭିମ୍‌ସାରର ଉନ୍ନତି ପାଇଁ ସହଯୋଗ ଆବଶ୍ୟକ। ଭିମସାରର ନିର୍ଦ୍ଦେଶକ ପଦକୁ ନେଇ ଏବେ ଆଉ ସମସ୍ୟା ରହିବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିମ୍‌ସାର ଉପରେ ସବୁବେଳେ ଦୃଷ୍ଟି ରଖିଛନ୍ତି। ସେହି ଡାକ୍ତରଖାନା ଉପରେ ସମଗ୍ର ପଶ୍ଚିମ ଓଡିଶାବାସୀଙ୍କ ସ୍ୱାସ୍ଥ୍ୟ ସେବା ନିର୍ଭର କରୁଛି। ତେଣୁ ଏହାକୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲ କରିବାକୁ କାମ ଆରମ୍ଭ ହୋଇଛି। ଭିମ୍‌ସାରରେ ଡାକ୍ତରମାନେ ଉଚ୍ଚ ଦରମା ପାଉଛନ୍ତି। ଇନକ୍ରିମେଣ୍ଟ ବ୍ୟବସ୍ଥା ମଧ୍ୟ ରହିଛି। ଏହି ଡାକ୍ତରଖାନାରେ ଥିବା ସବୁ ସମସ୍ୟା ଧୀରେ ଧୀରେ ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ଦଶହରା ପରେ ଦୁଇଦିନିଆ ଗସ୍ତରେ ଆସି ସେ ଭିମସାର ଓ ସମ୍ବଲପୁର ସହରରେ ଥିବା ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ର ପରିଦର୍ଶନ କରିବେ ବୋଲି ଏହି ଅବସରରେ ମନ୍ତ୍ରୀ ଦାସ ଖବରଦାତାମାନଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃୟାରୀ ୨୨ ତାରିଖଠାରୁ ଭିମସାର ନିର୍ଦ୍ଦେଶକ ପଦ ଖାଲି ପଡିଛି। ସେତେବେଳେ ନିର୍ଦ୍ଦେଶକ ଥିବା ଡାକ୍ତର ଅଶ୍ୱିନୀ ପୂଜାରୀଙ୍କୁ ହଟାଇବାକୁ ଜୁନିୟର ଡାକ୍ତର ସଂଘ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପ୍ରାୟ ୬ ମାସର ବାଦ ବିବାଦ ପରେ ଶେଷରେ ନିର୍ଦ୍ଦେଶକ ପୂଜାରୀଙ୍କୁ ସରକାର ବାଧ୍ୟତାମୂଳକ ଭାବେ ଛୁଟି ଦେଇ ପଠାଇ ଦେଇଥିଲେ। ହେଲେ ୧ ମାସ ଛୁଟିରେ ଯିବା ପରେ ନିର୍ଦ୍ଦେଶକ ପୂଜାରୀ ଇସ୍ତଫା ଦେଇଥିଲେ। ସେବେଠୁ ଏହି ପଦ ଖାଲି ପଡିଛି।

# ଦରମା, ପ୍ରାପ୍ୟ ନେବେ ନାହିଁ ଉପଦେଷ୍ଟା

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ରାଜ୍ୟ ସରକାର ନିକଟରେ ବିଭିନ୍ନ ବିଭାଗ ଏବଂ ସଂସ୍ଥା ପାଇଁ ଉପଦେଷ୍ଟା ନିଯୁକ୍ତ କରିଛନ୍ତି। ଏହି ଉପଦେଷ୍ଟାମାନେ ରାଜ୍ୟ ସରକାରଙ୍କ ତହବିଲରୁ କୌଣସି ଦରମା ଅଥବା ସମ୍ମାନଜନକ ପ୍ରାପ୍ୟ ଗ୍ରହଣ କରିବେ ନାହିଁ। ଏ ସମ୍ପର୍କରେ ସମସ୍ତ ଉପଦେଷ୍ଟା ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅବଗତ କରାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦାୟିତ୍ୱକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ସେମାନଙ୍କ ପ୍ରାଥମିକ ଉଦ୍ଦେଶ୍ୟ ବୋଲି ଉପଦେଷ୍ଟାମାନେ କହିଛନ୍ତି। ଉପଦେଷ୍ଟାମାନଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ପ୍ରଶାସନିକ ତଥା ଅନ୍ୟାନ୍ୟ ମହଲରେ ସ୍ୱାଗତ କରାଯାଇଛି।

ରାଜ୍ୟ ସରକାର କେତେକ ଉପଦେଷ୍ଟାଙ୍କୁ ରାଷ୍ଟ୍ରମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବ ଭଳି ପାହ୍ୟା ପ୍ରଦାନ କରିଛନ୍ତି। ରାଜ୍ୟରେ ପ୍ରଚଳିତ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ମତାମତ (ଫିଡ୍‌ବ୍ୟାକ୍)ସଂଗ୍ରହ କରିବା ଉପଦେଷ୍ଟାମାନଙ୍କ ପ୍ରମୁଖ ଦାୟିତ୍ୱ। ସେହିଭଳି ବିଭିନ୍ନ ବିଭାଗ ପାଇଁ ତୃଣମୂଳରୁ ସଂଗୃହୀତ ହେଉଥିବା ମତାମତ ସଂପୃକ୍ତ ମନ୍ତ୍ରୀଙ୍କ ଜରିଆରେ ରାଜ୍ୟ ପ୍ରଶାସନକୁ ଅବଗତ କରାଯିବ। ଆବଶ୍ୟକ ହେଲେ ପରାମର୍ଶ ଅନୁଯାୟୀ ଯୋଜନାରେ ପରିବର୍ତ୍ତନ ଅଣାଯିବ ବୋଲି କୁହାଯାଇଛି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ପୂର୍ବତନ ଛାତ୍ରନେତାଙ୍କୁ ଆକ୍ରମଣ ଘଟଣା

# ୫ କୋର୍ଟଚାଲାଣ: ୨ ବାଇକ୍, କାର, ଠେଙ୍ଗା ଜବତ

ଗୋପାଳପୁର,୨୨।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ କିଛି ବର୍ଷ ହେଲା ଛକାପଞ୍ଝା ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ଶୁକ୍ରବାର ପୂର୍ବତନ ଛାତ୍ର ନେତା ଦେବାଶିଷ ମିଶ୍ର ଓରଫ ବୁନୁଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଗୋପାଳପୁର ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିନେଶ କୁମାର ମିଶାଲ, ଆଶୁତୋଷ ସାହୁ, ଗୋପାଳକୃଷ୍ଣ ସାହୁ, ଧରଣୀଧର ସାହୁ ଓ ଅଣଛାତ୍ର ତଥା ପୂର୍ବତନ ଛାତ୍ର ସଂସଦ ଭବାନୀ କାନ୍ତ ସାହୁ।

ପୋଲିସ ସୂଚନାନୁସାରେ, ଦେବାଶିଷ ଗତ ଶୁକ୍ରବାର ରାଜନୀତି ବିଜ୍ଞାନରେ ପିଏଚଡି କରିବା ସମ୍ପର୍କରେ ବୁଝିବାକୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦେବାଶିଷଙ୍କ ସହିତ କେତେକ ଛାତ୍ରଙ୍କର ବଚସା ହୋଇଥିଲା। ପୂର୍ବତନ ଛାତ୍ର ସଂସଦ ସଭାପତି ଭବାନୀକାନ୍ତ, ଦିନେଶ, ଆଶୁତୋଷ, ଗୋପାଳକୃଷ୍ଣ, ଧରଣୀଧର ଓ ଅନ୍ୟମାନେ ମିଳିତଭାବେ ଦେବାଶିଷଙ୍କୁ ଠେଙ୍ଗା ଓ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ଜଣାପଡିବା ପରେ ବିଶ୍ୱବିଦ୍ୟାଳୟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଦେବାଶିଷଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଦେବାଶିଷ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ନଂ. ୧୦୪/୧୯ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭବାନୀଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରୁ ଗିରଫ କରିଥିଲା। ଏହି ମାମଲାରେ ଦୁଇଟି ବାଇକ୍, ଗୋଟିଏ କାର ଓ ଆକ୍ରମଣରେ ବ୍ୟବହୃତ ଦୁଇଟି ଠେଙ୍ଗା ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି। ଗିରଫ ଭବାନୀକାନ୍ତଙ୍କ ନାମରେ ୯ ସମ୍ବେଦନଶୀଳ ମାମଲା ରହିଥିବା ପୋଲିସ କହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପରିସ୍ଥିତିରେ ସୁଧାର ଆସୁଥିବା ବେଳେ ୩ ପ୍ଲାଟୁନ୍ ଫୋର୍ସ ମୁତୟନ ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅପରପକ୍ଷେ ଛାତ୍ରାବାସକୁ ଯିବାପାଇଁ ପରିଚୟ ପତ୍ର ଯାଞ୍ଚ କରି ଛଡା ଯାଉଥିବା ଜଣାପଡ଼ିଛି।

# ମହିଳା କନ୍‌ଷ୍ଟେବଲଙ୍କୁ ଏସ୍‌ଆଇଙ୍କ ଅସଦାଚରଣ ଅଭିଯୋଗ

ରାଉରକେଲା ଅଫିସ, ୨୨।୯

ରବିବାର ରାଉରକେଲା ଅବକାରୀ ବିଭାଗରେ କାର୍ଯ୍ୟରତ ଜଣେ ମହିଳା କନଷ୍ଟେବଲ ନିଜ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ ଅବକାରୀ ବିଭାଗରେ ଏସ୍‌ଆଇ ପଦରେ ଥିବା ସୂର୍ଯ୍ୟନାରାୟଣ ରଥ ଗତ ୫ମାସ ହେଲା ଲଗାତାର ତାଙ୍କୁ ଅସଦାଚରଣ କରୁଥିଲେ। ଏ ନେଇ ସେ ବିରୋଧ କରିଥିଲେ ମଧ୍ୟ କୌଣସି ଲାଭ ମିଳି ନ ଥିଲା। ଏପରି କି ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କ ଘଟଣା ସମ୍ପର୍କରେ ଜଣାଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମ୍ପୃକ୍ତ ମହିଳା କନଷ୍ଟେବଲଙ୍କ ପ୍ରତି ଏସ୍‌ଆଇଙ୍କ ଅସଦାଚରଣ ଦିନକୁ ଦିନ ବଢ଼ି ଥିଲା। ଫଳରେ ସେ ବାଧହୋଇ ରବିବାର ମହିଳା ଥାନାରେ ଏସ୍‌ଆଇ ରଥଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳା ଥାନା ପକ୍ଷରୁ ଏ ନେଇ ଏକ ମାମଲା ନଂ(୨୭/୧୯) ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏ ନେଇ ମହିଳା ଥାନା ଅଧିକାରୀ ପାର୍ବତୀ ହେମ୍ବ୍ରମଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସହ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି।

# ଦୀପାବଳି ପରେ କମିପାରେ ପିଆଜ ଦର: ମନ୍ତ୍ରୀ

ଭୁବନେଶ୍ୱର,୨୨।୯(ବ୍ୟୁରୋ)



ବଜାରରେ ପିଆଜ ଦର ହୁ ହୁ ହୋଇ ବଢିଚାଲିଛି। ପିଆଜ ଦର ବର୍ତ୍ତମାନ ୫୦ଟଙ୍କାରେ ପହଞ୍ଚିଲାଣି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ସମେତ ବହୁ ଜିଲାରେ ଦର ବୃଦ୍ଧି ପାଇବା ଯୋଗୁ ଖାଉଟିଙ୍କ ଚିନ୍ତା ବଢିଯାଇଛି। କିଛିଦିନ ତଳେ ୨୦ରୁ ୨୫ଟଙ୍କାରେ ବିକ୍ରି ହେଉଥିବା ପିଆଜ ଦର ଦୁଇଗୁଣା ବୃଦ୍ଧି ପାଇଯିବା ସମସ୍ତଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଦେଇଛି। ଲୋକମାନେ ମଧ୍ୟ ପିଆଜ କିଣିବାକୁ କୁଣ୍ଠକୁଣ୍ଠ ହେବା ଆରମ୍ଭ କରିଦେଲେଣି। ତେବେ ଏଭଳି ସ୍ଥିତି ପାଇଁ ସ୍ୱଳ୍ପ ଆମଦାନୀକୁ ବ୍ୟବସାୟୀମାନେ ଦାୟୀ କରିଛନ୍ତି। ଅନ୍ୟପଟେ ପିଆଜ ଦର ଦୀପାବଳି ପରେ ହ୍ରାସ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିବାପରେ ସାଧାରଣ ଲୋକଙ୍କ ଚିନ୍ତା ଆହୁରି ବଢିଯାଇଛି।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି ଯେ, ମୁଖ୍ୟତଃ ପିଆଜ ଉତ୍ପାଦନ ବହୁଳ ରାଜ୍ୟ କର୍ଣ୍ଣାଟକ, ନାସିକ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ବନ୍ୟା ପ୍ରଭାବରୁ ଉତ୍ପାଦନ ବହୁତ ହ୍ରାସ ପାଇଛି। ଫଳରେ ସେହିକ୍ରମରେ ଓଡିଶାକୁ ଆମଦାନୀ ମଧ୍ୟ କମିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ବ୍ୟବସାୟିକ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ନାସିକରେ ସର୍ବାଧିକ ପିଆଜ ଉତ୍ପାଦିତ ହେଉଛି। ତାହା ଏଠାରେ ଆସି ପହଞ୍ଚିବାକୁ ଯେତିକି ଲାଗୁ ଥିଲା ତାହା ବୃଦ୍ଧି ପାଇ କୁଇଣ୍ଟାଲ ପିଛା ୪୫୦୦ରୁ ୪୬୦୦ଟଙ୍କାରେ ପହଞ୍ଚିଛି। ଗତ ୧୦ଦିନ ମଧ୍ୟରେ ୧୦୦୦ରୁ ୧୫୦୦ଟଙ୍କା ବୃଦ୍ଧି ପାଇଲାଣି। ଉତ୍ପାଦନ କିନ୍ତୁ ୩୦ରୁ ୪୦ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପଟେ ପିଆଜ ବହୁ ମାତ୍ରାରେ ଅଘୋଷିତ ଭାବେ ବାଂଲାଦେଶ ଦେଇ ପାକିସ୍ତାନ ଯାଉଛି। ଯଦି କେନ୍ଦ୍ର ଏବଂ ନାସିକ ସରକାର ମିଳିତ ଭାବେ ବସି ଆଲୋଚନା କରିବା ଆବଶ୍ୟକ। କ’ଣ ଏମିତି ହୋଇଗଲା ଯେ, ପ୍ରତିଦିନ ୩୦୦ଟଙ୍କା ପାଖାପାଖି ବୃଦ୍ଧି ପାଉଛି ତାହା ଜଣାପଡନ୍ତା। ସେହିପରି ନାଫେଡ ହେଉଛି ସରକାରୀ ସଂସ୍ଥା। ଆବଶ୍ୟକ ସମୟରେ ପରିବା ବାହାରକୁ ଦେବା ଲାଗି ସରକାର ଏହାକୁ ପ୍ରତିଷ୍ଠା କରିଛନ୍ତି। ହେଲେ ବହୁ କ୍ଷେତ୍ରରେ ନାଫେଡ ମଧ୍ୟ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି ବୋଲି ସୁଧାକର କହିଛନ୍ତି।


## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

ସ୍ୱ ମଦନ ମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬
ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୪୪୭୫

**ଏକାଦଶାହ ଉପଲକ୍ଷେ**

ସ୍ୱର୍ଗତ ଅତୁଲ୍ୟ ଚନ୍ଦ୍ର ମାର୍ଥା
ଖାରଡ଼ା,କଣାସ,ପୁରୀ
ଆବିର୍ଭାବ: ୦୩।୦୨।୧୯୫୩
ତିରୋଧାନ: ୧୩।୦୯।୨୦୧୯
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା,ଭଲପାଇବା, ନିଃସ୍ୱାର୍ଥପରତା, ତ୍ୟାଗ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ। ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯାଇଛନ୍ତି ହେଲେ ଆମ ସ୍ମୃତିରେ, ମନରେ, ସ୍ୱପ୍ନରେ ଘୂରିବୁଲୁଛନ୍ତି। ଆପଣଙ୍କ ଶୁଭାଶୀର୍ବାଦ ନେଇ ବାଟ ଚାଲୁଥିଲୁ ଏବଂ ଆଗକୁ ଚାଲିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ:
ଆପଣଙ୍କ ସ୍ନେହର ସ୍ତ୍ରୀ, ପୁଅ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୩୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**

ସ୍ୱର୍ଗତା ପ୍ରେମଲତା ମିଶ୍ର
ତିରୋଧାନ : ୨୦୦୩
A148, ଶହୀଦ ନଗର, ଭୁବନେଶ୍ୱର
ଆଜିର ଷୋଡ଼ଶ ବାର୍ଷିକୀ ଶ୍ରାଦ୍ଧ ଦିବସରେ ତୁମର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି। ଯେଉଁଠାରେ ଅଛ ଭଲରେ ଥାଅ। ତୁମର ସ୍ନେହ ଓ ଆଶୀର୍ବାଦ ସର୍ବଦା ପରିବାର ପ୍ରତି ଥାଉ।
ସ୍ୱାମୀ ପ୍ରଫେସର ହରିହର ମିଶ୍ର
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଆତ୍ମୀୟ ସ୍ୱଜନବୃନ୍ଦ।
ଧ-୬୮୦୦୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ଦୀନବନ୍ଧୁ ଧୀର
ନୂଆହତା, ବଅଁରପାଳ, ଅନୁଗୁଳ
ଆବିର୍ଭାବ: ୦୧।୦୧।୧୯୬୨
ତିରୋଧାନ: ୧୭।୦୯।୨୦୧୭
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଧୀର ପରିବାରବର୍ଗ
ଧ-୧୪୪୭୮


## ଆଜି ଇସ୍ପାତ ମନ୍ତ୍ରଣାଳୟର ଚିନ୍ତନ ଶିବିର

**ଭୁବନେଶ୍ୱର, ୨୨।୯(ବ୍ୟୁରୋ):** ରାଜ୍ୟ ସରକାର ୨୦୩୦ ମସିହା ସୁଦ୍ଧା ବାର୍ଷିକ ୧୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଇସ୍ପାତ ଉତ୍ପାଦନ ବାର୍ଷିକ ପ୍ରାୟ ୨୩ରୁ ୨୪ ନିୟୁତ ଟନ୍ ରହିଛି। ଆଗାମୀ ଦଶନ୍ଧି ମଧ୍ୟରେ କିପରି ଭାବେ ଏହା ଅଧିକ ୮୦ ନିୟୁତ ଟନ୍ ଉତ୍ପାଦନ କରିପାରିବ, ସେନେଇ ଇସ୍ପାତ ବଜାରର ମଧ୍ୟ ଉତ୍କଣ୍ଠା ରହିଛି। ଏ ନେଇ ରାଜ୍ୟ ସରକାର କି ପ୍ରକାର ବ୍ଲୁ ପ୍ରିଣ୍ଟ ତିଆରି କରିଛନ୍ତି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ବକ୍ତବ୍ୟ ରଖିବେ। ରାଜ୍ୟରେ ଇସ୍ପାତ ଉତ୍ପାଦନ ଓ ଆନୁସଙ୍ଗିକ ଶିଳ୍ପ ନେଇ କିପରି ବାତାବରଣ ରହିଛି, ସେ ସମ୍ପର୍କରେ ମଧ୍ୟ ତ୍ରିପାଠୀ ମତ ରଖିବେ ବୋଲି ଜଣାପଡ଼ିଛି। ନୂଆଦିଲ୍ଲୀର ମାନକେସା ସେଣ୍ଟରଠାରେ ସୋମବାର ଏହି ଚିନ୍ତନ ଶିବିରର ଆୟୋଜନ କରାଯାଉଛି।






ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ଜମ୍ମୁରେ ଅନୁପ୍ରବେଶ କରିଥିବା ଜଣେ ପାକିସ୍ତାନୀ ଯୁବକଙ୍କୁ ଶନିବାର ଗିରଫ କରାଯାଇଛି। ତାଙ୍କ ନାମ ବସରତ ଅଲି ଓ ଘର ପାକିସ୍ତାନର ସିଆଲକୋଟ୍‌ରେ ବୋଲି ଜମ୍ମୁ ପୋଲିସ ଆଇଜି ମୁକେଶ ସିଂ କହିଛନ୍ତି। ସେ ଅନୁପ୍ରବେଶ କରିବା ପରେ ଆର୍‌ଏସ୍‌ପୁରା ସେକ୍ଟର ଅନ୍ତର୍ଗତ ଚନ୍ଦୁ ଚେକ୍ ଗ୍ରାମରେ ପହଞ୍ଚିଥିଲେ। ଗାଁର କିଛି ଲୋକ ତାଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ।

## କେନ୍ଦ୍ରାପଡ଼ା: ଏନ୍‌ଜିଟି ରହିତାଦେଶ ସତ୍ତ୍ୱେ ନିର୍ମାଣ ଜାରି

### -କାର୍ଯ୍ୟବନ୍ଦ ସହ କ୍ୟାମ୍ପ ଅଫିସ ହଟାଯିବାକୁ ରହିଛି ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୯(ବ୍ୟୁରୋ)- କେନ୍ଦ୍ରାପଡା ଜିଲାରେ ଏକ ବହୁମୁଖୀ ପାଇପଲାଇନ୍ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ହେଲେ ଏହାର ନିର୍ମାଣ ସାମୟିକ ବନ୍ଦ ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ନିର୍ମାଣାଧୀନ ପାଇପ କାର୍ଯ୍ୟ ପୂର୍ବପରି ଜାରି ରହିଛି। ଆଳୟ ସାମନ୍ତରାୟଙ୍କ ଦ୍ୱାରା କରାଯାଇଥିବା ଏକ ମାମଲାର ଶୁଣାଣି କରି ଏନ୍‌ଜିଟି ଏହି ରାୟ ଦେଇଥିଲେ। ଏନ୍‌ଜିଟିର ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ଏକ ରିପୋର୍ଟ ମଧ ଦାଖଲ କରିଥିଲା। ଏଥିସହିତ କାର୍ଯ୍ୟବନ୍ଦ କରି କ୍ୟାମ୍ପ ଅଫିସ୍ ଜଙ୍ଗଲ ଜମିରୁ ହଟାଇବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ହେଲେ ସେହି ନିର୍ମାଣ ଜାରି ରହିଥିବା ସାମନ୍ତରାୟ ଜିଲା ପ୍ରଶାସନକୁ ଜଣାଇଛନ୍ତି। ତାଙ୍କ ପକ୍ଷରୁ ନିର୍ମାଣ ସମ୍ପର୍କିତ ଜିଓ ଟ୍ୟାଗ୍ ଫଟୋ ଏନ୍‌ଜିଟିକୁ ଦେଇଥିଲେ। ତେଣୁ ଏନ୍‌ଜିଟି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପିଟିଶନରେ ଦାବି କରିଛନ୍ତି।

# ଓଡ଼ିଶା ଜାଗାରେ ଆନ୍ଧ୍ରର ଦାଦାଗିରି

## ଜାଗା, ଗଛକଟାକୁ ନେଇ ଓଡ଼ିଶାର ଚମ୍ପାପୁର, ଆନ୍ଧ୍ରର ସିଙ୍ଗିପୁର ଗାଁ ମଧରେ ବିବାଦ

ପାରଳାଖେମୁଣ୍ଡି,୨୨।୯ (ସ୍ୱ.ପ୍ର.)

ଜମି ଓ ଗଛକଟାକୁ କେନ୍ଦ୍ରକରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଦୁଇ ଗ୍ରାମ ମଧରେ ପୁଣି ବିବାଦ ଦେଖାଦେଇଛି। ଓଡ଼ିଶା ଜାଗାରେ ପଶି ଆନ୍ଧ୍ରର ଲୋକେ ଦାଦାଗିରି ଦେଖାଇଛନ୍ତି। ଗଜପତି ଜିଲାର ଚମ୍ପାପୁର ଏବଂ ଆନ୍ଧ୍ରର ସିଙ୍ଗିପୁର ମଧରେ ବିବାଦ ତୁଟିବା ବଦଳରେ ଦୁଇ ଗ୍ରାମବାସୀ ମୁହାଁମୁହିଁ ହେବା ସହ ପୂର୍ବରୁ ଏ ନେଇ ଥାନାରେ ଅଭିଯୋଗ ମଧ ହୋଇଛି।

ଗଜପତି ଜିଲା ରାୟଗଡ଼ ବ୍ଲକ୍ ଗଙ୍ଗାବାଡ଼ ପଞ୍ଚାୟତର ଚମ୍ପାପୁର ଏକ ଆଦିବାସୀ ବହୁଳ ଗ୍ରାମ ଅଟେ । ଏହି ଗ୍ରାମ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲା ମଞ୍ଜୁସା ମଣ୍ଡଳମ୍‌ର ସିଙ୍ଗିପୁର ଗ୍ରାମ ନିକଟରେ ରହିଛି । ଓଡ଼ିଶାର ଚମ୍ପାପୁର ଗ୍ରାମବାସୀ ପୂର୍ବ ପୁରୁଷ ଅମଳରୁ ସମ୍ପୃକ୍ତ ପାହାଡ଼ ଓ ଏହାର ପାଦଦେଶରେ କଦଳୀ, କାଜୁ, ଆମ୍ବ, ହଳଦୀ ଆଦି



ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ବିବାଦୀୟ ଜମିରେ ଲାଲ ପତକା ପୋତୁଛନ୍ତି ।

ଚାଷ କରିଆସୁଥିଲେ। ଗତ ୧୩ ତାରିଖ ପଡ଼ୋଶୀ ଆନ୍ଧ୍ର ରାଜ୍ୟର କେତେକ ଅଣ ଆଦିବାସୀ ଲୋକ ଚମ୍ପାପୁର ଗ୍ରାମର ଜମିରେ ଲାଗିଥିବା ଗଛଗୁଡ଼ିକ ଜବରଦସ୍ତ କାଟି ଏହା ଆନ୍ଧ୍ରର ଜାଗା ବୋଲି କହିଥିଲେ । ଚମ୍ପାପୁର ଲୋକେ ଏହାର ବିରୋଧ କରିବା ବେଳେ ଗାଁର ମହିଳାଙ୍କ ଉପରେ ମଧ ଆକ୍ରମଣ ହୋଇଥିଲା। ତେବେ ରବିବାର ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗାରବନ୍ଧ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ରାୟଗଡ଼ ବିଡିଓ ଲୁକାଶ ପ୍ରଧାନ, ରାୟଗଡ଼ ବ୍ଲକ୍ ଅଧକ୍ଷ ଧନେଶ୍ୱର ଭୂୟାଁ, ପିଇଓ ଭାସ୍କର ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲାଲ ପତାକା ଲଗାଇଥିଲେ। ଏ ସମ୍ପର୍କରେ ଉଭୟ ଗ୍ରାମର ଗ୍ରାମବାସୀଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ ବୋଲି ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଜୀ କହିଥିଲେ । ପୂର୍ବରୁ ମଧ ଅନେକ ଥର ଏହି ଦୁଇଟି ଗ୍ରାମରେ ଜାଗା ଓ ଗଛକୁ ନେଇ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ହେଲେ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନର ଆନ୍ତରିକତା ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

**ତୁଟୁନି ଗାଁ ବିବାଦ**

- ଲାଲ୍ ପତାକା ପୋତିଲା ଗଜପତି ଜିଲା ପ୍ରଶାସନ
- ସୀମା ନିର୍ଦ୍ଧାରଣ ପାଇଁ ଦାବି କଲେ ପୂର୍ବତନ ସରପଞ୍ଚ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥନ ଶୁଖିଲେ କି କରିବ ମାଆ ?**
**ନଇ ଶୁଖିଲେ କି କରିବ ନାଆ ?**

ଥନରୁ କ୍ଷୀର ଶୁଖିଗଲେ ମାଆ ତା'ର ସନ୍ତାନକୁ କ୍ଷୀର ଦେଇ ପାରି ନ ଥାଏ। ସେହିପରି ନଈରୁ ପାଣି ଶୁଖିଗଲେ ଡଙ୍ଗା ବା ନାଆ ଯାଇ ପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ି ରହିଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାରେ ସବୁବାଟ ବନ୍ଦ ହୋଇଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦେଲି ଦେଲି ବୋଲି କେତେ ହଉଥିଲା**
**କେତେ ଦଉଥିଲା କାହାକୁ**
**ଆଣ୍ଠୁକ ପାଣିରେ ତପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୁରୀଣ। କେତେକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେନେଇ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ବା ଅନ୍ୟାୟରେ ଉପାର୍ଜନ କରାଯାଉଥିବା ଧନ କେବେ ହେଲେ ଭୋଗ୍ୟ ହୋଇପାରି ନ ଥାଏ। ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଇ ନ ଥିବା ବ୍ୟକ୍ତି ନିଜ କୃତକର୍ମର ଫଳ ଭୋଗିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରାର୍ଥୀ ନାମ ଘୋଷଣା ପାଇଁ କସରତ

ଭୁବନେଶ୍ୱର,୨୨।୯(ବ୍ୟୁରୋ):

ବିଜେପୁର ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିସାରିଛନ୍ତି। ଉପନିର୍ବାଚନ ତାରିଖ ଘୋଷଣା ହେବାପରେ ରାଜ୍ୟର ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜ ପ୍ରାର୍ଥୀ ଚୂଡାନ୍ତ ପ୍ରକ୍ରିୟା ଶେଷ କରିବା ଉପରେ ବିଶେଷ ଧ୍ୟାନ ଦେବା ଆରମ୍ଭ କରିଛନ୍ତି। କେଉଁ ଦଳ କାହାକୁ ପ୍ରାର୍ଥୀ କଲେ ସବୁ ଦୃଷ୍ଟିରୁ ଭଲ ହେବ ତା' ଉପରେ ଗୁରୁତ୍ୱ ଦେଲେଣି। ଉଭୟ ବିଜେଡି ଏବଂ ଭାଜପା ପକ୍ଷରୁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିସାରିଥିବା ଶୁଣିବାକୁ ମିଳିଛି। ବିଜେଡି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକାଧିକ ସମ୍ଭାବ୍ୟ ନାମ ଉପରେ ସୋମବାର ବିଶେଷ ଆଲୋଚନା ହେବ। ଏହାସହ ବିଜେପୁର ନିର୍ବାଚନ ପାଇଁ ଦଳ ପକ୍ଷରୁ ଦାୟିତ୍ୱ ପାଇଥିବା ୪ ନେତା ସଞ୍ଜୟ କୁମାର ଦାସବର୍ମା, ନିରଞ୍ଜନ ପୂଜାରୀ, କଳିକେଶ ସିଂଦେଓ ଏବଂ ସୁଶାନ୍ତ ସିଂହଙ୍କ ନେତୃତ୍ୱରେ କେଉଁମାନେ ବିଜେପୁର ଦାୟିତ୍ୱରେ ରହିବେ ସେ ନେଇ ମଧ ସ୍ଥିର ହେବ ବୋଲି ଜାଣିବାକୁ ମିଳିଛି। ମୁଖ୍ୟତଃ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲେ ମଧ ଦୌଡରେ ଆହୁରି ନେତା ରହିଛନ୍ତି। ରୀତାଙ୍କ ସ୍ଥିତି ସେତେ ଭଲ ନ ଥିବାରୁ ପୂର୍ବତନ ବରଗଡ ଏମ୍‌ପି ପ୍ରଭାସ ସିଂ, ଏପିକଲ ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ପ୍ରାର୍ଥି ନେଇ ଆଲୋଚନା କରାଯିବା ସମ୍ଭାବନା ରହିଛି। ଏନେଇ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ବସି ନିଷ୍ପତ୍ତି ନିଆଯିବ। ଅନ୍ୟପଟେ ଭାଜପା ମଧ ଦଳୀୟ ପ୍ରାର୍ଥିତ୍ୱ ଏକ ପ୍ରକାର ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ଦଳୀୟ ମହଲରୁ ଜଣାପଡିଛି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ଦଳ ପକ୍ଷରୁ ୩ଜଣଙ୍କ ନାମ କେନ୍ଦ୍ରୀୟ ନିର୍ବାଚନ କମିଟି ନିକଟକୁ ପଠାଇ ଦିଆଯାଇଛି। ଖୁବ୍‌ଶୀଘ୍ର କେନ୍ଦ୍ରୀୟ ନିର୍ବାଚନ କମିଟି ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିବ। ବିଜେପୁର ଆସନରେ ଗତ ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିଥିଲା। ଏଥର ନିର୍ବାଚନ ଫଳାଫଳ ଭାଜପା ସପକ୍ଷରେ ଯିବ ବୋଲି ସେ କହିଛନ୍ତି। ତେବେ ୨୦୧୯ ସାଧାରଣ ନିର୍ବାଚନ ଶେଷ ହେବାପରେ ବିଜେଡି ଓ ଭାଜପା ମଧରେ ଏକ ପ୍ରକାର ଅଘୋଷିତ ବୁଝାମଣା ଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାକୁ ଖଣ୍ଡନ କରିବା ସହ ବିଜେପୁର ଉପନିର୍ବାଚନ ଦଳ ବିଜୟ ଲାଭ କରିବ ବୋଲି ପଣ୍ଡା କହିଛନ୍ତି । ସେହିପରି ରାଜ୍ୟରେ ତୃତୀୟ ସ୍ଥାନକୁ ଖସି ଆସିଥିବା କଂଗ୍ରେସ ଦଳୀୟ ଅନ୍ତଃକନ୍ଦଳ ଯୋଗୁ ଏକ ପ୍ରକାର ଦୁର୍ବଳ ହୋଇପଡିଥିବା ବେଳେ ବିଜେପୁର ଉପନିର୍ବାଚନ ପାଇଁ ଆଗୁଆ ଅଣ୍ଟା ଭିଡିଛି। ଉପନିର୍ବାଚନରେ ଦଳ କିପରି ଭଲ ପ୍ରାର୍ଥୀ ଦେବ ଏବଂ ଫଳାଫଳ କରିବ ସେ ନେଇ ଏକ କମିଟି ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଗଠନ କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉପନିର୍ବାଚନ ଲାଗି କମିଟି ଗଠନ ମଧ କରାଯାଇଛି। ଆସନ୍ତା ୨୪ରେ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଏକ ବୈଠକ ବସିବ ବୋଲି ନିରଞ୍ଜନ କହିଛନ୍ତି।

# ଭୂତ ଭୟରେ ହଷ୍ଟେଲ ଛାଡ଼ିଲେ ୫ ଛାତ୍ର

ଉଦଳା,୨୨।୯(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଏକ ବିଦ୍ୟାଳୟର ୫ ଛାତ୍ର ଭୂତ ଭୟରେ ହଷ୍ଟେଲ ଛାଡ଼ି ପଳାଇ ଆସିଥିଲେ। ରବିବାର ମୟୂରଭଞ୍ଜ ଜିଲା ଉଦଳା ବସ୍ ଷ୍ଟାଣ୍ଡରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏହି ଛାତ୍ରମାନଙ୍କ ଘର ଉଦଳା ଥାନା ଅଞ୍ଚଳରେ ହୋଇଥିବାରୁ ପୋଲିସ୍ ସେମାନଙ୍କ ପରିବାର ଲୋକଙ୍କ ହେପାଜତରେ ଛାଡ଼ିଛି । ସେମାନଙ୍କ ମଧରୁ ୩ ଜଣ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଅନ୍ୟ ୨ ଜଣ ଅଷ୍ଟମ ଶ୍ରେଣୀର ଛାତ୍ର ବୋଲି ଜଣାଯାଇଛି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ୫ ଜଣ ଛାତ୍ର ବସ୍‌ରେ ଆସି ଉଦଳା ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ଏଥିନେଇ ସେମାନେ ଉଦଳା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଉକ୍ତ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲା। ପଚରାଉଚରା ପରେ ସେମାନେ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଏକ ବିଦ୍ୟାଳୟର ଛାତ୍ର ବୋଲି ଜଣାପଡିଥିଲା। ତେବେ ଭୂତ ଭୟରେ ସେମାନେ ହଷ୍ଟେଲରୁ ଲୁଚି ପଳାଇ ଆସିଥିବା ପୋଲିସକୁ କହିଥିବା ସୂଚନା ମିଳିଛି। ରବିବାର ସକାଳୁ ସେମାନେ ସାଙ୍ଗରେ ନିଜର ବ୍ୟାଗ୍ ଧରି ବିଦ୍ୟାଳୟରୁ ବାହାରି ଆସିଥିଲେ। ବାଲେଶ୍ୱର ଜିଲା ଔପଦା ଛକ ନିକଟରେ ଉଦଳା ବସ୍‌ରେ ଚଢି ପୂର୍ବାହ୍ନ ସାଢେ ୧୦ଟା ସମୟରେ ସେମାନେ ଉଦଳା ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ତେବେ ୫ ଜଣ ଛାତ୍ର ହଷ୍ଟେଲରୁ ଲୁଚି ପଳାଇ ଆସିଥିବା ବେଳେ ଏ ବାବଦରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣି ପାରିଲେ ନାହିଁ କିପରି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଇରା ଥାନା ପୋଲିସ୍ ଏହି ଘଟଣାର ତଦନ୍ତ କରିବ ବୋଲି ଉଦଳା ଥାନା ଅଧିକାରୀ ସନାତନ ସାହୁ କହିଛନ୍ତି।

**ଉଦଳା ବସ୍‌ଷ୍ଟାଣ୍ଡରୁ ଉଦ୍ଧାର**

# ଭାଗ ଭାଗ ହେବ ପାକିସ୍ତାନ: ରାଜନାଥ

ନୂଆଦିଲ୍ଲୀ,୨୨।୯(ଆଇଏଏନ୍‌ଏସ୍)

ବଲୋଚ ଓ ପାସ୍ତୁନମାନଙ୍କ ମାନବାଧିକାର ଯଦି କ୍ରମାଗତ ଭାବେ ଉଲ୍ଲଂଘନ ହୋଇଚାଲେ ତେବେ ପାକିସ୍ତାନକୁ ଖଣ୍ଡ ଖଣ୍ଡ ହେବାରୁ କୌଣସି ଶକ୍ତି ରକ୍ଷା କରିପାରିବେ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର କହିଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ଟ୍ରମ୍ପ୍ ପିଓକେକୁ ଆସି ତାଙ୍କ ଲୋକମାନଙ୍କୁ ସୀମାନ୍ତକୁ ନ ଯିବା ପାଇଁ ପରାମର୍ଶ ଦେଇଥିଲେ। ଏହା ତାଙ୍କ ପାଇଁ ଭଲ ହେବ। କାରଣ ଯଦି ସେମାନେ ସୀମାନ୍ତକୁ ଆସନ୍ତି ଆଉ ପାକିସ୍ତାନ ଫେରିପାରିବେ ନାହିଁ। ୧୯୬୫ ଓ ୧୯୭୧ର ଭୁଲ୍‌କୁ ସେମାନେ ଦୋହରାନ୍ତୁ ନାହିଁ ବୋଲି ପାଟନାରେ ଭାଜପା ପକ୍ଷରୁ ଆୟୋଜିତ ଜନ ଜାଗରଣ ସଭାରେ ଉଦ୍‌ବୋଧନ ଦେଇ ବୋଲି ରାଜନାଥ କହିଛନ୍ତି। ଯଦି ସେମାନେ ପୂର୍ବ ଭୁଲ୍ ଦୋହରାନ୍ତି, ତେବେ ପାକ୍ ଅଧିକୃତ କଶ୍ମୀର ଅବସ୍ଥା କ'ଣ ହେବ ତାହା ସେମାନଙ୍କୁ ଚିନ୍ତା କରିବାକୁ ହେବ। ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆୟୋଜିତ କାର୍ଯ୍ୟକ୍ରମରେ ରାଜନାଥ କହିଥିଲେ, ସମ୍ବିଧାନର ଏହି କ୍ଷତ ଆମର ହୃଦୟ ତଥା ଭୂସ୍ୱର୍ଗ କୁହଯାଉଥିବା କଶ୍ମୀରକୁ ରକ୍ତରଞ୍ଜିତ କରୁଥିଲା।

# ବନ୍ଧାହେଲେ ଅଲ୍ କାଏଦା ଆତଙ୍କବାଦୀ

ରାଞ୍ଚି,୨୨।୯(ଆଇଏଏନ୍‌ଏସ୍)

ଝାଡ଼ଖଣ୍ଡ ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ଟାଟାନଗର ରେଳଷ୍ଟେଶନରୁ ଅଲ୍ କାଏଦାର ଜଣେ ଆତଙ୍କବାଦୀଙ୍କୁ ଗିରଫ କରିଛି। ମହମ୍ମଦ କଲିମୁଦ୍ଦିନ ମୁଜାହିରି ନାମକ ଏହି ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଭାରତୀୟ ଯୁବକମାନଙ୍କୁ ଜିହାଦ ଲାଗି ପ୍ରବର୍ତ୍ତାଇବା ସହ ଏଥିପାଇଁ ପ୍ରସ୍ତୁତ କରୁଥିଲା। ନବନିଯୁକ୍ତ ଯୁବକମାନଙ୍କୁ ତାଲିମ ପାଇଁ ସେ ପାକିସ୍ତାନ ପଠାଉଥିଲା ବୋଲି ଅତିରିକ୍ତ ପୋଲିସ ଡିଜି ଏମ୍.ଏଲ୍. ମୀନା କହିଛନ୍ତି। କଲିମୁଦ୍ଦିନଙ୍କ ଘର ଜାମସେଦପୁରରେ। ସେ ଗତ ୩ ବର୍ଷ ହେଲା ନିଖୋଜ ଥିଲେ। ତାଙ୍କ ନାଁରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ତାଙ୍କ ସହଯୋଗୀ ମହମ୍ମଦ ଅବଦୁଲ ରହମନ ଅଲି ଓରଫ ହାଇଦର ଓରଫ କଟ୍‌କି, ଅବଦୁଲ ସାମି ଓରଫ ଉଜାଏର ଓରଫ ହାସନ ତିହାର ଜେଲ୍‌ରେ ଅଛନ୍ତି। ଯୁବକମାନଙ୍କୁ ଆତଙ୍କବାଦୀ ସଂଗଠନରେ ସାମିଲ କରିବା ପାଇଁ ସେ ଉତ୍ତରପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟକୁ ଯାଉଥିଲେ। ବାଂଲାଦେଶ, ଦକ୍ଷିଣ ଆଫ୍ରିକା, ସୌଦି ଆରବ ଓ ଅନ୍ୟ ଦେଶ ମଧ ଗସ୍ତ କରୁଥିଲେ କଲିମୁଦ୍ଦିନ।

# ଏକେ-୪୭ ସହ ୪ ଆତଙ୍କବାଦୀ ଗିରଫ

ଚଣ୍ଡିଗଡ଼,୨୨।୯(ଆଇଏଏନ୍‌ଏସ୍)

ପଞ୍ଜାବ ଓ ଏହାର ପଡୋଶୀ ରାଜ୍ୟଗୁଡ଼ିକରେ ଏକାଧିକ ଆକ୍ରମଣ ଯୋଜନା କରିଥିବା ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଖଲିସ୍ତାନ ଜିନ୍ଦାବାଦ୍ ଫୋର୍ସ (କେଜେଏଫ୍)ର ଉଦ୍ୟମ ପଣ୍ଡ ହୋଇଛି। ବିପୁଳ ଅସ୍ତ୍ରଶସ୍ତ୍ର ସହ ଏହି ସଙ୍ଗଠନର ୪ ଆତଙ୍କବାଦୀଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୫ଟି ଏକେ-୪୭ ରାଇଫଲ ସମେତ, ପିସ୍ତଲ, ସାଟେଲାଇଟ ଫୋନ, ହ୍ୟାଣ୍ଡ ଗ୍ରେନେଡ ଜବତ ହୋଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ତଦନ୍ତ ଦାୟିତ୍ୱ ଦେବା ଲାଗି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନିଷ୍ପତ୍ତି ନେଇଛନ୍ତି। ଡ୍ରୋନ୍ ସହାୟତାରେ ସୀମା ଆରପଟୁ ଅସ୍ତ୍ରଶସ୍ତ୍ର ଓ ଯୋଗାଯୋଗ ଯନ୍ତ୍ରାଂଶ ଆସୁଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବାୟୁସେନା ଓ ସୀମାନ୍ତ ସୁରକ୍ଷା ବଳ (ବିଏସ୍‌ଏଫ)କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବାକୁ ଅମରିନ୍ଦର ଅନୁରୋଧ କରିଛନ୍ତି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ଏହା ନିର୍ଦ୍ଦେଶରେ କାର୍ଯ୍ୟ କରୁଥା ପାକ୍ ପ୍ରାୟୋଜିତ ଜିହାଦି ଓ ଖଲିସ୍ତାନ ସପକ୍ଷବାଦୀ ଆତଙ୍କବାଦୀ ସଂଗଠନକୁ ସୀମା ଆରପଟୁ ଅସ୍ତ୍ରଶସ୍ତ୍ର ଯୋଗାଣ କରାଯାଉଥିଲା ବୋଲି ପୋଲିସ ଡିଜି ଦିନ୍‌କର ଗୁପ୍ତା ଖବରଦାତାମାନଙ୍କୁ କହିଛନ୍ତି। ଜମ୍ମୁ-କଶ୍ମୀର, ପଞ୍ଜାବ ଓ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ଲକ୍ଷ୍ୟରେ ପାକିସ୍ତାନ ଅନୁପ୍ରବେଶ ଲାଗି ସହାୟତା ଯୋଗାଉଛି। ଗୋଇନ୍ଦା ସୂଚନା ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା ବୋଲି ଡିଜିପି ଗୁପ୍ତା କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

FINANCE

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

BUSINESS

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁଇ ସାହିତ୍ୟିକଙ୍କୁ ଭେଟିଲେ ଭାଜପା ନେତୃବୃନ୍ଦ

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଧାରା ୩୭୦ ଓ ୩୫ (ଏ) ଉଚ୍ଛେଦ ମୋଦି ସରକାରଙ୍କ ଏକ ଐତିହାସିକ ନିଷ୍ପତ୍ତି । ଏହାଦ୍ୱାରା ଦେଶର ସମସ୍ତ ରାଜ୍ୟ ଭଳି ଜମ୍ମୁକାଶ୍ମୀର ବାସିନ୍ଦା କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ଲାଭ ଏବଂ ସୁବିଧା ନେଇପାରିବେ । ଏହି ଧାରା ହଟିବାପରେ ଏହାର ଉପଲବ୍ଧି ଜନମାନସରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ କରାଯାଉଛି । ଏହାସହ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରାଯାଉଛି । ଏହି ଅବସରରେ ରବିବାର ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଓ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରସିଦ୍ଧ ଲେଖକ ତଥା କବି, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ରଙ୍କୁ ଭେଟି ଧାରା ୩୭୦ ଉଚ୍ଛେଦ ସମ୍ପର୍କରେ ଅବଗତ କରିବା ସହ ସେ ସମ୍ବନ୍ଧୀୟ ଏକ ପୁସ୍ତିକା ପ୍ରଦାନ କରିଛନ୍ତି । ସେହିପରି ପ୍ରସିଦ୍ଧ ଲେଖକ ଓ ସମ୍ପାଦକ ତଥା ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କୁ ଭେଟି ଧାରା ୩୭୦ ଉଚ୍ଛେଦ ସମ୍ପର୍କରେ ଅବଗତ କରାଇଛନ୍ତି। ଏହାସହ ବର୍ତ୍ତମାନର କଶ୍ମୀର ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି।

### ଟାଙ୍ଗିଆ ବେଣ୍ଟରେ ପିଟି ସ୍ତ୍ରୀଙ୍କୁ ହତ୍ୟା

**ପାଟଣା,୨୨।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟଠାରୁ ୧୯ କି.ମି. ଦୂର ଡୁମୁରିଆ ପଞ୍ଚାୟତର ଉପାନ୍ତ ଅଞ୍ଚଳ ବଣମହୁଲଡିହା ମୁଣ୍ଡା ସାହିରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନି ମୁଣ୍ଡା(୫୦) । ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ସୁନିଆ ମୁଣ୍ଡା (୫୫)ଫେରାର ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୁନିଆ ଓ ମାନିଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଧିରେ ଧିରେ ଦୁହିଁଙ୍କ ମଧ୍ୟରେ କଳହ ବଢ଼ିଥିଲା । ଏଥିରେ ସୁନିଆ ଉତ୍କ୍ଷିପ୍ତ ହୋଇ ମାନିଙ୍କ ମୁଣ୍ଡକୁ ଟାଙ୍ଗିଆ ବେଣ୍ଟରେ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ମାନିଙ୍କ ମୃତ୍ୟୁ ଘଟିଥିଲା। ଗାଁ ଚୌକିଆଙ୍କଠାରୁ ଖବର ପାଇ ଘଟଗାଁ ଥାନାଧିକାରୀ ବନ୍ଦନା ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବଣମହୁଲଡ଼ିହା ଅଞ୍ଚଳରେ ଅବାଧରେ ବେଆଇନ ଦେଶୀ ମହୁଲି ମଦର କାରବାର ଯୋଗୁ ଏପରି ଘଟଣା ବାରମ୍ବାର ଘଟୁଥିବା ନଜିର ରହିଛି । ଅଭିଯୁକ୍ତ ସୁନିଆ ଫେରାର ଅଛନ୍ତି ।

# ବିରାଟ କୋହଲି ମୋ ଫେଭରାଇଟ୍ କ୍ରିକେଟର୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)



ସାହିତ୍ୟ ଆମକୁ ପ୍ରଶ୍ନ ପଚାରିବାକୁ ବାଟ ଦେଖାଏ । ସାହିତ୍ୟ ଆମକୁ ସ୍ୱପ୍ନ ଦେଖାଏ । ସାହିତ୍ୟ ଆମକୁ ପରିବର୍ତ୍ତନର ଆହ୍ୱାନ ଦିଏ। ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ, ସାମାଜିକ ପରିବର୍ତ୍ତନ ପ୍ରକ୍ରିୟାରେ ସାହିତ୍ୟ ଏକ ମୁଖ୍ୟ ଅସ୍ତ୍ର ଓ ଆହ୍ୱାନ। ସମଗ୍ର ବିଶ୍ୱରେ ଆଜି ପର୍ଯ୍ୟନ୍ତ ଯେତେବେଳେ ବି ପରିବର୍ତ୍ତନର ଆହ୍ୱାନ ଆସିଛି ତା ପଛରେ ସର୍ବଦା ସାହିତ୍ୟିକ, ଲେଖକ ଓ ଚିନ୍ତକମାନେ ରହିଛନ୍ତି। ସାହିତ୍ୟ ବିନା ଆମ ବିକଶିତ ଭବିଷ୍ୟତର ପରିକଳ୍ପନା ଅସମ୍ଭବ। ଆଜି ଆମେ ଜ୍ଞାନ ଓ ବିକଶିତ ରାଷ୍ଟ୍ରର ଅଂଶ ହୋଇଥିବାବେଳେ ଆମ ପାଇଁ ସାହିତ୍ୟ ପୂର୍ବାପେକ୍ଷା ଆହୁରି ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସାରଳା ଦାସଙ୍କଠାରୁ ଆରମ୍ଭକରି ସନ୍ଥ ଭୀମ ଭୋଇ, ବ୍ୟାସକବି ଫକୀରମୋହନ ସେନାପତି ଓ ଆଧୁନିକ ଯୁଗର ସାହିତ୍ୟିକା ପ୍ରତିଭା ରାୟଙ୍କ ଲେଖାର ମହାନତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଯୁବପିଢ଼ିଙ୍କୁ ଫକୀର ମୋହନ ସେନାପତିଙ୍କ କାଳଜୟୀ ପୁସ୍ତକ ପଢ଼ିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ବିଶିଷ୍ଟ ସାମ୍ବାଦିକ ପ୍ରଭୁ ଚାୱଲାଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ନିଜ ବ୍ୟକ୍ତିଗତ ଜୀବନର କେତେକ ଲୁକ୍କାୟିତ କଥା କହିଥିଲେ। ଭାରତୀୟ କ୍ରିକେଟ୍ ଟିମ୍‌ର ଅଧିନାୟକ ବିରାଟ କୋହଲି ତାଙ୍କ ମନପସନ୍ଦ କ୍ରୀଡାବିତ୍ ହୋଇଥିବାବେଳେ ରାଜନୀତିରୁ ସନ୍ନ୍ୟାସ ନେଇ ସେ ପୁଣିଥରେ ନିଜ ଲେଖକ ଜୀବନ ଆରମ୍ଭ କରିବେ ଏବଂ ପୁସ୍ତକ ଲେଖିବା କଥା ଭାବିବେ ବୋଲି କହିଥିଲେ। ନିଜ ଫିଟ୍‌ନେସ୍‌ର ରହସ୍ୟ ଖୋଲି ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରତିଦିନ ସକାଳେ ଓ ସନ୍ଧ୍ୟାବେଳେ ଦିନକୁ ଦୁଇଥର ମୁଁ ଏକ୍ସରସାଇଜ୍ କରେ। ଡାଏଟ୍‌ର ଧ୍ୟାନ ରଖେ ଓ ଯଥାସମ୍ଭବ କମ୍ ଖାଇବାକୁ ଚେଷ୍ଟାକରେ। ଅନ୍ୟମାନଙ୍କ ଭଳି ମୁଁ ବି ଜଣେ ସାଧାରଣ ମଣିଷ। ହସକଥା ଶୁଣିଲେ ହସେ ଓ ସେନ୍ସ ଅଫ୍ ହ୍ୟୁମର୍‌କୁ ଭଲପାଏ। ଫିଲ୍ମ ଦେଖିବାକୁ ମୁଁ ସମୟ ପାଏନା। ସମୟ ମିଳିଲେ ବହି ପଢ଼େ। ଓଡ଼ିଆ ଲେଖକଙ୍କ ମଧ୍ୟରେ ଫକୀର ମୋହନ ସେନାପତି ମୋ ପ୍ରିୟ ଲେଖକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ବଜାରରେ ଅନେକ ଅତ୍ୟାଧୁନିକ ମଡେଲର ଗାଡ଼ି ଥିବାବେଳେ ସେ କାହିଁକି ମାରୁତିରେ ବନ୍ଦ ହୋଇଯାଇଥିବା ଏକ ପୁରୁଣା ମଡେଲର ଗାଡ଼ି ବ୍ୟବହାର କରୁଛନ୍ତି ପଚାରିବାରୁ, ମୁଖ୍ୟମନ୍ତ୍ରୀ ତାଙ୍କ ଗାଡ଼ିରେ ବେଶ୍ କମ୍ଫର୍ଟେବୁଲ୍ ଏବଂ ଏହା ବ୍ୟବହାର ଯୋଗ୍ୟ ଥିବା ପର୍ଯ୍ୟନ୍ତ ସେ ଏହାକୁ ବ୍ୟବହାର କରିବେ ବୋଲି କହିଥିଲେ । ଏହି ଅବସରରେ ସେ ଓଡ଼ିଶାର ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କୁ ନିଜ ପାଇଁ କାମ କରିବା ସହ ସମାଜର ଗରିବ ଓ ନିଷ୍ପେସିତ ଶ୍ରେଣୀର ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ଓଡ଼ିଶାବାସୀଙ୍କୁ ବିକାଶ ପ୍ରକ୍ରିୟାରେ ଏବଂ ଗରିବୀ ବିରୋଧରେ ଲଢ଼ିବା ପାଇଁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ କଳା, ସାହିତ୍ୟ, ସିନେମା, ଗଣମାଧ୍ୟମ ଜଗତର ଦେଶର ଖ୍ୟାତନାମା ବ୍ୟକ୍ତିତ୍ୱମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କଶ୍ମୀର ପ୍ରସଙ୍ଗ, ଦକ୍ଷତା ବିକାଶ, ଦେଶର ରାଜନୈତିକ ପରିସ୍ଥିତି, ସଙ୍ଗୀତ, ଫିଲ୍ମ ଆଦି ବିଷୟରେ ଆଲୋଚନା ହୋଇଥିଲା ।



ଶାରଦୀୟ ପାର୍ବଣର ରବିବାର ପ୍ରଥମ ଦିବସରେ ମା’ ଚର୍ଚ୍ଚିକାଙ୍କ ସୁନାବେଶ ।

## ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର

# ୧ ବର୍ଷରେ ୭୮ ହଜାର ବିମାନଯାତ୍ରୀ

ଝାରସୁଗୁଡ଼ା ଅଫିସ୍/ ଲଖନପୁର,୨୨।୯ (ଡି.ଏନ୍.ଏ.)

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ବିମାନ ବନ୍ଦରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ସେପ୍ଟେମ୍ବର ୨୨ତାରିଖରେ ଉଦ୍‌ଘାଟନ କରିଥିଲେ। ଏହି ବିମାନ ବନ୍ଦର ଉଦ୍‌ଘାଟନକୁ ରବିବାର ୧ ବର୍ଷ ପୁରିଛି । ଏକବର୍ଷ ପୂର୍ତ୍ତି ଉପଲକ୍ଷେ ବିମାନ ବନ୍ଦର କର୍ତ୍ତୃପକ୍ଷ କେକ୍‌କାଟି ଧୁମ୍‌ଧାମ୍‌ରେ ଏହି ଉତ୍ସବକୁ ପାଳନ କରିଛନ୍ତି। ଏଥିରେ ବିମାନ ବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ, ଆଲିୟାନ୍ସ ଏୟାର ମ୍ୟାନେଜର ଅଭିଜିତ ଶତପଥୀ, ସ୍ପାଇସ୍‌ଜେଟ୍ ଏୟାର ମ୍ୟାନେଜର ସୁଜିତ କୁମାର, ପୋଲିସ ଅଧିକାରୀ ସୁବାସ ଭୋଇ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ବିମାନ ବନ୍ଦର ଏକ ବର୍ଷ ପୂର୍ତ୍ତିକୁ ନେଇ ନିର୍ଦ୍ଦେଶକ ଚୌହାନ କହିଛନ୍ତି ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୨୨ତାରିଖରେ ଉଦ୍‌ଘାଟନ କଲାପରେ ମାର୍ଚ୍ଚ ୩୧ତାରିଖରୁ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏହି ସ୍ପାଇସ୍‌ଜେଟ୍ ଏୟାର ବିମାନ ଝାରସୁଗୁଡାରୁ ହାଇଦ୍ରାବାଦ, ଦିଲ୍ଲୀ ଓ କୋଲ୍‌କତା ସହରକୁ ପ୍ରଥମେ ଉଡ଼ାଣ ଆରମ୍ଭ କରିଥିଲା । ତା’ପରେ ଜୁନ୍ ୫ତାରିଖରୁ ଆଲିୟାନ୍ସ ଏୟାର ବିମାନ ଝାରସୁଗୁଡ଼ାରୁ ଭୁବନେଶ୍ୱର ଓ ରାୟପୁର ସହରକୁ ଉଡାଣ କରିଥିଲା। ଏକ ବର୍ଷ ମଧ୍ୟରେ ଏହି ବିମାନ ବନ୍ଦରରୁ ସମୁଦାୟ ୭୮ ହଜାର ବିମାନଯାତ୍ରୀ ଯାତାୟାତ କରିଛନ୍ତି। ବ୍ୟବସାୟିକ ଦୃଷ୍ଟିରୁ ଏକବର୍ଷ ମଧ୍ୟରେ ବିମାନ ବନ୍ଦରକୁ ବାଣିଜ୍ୟିକ ସଫଳତା ମିଳିଛି ବୋଲି ନିର୍ଦ୍ଦେଶକ ଚୌହାନ କହିଛନ୍ତି। ଏଥିମଧ୍ୟରେ ଗତ ଜୁଲାଇରୁ ଅଗଷ୍ଟମାସ ମଧ୍ୟରେ ୧୩ ପ୍ରତିଶତ ଯାତ୍ରୀ ପରିବହନ ବୃଦ୍ଧି ପାଇଛି । କିନ୍ତୁ ଖରାପ ପାଗ ଯୋଗୁ ଅଧିକାଂଶ ସମୟରେ ବିମାନ ଅବତରଣରେ ସମସ୍ୟା ଦେଖାଦେଉଛି। ଏହାର ସମାଧାନ ପାଇଁ ବନ୍ଦରରେ ଡିଭିଓଆର୍ ମେଶିନ୍ ଲାଗିଛି। ତଥାପି ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଏହାର ସମାଧାନ ଦିଗରେ ଏୟାରପୋର୍ଟ ଅଥରିଟି ଇଣ୍ଡିଆର ଦୃଷ୍ଟି ଆକର୍ଷଣ କରାଯାଇଛି। ୨୦୧୯ ମଧ୍ୟରେ ୧୩ କୋଟି ଟଙ୍କା ବ୍ୟୟରେ ଏ ସବୁର ସମାଧାନ କରାଯିବ ବୋଲି ନିର୍ଦ୍ଦେଶକ ଚୌହାନ କହିଛନ୍ତି।



ବିମାନ ବନ୍ଦର କର୍ତ୍ତୃପକ୍ଷ କେକ୍ କାଟୁଛନ୍ତି ।

- ବାଣିଜ୍ୟିକ ସଫଳତା ମିଳିଛି
- ଜୁଲାଇରୁ ଅଗଷ୍ଟ ମଧ୍ୟରେ ୧୩ ପ୍ରତିଶତ ଯାତ୍ରୀ ପରିବହନ ବୃଦ୍ଧି
- ଖରାପ ପାଗ ବିମାନ ଅବତରଣରେ ସମସ୍ୟା
- ଡିଭିଓଆର୍ ମେଶିନ୍ ଲଗାଯିବା ପରେ ବି ସ୍ଥିତି ବଦଳୁନି

# ଆଗ ଭଳି ମିଳୁନି ଇଲିଶି

- ବଜାରରେ ଚଢ଼ା ଦର
- ମତ୍ସ୍ୟଜୀବୀଙ୍କୁ ଘାରିଛି ରୋଜଗାର ଚିନ୍ତା

ରୂପସା, ୨୨।୯



ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀ ମୁହାଣରୁ ଧରାଯାଉଥିବା ଇଲିଶି ମାଛର ସ୍ୱତନ୍ତ୍ର ଚାହିଦା ରହିଛି। ମତ୍ସ୍ୟଜୀବୀମାନେ ବହୁ ସଂଖ୍ୟାରେ ଇଲିଶି ଧରି ବିକ୍ରି କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଜୁନ୍, ଜୁଲାଇ ମାସରୁ ଡିସେମ୍ବର ପର୍ଯ୍ୟନ୍ତ ଅଧିକ ପରିମାଣରେ ଇଲିଶି ଜାଲରେ ଧରାପଡ଼ିଥାନ୍ତି। ଏସବୁ ମୁହାଣରୁ ମିଳୁଥିବା ବଡ଼ ଇଲିଶିର ଓଜନ ୨ରୁ ୩କିଲୋ ପର୍ଯ୍ୟନ୍ତ ହୋଇଥାଏ। ଏହି ମାଛ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯିବା ସହ ବମ୍ବେ, ସିଲିଗୁଡ଼ି, କଲିକତା ଆଦି ସ୍ଥାନକୁ ରପ୍ତାନି କରାଯାଇଥାଏ। କିନ୍ତୁ ନଦୀ ଜଳ ପ୍ରଦୂଷଣ ଓ ମାଛ ଧରା ପାଇଁ ବ୍ୟବହାର ହେଉଥିବା ସଂଖ୍ୟାଧିକ ଟ୍ରଲର, ଭୁଟୁଭୁଟି, ଗ୍ରୀନଲେଟର ଆଦି କାରଣରୁ ଆଗ ଭଳି ଆଉ ଇଲିଶି ମିଳୁନାହାନ୍ତି। ହାଟ, ବଜାରରେ ଏହାର ଦର ଆକାଶଛୁଆଁ। ପୂର୍ବବର୍ଷ ଅପେକ୍ଷା ଏବର୍ଷ ଇଲିଶି ଆମଦାନୀ ହ୍ରାସ ପାଇଥିବାରୁ ମତ୍ସ୍ୟଜୀବୀଙ୍କୁ ରୋଜଗାର ଚିନ୍ତା ଘାରିଛି ।

ବାଲେଶ୍ୱର ଜିଲାର ଜଳକା ନଦୀ ମୁହାଣ ସନ୍ନିକଟ ବାହାବଳପୁର, ବୁଢ଼ାବଳଙ୍ଗ ମୁହାଣସ୍ଥିତ ବଳରାମଗଡ଼ି, ବାଲିଆପାଳ ଉପକୂଳ ସୁବର୍ଣ୍ଣରେଖା ମୁହାଣ ଓ ମାଛଧରା କେନ୍ଦ୍ରରେ ପ୍ରତିବର୍ଷ ଇଲିଶି ସମେତ ବିଭିନ୍ନ ସାମୁଦ୍ରିକ ମାଛ ଧରାଯାଇ ଆସୁଛି। ମୌସୁମୀ ବର୍ଷା ଆରମ୍ଭ ହେବା ପରେ ଜୁନ୍, ଜୁଲାଇ ବେଳକୁ ଇଲିଶି ମାଛଙ୍କ ମିଳନ ଋତୁ ଆରମ୍ଭ ହୋଇଥାଏ। ଏହି ସମୟରେ ଅନୁକୂଳ ପାଗ, ପାଣିର ସ୍ରୋତ ଓ ବାୟୁର ମନ୍ଥର ଗତି ଦ୍ୱାରା ଆକର୍ଷିତ ହୋଇ ବଙ୍ଗୋପସାଗରରୁ ମାଈ ଇଲିଶି ନଦୀ ମୁହାଣ ମଧୁର ଜଳରେ ଅଣ୍ଡା ଦେବା ପାଇଁ ଚାଲି ଆସନ୍ତି। କିନ୍ତୁ ଟ୍ରଲର, ଭୁଟୁଭୁଟି, ଦେଶୀ ଡଙ୍ଗା ଚଳାଚଳ ଯୋଗୁ ଅଣ୍ଡା ନଷ୍ଟ ହୋଇଯାଇଥାଏ। ଛୋଟ ଛୋଟ ମାଛ ଧରାଯିବା କାରଣରୁ ଇଲିଶି ସଂଖ୍ୟା ବର୍ଷକୁ ବର୍ଷ ହ୍ରାସ ପାଇବାରେ ଲାଗିଛି। ବାହାବଳପୁର ମାଛଧରା କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତବର୍ଷ ୨୦୧୯-୨୦ ବର୍ଷରେ ଅଗଷ୍ଟ ସୁଦ୍ଧା ୩ହଜାର ୨୪୦ ମେଟ୍ରିକ ଟନ ମାଛ ଧରାଯାଇଛି। ସେଥିରୁ ଇଲିଶିର ପରିମାଣ ମାତ୍ର ୧୫୦ଟନ୍। ସାମୁଦ୍ରିକ ସହକାରୀ ମତ୍ସ୍ୟ ଅଧିକାରୀ ନଳିନୀକାନ୍ତ ଦାସ କୁହନ୍ତି, ମାଈ ଇଲିଶି ଅଣ୍ଡା ଦେବା ବେଳେ ମାଛଧରାରେ କଟକଣା ଲଗାଯିବା ଆବଶ୍ୟକ।

# ଧାନ କିସମରେ ନୂତନ ପଦ୍ଧତି ଆଣିବ ସଫଳତା

ଭୁବନେଶ୍ୱର, ୨୨।୯(ବ୍ୟୁରୋ)




ଧାନଚାଷରେ ନୂତନ ପଦ୍ଧତି ଅବଲମ୍ବନ ଦ୍ୱାରା ହିଁ ବିଭିନ୍ନ କିସମ ଲାଗି ସଫଳତା ଆଣିପାରିବ। ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର୍)ର ‘ଫାର୍ମର ଫାଷ୍ଟ ସ୍କିମ୍’ ଦ୍ୱାରା ନିଆଯାଇଥିବା ପଦକ୍ଷେପ କୃଷକଙ୍କ ଉତ୍ପାଦନ ବଢ଼ାଇବାରେ ସହାୟକ ହୋଇପାରିଛି। ଏହାର ଜ୍ୱଳନ୍ତ ଉଦାହରଣ କଟକ ଜିଲାରେ ଦେଖିବାକୁ ମିଳିଛି। ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁର, ଲକ୍ଷ୍ମୀନାରାୟଣପୁର, ବିଶ୍ୱନାଥପୁର, ଗଣେଶ୍ୱରପୁର ସମେତ ୧୦ ଗ୍ରାମରେ ୨୫ରୁ ଅଧିକ ଅମଳକ୍ଷମ ଧାନ କିସମ ଦୀର୍ଘ ତିନିବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିଲା। ସେହିପରି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଚାଷୀଭିତ୍ତିକ କାର୍ଯ୍ୟକ୍ରମରେ ବଡ଼ମ୍ବା ନିକଟବର୍ତ୍ତୀ ମଙ୍ଗରାଜପୁର, ସୁନାପାଲି, ଗୋପପୁର, ଗମେଇ, ଦେଓଳୀ ଗ୍ରାମରେ ୧୨ କିସମର ଧାନ ବିହନ ‘ମୋର ଗ୍ରାମ ଓ ମୋର ଗୌରବ’ ସ୍କିମ୍ ମାଧ୍ୟମରେ ଯୋଗାଇ ଦିଆଯାଇଥିଲା। ଏହିସବୁ ଗ୍ରାମରେ ନୂତନ ବିହନ ସହିତ ଅନ୍ୟ ସମ୍ପ୍ରସାରଣ ପ୍ରଣାଳୀ ଓ କିସମ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ସହ ଆଲୋଚନା କରାଯାଇଥିଲା। ଅଭିନବ ସମ୍ପ୍ରସାରଣ ପଦ୍ଧତି ଦ୍ୱାରା ଚାଷୀଙ୍କୁ ପୁସ୍ତିକା ଯୋଗାଇଦେବା ସହ ମୋବାଇଲ୍ ଆପ୍ ଦ୍ୱାରା ଧାନଚାଷ ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା। ରେଡିଓ, ଟେଲିଭିଜନ, ଖବରକାଗଜ ମାଧ୍ୟମରେ ବିହନ କିସମଗୁଡ଼ିକର ପ୍ରଚାର ପ୍ରସାର କରାଯାଇଥିଲା।

ଏହି ପ୍ରଶିକ୍ଷଣ ବେଳେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ସାଲେପୁର ଅଞ୍ଚଳରେ ସମସ୍ତ ୨୫ କିସମ ମଧ୍ୟରୁ ୭ ଧାନ କିସମ ଆଖପାଖ ଅଞ୍ଚଳରେ ଆଦୃତ ହୋଇଛି। ସେଥିମଧ୍ୟରୁ ମଝିଆଳିଆ ଜମିରେ ମଉଡ଼ମଣି, ଖାଲ ଜମିରେ ପ୍ରଧାନ ଧାନ, ସିଆର ଧାନ ୫୦୭, ସିଆର ଧାନ ୫୦୮, ସିଆର ଧାନ ୫୦୦ ଏବଂ ଉଚ୍ଚ ଜମିରେ ସିଆର ଧାନ ୧୦୧ (ଅଙ୍କିତ୍), ସିଆର୍ ଧାନ ୨୦୩ ରହିଛି। ସେହିପରି ମଙ୍ଗରାଜପୁର ଅଞ୍ଚଳରୁ ଆରମ୍ଭ ହୋଇ ମଉଡ଼ମଣି, ସିଆର ଧାନ ୬୦୧, ଅଙ୍କିତ୍, ସିଆର ଧାନ ୫୦୦, ପ୍ରଶାନ୍ତ, ସିଆର ଧାନ ୨୦୨ ଇତ୍ୟାଦି ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳରେ ଅଧିକ ଅମଳକ୍ଷମ ହୋଇପାରିଛି।

ବଡମ୍ବାର ୫ ଗ୍ରାମରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ଶରତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଧାନଗୁଡ଼ିକ ଚାଷୀଙ୍କୁ ଦିଆଯାଇଥିଲା। ସେହିଭଳି ସାଲେପୁର ଅଞ୍ଚଳରେ ଡ. ଲିପି ଦାସ, ସୁମନ୍ତ ମିଶ୍ର ଓ ଶରତ କୁମାର ପ୍ରଧାନଙ୍କ ଦ୍ୱାରା ସ୍କିମ୍‌ଗୁଡ଼ିକ ସୁଚାରୁରୂପେ ପରିଚାଳନା କରାଯାଇଥିଲା, ଯାହା ବର୍ତ୍ତମାନ ଧାନଚାଷ କ୍ଷେତ୍ରରେ ସଫଳ କାହାଣୀ ସୃଷ୍ଟି କରିପାରିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

■ କେବିସିରେ ୨୫ ଲକ୍ଷର ଲଟେରି ପ୍ରଲୋଭନ

# ଯୁବଚାଷୀଙ୍କଠୁ ୩.୧୫ ଲକ୍ଷ ଠକେଇ

ଜୟପୁର,୨୨।୯(ନି.ପ୍ର.)

ଅମିତାଭ ବଚ୍ଚନଙ୍କ ଲୋକପ୍ରିୟ ଟିଭି ଶୋ ‘କୌନ୍ ବନେଗା କରୋଡ୍‌ପତି’ରେ ୨୫ ଲକ୍ଷର ଲଟେରି ଉଠିଛି କହି ଜଣେ ଚାଷୀଙ୍କଠାରୁ ୩ ଲକ୍ଷରୁ ଅଧିକ ଟଙ୍କା ଠକିନେଇଛନ୍ତି ଦୁର୍ବୃତ୍ତ । ସେମାନଙ୍କ ପ୍ରଲୋଭନ ଏଭଳି ଥିଲା ଯେ ଟଙ୍କା ଦେବା ପାଇଁ ଚାଷୀ ଜଣକ କରଜ କରିବା ସହ ସ୍ତ୍ରୀଙ୍କ ଗହଣା ମଧ୍ୟ ବିକିଦେଇଛନ୍ତି। ଠକିଥିବା ବ୍ୟକ୍ତି ଜଣଙ୍କ କହିବାନୁସାରେ ୨୦ଟି ବ୍ୟାଙ୍କ ଆକାଉଣ୍ଟରେ ଏ ସମସ୍ତ ଟଙ୍କା ଜମାକରି ଏବେ ସର୍ବସ୍ୱାନ୍ତ ହେବା ପରେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି ଠକାମିର ଶିକାର ହୋଇଥିବା କୋରାପୁଟ ଅଞ୍ଚଳର ଏହି ଚାଷୀ । ସୂଚନା ଅନୁଯାୟୀ, ‘କୌନ୍ ବନେଗା କରୋଡ୍‌ପତି’ରେ ୨୬ ଲକ୍ଷ ୪୦ ହଜାର ଟଙ୍କାର ଲଟେରି ଉଠିଥିବା ନେଇ ଗତ ଅଗଷ୍ଟ ୩୧ରେ କୋରାପୁଟ ଜିଲା ମାଳିଗୁଡ଼ାର ଚାଷୀ ଭୀମସେନ ଗୌଡ଼(୨୫)ଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା । ଏନେଇ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଥିଲା ଯେ ଏତେ ପରିମାଣର ଅର୍ଥ ଭୀମସେନଙ୍କ ଆକାଉଣ୍ଟକୁ ଆସିବା ସମ୍ଭବ ନୁହେଁ। ତେଣୁ ୱାର୍ଲ୍ଡବ୍ୟାଙ୍କର ଅନୁମତି ଏବଂ ଦିଲ୍ଲୀ ଓ ଓଡ଼ିଶା ସରକାରଙ୍କ ଶୁଳ୍କ ବାବଦକୁ ଅର୍ଥ ଜମା କରିବା ପାଇଁ କୁହାଯାଇଥିଲା । ସେହି ଅନୁସାରେ ଭୀମସେନ ପ୍ରଥମେ ୧୨ ହଜାର, ପରେ ୨୨ ହଜାର, ୨୦ ହଜାର, ଏହିଭଳି ମୋଟ ୩ ଲକ୍ଷ ୧୫ ହଜାର ଟଙ୍କା ବ୍ୟାଙ୍କ ଓ ଅନଲାଇନ୍ ଜରିଆରେ ଜମା କରିଚାଲିଥିଲେ । ଲୋଭ ଏପରି ଘାରିଥିଲା ଯେ, ଏଥିପାଇଁ ସେ ନିଜ ପାଖରେ ଥିବା ଟଙ୍କା ସରିଯିବା ପରେ କରଜ କରିବା ସହ ସ୍ତ୍ରୀଙ୍କ ସୁନାଗହଣା ବିକିବାକୁ ମଧ୍ୟ ପଛାଇ ନ ଥିଲେ । ତାଙ୍କୁ ଫୋନ୍ କରୁଥିବା ବ୍ୟକ୍ତି ଜଣକ ନିଜକୁ ମୁମ୍ବାଇର ରାଣା ପ୍ରତାପ ସିଂ କହୁଥିବା ବେଳେ ନିଜକୁ ଶାଖା ପରିଚାଳକ ତ ପୁଣି କେତେବେଳେ କେବିସି କର୍ମଚାରି ବୋଲି ପରିଚୟ ଦେଉଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ସେ ଭୀମସେନଙ୍କ ହ୍ୱାଟ୍‌ସଆପ୍‌ରେ ନିଜ ଫଟୋ ପରିଚୟ ପତ୍ର ମଧ୍ୟ ପଠାଇଥିଲେ। ରାଣା ଓ ତାଙ୍କ ସହଯୋଗୀଙ୍କ ପାଖାକୁ ୨୦ଟି ଆକାଉଣ୍ଟରେ ୩ ଲକ୍ଷ ୧୫ ହଜାର ଟଙ୍କା ଜମା କରିଥିଲେ ଭୀମସେନ। କିନ୍ତୁ ଗତ ଶନିବାର ପୁଣିଥରେ ୭୦ ହଜାର ଟଙ୍କା ଜମା କରିବା ପାଇଁ ଫୋନ୍ ଆସିବା ପରେ ଭୀମସେନ ହତୋତ୍ସାହିତ ହୋଇପଡ଼ିଥିଲେ। ଯେଉଁ ନମ୍ବରରୁ ଫୋନ୍ ଆସିଥିଲା, ତାହା ଏବେ ସ୍ୱିଚ୍‌ଡ ଅଫ୍ ଥିବା ସେ ଜାଣିବା ପରେ ଠକାମିର ଶିକାର ହୋଇଥିବା ଅନୁଭବ କରୁଥିବା କହିଛନ୍ତି ଭୀମସେନ। ତେବେ ଏଯାବତ୍ ସେ ଥାନାରେ ଏତଲା ଦେଇ ନଥିବା ଜଣାପଡ଼ିଛି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି
ଇ-ଟେଣ୍ଡର ନଂ.: ୧୩୦ସିଇସିଟିଆର୍‌ବିଏସ୍‌ପି୧୯୦୨, ତାରିଖ: ୧୮।୦୯।୨୦୧୯ (ଇ-ରିଭର୍ସ ନିଲାମ ମାଧ୍ୟମରେ)।
କାର୍ଯ୍ୟ: ବିନିର୍ମାଣ ଓ ଯୋଗାଣ: ଆର୍‌ଡିଏସ୍‌ଓ ଡ୍ରଇଂ ନଂ. ଟି-୮୬୧୬ ଓ ୮୬୧୭ ଅନୁରୂପ ୬୦ କିଗ୍ରା ମେଟାଲ ଲାଇନର୍ସ।। ପରିମାଣ: ୧୪,୧୦,୫୭୭ ସେଟ୍। ଟେଣ୍ଡର ମୂଲ୍ୟ: ₹୧୨,୫୩,୦୧,୫୫୫/- (₹ ବାର କୋଟି ତେପନ ଲକ୍ଷ ଏକ ହଜାର ପାଞ୍ଚଶହ ପଞ୍ଚାବନ ମାତ୍ର), ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ। ଅମାନତ ଜମା ରାଶି: ₹୨୦,୦୦,୦୦୦/- (₹ କୋଡିଏ ଲକ୍ଷ ମାତ୍ର)।
ଟେଣ୍ଡର ସମାପ୍ତି: ତା୧୮।୧୦।୨୦୧୯ରିଖ ୧୫.୦୦ ଘଟିକା। ଖୋଲାଯିବା ପାଇଁ ଧାର୍ଯ୍ୟ: ତା୧୮।୧୦।୨୦୧୯ରିଖ।
ଉପରୋକ୍ତ ଇ-ସଂଗ୍ରହ ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: http://www.ireps.gov.in, http://www.secr.indianrailways.gov.inରେ ଉପଲବ୍ଧ।
ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ ।
ଚିଫ୍ ଇଞ୍ଜିନିୟର/ସିଓଏନ୍/
CPR/10/258 ଏସ୍.ଇ.ସି.ଆର୍./ବିଳାସପୁରଙ୍କ ପାଇଁ
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

Odisha Coal and Power Limited OCPL
ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Bhubaneswar-751023;
Ph: 0674-2300654, mines@ocpl.org.in, www.ocpl.org.in
RFP FOR SELECTION OF CONSULTANT FOR OBTAINING FOREST CLEARANCE OF COALMINES
NIT No: OCPL/Con-95/2019, Date: 23/09/2019
Date of Collection of RFP : 23-09-2019 to 30-09-2019
Date of Submission of Bids : 2:00PM on 14-10-2019
OCPL invites the proposal for the selection of consultant for Preparation of Forest Diversion Proposal and Obtaining Forest Clearance for Dip-Side Manoharpur Coal Mine in Sundargarh, Odisha. The interested agency may download the RFP from our website www.ocpl.org.in or visit our office at the above address to collect the same.
AGM (Mechanical)

अशोक ग्रुप The Ashok Group
ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪
ସନ୍ଦର୍ଭ: ଏଚ୍‌କେଏ/ସାଇକ୍ଲୋନ୍/ବାଉଣ୍ଡରୀ/ମରାମତି/୨୦୧୯ ତାରିଖ: ୨୩।୦୯।୨୦୧୯
ଇ-ସଂଗ୍ରହ ବିଜ୍ଞପ୍ତି
ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱରଠାରେ ସୀମା ପ୍ରାଚୀରକୁ ଭାଙ୍ଗିବା ଓ ନିର୍ମାଣ କରିବା ପାଇଁ ପ୍ରତିଷ୍ଠିତ ତଥା ଅଭିଜ୍ଞତାଧାରୀ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ତା୧୪।୧୦।୨୦୧୯ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତା୨୮।୦୯।୨୦୧୯ରିଖ (୧୨.୦୦ରୁ ୧୪.୦୦ ଘଟିକା) ସ୍ଥାନ ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର।
ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.theashokgroup.com, http://etenders.gov.in/eprocure/appରେ ଉପଲବ୍ଧ।
ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।
ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୪୩୧୦୫୫/୫୬

ଶାରଦୀୟ ଅଭିନନ୍ଦନ
ଅମ୍ଳାନ
ଟସର୍ ଓ ରେଶମ ବସ୍ତ୍ର ଓଡ଼ିଶାର ଗୌରବ
ବିଶେଷ ରିହାତି
୧୦% + ୨୦%
୨୩/୦୯/୧୯ ଠାରୁ ୧୩/୧୦/୧୯ ପର୍ଯ୍ୟନ୍ତ
ଭୁବନେଶ୍ୱର, ପୁରୀ, ଷୁନାବେଡ଼ା ଓ ବାରିପଦା ଶାଖାରେ ଉପଲବ୍ଧ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

DIRECTORATE OF DISTANCE & CONTINUING EDUCATION
ADMISSION NOTICE - 2019
D.D.C.E., UTKAL UNIVERSITY
BHUBANESWAR-751007
COURSES OFFERED
UTKAL UNIVERSITY NAAC Accredited A+
Admn Advt-8
DISTANCE MODE (Management Courses)
- Master of Business Administration (MBA)
- BBA / IMBA
- Post Graduate Diploma in Mgt. : (HRM / MM / POM / FM / T&TM / DNM / PPM / ABM)
Admission Procedure - Walk in Online Entrance Test & Rolling Admission.
DISTANCE MODE (Graduate Courses)
- BA (HONS.)
- B.COM. (HONS.)
DISTANCE MODE (Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi
Admission Procedure - Walk in Admission
Last Date of Admission Extended Upto : 30.09.2019 (Monday)
APPLY ONLINE : www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE. NO ADMISSION ON 2ND AND 4TH SATURDAY)
DIRECTOR



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।

- ଜନ୍‌ଶନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆନନ୍ଦ ମାର୍ଗ ସ୍କୁଲ ପକ୍ଷରୁ ବିଜ୍ଞାନମେଳା, ଶାସ୍ତ୍ରୀ ନଗର, ୟୁନିଟ-୪, ସକାଳ ୮ଟା।
- ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଚତୁର୍ଦ୍ଦଶ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଏବଂ ନବ ଉନ୍ମେଷ ନୃତ୍ୟ ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ଭାରତୀୟ କ୍ଷେତ ମଜୁଦର ୟୁନିୟନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଓ ଶୋଭାଯାତ୍ରା, ରାଜମହଲ ଛକ, ପୂର୍ବାହ୍ନ ୧୧ଟା।
- ବିଏସ୍‌ଏନ୍‌ଏଲ ପକ୍ଷରୁ 'ହିନ୍ଦୀପକ୍ଷ-୨୦୧୯'ର ସମାପନ ସମାରୋହ, ବିଏସ୍‌ଏନ୍‌ଏଲ ଭବନ, ପରିମଣ୍ଡଳ କାର୍ଯ୍ୟାଳୟ, ଅପରାହ୍ନ ୩ଟା।
- କୋରିଆ କାରାଭାନ ୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ସାହିତ୍ୟିକ ପ୍ରଫେସର ଡ.ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସପ୍ତଦଶ ସ୍ମୃତି ସମାରୋହ, ଇନ୍‌ଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସ ଅଡିଟୋରିୟମ, ୟୁନିଟ-୯, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ବୋଲଗଡ ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଯୁବ ପର୍ଯ୍ୟଟକଙ୍କ ପାଇଁ...

# କୋଣାର୍କ ହେବ ନୂଆ ଡେଷ୍ଟିନେଶନ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ପ୍ରଥମେ କଚ୍ଛରେ ହେଉଥିବା ରାନ୍ ଉତ୍ସବ ଶୈଳୀରେ କୋଣାର୍କରେ ମାସିକିଆ ଉତ୍ସବ, ଆଉ ଏବେ ପର୍ଯ୍ୟଟକଙ୍କ ଲାଗି ଏକ ସ୍ଥାୟୀ ପ୍ରକଳ୍ପ। କୋଣାର୍କକୁ ଓଡ଼ିଶାର ଏକ ପ୍ରମୁଖ ଟୁରିଜମ୍ ଡେଷ୍ଟିନେଶନ ବା ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଉଭୟ ପୁରୀ ଓ କୋଣାର୍କକୁ ଯୁବ ପର୍ଯ୍ୟଟକଙ୍କ ଲାଗି ଏକ ଟୁରିଜମ୍ ହବ୍‌ରେ ପରିଣତ କରିବାକୁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ ହୋଇଛି। ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନରୁ ବାହାରି ଏହି ସ୍ଥାନକୁ କିଭଳି ଆଡ୍‌ଭେଞ୍ଚର, ୱାଟର୍ ସ୍ପୋର୍ଟସ ଓ ଆମ୍ୟୁଜମେଣ୍ଟ ଟୁରିଜମ୍ ପାଇଁ ଲୋକପ୍ରିୟ କରିହେବ ତାହାକୁ ଗୁରୁତ୍ୱ ଦିଆଯାଇଛି। ପୁରୀରେ ଏକ ୱାଟର୍ ସ୍ପୋର୍ଟ ପ୍ରକଳ୍ପକୁ ଅନୁମତି ମିଳିସାରିଥିବାବେଳେ କୋଣାର୍କ ଚନ୍ଦ୍ରଭାଗାରେ ପୁଣିଥରେ ସର୍ଫ ଫେଷ୍ଟିଭାଲ ଆରମ୍ଭ କରିବାକୁ ଯୋଜନା ହୋଇଛି। ବିଶ୍ୱପ୍ରସିଦ୍ଧ କୋଣାର୍କ କେବଳ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଯେପରି ଆଡ୍‌ଭେଞ୍ଚର ଓ ୱାଟର୍ ସ୍ପୋର୍ଟସ ଆକ୍ଟିଭିଟି ପାଇଁ ମଧ୍ୟ ପ୍ରସିଦ୍ଧି ଲାଭ କରିବ ତାହାକୁ ଦୃଷ୍ଟିରେ ରଖି ଏକ ନୂଆ ପ୍ରକଳ୍ପ ଆରମ୍ଭ ହେବ। ଦିନିକିଆ ଭ୍ରମଣ ପର୍ଯ୍ୟଟନସ୍ଥଳୀ ପରିବର୍ତ୍ତେ କୋଣାର୍କକୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ। ୧ କିଲୋମିଟର ପରିମିତ ଅଞ୍ଚଳରେ ବିଭିନ୍ନ ସ୍ଥାୟୀ ପ୍ରକଳ୍ପ କରାଯିବ। ପର୍ଯ୍ୟଟକଙ୍କ ପାଇଁ ଆକ୍ଟିଭିଟି ଜୋନ୍ ସହ ଚିଲ୍‌ଡ୍ରେନ୍ସ ପାର୍କ ଏବଂ ସ୍ୱତନ୍ତ୍ର ଭାବେ ଫୁଡ୍ ଆଣ୍ଡ୍ ବେଭରେଜ୍ ଜୋନ୍ ରହିବ। ଏଥିପାଇଁ ସ୍ଥାନ ଚିହ୍ନଟ ହୋଇସାରିଛି। ତେବେ ଚଳିତ ବର୍ଷ ଶେଷ ସୁଦ୍ଧା ସମସ୍ତ ଯୋଜନା ପ୍ରସ୍ତୁତ ହୋଇ କାର୍ଯ୍ୟ ଆରମ୍ଭ ହେବ। ଏହାସହ ଚନ୍ଦ୍ରଭାଗାରେ ଆଗରୁ ହେଉଥିବା ସର୍ଫ ଫେଷ୍ଟିଭାଲ୍ ଆସନ୍ତା ବର୍ଷଠାରୁ ପୁଣିଥରେ ଆରମ୍ଭ ହେବ। ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଏହି ଫେଷ୍ଟିଭାଲ ମୁଖ୍ୟ ଭୂମିକା ଗ୍ରହଣ କରିବ। ସେହିଭଳି ପୁରୀରେ ୱାଟର୍ ସ୍ପୋର୍ଟସର ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଏହା ମଧ୍ୟରେ ଏକ ପ୍ରସ୍ତାବକୁ ମଞ୍ଜୁରୀ ମିଳିସାରିଥିବା ସୂଚନା ଦେଇଛନ୍ତି ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେବ। ରାନ୍ ଅଫ୍ କଚ୍ଛ ଫେଷ୍ଟିଭାଲ ଭଳି କୋଣାର୍କରେ ଅସ୍ଥାୟୀ ଟେଣ୍ଟ ସହର ନିର୍ମାଣ କରାଯିବ। ଡିସେମ୍ବରରୁ ଜାନୁୟାରୀ ମଧ୍ୟରେ ହେବାକୁ ଥିବା ଏହି ଫେଷ୍ଟିଭାଲରେ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ପରିବେଷଣ ସହ ବିଭିନ୍ନ ଆକ୍ଟିଭିଟିର ଆୟୋଜନ କରାଯିବ। କୁମ୍ଭମେଳା ଓ ରାନ୍ ଫେଷ୍ଟିଭାଲ ଆୟୋଜନ କରୁଥିବା ସଂସ୍ଥା ଏହାର ଆୟୋଜନ କରିବ ବୋଲି ସଚିବ କହିଛନ୍ତି।



### ସ୍ୱର୍ଣ୍ଣ ତ୍ରିଭୁଜରେ ଟୁରିଷ୍ଟ ପୋଲିସକୁ ଗୁରୁତ୍ୱ

ପର୍ଯ୍ୟଟନ ଶିଳ୍ପରେ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି'ର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ଭିତ୍ତିଭୂମି ବିକାଶ ଆମର ପ୍ରାଥମିକତା ରହିବ ବୋଲି ପର୍ଯ୍ୟଟନ ସଚିବ ବିଶାଳ ଦେବ ସୂଚନା ଦେଇଛନ୍ତି। ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଏକାଠି କରି ରାଜ୍ୟ ସରକାର ୯ଟି ଗୁରୁତ୍ୱପୂର୍ଣ୍ଣ ଟୁରିଜମ୍ ସର୍କିଟ୍ ପ୍ରସ୍ତୁତ କରିଛନ୍ତି। ଏହି ସ୍ଥାନଗୁଡ଼ିକର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯିବ। ଏହାସହ ବିଶ୍ୱ ବଜାରରେ ଏହି ସର୍କିଟକୁ ପ୍ରମୋଟ କରାଯିବ। ସ୍ୱର୍ଣ୍ଣ ତ୍ରିଭୁଜରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୮ ଟୁରିଷ୍ଟ ପୋଲିସ ସେଲ୍ କାର୍ଯ୍ୟକ୍ଷମ କରାଯାଇଛି। ଭୁବନେଶ୍ୱର, ପୁରୀ, କୋଣାର୍କ ଏବଂ ଚିଲିକାରେ ଏହି ସେଲ୍ କାର୍ଯ୍ୟକ୍ଷମ ହୋଇଥିବାବେଳେ ପୋଲିସକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ରାହେଁ ମୈ ଉନ୍‌ସେ...



ଭୁବନେଶ୍ୱର,୨୨।୯(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ 'ବ୍ଲୁ ଷ୍ଟ୍ରାଇପସ୍' ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ଚାହିୟେ ଥୋଡ଼ା ପ୍ୟାର୍' ରବିବାର ସ୍ଥାନୀୟ ସୂଚନା ଭବନଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ଚିରସବୁଜ ହିନ୍ଦୀ ଗୀତର ପସରା ରାଜ୍ୟର ବଛା ବଛା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଯାହାର ମଜା ନେଇଥିଲେ ଶତାଧିକ ଶ୍ରୋତା। ଯାନେ କୈସେ କବ୍ କାହାଁ..., ଚୁରାଲିୟା ହେ ତୁମ୍‌ନେ ଯୋ ଦିଲ୍ କୋ..., ୟେ ରାତ୍ ଭିଗୀ ଭିଗୀ ହୈ..., ଖୋୟେ ଖୋୟେ ରହେ ତେରି..., ୱାଦା ରାହା ପ୍ୟାର ସେ..., ରାହୋ ମେଁ ଉନ୍‌ସେ..., ରୋଜା ଜାନେମନ୍..., ତେରେ ଲିୟେ ହମନେ..., ଦିଲ ହେ ତୁମ୍‌ହାରା... ଭଳି ଏଭରଗ୍ରୀନ୍ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଶ୍ରୋତା। କଣ୍ଠଶିଳ୍ପୀ ବିବେକ୍, ସୌରଭ, ବବି, ଶେଫାଳି, କୁମାର ଦେବୀ, ଋତ୍ୱିକ୍ ମିଶ୍ର, ଅରୁଣିମା, ସୁହାନା, ରୀତିକା, ରୋଜାଲିନ୍, ଦିବ୍ୟାନି ପ୍ରମୁଖ ଏହି ଗୀତଗୁଡ଼ିକୁ ମଞ୍ଚରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଦ' ଏଭରଗ୍ରୀନ୍‌ର ଚେୟାରମ୍ୟାନ୍ ଇଂ କମଳାକାନ୍ତ ମହାନ୍ତି, ବରିଷ୍ଠ କଣ୍ଠଶିଳ୍ପୀ ଦେବଦାସ, ପ୍ରସନ୍ନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗୁଲସନ୍ ନଦୀମ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ପ୍ଲାଷ୍ଟିକମୁକ୍ତ ଭାରତ ପାଇଁ ରେଲ୍‌ୱେର ଇକୋ-ଟୁର୍



ଭୁବନେଶ୍ୱର,୨୨।୯(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପ୍ଲାଷ୍ଟିକମୁକ୍ତ ଭାରତ ପାଇଁ ପୂର୍ବତଟ ରେଳପଥ ବେଶ୍ ତତ୍ପରତା ଦେଖାଇଛି। ପୂର୍ବତଟ ରେଳପଥ କର୍ମଚାରୀ କଲ୍ୟାଣ ନିଧି ପକ୍ଷରୁ ଏକ ଦୁଇ ଦିନିଆ 'ଇକୋ-ଟୁର୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା କର୍ମଚାରୀମାନେ ତାରାତାରିଣୀ, ଗୋପାଳପୁର, ତପ୍ତପାଣି ଓ ଜିରାଙ୍ଗର ବୌଦ୍ଧ ମଠ ଆଦି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ପ୍ଲାଷ୍ଟିକମୁକ୍ତ ଭାରତ ଓ ସ୍ୱଚ୍ଛତା ବିଷୟରେ ସଚେତନ କରିଛନ୍ତି। ଜାଳେଣୀ କାଠ ପରିବର୍ତ୍ତେ ବିକଳ୍ପ ଜାଳେଣୀ, କ୍ୟାମ୍ପ ଫାୟାର ବିକଳ୍ପରେ ମନୋରଞ୍ଜନ କ୍ୟାମ୍ପ ଓ ବଣ ଭୋଜିରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ମହିଳାମାନେ ବୁଝାଇଥିଲେ। ଅନ୍ୟପକ୍ଷରେ ମହିଳା କର୍ମଚାରୀ ସଂଗଠନ ଉପାଧ୍ୟକ୍ଷ ସଙ୍ଗୀତା ବେହେରାଙ୍କ ନେତୃତ୍ୱରେ ରେଲ୍ ବିହାରସ୍ଥିତ ଫୁଲୱାରୀ ସ୍କୁଲରେ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ସ୍ୱଚ୍ଛତା ବିଷୟରେ ବୁଝାଇବା ସହ ପ୍ରଭାତଫେରି କାର୍ଯ୍ୟକ୍ରମ କରାଯାଇଥିଲା। ପିଲାମାନେ କ୍ୱାର୍ଟର୍ସ ବୁଲି ଲିଫ୍‌ଲେଟ ବାଣ୍ଟି ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ।

**ଡମଣା ଦୁର୍ଗାପୂଜା କମିଟି**

# ଯୋଶେଫଙ୍କ ପିଟ୍ସବର୍ଗ ପ୍ୟାଲେସ ମୁଖ୍ୟ ଆକର୍ଷଣ

ଭୁବନେଶ୍ୱର, ୨୨।୯ (ବ୍ୟୁରୋ)

ସବୁବର୍ଷ ନିଜର ତୋରଣରେ ନୂତନତ୍ୱ ଆଣୁଥିବା ଡମଣା ଦୁର୍ଗାପୂଜା କମିଟି ଚଳିତବର୍ଷ ସହରବାସୀଙ୍କୁ ଭିନ୍ନ ଭେଟି ଦେବାକୁ ପ୍ରୟାସ କରିଛି। ତୋରଣରେ ଦେଖିବାକୁ ମିଳିବ ପାଶ୍ଚାତ୍ୟର ଛାପ। ଆକର୍ଷଣ ସାଜିବ ରୁଷିଆର ସେଣ୍ଟ ଯୋଶେଫ ପିଟ୍ସବର୍ଗ ପ୍ୟାଲେସ। ଏହାର ଚଉଡ଼ା ୧୧୦ ଫୁଟ ଓ ଉଚ୍ଚତା ୮୦ ଫୁଟ ହେବ। ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବା ଡମଣା ଦୁର୍ଗାପୂଜା କମିଟି ଏଥର ୨୫ଲକ୍ଷ ଟଙ୍କାର ପୂଜା ବଜେଟ ରଖିଛି। ଏଥିସହିତ ୨୦ଫୁଟ ଉଚ୍ଚତାର ମା'ଙ୍କ ମୃଣ୍ମୟ ମୂର୍ତ୍ତି ସହ ୧୨ରୁ ୧୫ ଫୁଟ ଉଚ୍ଚର ପାର୍ଶ୍ୱଦେବୀଦେବ ପୂଜା ପାଇବେ। ୫ କେଜି ସୁନା ଅଳଙ୍କାର ଓ ୫୦ କେଜି ରୁପା ଅଳଙ୍କାର ପିନ୍ଧିବେ ମା'। ପୂଜାସ୍ଥଳକୁ ପୂରା ସିସିଟିଭି ନଜରରେ ରଖାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମା'ଙ୍କ ପୂଜା ବିଧି ଅନୁସାରେ ଷଷ୍ଠୀରେ ବେଲ ବରଣୀ, ସପ୍ତମୀରେ ୧୦୮ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିଷ୍ଠା, ଅଷ୍ଟମୀରେ ଦହି ପଖାଳ, ନବମୀରେ ଖେଚୁଡ଼ି ଓ ଦଶମୀରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମା'ଙ୍କୁ ଦର୍ଶନ ଲାଗି ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍ ଚେୟାର, ମହିଳା ଓ ବରିଷ୍ଠଙ୍କ ପାଇଁ ଅଲଗା ଧାଡ଼ି ବ୍ୟବସ୍ଥା କରାଯାଇଛି।





**ମା' ଆସୁଛନ୍ତି**

### ୫ କେଜି ସୁନା, ୫୦ କେଜି ରୁପା ଅଳଙ୍କାର ପିନ୍ଧିବେ ମା'

### ୧୫୦ ଫୁଟର ରାବଣପୋଡ଼ି



"ଭୁବନେଶ୍ୱରରେ ମାତ୍ର ୫ ସ୍ଥାନରେ ରାବଣ ପୋଡ଼ିର ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ଡମଣା ରାବଣ ପୋଡ଼ି ଅନ୍ୟଠାରୁ ନିଆରା। ରାବଣପୋଡ଼ି ପାଇଁ ପ୍ରାୟ ୧୫୦ ଫୁଟର ପ୍ରତିକୃତି ତିଆରି ହେବ। ସେହିଭଳି କମିଟି ସବୁବେଳେ ଓଡିଶାର କାରିଗରଙ୍କୁ ପ୍ରାଧାନ୍ୟ ଦେଇ ଆସୁଛି। ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ମୂର୍ତ୍ତି କରୁଥିବା ନାମୀ କାରିଗରମାନେ ଏଠାରେ ମା'ଙ୍କ ମୂର୍ତ୍ତି ତିଆରି କରୁଛନ୍ତି।

- ନିଶାକର ସାହୁ, କମିଟି ପ୍ରତିଷ୍ଠାତା ତଥା ସଭାପତି

### ଶୃଙ୍ଖଳିତ ଦର୍ଶନ ପ୍ରତି ଗୁରୁତ୍ୱ ଦିଆଯିବ



"ଷଷ୍ଠୀ, ସପ୍ତମୀରେ ମା'ଙ୍କ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା। ଅଷ୍ଟମୀ ଓ ନବମୀ ଦିନ ଓଡିଶାର ବିଶିଷ୍ଟ କଳାକାରଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯିବ। କିପରି ଭକ୍ତମାନେ ମା'ଙ୍କର ପୂଜାକୁ ଅତି ଆଡମ୍ବରରେ ପାଳନ କରିବେ ଓ ସୁରକ୍ଷିତ ତଥା ଶୃଙ୍ଖଳିତ ଭାବେ ଦର୍ଶନ କରି ଫେରିବେ ସେଥିପାଇଁ ଗୁରୁତ୍ୱ ଦିଆଯିବ।

- ପ୍ରେମାନନ୍ଦ ମହାକୁଡ, ଡମଣା ଗ୍ରାମ ମଙ୍ଗଳ ସଭାପତି

### ନିରାଡ଼ମ୍ବର ପୂଜା କରିବ ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟି

# ନବମୀରେ ନିଆରା କୁମାରୀ ପୂଜା

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ଧରାବତରଣ କରିବେ ଜଗଜ୍ଜନନୀ ମା' ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହେଲାଣି ଭୁବନେଶ୍ୱର। ପୂଜା କମିଟିର ପ୍ରସ୍ତୁତି ଜୋର୍‌ଦାର ଚାଲିଥିବାବେଳେ ତୋରଣ ବନ୍ଧା ସହ ଅନ୍ୟାନ୍ୟ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଏବେ ଦେଶରେ ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟି ସ୍ୱଳ୍ପ ଖର୍ଚ୍ଚରେ ପୂଜାକୁ ନିରାଡମ୍ବରରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ପୂଜା ପାଇଁ ଆସୋସିଏଶନ ପକ୍ଷରୁ ମାତ୍ର ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଆସୋସିଏଶନ ସଭାପତି ପ୍ରକାଶ କୁମାର ବିଜୁଳି କହିଛନ୍ତି, ଏଥର ଏକ ଭିନ୍ନ ଭାବେ ପୂଜା ଆୟୋଜନ କରାଯାଉଛି। କମିଟି ଏଥର କୁମାରୀ ପୂଜାକୁ ଗୁରୁତ୍ୱ ଦେଇଛି। ନବମୀରେ ୯ ଜଣ କୁମାରୀଙ୍କୁ ମା'ଙ୍କ ବେଶରେ ସଜାଯାଇ ପୀଠରେ ପୂଜାର୍ଚ୍ଚନା କରାଯିବ ବୋଲି ସେ କହିଛନ୍ତି। ୧୨ବର୍ଷରେ ପହଞ୍ଚିଛି ପୂଜା ମହୋତ୍ସବ। ଏଥର ୧୬ଫୁଟ ଉଚ୍ଚର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ହେବ। ସେହିଭଳି ୫୦ଫୁଟ ଉଚ୍ଚ ଓ ୭୦ଫୁଟ ଓସାରର ତୋରଣ ହେବ। ତେବେ ପୂଜାରେ କାହାଠାରୁ ଚାନ୍ଦା ଆଦାୟ କରା ନ ଯିବା ସହ ପୂଜାସ୍ଥଳକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ଓ ପ୍ରଦୂଷଣମୁକ୍ତ ରଖାଯିବ। ମା'ଙ୍କର ସମସ୍ତ ନୀତି ଠିକ୍ ସମୟରେ ହେବା ସହ କଲୋନୀ ବାସିନ୍ଦାଙ୍କୁ ଲଡୁ ବଣ୍ଟନ, ଷଷ୍ଠ ଓ ସପ୍ତମୀରେ ଭଜନ ସମାରୋହ ଏବଂ ଦଶମୀରେ ରେକର୍ଡ ଡ୍ୟାନ୍ସ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କମିଟି ସମ୍ପାଦକ ସତ୍ୟନାରାୟଣ ମହାନ୍ତି, ବିରଞ୍ଚି ନାରାୟଣ ଷଣ୍ଢଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।





## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଅତୀଶ



ଊର୍ମି



ଚନ୍ଦନ



ବେଣୁଧର



ଲିପି



ସ୍ମୃତି



ସୋନୁ



ପ୍ରତୀକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ନିଶା ପାଇଁ ଆତ୍ମହତ୍ୟା ଉଦ୍ୟମ
## ବ୍ଲେଡ୍‌ରେ ନିଜ ବେକ କାଟିଲେ କନ୍‌ଷ୍ଟେବଲ

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ନିଶା ପାଇଁ ବ୍ଲେଡ୍‌ରେ ନିଜ ବେକ କାଟିଛନ୍ତି ଜଣେ କନ୍‌ଷ୍ଟେବଲ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ପି. ମୋହନ ରାଓ। ରବିବାର ଭୁବନେଶ୍ୱର ଟଙ୍କପାଣିରୋଡ୍‌ସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି। ତାଙ୍କୁ ଦୁଇଜଣ ପୋଲିସ କର୍ମଚାରୀ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନାନୁସାରେ, ମୋହନ ରିଜର୍ଭ ପୋଲିସରେ କନଷ୍ଟେବଲ ଅଛନ୍ତି। ସେ ପରିବାର ସହ ଜୟଦେବବିହାର ଅଞ୍ଚଳରେ ରୁହନ୍ତି। ପରିବାର ଲୋକେ ତାଙ୍କୁ ବାରଣ କରିଥିଲେ ମଧ ସେ ମଦ ପିଇବା ଛାଡ଼ି ନ ଥିଲେ। ଶେଷରେ ତାଙ୍କୁ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେ ନିଶା ଖାଇବାକୁ ବ୍ୟାକୁଳ ହୋଇ ଏକ ବ୍ଲେଡ୍‌ରେ ନିଜ ବେକକୁ କାଟି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣାରେ ପରେ ବିଭିନ୍ନ ନିଶା ନିବାରଣ କେନ୍ଦ୍ରରେ ରୋଗୀଙ୍କ ସୁରକ୍ଷାକୁ ନେଇ ସନ୍ଦେହ ଉପୁଜୁଛି। ଢ଼ିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ରୋଗୀମାନେ ଆତ୍ମହତ୍ୟା ବା ହତ୍ୟା ଉଦ୍ୟମ କରୁଛନ୍ତି। ନିକଟରେ ତମାଣ୍ଡୋ ଓ ବାଲିଅନ୍ତା ଅଞ୍ଚଳରେ ଥିବା ଦୁଇ ନିଶା ନିବାରଣ କେନ୍ଦ୍ରରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା।

## ଚିଲିକା ମଝିରେ ଅଟକିଲା ଡଙ୍ଗା, ବର୍ତ୍ତିଲେ ଯାତ୍ରୀ

**ବ୍ରହ୍ମଗିରି, ୨୨।୯(ଡି.ଏନ୍.ଏ.)**-ଯାନ୍ତ୍ରିକ ତ୍ରୁଟି ଯୋଗୁ ସାତପଡ଼ା-ଚିଲିକା ମଝିରେ ଏକ ଯାତ୍ରୀବାହୀ ଡଙ୍ଗା ରବିବାର ଅପରାହ୍ନରେ ଅଟକି ରହିଥିଲା। ଡଙ୍ଗାରେ ଥିବା ଯାତ୍ରୀମାନେ ଭୟଭୀତ ହୋଇ ଯାଇଥିଲେ। ଅନ୍ୟ ଏକ ଯାତ୍ରୀବାହୀ ଡଙ୍ଗା ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା। ସୂଚନା ଅନୁଯାୟୀ, ରବିବାର ସକାଳେ ବାଲୁଗାଁ ଅଞ୍ଚଳରୁ ଏକ ଯାତ୍ରୀବାହୀ ଡଙ୍ଗା କିଛି ଯାତ୍ରୀଙ୍କୁ ନେଇ ରାଜହଂସ ବୁଲିବାକୁ ଆସିଥିଲା। ବୁଲାବୁଲି ସାରି ବାଲୁଗାଁ ଫେରୁଥିବା ସମୟରେ ମଏଁଷା ନିକଟ ମଝି ଚିଲିକାରେ ଡଙ୍ଗା ମେଶିନ୍ ବନ୍ଦ ହୋଇଯାଇଥିଲା। ଫଳରେ ଡଙ୍ଗାଟି ଚିଲିକା ମଝିରେ ଅଟକି ଯାଇଥିଲା। ଯାତ୍ରୀଙ୍କ ପାଟି ଶୁଣି ଚିଲିକାରେ ଯାଉଥିବା ଅନ୍ୟ ଏକ ଡଙ୍ଗା ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା। ମେଶିନ ମରାମତି ପରେ ଡଙ୍ଗାଟି ଯାତ୍ରୀଙ୍କୁ ନେଇ ଫେରିଯାଇଥିବା ଜଣାପଡ଼ିଛି।

## କୁଆଖାଇ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲକାଟୀ,୨୨।୯(ଡି.ଏନ.ଏ):** ବାଲକାଟୀ ଫାଣ୍ଡି ଅଧୀନ ବାଙ୍କୁଆଲସ୍ଥିତ କୁଆଖାଇ ନଦୀରୁ ରବିବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ଲକ୍ଷ୍ମୀଧର ଗାଗରାଇଙ୍କ ପୁଅ ଗଣେଶ(୨୫)। ଖବରପାଇ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର କୁମାର ସାହୁ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଦେବେନ୍ଦ୍ର ନୀଳ ରଙ୍ଗର ଜିନପ୍ୟାଣ୍ଟ ଓ ନୀଳ ରଙ୍ଗର ଶାର୍ଟ ପିନ୍ଧିଥିବା ଦେଖାଯାଇଛି। ମୃତଦେହ ଜବତ ସମୟରେ ପୋଲିସ ତାଙ୍କ ପ୍ୟାଣ୍ଟ ପକେଟରୁ ଗୋଟିଏ ମୋବାଇଲ ଫୋନ ଓ ମନିପର୍ସ ଜବତ କରିଛି। ତେବେ ମୃତ ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ପୋଲିସ ୩୬/୧୯ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗତ ୧୯ ତାରିଖରେ ଗଣେଶ ନିଖୋଜ ଥିବା ତାଙ୍କ ପରିବାର ପକ୍ଷରୁ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ ବୋଲି ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି।

### ଗୁଜୁରାଣରେ ବାଧକ ସ୍ୱଳ୍ପ ବେତନ
# ଦୁର୍ଦ୍ଦିନରେ ଡ୍ୟାନ୍ସିଂ ହୋମ୍‌ଗାର୍ଡ ପ୍ରତାପ

### ଅଧିକାରୀଙ୍କ ଈର୍ଷା କରିଦେଲା ଅଲୋଡ଼ା
- ନିଜେ ଉପାସ ରହି ପରିବାରକୁ ଖାଦ୍ୟ ଯୋଗାଉଛନ୍ତି
- ହୋମଗାର୍ଡଙ୍କ ଦରମା ବଢ଼ାଇବାକୁ ସରକାରଙ୍କୁ ନିବେଦନ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୨୨।୯



ହସ ହସ ମୁହଁରେ ଟ୍ରାଫିକ୍ ପୋଷ୍ଟରେ ଦିଅନ୍ତି ସିଗ୍‌ନାଲ। ଯଦି କେହି ହେଲ୍‌ମେଟ କିମ୍ବା ସିଟ୍‌ବେଲ୍ଟ ବାନ୍ଧି ନ ଥାନ୍ତି ସେ ତାଙ୍କର ସ୍ୱତନ୍ତ୍ର ଭଙ୍ଗିରେ ଦିଅନ୍ତି ପରାମର୍ଶ। ଏହିପରି ସହରବାସୀଙ୍କ ହୃଦୟ ଜିଣିଥିବା ସୁପରିଚିତ ଡ୍ୟାନ୍ସିଂ ଟ୍ରାଫିକ୍ ହୋମ୍‌ଗାର୍ଡ ପ୍ରତାପ ଖଣ୍ଡୁଆଳ କିନ୍ତୁ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ପେଟରେ ଭୋକ, ମନରେ ଦୁଃଖକୁ ଲୁଚାଇ ରଖି ଆଜି ବି ସେ ନିଜର ଡ୍ୟୁଟିକୁ ଭଗବାନ ଭାବି ଟ୍ରାଫିକ ପରିଚାଳନା କରୁଛନ୍ତି। ସ୍ୱଳ୍ପ ଦରମାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଥିବାବେଳେ ଉପରିସ୍ଥ ଅଧିକାରୀଙ୍କ ଈର୍ଷା ପାଇଁ ସେ ଆଜି ଅଲୋଡ଼ା ହୋଇପଡିଛନ୍ତି।

ପ୍ରତାପଙ୍କ ପ୍ରତି ବଢୁଥିବା ଲୋକପ୍ରିୟତା ପାଇଁ ଅନେକ ଉଚ୍ଚ ଅଧିକାରୀ ତାଙ୍କ ଉପରେ ଈର୍ଷାନ୍ୱିତ ହୋଇ ଡ୍ୟୁଟି ଦେଉନାହାନ୍ତି। କେବେ କେବେ ଯଦି ତାଙ୍କୁ ଏକ ନିଛାଟିଆ ଛକରେ ଡ୍ୟୁଟି ମିଳେ, ସେ ତାହାକୁ ମଧ ଠିକ୍ ଭାବେ ପାଳନ କରିଥାନ୍ତି। ଆକ୍ସନ ମାଧମରେ ସିଗ୍‌ନାଲ ଦେବା ସହ ସଚେତନ ମଧ କରିଥାନ୍ତି। ହେଲେ ଅଧିକାରୀଙ୍କ ଅଣଦେଖା ଓ ପରିବାରର ବୋଝ ଭିତରେ ଚାପି ହୋଇଗଲେଣି ପ୍ରତାପ। ମାସକୁ ୯ହଜାର ଟଙ୍କା ବେତନରେ ରାଜଧାନୀରେ ପରିବାର ସହ ନିଜ ଖର୍ଚ୍ଚ ମେଣ୍ଟାଇବା ସମ୍ଭବ ହେଉନି। ପରିବାରର ଭରଣପୋଷଣ ତାଙ୍କ ପାଇଁ ଭାରି ପଡୁଛି। ଘରେ ଦି ଓଳି ଖାଇବା ଦେବା ପାଇଁ ସେ ଅନେକ ସମୟରେ ଉପାସ ରହି କାର୍ଯ୍ୟ କରୁଛନ୍ତି।

ଏନେଇ ପ୍ରତାପ କହିଛନ୍ତି, ଡ୍ୟାନ୍ସ କରି ସିଗ୍‌ନାଲ ଦେବା ପରେ ଲୋକେ ସିଗ୍‌ନାଲ ମାନିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏଥିସହିତ ସେମାନେ ଟ୍ରାଫିକ ସିଗ୍‌ନାଲ ମାନୁଥିବାରୁ ଏପରି ଡ୍ୟାନ୍ସ କରିବାରେ ତାଙ୍କୁ ଖୁସିଲାଗେ ବୋଲି ସେ କହିଛନ୍ତି। ମୋ ପରି ହୋମ୍‌ଗାର୍ଡମାନଙ୍କୁ ବହୁତ କମ୍ ଦରମା ମିଳୁଛି। ମାସକୁ ୩ଦିନ ଛୁଟି ନେଲେ ଦରମା କଟିଯାଇ ୮ ହଜାର ମିଳୁଛି। ସେଥିରୁ ୩ହଜାର ଟଙ୍କା ଘରଭଡା ବାବଦକୁ ଚାଲିଯାଉଛି। ବଳକାରେ ନା ପେଟ ପୁରୁଛି ନା ଦେହ ଲୁଚୁଛି। ଏହି ଟଙ୍କାରେ ସେ ଖାଇବେ କ'ଣ, ଗାଡିରେ ତେଲ ପକାଇବେ କେତେ ଏବଂ ସ୍ତ୍ରୀ ଓ ବାପା ମା'ଙ୍କ ପାଇଁ କିପରି କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରି କି ପରିବାର ଲୋକଙ୍କ ଦେହ ଖରାପ ହେଲେ ମେଡିସିନ ଦେବାକୁ ଅଧିକାଂଶ ସମୟରେ ଟଙ୍କା ନ ଥାଏ। ସରକାର ଯଦି ହୋମଗାର୍ଡଙ୍କ ଦରମା ବଢାନ୍ତେ ମୋଭଳି ଅନେକଙ୍କ ପରିସ୍ଥିତି ସୁଧୁରି ଯାଆନ୍ତା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତାପଙ୍କ ଘର କେନ୍ଦ୍ରାପଡା ଜିଲାର ପାଟକୁରାର କୋରୁଅ ଗ୍ରାମରେ। ସେ ୯ବର୍ଷ ହେବ ଭୁବନେଶ୍ୱରରେ ହୋମଗାର୍ଡ ଭାବେ ଚାକିରି କରୁଛନ୍ତି। ପ୍ରଥମେ ଶ୍ରୀୟା ଛକରେ ଡ୍ୟୁଟି କରିବା ସମୟରେ ଏଭଳି ଡ୍ୟାନ୍ସ ମାଧ୍ୟମରେ ଟ୍ରାଫିକ ସିଗନାଲ ଦେଇଥିଲେ। ପ୍ରଥମେ ଲୋକେ ତାଙ୍କୁ ନେଇ ଭିନ୍ନ କିଛି ଚିନ୍ତା କରିଥିଲେ। ହେଲେ ପ୍ରତିଦିନ ତାଙ୍କର ମଜାଳିଆ ଟ୍ରାଫିକ ପରିଚାଳନାକୁ ଦେଖି ସହଜରେ ଗ୍ରହଣ କରିନେଇଥିଲେ। ବହୁ ସମୟରେ ସେହିବାଟ ଦେଇ ଯାଉଥିବା ଲୋକେ ମଧ୍ୟ ତାଙ୍କର ଡ୍ୟାନ୍ସିଂ ଟ୍ରାଫିକ୍ ପରିଚାଳନାକୁ ଦେଖୁଥିଲେ। ତେବେ ବିଭିନ୍ନ ଝଡ଼ଝଞ୍ଜା ସତ୍ତ୍ୱେ ସେବେଠୁ ଏବେ ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟକୁ ଠିକ୍ ଭାବେ ସମ୍ପାଦନ କରି ଆସିଛନ୍ତି ପ୍ରତାପ।

ଦେଖନ୍ତୁ ଭିଡିଓ
YouTube /dharitrilive

## ପ୍ରତ୍ୟେକ ଜୀବର ଅସ୍ତିତ୍ୱର ଉତ୍ସ ଏକ ଏବଂ ଅଭିନ୍ନ




ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

### ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସର ଆଞ୍ଚଳିକ ସମ୍ମିଳନୀ

**ଭୁବନେଶ୍ୱର, ୨୨।୯ (ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାକ୍ଷାତ ବ୍ରହ୍ମ। ତାଙ୍କ ଦର୍ଶନରେ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଥାଏ। ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ଦର୍ଶନର ସାର୍ବଜନୀନ ଓ ସାର୍ବକାଳୀନ ଆବେଦନ ରହିଛି। ଆଗାମୀ ଦିନରେ ସମଗ୍ର ବିଶ୍ୱ ଶ୍ରୀଜଗନ୍ନାଥଙ୍କ ପାଇଁ ଭାରତର ଶରଣାପନ୍ନ ହେବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ରବିବାର ଭୁବନେଶ୍ୱରରେ ରାଜ୍ୟ ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସର ଷଷ୍ଠ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଥିଲେ, ନିଜକୁ ଭଲ ପାଇବା ଅର୍ଥ ସାରା ଜଗତକୁ ଭଲ ପାଇବା। କାରଣ ସବୁଠି ଯେଉଁ ସତ୍ତା ରହିଛି ବ୍ୟକ୍ତି ତା'ର ଏକ ଅଂଶବିଶେଷ। ପ୍ରତ୍ୟେକ ଜୀବର ଅସ୍ତିତ୍ୱର ଉତ୍ସ ଏକ ଓ ଅଭିନ୍ନ। ନିଜ ଅସ୍ତିତ୍ୱକୁ ଅନ୍ୟର ପ୍ରେମ ଓ ସୁଖ ପାଇଁ ସମର୍ପଣ କରିବା ହିଁ ଆଧ୍ୟାତ୍ମିକତା। ଥିଓସୋଫିକାଲ ସୋସାଇଟି ଏହି ବିଚାରବୋଧ ଉପରେ ପ୍ରତିଷ୍ଠିତ ଏବଂ ଏହାର ବ୍ୟାପକ ପ୍ରଚାର ପ୍ରସାର ଏବେର ଆବଶ୍ୟକତା ବୋଲି ସେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ହେଉଛି ଏକ ଦିବ୍ୟଭୂମୀ। ମହାପ୍ରଭୁଙ୍କ କରୁଣା ନ ଥିଲେ ଏଠାକୁ କେହି ଆସିପାରିବ ନାହିଁ। ହୃଦୟରେ ପୂର୍ଣ୍ଣତା ଓ ଆତ୍ମସନ୍ତୋଷ ଭାବ ଦିବ୍ୟତ୍ୱର ଲକ୍ଷଣ ଏବଂ ଓଡ଼ିଶାରେ ଏହା ବ୍ୟାପକ ଭାବେ ଦେଖିବାକୁ ମିଳିଥାଏ। ସମସ୍ତଙ୍କୁ ଗ୍ରହଣ କରିବା ଏବଂ ସମସ୍ତଙ୍କୁ ପ୍ରେମ କରିବାର ଭାବଧାରା ଶ୍ରୀଜଗନ୍ନାଥ ଦର୍ଶନର ମୂଳତତ୍ତ୍ୱ ବୋଲି ରାଜ୍ୟପାଳ ପ୍ରଫେସର ଲାଲ ପ୍ରକାଶ କରିଛନ୍ତି।

ଏହି ଅବସରରେ ରାଜ୍ୟ ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସର ଅଧ୍ୟକ୍ଷା ଡ. ଦୀପା ପାଢୀ, ସମ୍ପାଦକ ଡ. କେ.ପି. ପାଢୀ ପ୍ରମୁଖ ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ 'ବେଶାନ୍ତ ସେଲ୍‌ଫଲେସ୍ ସର୍ଭିସ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ୍‌ର ଜାତୀୟ ନିର୍ଦ୍ଦେଶକ ବି.ଏଲ୍. ଭଟ୍ଟାଚାର୍ଯ୍ୟ ସଂସ୍ଥାର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ସଂସ୍ଥା ପକ୍ଷରୁ ପ୍ରକାଶିତ ସ୍ମରଣିକା ଓ କେତେକ ପୁସ୍ତକକୁ ରାଜ୍ୟପାଳ ଲୋକାର୍ପଣ କରିଥିଲେ। ଏହି ଅବସରରେ ସିଲାଇ ଟ୍ରେନିଂ ପ୍ରାପ୍ତ ବସ୍ତିବାସିନ୍ଦା ମହିଳାଙ୍କୁ ସାର୍ଟିଫିକେଟ୍ ଓ ଦଳିତ ବର୍ଗର ବାଳିକାଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରବିବାର ଆନ୍ଧ୍ର ପ୍ରଦେଶ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା ସମାରୋହରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ନାଗରିକ ସମ୍ବର୍ଦ୍ଧନା
## ବିଶ୍ୱଭୂଷଣଙ୍କୁ ରାଜ୍ୟପାଳ ଦାୟିତ୍ୱ ଓଡ଼ିଆଙ୍କ ସମ୍ମାନ: ଧର୍ମେନ୍ଦ୍ର




ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ପାଇକ ବିଦ୍ରୋହର ଦୁଇଶହ ବର୍ଷ ପାଳନ ଅବସରରେ ଜଣେ ଓଡ଼ିଆ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ଦାୟିତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆ ଜାତିକୁ ବଡ ସମ୍ମାନ ଦେଇଛନ୍ତି। ରବିବାର ରବୀନ୍ଦ୍ର ମଣ୍ଡପରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଲେ ଯେ, ବିଶ୍ୱଭୂଷଣ ବାବୁ ରାଜ୍ୟପାଳ ଭୂମିକାରେ ଯେଉଁ ମୂଲ୍ୟବୋଧ ତିଆରି କରିବେ ତାହା ଲମ୍ବା ସମୟ ପାଇଁ ରାଜ୍ୟପାଳମାନଙ୍କ ଲାଗି ମାନକ ହୋଇ ରହିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ, ଏମ୍‌ପି ବସନ୍ତ ପଣ୍ଡା, ବିଧାୟକ ସୁରେଶ ରାଉତରାୟ, ଏମ୍‌ପି ଭର୍ତ୍ତୃହରି ମହତାବ, ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପାଇକ ବିଦ୍ରୋହ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଅତିଥି ପରିଚୟ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ତାର ଲାଗି ଯୁବକ ମୃତ, ରାସ୍ତାରୋକୋ

**ନରାଜ,୨୨।୯(ଡି.ଏନ.ଏ)**

ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗହିରରେ ୧୧କେଭି ବିଦ୍ୟୁତ୍‌ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଦ୍ୟାଧରପୁର ଗ୍ରାମର ରମେଶ ଦାସ(୩୫)। କିନ୍ତୁ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଯୁବକଙ୍କ ମୃତ୍ୟୁ ହୋଇଛି ବୋଲି ରମେଶଙ୍କ ପରିବାର ଲୋକ ଓ ଗ୍ରାମବାସୀ ଦାବି କରି ରବିବାର ଅପରାହ୍ନ ୪ଟାରେ ବାଙ୍କୀ–କଟକ ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ ଜାମ ସମସ୍ୟା ଦେଖାଯାଇଥିଲା। ଖବରପାଇ ବାରଙ୍ଗର ପୋଲିସ ଅଧିକାରୀ ଶଶିକାନ୍ତ ରାଉତ ଓ ଏସିପି ସତ୍ୟ ନାରାୟଣ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତଥାପି ଲୋକେ ରମେଶ ଜଣେ ଦିନ ମଜୁରିଆ ଓ ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ କ୍ଷତିପୂରଣ ଦେବାକୁ ଉତ୍ତ୍ୟକ୍ତ ଲୋକେ ଦାବି କରିଥିଲେ। ଦୀର୍ଘ ୪ଘଣ୍ଟା ପରେ ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଜ୍ଞାନରଞ୍ଜନ ବେହେରା ପହଞ୍ଚି କ୍ଷତିପୂରଣ ବାବଦରେ ୪୦ହଜାର ଟଙ୍କା ଥାନା ମାଧମରେ ଦେବା ଓ ମାମଲାରେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଥାନାଧିକାରୀ ରେଡକ୍ରସ ପକ୍ଷରୁ ୧୦ହଜାର ଟଙ୍କାର ଦେବା ପାଇଁ କହିବା ପରେ ଆନ୍ଦୋଳନକାରୀ ରାସ୍ତାରୁ ହଟିଥିଲେ। ପରେ ପୋଲିସ ଅଟକିଥିବା ଯାନବାହନକୁ ଯିବାର ବ୍ୟବସ୍ଥା କରାଇଥିଲେ। ସୂଚନାଯୋଗ୍ୟ, ରମେଶ ଶନିବାର ସକାଳ ୯ଟା ସମୟରେ କାମ କରୁଥିବା ସ୍ଥାନରୁ ପାଖ ଗହିରକୁ ଝାଡା ଯାଇଥିଲେ। ସେ ଯିବା ସମୟରେ ଗହିର ମଧଦେଇ ଯାଇଥିବା ଏକ ୧୧ କେଭି ତାର କମ ଉଚ୍ଚତାରେ ଥିବାରୁ ତାରଟି ତାଙ୍କ ବେକରେ ଲାଗିଯାଇଥିଲା। ଫଳରେ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦିନସାରା ବହୁ ଖୋଜାଖୋଜି ପରେ ରବିବାର ୪ଟାରେ କେତେକ ଲୋକ ରମେଶର ମୃତଦେହ ଗହିର ବିଲରେ ପଡିଥିବା ଦେଖିବାକୁ ପାଇଥିଲେ। ତେବେ ବିଦ୍ୟୁତ ବିଭାଗର ଖାମଖିଆଲ ନୀତି ଯୋଗୁ ଜଣେ ଦିନ ମଜୁରିଆର ଅକାଳରେ ମୃତ୍ୟୁ ହେଲା ଗ୍ରାମବାସୀ କହିଛନ୍ତି।



ବାଙ୍କୀ–କଟକ ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇଛି।

## ଆନ୍ଧ୍ର ପ୍ରଦେଶ ରାଜ୍ୟପାଳଙ୍କ ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନ

**ପୁରୁଣା ଭୁବନେଶ୍ୱର, ୨୨।୯ (ଡି.ଏନ.ଏ.):** ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ରବିବାର ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଛନ୍ତି। ଏଥିସହ ବିଏମ୍‌ସି ହସ୍ପିଟାଲର ଦୁରାବସ୍ଥା ପଚାରି ବୁଝିଥିଲେ। ଏଥିରେ ଭାଜପା ନେତା ବାବୁ ସିଂ, ସଭାସିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### କମଳା ଗଛରୁ ଖସି ପଡ଼ିଲେ, ଛାତିରେ ପଶିଗଲା ରଡ୍
## ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଜୀବନ ଗଲା

### ସାଙ୍ଗମାନେ ମାରିଦେଇଥିବା ଅଭିଯୋଗ ଆଣିଲେ ପରିବାର

**ଭୁବନେଶ୍ୱର, (ବ୍ୟୁରୋ)/ ବାରଙ୍ଗ, ୨୨।୯ (ଡି.ଏନ୍.ଏ.):** କମଳା ଖାଇବାକୁ ଗଛକୁ ଚଢିଥିଲେ। ହେଲେ କମଳା ଖାଇବା ଭାଗ୍ୟରେ ନ ଥିଲା। ଗଛରୁ ଖସି ପଡ଼ିଥିଲେ। ଘର ଗେଟ୍‌ରେ ଉପରକୁ ଚାହିଁ ରହିଥିବା ମୁନିଆ ଲୁହା ଛାତିରେ ପଶିଯିବାରୁ ଅକାଳରେ ଜୀବନ ଚାଲିଗଲା। ଚନ୍ଦକା ଥାନା ମେଣ୍ଡାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଏହି ଦୁଃଖଦ ଘଟଣା ଘଟିଥିବାବେଳେ ମୃତ ଯୁବକ ହେଉଛନ୍ତି ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ମହେଶ୍ୱର ବାରିକ(୩୫)। ତାଙ୍କ ଘର ଜଟଣୀ କୁଦିଆରିରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଦେଇଛି। ହେଲେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସାଙ୍ଗମାନେ ମହେଶ୍ୱରଙ୍କୁ ଠେଲି ଦେବାରୁ ସେ ଖସି ପଡିଥିବା କହିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୨୦/୧୯ ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ମହେଶ୍ୱର ମେଣ୍ଡାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରନ୍ତି। ସେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ସାଙ୍ଗମାନଙ୍କ ସହ ରହୁଥିଲେ। ମଧାହ୍ନ ପ୍ରାୟ ୧୨ଟାରେ ସାଙ୍ଗମାନେ ଭୋଜି କରୁଥିଲେ। ଭୋଜି ପ୍ରସ୍ତୁତି ଚାଲିଥିବାବେଳେ ମହେଶ୍ୱର କମଳା ଖାଇବା ପାଇଁ ଗଛକୁ ଚଢୁଥିବାବେଳେ ଗୋଡ଼ ଖସି ଯାଇଥିଲା। ଫଳରେ ତଳେ ରହିଥିବା ଲୁହା ଗେଟ୍ ଉପରକୁ ସେ ଖସି ପଡିଥିଲେ। ଗେଟ୍‌ରେ ଉପରମୁହାଁ ହୋଇ ରହିଥିବା ୩ ମୁନିଆ ଲୁହା ତାଙ୍କ ଦେହରେ ପଶି ଯାଇଥିଲା। ସେ ନିଜେ ସେଥିରୁ ବାହାରି ରକ୍ତଜୁଡୁବୁଡୁ ଅବସ୍ଥାରେ ନିକଟରେ ଗୋଷ୍ଠୀ କେନ୍ଦ୍ରରେ ପହଞ୍ଚିଥିଲେ। କିଛି ସମୟ ପରେ ସେ ସେଠାରେ ଅଚେତ ହୋଇଯିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମହେଶ୍ୱର ଡ୍ୟୁଟିରେ ଥାଇ ଗଛକୁ କିଭଳି ଚଢିଲେ ତାହାକୁ ନେଇ ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ସେମାନେ ୧୦୮ ଆମ୍ବୁଲାନ୍ସ ସଂସ୍ଥାର ମୁଖ୍ୟଙ୍କୁ ଦୋଷୀ କରିବା ସହ ଉପସ୍ଥିତ ସାଙ୍ଗମାନଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛନ୍ତି।

## ଷୋଡ଼ଶ ଉପଚାର ପୂଜାର ପ୍ରଥମ ଦିନରେ କଟକର ବିଭିନ୍ନ ଶକ୍ତି ପୀଠରେ ମା'ଙ୍କ ବେଶ



ମା' କଟକଚଣ୍ଡୀଙ୍କ ସୁନାବେଶ।



ଗଡ଼ଚଣ୍ଡୀଙ୍କ ଚଣ୍ଡୀବେଶ।



ଝାଞ୍ଜିରୀମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ।



ବାସନ୍ତୀଦୁର୍ଗାଙ୍କ ନିଜ ବେଶ।



ଧାକୁଲେଇଙ୍କ ରାଜରାଜେଶ୍ୱରୀ ବେଶ।



“ଝାଡ଼ଖଣ୍ଡରେ ରଘୁବର ଦାସ ସରକାର ସବୁ ଦିଗରୁ ବିଫଳ ହୋଇଛନ୍ତି। ଏହି ଐତିହାସିକ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିଧାନସଭା ନିର୍ବାଚନରେ ପ୍ରସଙ୍ଗ କରୁଛି ଭାଜପା।

-ହେମନ୍ତ ସୋରେନ, ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ



# ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି

## ଆମେରିକା ସିଇଓମାନଙ୍କ ସହ ମୋଦିଙ୍କ ବୈଠକ




ହ୍ୟୁଷ୍ଟନ,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତର ପ୍ରଥମ ଦିନରେ ସେଠାର ତୈଳ ଓ ଗ୍ୟାସ୍ ସେକ୍ଟରର ସିଇଓମାନଙ୍କ ସହ ଗୋଲଟେବୁଲ୍ ବୈଠକରେ ଯୋଗଦେଇଥିଲେ। ଭାରତର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣ ପାଇଁ ସୁଯୋଗର କିପରି ସଦୁପଯୋଗ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଶକ୍ତି ନିରାପତ୍ତା ଏବଂ ଦୁଇ ଦେଶ ମଧ୍ୟରେ ଆପୋସ ପୁଞ୍ଜିନିବେଶ ସୁଯୋଗ ବୃଦ୍ଧି ଲାଗି ଏକାଠି କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ହ୍ୟୁଷ୍ଟନ ଆସି ଶକ୍ତି ସେକ୍ଟର ସହ ଆଲୋଚନା ନ କରିବା ଚିନ୍ତା କରାଯାଇ ନ ପାରେ। ପ୍ରମୁଖ ଶକ୍ତି ସେକ୍ଟର ସିଇଓମାନଙ୍କ ସହ ଚମତ୍କାର ଭାବବିନିମୟ ହୋଇଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ବୈଠକରେ ୧୭ଟି ଅନ୍ତର୍ଜାତୀୟ ତୈଳ ଓ ଗ୍ୟାସ୍ କମ୍ପାନୀର ସିଇଓ ଭାଗନେଇଥିଲେ। ସେମାନଙ୍କର ୧୫୦ଟି ଦେଶରେ ୧ ଟ୍ରିଲିୟନ ଡଲାର ମୂଲ୍ୟର କାରବାର ଚାଲିଥିବା ବହିର୍ବ୍ୟାପାର ବିଭାଗ ମୁଖପାତ୍ର ରବୀଶ କୁମାର କହିଛନ୍ତି। ସମସ୍ତ କମ୍ପାନୀର ଭାରତ ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଆମେରିକାର ପ୍ରାକୃତିକ ଗ୍ୟାସ୍ କମ୍ପାନୀ ଟେଲୁରିଆନ୍ ଆଇଏନ୍‌ସି ସହ ଭାରତର ପେଟ୍ରୋନେଟ ଏଲ୍‌ଏନ୍‌ଜି ଲିମିଟେଡ (ପିଏଲ୍‌ଏଲ୍)ର ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ବୁଝାମଣାପତ୍ର ଅନୁଯାୟୀ ଟେଲୁରିଆନର ପ୍ରସ୍ତାବିତ ଡ୍ରିଫ୍ଟଉଡ୍ ଏଲ୍‌ଏନ୍‌ଜି ରପ୍ତାନି ଟର୍ମିନାଲରେ ପିଏଲ୍‌ଏଲ୍ ୨.୫ ବିଲିୟନ ଡଲାର ପୁଞ୍ଜିନିବେଶ କରିବ ଏହା ବଦଳରେ ଉକ୍ତ କମ୍ପାନୀ ପିଏଲ୍‌ଏଲ୍‌କୁ ବାର୍ଷିକ ୫ ନିୟୁତ ଟନ ହିସାବରେ ୪୦ ବର୍ଷ ପର୍ଯ୍ୟନ୍ତ ଏଲ୍‌ଏନ୍‌ଜି ଯୋଗାଇଦେବ। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ରାଜିନାମା ଚୂଡ଼ାନ୍ତ କରିବା ଲାଗି ଉଭୟ କମ୍ପାନୀ ଉଦ୍ୟମ କରୁଛନ୍ତି।

■ଡ୍ରିଫ୍ଟଉଡ୍ ଏଲ୍‌ଏନ୍‌ଜି ରପ୍ତାନି ଟର୍ମିନାଲରେ ୨.୫ ବିଲିୟନ ଡଲାର ନିବେଶ କରିବ ପିଏଲ୍‌ଏଲ୍

■ବଦଳରେ ପିଏଲ୍‌ଏଲ୍‌କୁ ବାର୍ଷିକ ୫ ନିୟୁତ ଟନ ଏଲ୍‌ଏନ୍‌ଜି ଯୋଗାଇବ ଉକ୍ତ କମ୍ପାନୀ

ଭାରତରେ ବ୍ୟବସାୟ ବାତାବରଣରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବା ସିଇଓମାନେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ନିକଟରେ କର୍ପୋରେଟ ଟିକସ ହ୍ରାସ ସମେତ କେନ୍ଦ୍ର ସରକାର ନେଇଥବା ବିଭିନ୍ନ ଆର୍ଥିକ ସଂସ୍କାର ଓ ଉଦାରୀକରଣ ପଦକ୍ଷେପକୁ ସେମାନେ ସ୍ୱାଗତ କରିଥିଲେ। ସିଇଓମାନେ ଭାରତରେ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବାକୁ ଆଗ୍ରହୀ ବୋଲି କହିବା ସହ ଉକ୍ତ ସେକ୍ଟରକୁ ନିୟନ୍ତ୍ରଣମୁକ୍ତ କରିବା ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଭାରତ ଓ ଆମେରିକା ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଦୁଇଦେଶର ସମ୍ପର୍କକୁ ଏହା ଆହୁରି ବୃଦ୍ଧି କରିବ ବୋଲି ପିଏମ୍‌ଓ ପକ୍ଷରୁ ଟୁଇଟ୍ କରାଯାଇଛି। ହାଇଡ୍ରୋଜେନ ପ୍ରଯୁକ୍ତି ସମେତ ସିଇଓମାନେ ଦେଇଥିବା ବିଭିନ୍ନ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିଥିବା ଏୟାର ପ୍ରଡକ୍ଟସ୍ ମୁଖ୍ୟ ସେଫି ଘାସେମି ଖବରଦାତାମାନଙ୍କୁ କହିଛନ୍ତି। ଆଲୋଚନା ବେଶ୍ ସଫଳ ହୋଇଥିବା ସେ ସୂଚନା ଦେଇଛନ୍ତି। ଭାରତରେ ପର୍ଯ୍ୟାପ୍ତ ପରିମାଣରେ ନିମ୍ନମାନର କୋଇଲା ରହିଛି। ଏହାକୁ ସିନ୍ଥେଟିକ୍ ଗ୍ୟାସ୍‌ରେ ରୂପାନ୍ତରିତ କରିବା ଲାଗି ସେମାନଙ୍କ ପାଖରେ ପ୍ରଯୁକ୍ତି ରହିଥିବା ସିଇଓମାନେ କହିଥିଲେ। ଉକ୍ତ ଗ୍ୟାସକୁ ରସାୟନ ପ୍ରସ୍ତୁତିରେ ବ୍ୟବହାର କରାଯିବା ସହ ଭାରତର ତୈଳ ଆମଦାନୀ ନିର୍ଭରଶୀଳତା ହ୍ରାସ କରିପାରିବ ବୋଲି ଘାସେମି କହିଛନ୍ତି।

ବୈଠକରେ ଏୟାର ପ୍ରଡକ୍ଟ, ବେକର ହ୍ୟୁଗ୍ସ, ବିପି ପିଏଲ୍‌ସି, ଚେନାୟର ଏନର୍ଜି, ଡୋମିନିୟନ ଏନର୍ଜି, ଇମର୍ସନ ଇଲେକ୍ଟ୍ରିକ କମ୍ପାନୀ, ଏକ୍ସନମୋବିଲ, ପେରୋଟ ଗ୍ରୁପ୍ ଆଣ୍ଡ ହିଲ୍‌ଉଡ୍, ଆଇଏଚ୍‌ଏସ୍ ମାର୍କିଟ, ଲ୍ୟୋଣ୍ଡେଲବେସେଲ୍ ଇଣ୍ଡଷ୍ଟ୍ରିଜ୍, ମେକ୍‌ଡରମୋଟ, ସ୍ଲୁମ୍ବରଜର, ଟେଲୁରିଆନ୍ ଆଇଏନ୍‌ସି, ଟୋଟାଲ ଏସ୍.ଏ., ଭିନମାର ଇଣ୍ଟରନ୍ୟାଶନାଲ ଏବଂ ୱେଷ୍ଟଲେକ୍ କେମିକାଲ୍ସର ସିଇଓମାନେ ଉପସ୍ଥିତ ଥିଲେ।

## ପାକ୍‌ଠାରୁ ସ୍ୱାଧୀନ ହେବାକୁ ସହାୟତା ଲୋଡ଼ିଲେ ବାଲୋଚ, ସିନ୍ଧି ସଙ୍ଗଠନ

ହ୍ୟୁଷ୍ଟନ,୨୨।୯(ପି.ଟି.)

ପାକିସ୍ତାନଠାରୁ ସ୍ୱାଧୀନତା ପାଇବା ଲାଗି ବାଲୋଚ, ସିନ୍ଧି ଓ ପାଷ୍ତୋ ସମ୍ପ୍ରଦାୟର ପ୍ରତିନିଧିମାନେ ହ୍ୟୁଷ୍ଟନର ଏନ୍‌ଆରଜି ଷ୍ଟାଡିୟମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ଲାଗି ଆମେରିକାର ବିଭିନ୍ନ ଅଞ୍ଚଳରୁ ଉପରୋକ୍ତ ସମ୍ପ୍ରଦାୟର ସଦସ୍ୟମାନେ ଶନିବାର ଶତାଧିକ ସଂଖ୍ୟାରେ ହ୍ୟୁଷ୍ଟନ୍‌ରେ ପହଞ୍ଚିଥିଲେ। ପାକ୍ ସରକାର ଉକ୍ତ ସମ୍ପ୍ରଦାୟର ମାନବାଧିକାର ଉଲ୍ଲଂଘନ କରିଥିବା ସେମାନେ ଉଲ୍ଲେଖ କରିଥିଲେ। ଆମେ ପାକିସ୍ତାନଠାରୁ ସ୍ୱାଧୀନ ହେବାକୁ ଚାହୁଁଛୁ। ୧୯୭୧ରେ ବାଂଲାଦେଶକୁ ଭାରତ ଯେଭଳି ସହାୟତା କରିଥିଲା ସେମାନଙ୍କ ସ୍ୱାଧୀନତା ପାଇଁ ଭାରତ ଓ ଆମେରିକା ସହାୟତା କରିବା ଆବଶ୍ୟକ ବୋଲି ବାଲୋଚ ଜାତୀୟ ଆନ୍ଦୋଳନର ଆମେରିକୀୟ ପ୍ରତିନିଧି ନବି ବକ୍ସ ବାଲୋଚ କହିଛନ୍ତି। ଏଥିପାଇଁ ସେମାନେ ମୋଦି ଓ ଟ୍ରମ୍ପଙ୍କ ସହାୟତା ନିମନ୍ତେ ଅନୁରୋଧ କରିବାକୁ ଆସିଛନ୍ତି। ଶତାଧିକ ସିନ୍ଧି ଆମେରିକୀୟ ହାଓଡି ମୋଦି କାର୍ଯ୍ୟକ୍ରମ ହେବାକୁ ଥିବା ଏନ୍‌ଆରଜି ଷ୍ଟାଡିୟମ ବାହାରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। ସେମାନଙ୍କ ପୋଷ୍ଟର ଓ ବ୍ୟାନର ମୋଦି ଏବଂ ଟ୍ରମ୍ପଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଉକ୍ତ ସମ୍ପ୍ରଦାୟ ଆଶାବାଦୀ ରହିଛି।

## ସ୍ୱଚ୍ଛତାର ନିଦର୍ଶନ ଦେଖାଇଲେ ମୋଦି




ହ୍ୟୁଷ୍ଟନ,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ବାହାରେ ମଧ୍ୟ ସ୍ୱଚ୍ଛତାକୁ ନେଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଯାହା କହିଥାନ୍ତି, ତାହା କାର୍ଯ୍ୟରେ କରି ଦେଖାଇଥାନ୍ତି ବୋଲି ସାରା ବିଶ୍ୱକୁ ଜଣାଇଦେଇଛନ୍ତି। ‘ହାଓଡି ମୋଦି’ କାର୍ଯ୍ୟକ୍ରମ ଲାଗି ଶନିବାର ଜର୍ଜ ବୁଶ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ମୋଦିଙ୍କୁ ସ୍ୱାଗତ କରାଯିବାବେଳେ ତାଙ୍କୁ ଫୁଲତୋଡ଼ା ଦିଆଯାଇଥିଲା। ସେଠାରେ ଭାରତ ପାଇଁ ଆମେରିକାର ରାଷ୍ଟ୍ରଦୂତ କେନେଥ୍ ଜଷ୍ଟର, ଭାରତୀୟ ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଫୁଲତୋଡ଼ାରୁ ଗୋଟିଏ ଫୁଲ ଖସିପଡ଼ିବାରୁ ପ୍ରଧାନମନ୍ତ୍ରୀ ନଇଁପଡ଼ି ତାହାକୁ ଉଠାଇନେଇଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ପରିମଳ କ୍ଷେତ୍ରରେ ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀଙ୍କୁ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ଲିଙ୍କନ ସେଣ୍ଟରରେ ଗ୍ଲୋବାଲ ଗୋଲ୍‌କିପର୍ସ ଆୱାର୍ଡ ପ୍ରଦାନ କରାଯିବ। ୨୦୧୪ ଅକ୍ଟୋବର ୨ରୁ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିବା ସ୍ୱଚ୍ଛ ଭାରତ ଅଭିଯାନରେ ଦେଶରେ ୧୦ କୋଟିରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରାଯାଇଛି।

## ଭାରତୀୟ-ଆମେରିକୀୟଙ୍କ ସ୍ୱାଗତ

**ହ୍ୟୁଷ୍ଟନ,୨୨।୯(ପି.ଟି.):** ହାଓଡି ମୋଦି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମିଳିତ ଉଦ୍‌ବୋଧନ ଦେବା ଐତିହାସିକ ଘଟଣା ବୋଲି ଭାରତୀୟ-ଆମେରିକୀୟମାନେ ମତ ଦେଇଛନ୍ତି। ଭାରତର କଶ୍ମୀର ନୀତିକୁ ଏହା ଆମେରିକାର ସିଧାସଳଖ ସମର୍ଥନ ବୋଲି ସେମାନେ କହିଛନ୍ତି। ହାଓଡି ମୋଦି କାର୍ଯ୍ୟକ୍ରମରେ ଟ୍ରମ୍ପ ଯୋଗଦେବା ଆମେରିକା ଓ ସାରା ବିଶ୍ୱ ପାଇଁ ଭାରତ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସ୍ପଷ୍ଟ କରିଛି ବୋଲି ଭାରତୀୟ-ଆମେରିକୀୟ ଡାକ୍ତର ସଂଘର ପୂର୍ବତନ ସଭାପତି ରାକେଶ ମଙ୍ଗଳ କହିଛନ୍ତି। ମୋଦିଙ୍କ ସହ ଟ୍ରମ୍ପ ଗୋଟିଏ ମଞ୍ଚରେ ଯୋଗଦେଉଛନ୍ତି। ପାକିସ୍ତାନ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନର ଆଭିମୁଖ୍ୟ ଏଥିରୁ ସ୍ପଷ୍ଟ ହେଉଛି ବୋଲି ରିପବ୍ଲିକାନ୍ ହିନ୍ଦୁ ସାମ୍ମୁଖ୍ୟର ଶଲଭ କୁମାର ଉଲ୍ଲେଖ କରିଛନ୍ତି।

କଶ୍ମୀର ପ୍ରସଙ୍ଗକୁ ନେଇ ଏନ୍‌ଆରଜି ଷ୍ଟାଡିୟମ୍‌ରେ ବିକ୍ଷୋଭ କରିବାକୁ ପାକିସ୍ତାନ ଯୋଜନା କରିଥିଲା। ତାହାକୁ ଭଣ୍ଡୁର କରିଦିଆଯାଇଛି। ଭାରତର କଶ୍ମୀର ନିଷ୍ପତ୍ତିକୁ ଆମେରିକା ପୂର୍ଣ୍ଣ ସମର୍ଥନ ଜଣାଇବା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାଇଁ ଶକ୍ତ ଚାପୁଡ଼ା ବୋଲି କୁମାର କହିଛନ୍ତି। ହାଓଡି ମୋଦି ଭାରତୀୟ-ଆମେରିକୀୟ ସମ୍ପ୍ରଦାୟର ସର୍ବବୃହତ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଉକ୍ତ ସମ୍ପ୍ରଦାୟ ଏବଂ ଭାରତ-ଆମେରିକା ସମ୍ପର୍କ କ୍ଷେତ୍ରରେ ଗେମ୍ ଚେଞ୍ଜର ହେବ ବୋଲି ସିକାଗୋରୁ କ୍ରିଷ୍ଣ ବଂଶଲ କହିଛନ୍ତି।

## ଧନ୍ୟବାଦ ଦେଲେ ଶିଖ୍ ପ୍ରତିନିଧି

ହ୍ୟୁଷ୍ଟନ,୨୨।୯(ପି.ଟି.)



ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୫୦ ଜଣିଆ ଶିଖ୍ ପ୍ରତିନିଧି ଦଳ ଶନିବାର ହ୍ୟୁଷ୍ଟନରେ ଭେଟିଛନ୍ତି। କଳାତାଲିକାରୁ ୩୦୦ରୁ ଊର୍ଦ୍ଧ୍ୱ ଶିଖ୍‌ଙ୍କ ନାଁ ବାଦ୍ ଦିଆଯାଇଥିବାରୁ ଏଥିପାଇଁ ସେମାନେ ମୋଦିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେମାନେ ମୋଦିଙ୍କୁ ପାରମ୍ପରିକ ଶିରୋପା ଭେଟି ଦେଇଥିଲେ। ଶିଖ୍ ରାଜନୈତିକ ଶରଣାର୍ଥୀମାନଙ୍କୁ ଭିଜା ଓ ପାସ୍‌ପୋର୍ଟ ସେବା ଯୋଗାଇଦେବା ଲାଗି ସେମାନେ ମୋଦିଙ୍କୁ ଅନୁରୋଧ କରିଥିଲେ। ଗତ ସପ୍ତାହରେ କେନ୍ଦ୍ର ସରକାର କଳାତାଲିକାରୁ ବିଦେଶରେ ଥିବା ୩୧୨ ଜଣ ଶିଖ୍‌ଙ୍କ ନାଁ ହଟାଇଦେଇଥିଲେ। ଫଳରେ ସେମାନେ ଭାରତ ଫେରିବାର ସୁଯୋଗ ପାଇବେ। ଶିଖ୍ ସମ୍ପ୍ରଦାୟ ସହ ଆଲୋଚନାରେ ସେ ବହୁତ ଖୁସି ବୋଲି ମୋଦି ଟୁଇଟ୍ କରିଛନ୍ତି।

## କଶ୍ମୀରୀ ପଣ୍ଡିତଙ୍କୁ ଭେଟିଲେ

ହ୍ୟୁଷ୍ଟନ,୨୨।୯(ପି.ଟି.)

ଆମେରିକାରେ ରହୁଥିବା କଶ୍ମୀରୀ ପଣ୍ଡିତମାନଙ୍କର ଏକ ୧୭ ଜଣିଆ ପ୍ରତିନିଧି ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହ୍ୟୁଷ୍ଟନରେ ସ୍ୱତନ୍ତ୍ର ବିଚାରବିମର୍ଶ କରିବା ସହିତ ସମସ୍ତଙ୍କ ପାଇଁ ଏକ ନୂଆ କଶ୍ମୀର ନିର୍ମାଣ ଲାଗି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଆସୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଅଗଷ୍ଟ ୫ରେ ଉଚ୍ଛେଦ କରିଥିଲେ। ଏଥିସହିତ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ କଶ୍ମୀରୀ ପଣ୍ଡିତମାନେ ସମର୍ଥନ କରିଥିବା ବହିର୍ବ୍ୟାପାର ମୁଖପାତ୍ର ରବୀଶ କୁମାର ଟୁଇଟ୍ କରିଛନ୍ତି। ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଶ୍ମୀରୀ ପଣ୍ଡିତମାନଙ୍କ ଧୈର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

## ମୋଦି କହିଲେ ହାଓଡି ହ୍ୟୁଷ୍ଟନ

ହ୍ୟୁଷ୍ଟନ,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆମେରିକାର ଶକ୍ତି ରାଜଧାନୀ ହ୍ୟୁଷ୍ଟନ୍ ସହରରେ ପହଞ୍ଚିବା ପରେ ‘ହାଓଡି ହ୍ୟୁଷ୍ଟନ’ ଟୁଇଟ୍ କରିଥିଲେ। ହାଓଡି ହେଉଛି ଟେକ୍ସାସ୍‌ର ପାରମ୍ପରିକ ଅଭିନନ୍ଦନ। ଶନିବାର ସ୍ଥାନୀୟ ସମୟ ଅପରାହ୍ନରେ ମୋଦି ହ୍ୟୁଷ୍ଟନରେ ପହଞ୍ଚିଥିଲେ।

## ମୋଦି ବିଦେଶରେ ସମ୍ମାନ ପାଇବା ଯୋଗ୍ୟ: ଥରୁର

ପୁଣେ,୨୨।୯(ପି.ଟି.)

ମୋଦି ନେତୃତ୍ୱାଧୀନ ସରକାରଙ୍କ ଘୋର ବିରୋଧୀ ଭାବେ ଜଣାଶୁଣା ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ବିଦେଶରେ ଭାରତର ପ୍ରତିନିଧିତ୍ୱ କରୁଥିବାବେଳେ ସେ ସମ୍ମାନ ପାଇବା ଯୋଗ୍ୟ। କିନ୍ତୁ ସେ ଦେଶରେ ଥିବାବେଳେ ତାଙ୍କୁ ପ୍ରଶ୍ନ କରିବା ଅଧିକାର ଲୋକଙ୍କର ରହିଛି ବୋଲି ମହାରାଷ୍ଟ୍ରର ପୁଣେରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଥିରୁଭାନନ୍ତପୁରମ୍ ଏମ୍‌ପି ଥରୁର କହିଛନ୍ତି।

## ହ୍ୟୁଷ୍ଟନକୁ ଚାବି ଉପହାର ଦେଲେ

ହ୍ୟୁଷ୍ଟନ,୨୨।୯
(ପି.ଟି./ଆଇଏଏନ୍‌ଏସ୍)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହ୍ୟୁଷ୍ଟନ ସହରକୁ ଏକ ବଡ଼ ଚାବି ଉପହାର ଦେଇଛନ୍ତି। ସେ ଏନ୍‌ଆର୍‌ଜି ଷ୍ଟାଡିୟମ୍ ମଞ୍ଚରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ହ୍ୟୁଷ୍ଟନ ମେୟର ସିଲଭେଷ୍ଟର ଟର୍ନରଙ୍କୁ ଉପହାର ସ୍ୱରୂପ ଏକ ଚାବି ପ୍ରଦାନ କରିଥିଲେ। ଟର୍ନର ତାଙ୍କୁ ସ୍ୱାଗତ କରିବା ସହ ଉପହାର ଗ୍ରହଣ କରିଥିଲେ। ଆମେରିକା କଂଗ୍ରେସର ଦୁଇ ଡଜନ ଗଭର୍ନର ଓ ସଦସ୍ୟ ମଞ୍ଚରେ ଉପସ୍ଥିତ ରହି ମୋଦିଙ୍କୁ ସ୍ୱାଗତ କରିଥିଲେ।

## ବସ୍ ଦୁର୍ଘଟଣାରେ ୨୬ ମୃତ

ପେଶାୱର,୨୨।୯(ପି.ଟି.)

ପାକିସ୍ତାନର ଉତ୍ତରପଶ୍ଚିମାଞ୍ଚଳରେ ବସ୍ ଦୁର୍ଘଟଣାରେ ୨୬ ଜଣଙ୍କ ମୃତ୍ୟୁ ହେବା ସହ ୧୩ ଆହତ ହୋଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ଏକ ପାହାଡରେ ଧକ୍କା ହୋଇଥିଲା। ମୃତକଙ୍କ ମଧ୍ୟରେ କେତେଜଣ ଶିଶୁ ଅଛନ୍ତି। ଖାଇବର ପଖତୁନଖ୍ୱା ପ୍ରଦେଶ ଓ ଗିଲ୍‌ଗିଟ-ବାଲ୍ଟିସ୍ତାନ ସୀମାବର୍ତ୍ତୀ ବାବୁସାର ଟପ୍ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ସ୍କର୍ଦୁ ସହରରୁ ରାଓଲପିଣ୍ଡି ଯାଉଥିଲା। ସେଥିରେ ୧୬ ପାକ୍ ଯବାନଙ୍କ ସମେତ ୪୦ ଜଣ ଯାତ୍ରୀ ଥିଲେ। ଆହତମାନଙ୍କୁ ଚିଲାସ୍ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

■ ବାବ୍ରୀ ମସ୍‌ଜିଦ ଭଙ୍ଗା ମାମଲା

## କଲ୍ୟାଣ ସିଂଙ୍କୁ ସମନ

ଲକ୍ଷ୍ନୌ,୨୨।୯(ପି.ଟି.)



ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କଲ୍ୟାଣ ସିଂଙ୍କୁ ସମନ ଜାରି କରିଛି। ତାଙ୍କୁ ୨୭ରେ କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅଯୋଧ୍ୟାର ବିବାଦୀୟ ରାମଜନ୍ମଭୂମି ଉପରେ ଥିବା ବାବ୍ରୀ ମସ୍‌ଜିଦକୁ ୧୯୯୨ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେଇଥିଲେ। ସେତେବେଳେ ଉତ୍ତରପ୍ରଦେଶରେ କଲ୍ୟାଣ ସିଂ ମୁଖ୍ୟମନ୍ତ୍ରୀ ଥିଲେ। ମସ୍‌ଜିଦ ଭଙ୍ଗା ଷଡ଼ଯନ୍ତ୍ରରେ ତାଙ୍କ ସହ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ, ଏମ୍.ଏମ୍. ଜୋଷୀ, ଉମା ଭାରତୀ ଓ ଅନ୍ୟମାନେ ସମ୍ପୃକ୍ତ ଥିବା ଅଭିଯୋଗର ବିଚାର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଚାଲିଛି। ରାଜସ୍ଥାନ ରାଜ୍ୟପାଳ ଭାବେ କଲ୍ୟାଣଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଗତ ୯ ତାରିଖରେ ସେ ଭାଜପାରେ ଯୋଗଦେଇଥିଲେ। ଶନିବାର ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବ ତାଙ୍କୁ ସମନ ଜାରି କରିଛନ୍ତି।

[ଇତିହାସର ଆଇନାରେ]

**ସେପ୍ଟେମ୍ବର ୨୩ର ପ୍ରମୁଖ ଘଟଣା**

୧୯୭୩ ସେପ୍ଟେମ୍ବର ୨୩ ଆର୍ଜେଣ୍ଟିନା ସାଧାରଣ ନିର୍ବାଚନରେ ଜୁଆନ୍ ପେରୋନ ବିଜୟୀ ହୋଇ କ୍ଷମତାକୁ ଫେରିଥିଲେ। ଏହା ଥିଲା ଆର୍ଜେଣ୍ଟିନାର ଦ୍ୱିତୀୟ ସାଧାରଣ ନିର୍ବାଚନ।

୨୦୦୪ ସେପ୍ଟେମ୍ବର ୨୩ରେ ହାଇତିରେ ଭୟାବହ ଘୂର୍ଣ୍ଣିଝଡ଼ ଜିଆନେରେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ବାତ୍ୟା ଫଳରେ ବନ୍ୟା ଓ ଭୂସ୍ଖଳନ ଘଟିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ପାଣି ପମ୍ପ୍ ଚୋରି ସନ୍ଦେହ
## ଦଳିତ ଯୁବକଙ୍କୁ ପିଟି ହତ୍ୟା

**ଜୟପୁର,୨୨।୯(ପି.ଟି.):** ରାଜସ୍ଥାନର ଝାଲୱାରରେ ଶନିବାର ପାଣି ପମ୍ପ୍ ଚୋରି ସନ୍ଦେହରେ ଜଣେ ଦଳିତ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଘାଟୋଲି ଅଞ୍ଚଳର ପୁରିଲାଲ ତନ୍‌ୱରଙ୍କ ଚାଷଜମିରୁ ଶୁକ୍ରବାର ଏକ ପାଣି ପମ୍ପ୍ ଚୋରି ହୋଇଯାଇଥିଲା। ମେୱାଖେଡ଼ା ଗ୍ରାମର ୪୦ ବର୍ଷୀୟ ଦଳିତ ଧୂଳିଚାନ୍ଦ ମୀନା ସେହି ବାଟ ଦେଇ ଯାଉଥିବାବେଳେ ସେ ପମ୍ପ୍ ଚେରି କରିଥିବା ଲୋକେ ସନ୍ଦେହ କରିଥିଲେ। ପୁରିଲାଲ ତନ୍‌ୱର(୬୦), ତାଙ୍କ ଦୁଇପୁଅ ଦେବୀ ସିଂ(୨୩) ଓ ମୋହନ(୨୦) ଙ୍କ ସମେତ କେତେଜଣ ଲୋକ ଧୂଳିଚାନ୍ଦଙ୍କୁ ମାଡ଼ ମାରିଥିଲେ। ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ‘ପିଓକେ ସୃଷ୍ଟି ଲାଗି ନେହେରୁ ଦାୟୀ’

ମୁମ୍ବାଇ,୨୨।୯(ପି.ଟି.)


ଅମିତ୍ ଶାହ

ଜବାହାରଲାଲ୍ ନେହେରୁଙ୍କ ଭୁଲ୍ ନିଷ୍ପତ୍ତି ଲାଗି ପାକ୍ ଅଧିକୃତ କଶ୍ମୀର (ପିଓକେ) ସୃଷ୍ଟି ହେଲା। ନେହେରୁ ଯଦି ପାକିସ୍ତାନ ସହ ଅସ୍ତ୍ରବିରତି ଘୋଷଣା କରି ନ ଥାନ୍ତେ ତେବେ ପିଓକେ ସୃଷ୍ଟି ହୋଇ ନ ଥାନ୍ତା ବୋଲି ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ନେହେରୁଙ୍କ ପରିବର୍ତ୍ତେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କଶ୍ମୀର ପ୍ରସଙ୍ଗକୁ ହାତକୁ ନେବାର ଆବଶ୍ୟକ ଥିଲା। ଅକ୍ଟୋବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଥିଲାବେଳେ ମୁମ୍ବାଇରେ ଏକ ରାଲିକୁ ସମ୍ବୋଧିତ କରି ଶାହ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ସମ୍ପର୍କରେ କହିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଆମର କାମ ଶେଷ ହୋଇନାହିଁ, ଏହା ଆରମ୍ଭ ମାତ୍ର ବୋଲି ସେ ଭାଜପା କର୍ମୀମାନଙ୍କୁ କହିଥିଲେ। ଦେଶକୁ ଜାତୀୟତାବାଦ ଓ ପ୍ରଗତି ପଥରେ ଆଗେଇନେବା ଭାଜପାର ଲକ୍ଷ୍ୟ। ୩୭୦କୁ ନିର୍ଲଜଭାବେ ବିରୋଧ କରୁଥିବା କଂଗ୍ରେସ ଏବଂ ଏନ୍‌ସିପିକୁ ସେ ସମାଲୋଚନା କରିଥିଲେ। ଦେବେନ୍ଦ୍ର ଫଡ଼ନବିସ୍ ପୁଣି ଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବେ ବୋଲି ଶାହ ଦୃଢ଼ୋକ୍ତି କରିଥିଲେ।




"ପିତା ପରମ ଆରାଧ୍ୟ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ୍ୟ ସନ୍ତୋଷ ଲାଭ କରନ୍ତି।
- କଠୋପନିଷେଧ



## ସଂକ୍ଷେପରେ

### ଦାଦାବାଟି ମାଗି ଟଙ୍କା ଲୁଟ୍ ଘଟଣା, ୨ ଗିରଫ

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଦୋକାନରେ ପଶି ଦାଦାବଟି ମାଗିବା ସହ କ୍ୟାଶ୍ ଡ୍ର'ରୁ ଟଙ୍କା ଲୁଟିନେବା ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ସରକନ୍ତରା ଅଞ୍ଚଳର ବି.କେ. ବିଶ୍ୱେଶ୍ୱର ଷଡ଼ଙ୍ଗୀ ଓରଫ ଅଗ୍ନି ଓ ମୃତ୍ୟୁଞ୍ଜୟ ସେଠୀ ଓରଫ ବଳିଆ। ଡୁମଡୁମା ଫେଜ୍-୨ ଅଞ୍ଚଳରେ ସୋନୀ ମିଶ୍ର ଗତ ୧୫ ତାରିଖ ରାତି ୧୦ଟାରେ ଦୋକାନ ବନ୍ଦ କରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ପହଞ୍ଚି ଦାଦାବଟି ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଦୋକାନ କ୍ୟାଶ ଡ୍ର'ରୁ ୩୦ ହଜାର ଟଙ୍କା ସହ ଚାବି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସୋନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୧୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଖବରଦାତାଙ୍କଠାରୁ ଲୁଟ୍

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଶନିବାର ବିଳମ୍ବିତ ରାତିରେ ଖାରବେଳନଗର ଅଞ୍ଚଳରେ ରହୁଥିବା ଖବରଦାତା ସୁନାକର ଦାସ ଲୁଟ୍‌ର ଶିକାର ହୋଇଛନ୍ତି। ସୂଚନା ମୁତାବକ, ସୁନାକର କାର୍ଯ୍ୟସାରି ରାତି ପ୍ରାୟ ୧୨ଟାରେ ଘରକୁ ଫେରୁଥିଲେ। ହଠାତ କୌଣସି ଏକ ଜରୁରୀ କାମ ପଡିବାରୁ ମସ୍‌ଜିଦ କଲୋନୀ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲକୁ ତାଙ୍କ ବନ୍ଧୁଙ୍କ ସହ ଯାଉଥିଲେ। ସେ ବାଇକରେ ଯାଉଥିବାବେଳେ ୪ଜଣ ବ୍ୟକ୍ତି ଉଭୟଙ୍କୁ ଅଟକାଇ କାବୁ କରି ନେଇଥିଲେ। ପରେ ସୁନାକରଙ୍କ ପକେଟରୁ ୨ ମୋବାଇଲ ଫୋନ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସୁନାଚେନ୍ ଲୁଟିନେଲେ ଦୁର୍ବୃତ୍ତ

**ବାରଙ୍ଗ,୨୨।୯(ଡି.ଏନ.ଏ):** ବାରଙ୍ଗ ଥାନା ଅଧୀନ ତ୍ରିଶୁଳିଆ ଛକଠାରେ ରବିବାର ଦୁଇ ଦୁର୍ବୃତ୍ତ କଟକ ଯାଉଥିବା ଜଣେ ଦମ୍ପତିଙ୍କଠାରୁ ସୁନା ଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ନିଳାଦ୍ରୀବିହାରର ଗୋବିନ୍ଦ ମିଶ୍ର ଓ ତାଙ୍କ ସ୍ତ୍ରୀ କୌଶଲ୍ୟା ବାଇକ(ଓଆର୦୨-ବିଟି-୨୪୩୨ନଂ)ରେ ବସି କଟକ ଯାଉଥିଲେ। ତ୍ରିଶୁଳିଆ ବଜାର ନିକଟରେ ଥିବା ଆନ୍ଧ୍ରବ୍ୟାଙ୍କ ନିକଟରେ ହଠାତ ପଛପଟରୁ ଦୁଇ ହେଲମେଟ ପିନ୍ଧି ଯୁବକ ବାଇକରେ ଆସି ମହିଳାଙ୍କ ବେକରୁ ସୁନାଚେନକୁ ଛିଣ୍ଡାଇ ବାଙ୍କୀ ରାସ୍ତାଦେଇ ପଳାଇଯାଇଥିଲେ। ମହିଳା ଜଣଙ୍କ ବାଇକରୁ ପଡ଼ି ଆହତ ହୋଇଥିଲେ।

### ଚିରସମର୍ଥା ପୂଜା ସଂଖ୍ୟା ଉନ୍ମୋଚିତ

**ଭୁବନେଶ୍ୱର,୨୨।୯:** ପତ୍ରିକା ଚିରସମର୍ଥାର ପୂଜା ସଂଖ୍ୟା ରବିବାର ଭୁବନେଶ୍ୱର ଲୁଇସ୍‌ରେଡସ୍ଥିତ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଏହି ସଂଖ୍ୟାରେ ଗପ, କବିତା, ପ୍ରବନ୍ଧ ଓ ରମ୍ୟ ରଚନା ଆଦି ଲେଖା ପ୍ରକାଶ ପାଇଛି। ଉନ୍ମୋଚନ ଉତ୍ସବରେ ଲେଖିକା ବନଜ ଦେବୀ, ପ୍ରଫେସର ଶରତ ରଥ, ପତ୍ରିକା ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ଗାଳ୍ପିକ ଚନ୍ଦ୍ରଶେଖର ଦାସବର୍ମା, ବିକେକାନନ୍ଦ ପାଣିଗ୍ରାହୀ, ସଂଯୁକ୍ତା ମହାନ୍ତି ଓ ଇନ୍ଦୁରେଖା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# କ୍ୟାପିଟାଲ ହସ୍ପିଟାଲରେ ଝାଡୁଦାରଙ୍କ ହୋହଲ୍ଲା

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ଏକାଧିକ ଝାଡୁଦାର ନିର୍ମଳ ଭାରତ ଯୋଜନା ନିୟମ ଅନୁଯାୟୀ ଏବେ ବାଦ ପଡିଛନ୍ତି। ଦୀର୍ଘଦିନ ହେବ ଏଠାରେ ଚାକିରି କରୁଥିଲେ ମଧ୍ୟ ଏଭଳି ହଠାତ୍ ବିଦା କରାଯିବାକୁ ସେମାନେ ବିରୋଧ କରିଛନ୍ତି। ଏହି କର୍ମଚାରୀମାନଙ୍କୁ ରବିବାର ଅପରାହ୍ନରେ ବୁଝାଇବାକୁ ଜନୈକ ଠିକାଦାର ହସ୍ପିଟାଲକୁ ଆସିଥିଲେ। କିନ୍ତୁ କର୍ମଚାରୀମାନେ ତାଙ୍କୁ ଘେରିଯାଇ ହସ୍ପିଟାଲ ଭିତରେ ହୋହଲ୍ଲା

**ଠିକାଦାରଙ୍କୁ ଘେରିଲେ**

କରିଥିଲେ। କିଭଳି ଆମକୁ ବିଦା କରାଯିବ ବୋଲି କହିବା ସହ ଏହି ନିୟମ ରହିଲେ କେହି ବି କାମକୁ ଆସିବେ ନାହିଁ ବୋଲି କର୍ମଚାରୀମାନେ ଠିକାଦାରଙ୍କୁ କହିଥିଲେ। ସୂଚନାଯୋଗ୍ୟ, ନିର୍ମଳ ଭାରତ ନିୟମ ଅନୁଯାୟୀ ଝାଡୁ ମାରିବା କାର୍ଯ୍ୟ ପାଇଁ ସପ୍ତମ ପର୍ଯ୍ୟନ୍ତ ପାଠ ପଢିଥିବାବେଳେ ବୟସ ୫୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଯେଉଁମାନଙ୍କର ଅଧିକ ବୟସ ହୋଇଥିବ ସେମାନଙ୍କୁ ବିଦା କରାଯିବର ନିୟମ ରହିଛି। ତେବେ ଏହି ଯୋଜନା ରାଜ୍ୟର ୩୨ଟି ହସ୍ପିଟାଲରେ କାର୍ଯ୍ୟକାରୀ କରାଯାଉଛି। ୩୦ଟି ହସ୍ପିଟାଲରେ ଟେଣ୍ଡର ଶେଷ ହୋଇଥିବା ବେଳେ ଆଉ ୨ଟି ହସ୍ପିଟାଲ ପାଇଁ ଟେଣ୍ଡର ବାକି ରହିଛି। କ୍ୟାପିଟାଲ ହସ୍ପିଟାଲ ଭଳି ରାଉରକେଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଝାଡୁଦାର ଏହି ନିର୍ମଳ ଯୋଜନାକୁ ବିରୋଧ କରିଛନ୍ତି। କାରଣ ଯେଉଁମାନେ ପାଠ ପଢିନାହାନ୍ତି ସେମାନେ ଏହି ଝାଡୁ କାମ କରୁଛନ୍ତି। ଯଦି ଜଣେ ପାଠ ପଢିଥିବ ତେବେ ସେ କ'ଣ ପାଇଁ ଝାଡୁ ମାରିବ ବୋଲି ଏହି କର୍ମଚାରୀ ପ୍ରଶ୍ନ କରିଛନ୍ତି। ତେଣୁ ଆମକୁ ଅଣଦେଖା ନ କରି ରଖାଯାଉ ବୋଲି ସେମାନେ ଠିକାଦାରଙ୍କୁ କହିଥିଲେ। ଶେଷରେ ଠିକାଦାର ଦୁଇ ଉପାୟ କହି ସେମାନଙ୍କୁ ଚାକିରି କରିବାକୁ ଆଶ୍ୱସନା ଦେଇଥିଲେ। ପ୍ରଥମତଃ ଯେଉଁମାନଙ୍କ ବୟସ ୫୦ରୁ ଅଧିକ ସେ ବିଦା ହେବା ପରେ ତା'ର ଉତ୍ତରାଧିକାରୀଙ୍କୁ ରଖାଯିବ। ଦ୍ୱିତୀୟରେ ଯିଏ ସପ୍ତମ ପାସ ନ କରିଛି ତାଙ୍କୁ ବିଦା କରାଯିବା ପରେ ତା'ର ଉତ୍ତରାଧିକାରୀ ରଖାଯିବ ବୋଲି ଠିକାଦାର କହିବା ପରେ ଉତ୍ତେଜନା କମିଥିଲା।



# ଗୋଲାପ, ଚକୋଲେଟ ଦେଇ ଟ୍ରାଫିକ୍ ସଚେତନତା

**ପୁରୁଣା ଭୁବନେଶ୍ୱର,୨୨।୯(ଡି.ଏନ.ଏ.)**

ନୂଆ ଟ୍ରାଫିକ୍ ନିୟମ କଡାକଡି ପରେ ୩ ମାସ ରାଜ୍ୟ ସରକାର କୋହଳ କରିଛନ୍ତି। ଏହି କଟକଣାକୁ ଏବେ ମଧ୍ୟ ଅନେକ ଗାଡି ଚାଳକ ଗୁରୁତ୍ୱ ଦେଉନାହାନ୍ତି। ଅନେକ ଗାଡି ଚାଳକ ଚାରିଚକିଆ ଯାନ ଚଳାଉଥିବାବେଳେ ସିଟ୍ ବେଲ୍ଟ ନ ବାନ୍ଧିବା, ବାଇକ ଚାଳକମାନେ ହେଲ୍‌ମେଟ ନ ପିନ୍ଧିବା ଏବଂ ଗାଡ଼ି ଚଳାଇବାବେଳେ ଫୋନରେ କଥା ହେବା ସରକାରଙ୍କ ଟ୍ରାଫିକ୍ କୋହଳକୁ ଉପେକ୍ଷା କରାଯାଇଛି। ବିଭିନ୍ନ ଛକଗୁଡିକରେ ଟ୍ରାଫିକ ଯାଞ୍ଚ ପ୍ରାୟ ବନ୍ଦ ହେବା ନେଇ ଏଭଳି ଘଟଣା ଦେଖାଦେଉଛି। କଡା କଟକଣା କୋହଳ ଅନ୍ୟ ଏକ କାରଣ ଅଟେ। ରବିବାର ପୂର୍ବାହ୍ନରେ ଟ୍ରାଫିକ ଏସିପି କିଶୋର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏକ ସଚେତନତା କାର୍ଯ୍ୟକ୍ରମରୁ ଉପରୋକ୍ତ ଘଟଣା ପରିଲକ୍ଷିତ ହୋଇଥିଲା। ଆଞ୍ଚଳିକ ବିକାଶ ପରିଷଦ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ନୂଆଗାଁ, ଇଟିପୁରର ଉତ୍ସାହୀ ବିବେକାନନ୍ଦ ସ୍କୁଲର ସ୍କାଉଟ ଛାତ୍ରୀଛାତ୍ରମାନେ, ବରିଷ୍ଠ ନାଗରିକ, ମହିଳାମାନେ ସାମିଲ ହୋଇଥିଲେ। ପୂର୍ବାହ୍ନରେ ଲିଙ୍ଗିପୁର ବାଇପାସଠାରେ ସ୍ୱେଚ୍ଛାକୃତ ଭାବେ ପ୍ରତ୍ୟେକ ଚାଳକଙ୍କୁ ଟ୍ରାଫିକ ନିୟମ ମାନିବା ଏବଂ ନିରାପଦରେ ଯାତ୍ରା କରିବାକୁ କହିଥିଲେ। ଏହି ଅବସରରେ ପ୍ରତ୍ୟେକ ଗାଡିଚାଳକଙ୍କୁ ଗୋଲାପ ଫୁଲ, ଚକୋଲେଟ, ଲିଫ୍‌ଲେଟ ଦେଇ ସଚେତନତା କରାଇଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧଉଳି ଥାନା ଆଇଆଇସି ଜୟଦେବ ବିଶ୍ୱଜିତ୍, ଧଉଳି ବିପନ୍ନ ସଂଘ ସଭାପତି ମାଇକେଲ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା ମିଡିଆ ସଂସ୍ଥା ପକ୍ଷରୁ ରବିବାର ସୂଚନା ଭବନରେ ଆୟୋଜିତ ଯୁବ ପ୍ରତିଭା ସମ୍ମାନ ସମାରୋହରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ଗହଣରେ ଅତିଥିମାନେ।

# ଯୁବ ସମ୍ମାନ ସମାରୋହ: ୧୭ଜଣ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ବୟସ ଯୌବନର ମାପକାଠି ନୁହେଁ। ଥରେ ଯୁବ ବୟସ ଅତିକ୍ରମ କରିଗଲେ ଆଉ ତାହା ଫେରିବ ନାହିଁ। ଏହି ଯୁବ ବୟସ ହିଁ କିଛି କରିବାର ପ୍ରକୃତ ସମୟ। ଏମିତି କିଛି ନ ହେଉ, ଯାହାଦ୍ୱାରା ଯୁବକଟି ବୟସ ଅତିକ୍ରାନ୍ତ କରିବାପରେ କିଛି ନ କରି ପାରିବାର ଅବଶୋଷ ଅନୁଭବ କରିବ। ଓଡ଼ିଶା ମିଡିଆ ସଂସ୍ଥା ପକ୍ଷରୁ ରବିବାର ସ୍ଥାନୀୟ ସୂଚନା ଭବନରେ ଆୟୋଜିତ ଯୁବ

**ଯୁବ ବୟସ ହିଁ କିଛି କରିବାର ପ୍ରକୃତ ସମୟ**

ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ଭର୍ତ୍ତୃହରି ମହତାବ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ କଥାଶିଳ୍ପୀ ତଥା ଶିଶୁସାହିତ୍ୟିକ ଦାଶ ବେନହୁର ଯୋଗଦେଇ କହିଥିଲେ, ଏ ସମ୍ମାନ ଯୁବପିଢ଼ିଙ୍କ ପାଇଁ ଏକ ଚେତାବନୀ ସଦୃଶ। ଏହାଦ୍ୱାରା ସେମାନଙ୍କ ଦାୟିତ୍ୱବୋଧ ବୃଦ୍ଧିପାଇବ। ପୁରସ୍କାର ପାଇଲେ ବୋଲି ଖୁସି ହୋଇ ବସିପଡିଲେ ହେବ ନାହିଁ। ସମାଜ ପାଇଁ ଅଧିକରୁ ଅଧିକ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଅତିଥିମାନେ ରାଜ୍ୟର ୧୭ ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୁଭ୍ରାଂଶୁ ପଣ୍ଡା, ସତ୍ୟବ୍ରତ ବଳିଆର ସିଂ, ମିଳନ ପ୍ରଧାନ, ଜିତେନ୍ଦ୍ର କୁମାର ଜେନା, ଆଶିଷ କୁମାର ରଥ, ଶୁଭଶ୍ରୀ ଶୁଭଲକ୍ଷ୍ମୀ ମହାନ୍ତି, ପ୍ରଗତି ପଣ୍ଡିତ, ପ୍ରମିତାଭ ଶତପଥୀ, ପ୍ରଦ୍ୟୁମ୍ନ ମହାପାତ୍ର ଓ ଜ୍ୟୋତିରଞ୍ଜନ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ କବିକନ୍ୟା ସ୍ମୃତି ସମାରୋହ

# କବିକନ୍ୟା ସାହିତ୍ୟ, ସଂସ୍କୃତିର ଆଲୋକ ଜାଳିଛନ୍ତି




କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ସାହିତ୍ୟ ଓ ସଂସ୍କୃତିର ଆଲୋକ ଜାଳିଛନ୍ତି କବିକନ୍ୟା। ସମାଜକୁ ଆଦର୍ଶ ଓ ଦିଗଦର୍ଶନ ଦେଇଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ କହିଛନ୍ତି। ରବିବାର ଦିବଂଗତ କବୟିତ୍ରୀ ଓଁ ଈଶ୍ୱରୀ କବିକନ୍ୟାଙ୍କ ସ୍ମୃତି ସମାରେହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। କବିକନ୍ୟା ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ରେଡକ୍ରସ ଭବନରେ ଆୟୋଜିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ତଥା କବି ଧନଞ୍ଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କବି ଅନ୍ନପୂର୍ଣ୍ଣା ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ କବି ବିରଞ୍ଚି ମହାପାତ୍ରଙ୍କ 'ବଧୂ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି କବିକନ୍ୟାଙ୍କ 'ଅବ୍ୟୟୀଭାବ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ସମାରୋହରେ କବିକନ୍ୟା ଆସେସ ଆୱାର୍ଡ ପ୍ରଦୀପ୍ତ କୁମାର ମହାନ୍ତି, ଡ. ଆଲୋକ କୁମାର ରାୟ ଓ ବବି ଜୈନଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗାଳ୍ପିକ ହେମନ୍ତ କୁମାର ଘୋଷାଲଙ୍କୁ କବିକନ୍ୟା ଗଳ୍ପ କଳ୍ପ ସମ୍ମାନ, ଅଜିତ କୁମାର ସାବତଙ୍କୁ କବିକନ୍ୟା କବିତା କଳ୍ପ ସମ୍ମାନ, ସଞ୍ଜୟ ଭଞ୍ଜଙ୍କୁ କବିକନ୍ୟା କଳା କଳ୍ପ ସମ୍ମାନ, ନିହାର ରଞ୍ଜନ ପରିଡାଙ୍କୁ କବିକନ୍ୟା ତରୁଣ କବିତା କଳ୍ପ ସମ୍ମାନ, ଅର୍ଚ୍ଚନାଙ୍କୁ କବିକନ୍ୟା ତରୁଣ ଗଳ୍ପ କଳ୍ପ ସମ୍ମାନ, କବି ଚିତ୍ତରଞ୍ଜନ ନାୟକ ଓ ଇପସିତା ଷଡଙ୍ଗୀଙ୍କୁ କବିକନ୍ୟା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିକନ୍ୟା ସ୍ମୃତି ପରିଷଦର ଉପସଭାପତି କବି ରମେଶ ପତି ସଭା ପରିଚାଳନା ଏବଂ ସମ୍ପାଦକ ଅୟସକାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ସହ ସମ୍ପାଦିକା ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଟେଣ୍ଟ ହାଉସ ମାଲିକ ସଂଘର ବିରୋଧ

# ସରକାରୀ, ରାଜନୈତିକ କାର୍ଯ୍ୟରେ ବାନ୍ଧିବେନି ଟେଣ୍ଟ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ନୂଆ ମୋଟର ଯାନ ଆଇନ ଲାଗୁ ସହ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଟେଣ୍ଟ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି। ଟେଣ୍ଟ ହାଉସ ମାଲିକ, କର୍ମଚାରୀ ଓ ଶ୍ରମିକମାନେ ଜୀବିକା ହରାଇବା ସ୍ଥିତି ଉପୁଜିଛି। ଏହାକୁ ଦୃଢ଼ ବିରୋଧ କରିଛି ଟେଣ୍ଟ ହାଉସ୍ ମାଲିକ ସଂଘ। ଆଗାମୀ ଦିନରେ ସରକାରୀ କିମ୍ବା କୌଣସି ରାଜନୈତିକ ଦଳର ଟେଣ୍ଟ କାର୍ଯ୍ୟ ନ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ସମ୍ପାଦକ ଦ୍ୱାରିକାନାଥ ପଣ୍ଡା କହିଛନ୍ତି। ଆସୋସିଏଶନର ୧୧ତମ ବାର୍ଷିକ ସାଧାରଣ ବୈଠକ ଟଙ୍କପାଣିରୋଡସ୍ଥିତ ଭୁବନେଶ୍ୱର ଗ୍ରାଣ୍ଡଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ତ୍ରିଲୋଚନ ଦାସ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଭଞ୍ଜଙ୍କ ସହ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିବା ସହ ଏପରି କେତେକ ନିଷ୍ପତ୍ତି ନେଇଥିଲେ। ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ଏହି ସମସ୍ୟା ସମ୍ପର୍କରେ ସରକାର ଓ ଜିଲା ପ୍ରଶାସନଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ।

ଉଲ୍ଲେଖଥାଉ କି, ସରକାରୀ ଏବଂ ରାଜନୈତିକ ଦଳଗୁଡ଼ିକର ଟେଣ୍ଟ କାର୍ଯ୍ୟ ପାଇଁ ଗାଡିରେ ବାଉଁଶ, ଶ୍ରମିକ ଓ ଅନ୍ୟ ଆନୁଷଙ୍ଗିକ ଆସବାବପତ୍ର ନେବା ଆଣିବା ହେଉଛି। ସେସମୟରେ ପୋଲିସ ଦେଖିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉନାହିଁ। କିନ୍ତୁ ବେସରକାରୀ କାର୍ଯ୍ୟ ଯଥା ବାହାଘର, ବ୍ରତଘର ପରି କୌଣସି ଉତ୍ସବବେଳେ ଗାଡିକୁ ଅଟକାଇ ମାତ୍ରାଧିକ ଫାଇନ ଲଗାଇବା ସହ ଅକଥନୀୟ କଟକଣା ଜାରି କରୁଛି। ଫଳରେ ଟେଣ୍ଟ ହାଉସ୍ ମାଲିକମାନେ ଲୋକଙ୍କୁ ଠିକ୍ ଭାବେ ସେବା ଯୋଗାଇପାରୁନାହାନ୍ତି। ପୋଲିସ ଓ ପ୍ରଶାସନର ଏଭଳି ଆଭିମୁଖ୍ୟ ମାଲିକ ଓ ଶ୍ରମିକଙ୍କ ଖାଇବା ଭାତରେ ଧୂଳି ପକାଇବା ସହ ସାମନ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଚୋରି ସାମଗ୍ରୀ କିଣି କବାଡ଼ିଆ ଦୋକାନୀ ଗିରଫ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ଏକ ନିର୍ମାଣଧୀନ ଆପାର୍ଟମେଣ୍ଟରୁ ଚୋରି ଲୁହା ସାମଗ୍ରୀକୁ କିଣିଥିବା କବାଡିଆ ଦୋକାନ ମାଲିକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳର ବ୍ରଜମୋହନ ସାହୁ। ସୂଚନା ମୁତାବକ, କିଛିଦିନ ତଳେ ଉକ୍ତ ଆପାର୍ଟମେଣ୍ଟ ପ୍ରକଳ୍ପରୁ ଲୁହା ରଡ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ପରେ ଉକ୍ତ ଚୋରି ସାମଗ୍ରୀକୁ ବ୍ରଜ କିଣିଥିଲେ। ଚୋରି ସଂକ୍ରାନ୍ତରେ ଆପାର୍ଟମେଣ୍ଟ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା କମ୍ପାନୀ ମ୍ୟାନେଜର ରାଜେଶ କୁମାର ପଟେଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୧୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ କବାଡିଆ ଦୋକାନରେ ଚଢାଉ କରି ବ୍ରଜଙ୍କୁ ଧରିବା ସହ ଚୋରି ସାମଗ୍ରୀ ଜବତ କରିଛି।

# ପରିବେଶ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୨।୯**

ସାମାଜିକ ପ୍ରତିଷ୍ଠାନ ୟୁନାଇଟେଡ ଫର୍ ସୋସିଆଲ ଇଣ୍ଟରେଷ୍ଟ (ୟୁଏସ୍‌ଆଇ) ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଡମଣାସ୍ଥିତ ଶ୍ରୀ ଶ୍ରୀମା ଆନନ୍ଦ ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ ଜୟକୃଷ୍ଣ ପାଣିଗ୍ରାହୀ ଯୋଗ ଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ସୁସ୍ଥ ଜୀବନ ଯାପନ ଲାଗି ଏକ ଉନ୍ନତ ପରିବେଶ ଗଠନ ଦିଗରେ ସମସ୍ତେ ସଚେତନ ହେବା ଉଚିତ ବୋଲି ସେ ଏଠାରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସବୁଜ ପରିବେଶ ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନ୍‌ଭେନର ପ୍ରତୀକ୍ଷା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଟ୍ରେଜେରର ଉପେନ୍ଦ୍ର ବେହେରା, ଅର୍ଗାନାଇଜିଂ ସେକ୍ରେଟାରୀ ଦେବାଶିଷ, ଜି.ସନ୍ତୋଷ ବାବୁ, ଜ୍ୟୋତିକା, ସଞ୍ଜୟ, ଶ୍ରୀ ଶ୍ରୀମା ଆନନ୍ଦ ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ପ୍ରିୟବ୍ରତ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### 'ଜିସୋଇ'ର ନୂତନ କର୍ମକର୍ତ୍ତା ନିର୍ବାଚନ

**ବାଲିଅନ୍ତା,୨୨।୯(ଡି.ଏନ.ଏ.)**

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନହରକଣ୍ଟା ପାଟଣା ସାହିସ୍ଥିତ ଜୟଦେବ ୟୁଥ ଆଣ୍ଡ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ ଫର ଲାଇବ୍ରେରୀ ଆଣ୍ଡ ଏନଭାଇରନମେଣ୍ଟ (ଜିସୋଇ)ର ନୂତନ କର୍ମକର୍ତ୍ତା ଗୁରୁବାର ନିର୍ବାଚନ ହୋଇଯାଇଛି। ସଭାପତି ରୂପେ ବ୍ରହ୍ମାନନ୍ଦ ପଣ୍ଡା, ଉପସଭାପତି ଲକ୍ଷ୍ମୀଧର ସାହୁ, ସମ୍ପାଦକ ନିହାର ରଞ୍ଜନ ପଣ୍ଡା, ସହ ସମ୍ପାଦକ ରାଜେଶ ମହାନ୍ତି, ଆବାହକ ଦୀପ୍ତିରଞ୍ଜନ ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଦ୍ୱିତୀକ୍ରିଷ୍ଣା ପଣ୍ଡା ପ୍ରମୁଖ ନୂତନ ନିର୍ବାଚିତ ହୋଇଥିଲେ। ନୂତନ ସଭ୍ୟ ରୂପେ ସନ୍ତୋଷ କୁମାର ସାହୁ ଓ ଅମିତ କୁମାର ତ୍ରିପାଠୀ ମନୋନୀତ ହୋଇଥିଲେ। ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା ନବକିଶୋର ସାହୁ କହିଥିବାବେଳେ ସ୍ଥାୟୀ ସଭାପତି ଗୋଲକ ପ୍ରସାଦ ମହାପାତ୍ର ଶପଥ ପାଠ କରାଇଥିଲେ।

# ସୁନା, ଚାନ୍ଦି ଅଳଙ୍କାରରେ ସଜେଇ ହେବେ ହରପାର୍ବତୀ



**କଟକ ରୋଡ,୨୨।୯(ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ସମୟରେ ରାଜଧାନୀର ବଡ଼ଗଡ଼ସ୍ଥିତ ନେତାଜୀ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହେଉଥିବା ହରପାର୍ବତୀ ପୂଜା ଚଳିତଥର ୪୩ବର୍ଷରେ ପହଞ୍ଚିଛି। ହରପାର୍ବତୀଙ୍କ ସହ କାର୍ତ୍ତିକ, ଗଣେଶ ଓ ପାର୍ଶ୍ୱ ଦେବଦେବୀ ସୁନା ଓ ଚାନ୍ଦି ଅଳଙ୍କାରରେ ସଜେଇ ହେବେ। ଏହା ମୁଖ୍ୟ ଆକର୍ଷଣ ହେବ ବୋଲି ଯୁବକ ସଂଘ କର୍ମକର୍ତ୍ତା କହିଛନ୍ତି। ୭୫ଫୁଟ ଉଚ୍ଚତା ସହ ୫୫ଫୁଟ ଓସାରର ଏକ ଆକର୍ଷଣୀୟ ତୋରଣ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତୁତି ଜାରି ରହିଛି। ୬ଟି ଏଲଇଡି ଲାଇଟ

■ ପ୍ଲାଷ୍ଟିକ ମୁକ୍ତ ଆହ୍ୱାନ ଦେଲେ କର୍ମକର୍ତ୍ତା

■ ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ

ମାଧ୍ୟମରେ ବିଭିନ୍ନ କଥାବସ୍ତୁ ସ୍ଥାନ ପାଇବ। ଚଳିତବର୍ଷ ପୂଜା ବଜେଟ ୧୫ଲକ୍ଷ ଟଙ୍କା ରଖାଯାଇଥିବା ସଂଘ କୋଷାଧ୍ୟକ୍ଷ ଦୀପକ କୁମାର ବେହେରା କହିଛନ୍ତି। ଷଷ୍ଠୀଠାରୁ ଦଶମୀ ତିଥି ମଧ୍ୟରେ ବିଭିନ୍ନ ପ୍ରସାଦ ଦେବଦେବୀଙ୍କ ନିକଟରେ ଲାଗି ହେବ। ଅଷ୍ଟମୀ ଓ ନବମୀ ତିଥିରେ ଦହି ପଖାଳ ଶ୍ରଦ୍ଧାଳୁଙ୍କୁ ବଣ୍ଟନ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ମଣ୍ଡପ ପରିସରରେ ୪ ସିସି କ୍ୟାମେରା ଖଞ୍ଜାଯିବ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ କଳାହାଣ୍ଡି ଅଞ୍ଚଳର ପାରମ୍ପରିକ ବାଦ୍ୟକାରଙ୍କୁ ନେଇ ଭସାଣି ଉତ୍ସବ ଅନୁଷ୍ଠିତ ହେବ।



" ଚଳିତବର୍ଷ ପୂଜା ମଣ୍ଡପରେ ଅନେକ ସଚେତନତା ବାର୍ତ୍ତା କର୍ମକର୍ତ୍ତା ବାଣ୍ଟିବେ। ମଣ୍ଡପ ପରିସରରେ ପ୍ଲାଷ୍ଟିକ ମୁକ୍ତ ହେବା ପାଇଁ ସଂଘ କର୍ମକର୍ତ୍ତା ଯତ୍ନବାନ ରହିବେ। ଏଥି ସହ ଏହାର ପ୍ରସାର ପ୍ରଚାର ପାଇଁ ମଧ୍ୟ ଯୋଜନା ହାତକୁ ନିଆଯାଉଛି।

**ସନ୍ତୋଷ କୁମାର ସିଂହ (ସଭାପତି)**



" ଡିଜେ ଉପରେ କମିଶନରେଟ ପୋଲିସ ଜାରି କରିଥିବା କଟକଣାକୁ ନେତାଜୀ ଯୁବକ ସଂଘ ସମର୍ଥନ କରୁଛି। ଏଥର ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ବର୍ଷ ଧରି ଚାଲିଥିବା ପୂଜା ଶାନ୍ତିଶୃଙ୍ଖଳାରେ ଚାଲିଛି।

**ବୃନ୍ଦାବନ ଦାସ (ସମ୍ପାଦକ)**



ଛତିଶଗଡ଼ର ବଳରାମପୁର ଜିଲା ସନାବଲ ଗାଁରେ ଏଯାବତ୍ ବିଦ୍ୟୁତ ପହଞ୍ଚିନହିଁ। ଲୋକମାନେ ଲାଣ୍ଟିନଓ ଡିବି ସାହାଯ୍ୟରେ ଜୀବନ ବିତାଉଛନ୍ତି। ଗାଁରେ ପାଖାପାଖି ୪୦ ଘର ରହିଛି। ଲୋକମାନେ ଅନ୍ଧାରରେ ରୋଷେଇ କରନ୍ତି। ପିଲାମାନେ ଲ୍ୟାମ୍ପରେ ପଢୁଛନ୍ତି। କିନ୍ତୁ ଲୋକଙ୍କ ପାଖକୁ ଯାଇଛି ଲମ୍ବା ଚଉଡା ବିଲ୍। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଜୀବନଶୈଳୀ ବଦଳାଉଛି ସାଙ୍କେତିକ ଭାଷା




## ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ

ଆମେ ଅନେକ ସମୟରେ ମୂକ ଓ ବଧିରମାନେ ସାଙ୍କେତିକ ଭାଷାରେ କଥା ହେଉଥିବା ଲକ୍ଷ୍ୟ କରୁ। ସେମାନେ କ'ଣ କହୁଛନ୍ତି ତାହା ସମୀକ୍ଷା କରିବାକୁ ଚେଷ୍ଟା ମଧ କରିଥାଉ। ସେମାନଙ୍କର ସେହି ଭାଷାର ବ୍ୟବହାର ଓ ତା'ପ୍ରତି ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ସେପ୍ଟେମ୍ବର ୨୩ରେ ପାଳନ କରାଯାଉଛି ଇଣ୍ଟରନ୍ୟାଶନାଲ ସାଇନ୍ ଲାଙ୍ଗୁଏଜ ଡେ' ବା ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ। ଏହି ଦିବସ ସହ ସେପ୍ଟେମ୍ବର ଶେଷ ସପ୍ତାହରେ ଆନ୍ତର୍ଜାତିକ ବଧିର ସପ୍ତାହ ମଧ ପାଳନ କରାଯାଉଛି। ୧୯୫୧ ସେପ୍ଟେମ୍ବର ୨୩ରେ ବିଶ୍ୱ ବଧିର ମହାସଂଘ ପ୍ରତିଷ୍ଠା କରାଯାଇଥିଲା। ଏହି ମହାସଂଘ ବଧିରମାନଙ୍କ ମାନବାଧିକାର ଉପରେ ଗୁରୁତ୍ୱ ଦେଇଆସୁଛି। ମହାସଂଘର ପ୍ରସ୍ତାବ କ୍ରମେ ୯୭ଟି ରାଷ୍ଟ୍ର ୨୦୧୭ ଡିସେମ୍ବର ୧୯ରେ ଜାତିସଂଘ ମହାସଭାରେ ଏହି ଦିବସ ପାଳନ କରିବାର ସର୍ବ ସମ୍ମତିକ୍ରମେ ସ୍ଥିର କରିଥିଲେ। ସେପ୍ଟେମ୍ବର ୨୩କୁ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ଭାବେ ପ୍ରଥମେ ୨୦୧୮ରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ଏହାର ସ୍ଲୋଗାନ ରହିଥିଲା 'ସାଂକେତିକ ଭାଷା ସହ ସମସ୍ତେ ସାମିଲ ହେବା'। ଏହି ବର୍ଷ ଭାରତର ପ୍ରଥମ ସାଂକେତିକ ଭାଷା ଶବ୍ଦକୋଷ ମୂକ ଓ ବଧିରମାନଙ୍କ ପାଇଁ ପ୍ରକାଶ ପାଇଥିଲା। ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ଅନୁଷ୍ଠିତ ହେଉଥିବା ସମ୍ମିଳନୀ ମଧ ସାଙ୍କେତିକ ଭାଷାର ବ୍ୟବହାର ଓ ପ୍ରଚାର ପ୍ରସାର କରିବା ସହ ଏହି ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଉଛି। ଏମିତିକି ବଧିରମାନଙ୍କର ଏକ ଭାଷାଗତ ପରିଚୟ ଆଣିବାରେ ଏହା ସହାୟକ ହୋଇପାରିଛି। ବିଶ୍ୱ ବଧିର ମହାସଂଘର ଏକ ଆକଳନରୁ ଜଣାପଡିଛି ଯେ,ବିଶ୍ୱରେ ଏବେ ୭୨ ମିଲିଅନ ବା ୭.୩ କୋଟି ବଧିର ରହିଛନ୍ତି। ଭାରତ ଭଳି ବିକାଶଶୀଳ ଦେଶଗୁଡିକରେ ଏମାନଙ୍କ ସଂଖ୍ୟା ଅଧିକ। ସେମାନେ ବିଭିନ୍ନ ପ୍ରକାରର ୩୦୦ ସାଂକେତିକ ଭାଷା ବ୍ୟବହାର କରୁଛନ୍ତି। ୨୦୧୯ରେ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସର ସ୍ଲୋଗାନ୍ ରଖାଯାଇଛି 'ସମସ୍ତଙ୍କ ପାଇଁ ସାଂକେତିକ ଭାଷା ଅଧିକାର'। ଏହା ସହ ସେପ୍ଟେମ୍ବର ଶେଷ ସପ୍ତାହରେ ପାଳନ କରାଯାଉଥିବା ଆନ୍ତର୍ଜାତିକ ବଧିର ସପ୍ତାହର ପ୍ରତ୍ୟେକ ଦିନର ସ୍ଲୋଗାନ୍ ଭିନ୍ନ ଭିନ୍ନ ରହିଥାଏ।

## କପେ କଫି ୬୫ ହଜାର



ଓସାକା: ଗୋଟେ କପ୍ କଫିର ଦାମ ୬୫ ହଜାର ଟଙ୍କା। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଜାପାନର ଓସାକା ସିଟିରେ ୨୨ ବର୍ଷ ପୁରୁଣା କଫି ମିଳୁଛି, ଯାହାର ପ୍ରତି କପ୍‌ର ଦାମ୍ ୬୫ ହଜାର ଟଙ୍କା। ଏହାକୁ ଦୁନିଆର ସବୁଠୁ ପୁରୁଣା ଓ ଦାମିକିଆ କଫି ମଧ କୁହାଯାଏ। ଏହା ନିଜର ସ୍ୱତନ୍ତ୍ର ସ୍ୱାଦ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଓସାକା ସିଟିରେ ଥିବା ମଞ୍ଚ ହାଉସ ନାମ କାଫେରେ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟର କଫି ରଖାଯାଇ ଫ୍ରେସ୍ ପରଷା ଯାଏ ବୋଲି ଜଣାପଡ଼ିଛି। କଫିରେ ନୂତନ ସ୍ୱାଦ ଆଣିବା ପାଇଁ କାଫେ ମାଲିକ ତାନାକା କଫି ପ୍ୟାକେଟ୍‌କୁ କିଛି ସମୟ ଫ୍ରିଜ୍‌ରେ ରଖିଦିଅନ୍ତି। କିନ୍ତୁ ଥରେ କିଛି କଫି ପ୍ୟାକେଟ୍ ଫ୍ରିଜ୍‌ରେ ରଖିବା ପରେ ସେ ଭୁଲି ଯାଇଥିଲେ। ପ୍ରାୟ ଦେଢ଼ବର୍ଷ ପରେ ସେହି ପ୍ୟାକେଟ୍ ଉପରେ ତାନାକାଙ୍କ ନଜର ପଡ଼ିଥିଲା। କେବଳ ଏହାର ସ୍ୱାଦ ପରଖିବା ପାଇଁ ସେ ସେଥିରୁ କଫି ପ୍ରସ୍ତୁତ କରିଥିଲେ। ମାତ୍ର ତାହା ଖୁବ୍ ସୁନ୍ଦର ବାସ୍ନା ହେଉଥିବାବେଳେ ଏହାର ସ୍ୱାଦ ଖୁବ୍ ନିଆରା ଥିଲା। ଏହାପରେ ସେ କିଛି କଫି ପ୍ୟାକେଟକୁ ୧୦ ବର୍ଷ ରଖିଥିଲେ। ଏହାର ସ୍ୱାଦ ସିରପ୍ ପରି ଲାଗୁଥିବାବେଳେ ୨୦ ବର୍ଷ ରଖାଯାଇଥିବା କଫିରୁ ଆଲକୋହଲ ପରି ଫ୍ଲେଭର ବାହାରିଥିଲା। ଯାହା ଗ୍ରାହକମାନଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏହା ସାଧାରଣ ଲୋକଙ୍କ ପାଇଁ ଖୁବ୍ ମହଙ୍ଗା ହୋଇଥିବାବେଳେ କେବଳ ସ୍ୱାଦ ପାଇଁ ଟଙ୍କା ଖର୍ଚ୍ଚ କରୁଥିବା ଲୋକେ ଏହାକୁ ଖୁବ୍ ପସନ୍ଦ କରନ୍ତି।



## ଟ୍ରାଫିକ ନିୟମ ନମାନିଲେ ବୃଦ୍ଧାଶ୍ରମରେ ସେବା କରିବେ

**ଦିଲ୍ଲୀ:** ସଂଶୋଧିତ ମୋଟର ଯାନ ଅଧିନିୟମ ଲାଗୁ ହେବା ପରେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଜରିମାନ ଦେଉଥିଲେ ବି ଲୋକଙ୍କ ଚେତା ପଶୁନି। କିଛି ଲୋକ ସୁଧୁରିଯିବାବେଳେ ଆଉ କିଛି ବାରମ୍ବାର ଭୁଲ କରୁଛନ୍ତି। ଏଭଳି ଲୋକଙ୍କୁ ଏବେ ଟ୍ରାଫିକ ପୋଲିସ ଜରିମାନା ବଦଳରେ ନୂଆ ସାମୂହିକ ସେବାରେ ଲଗାଇଦେବାର ବ୍ୟବସ୍ଥା କରିଛି। ଏଭଳି ପଦକ୍ଷେପ ଦେଖିବାକୁ ମିଳିଛି ଦିଲ୍ଲୀରେ। ପରିବହନ ବିଭାଗ ବି ସାମୂହିକ ସେବା ନିୟମ କରିବା ସହ ଅଧିସୂଚନା ବି ଜାରି କରିଦେଇଛି। ଏହି ସମ୍ବନ୍ଧିତ ପ୍ରାଧିକରଣ ଓ ଟ୍ରାଫିକ ପୋଲିସ ନିୟମ ଭଙ୍ଗକାରୀଙ୍କୁ ଏମିତି ଦଣ୍ଡ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଯିଏ ବାରମ୍ବାର ନିୟମ ଭଙ୍ଗକରିବେ ସେମାନେ ବୃଦ୍ଧାଶ୍ରମରେ ସେବା କରିବେ, କିମ୍ବା ଗରିବ ପିଲାଙ୍କୁ ପଢାଇବେ । ବାରମ୍ବାର ନିୟମ ଭଙ୍ଗ କଲେ ସେମାନଙ୍କ ପାଇଁ ନିଶା ବିରୋଧରେ ସଚେତନତା ଆଣିବା,ସମାଜସୁଧାର କାର୍ଯ୍ୟକ୍ରମରେ ସାମିଲ ହେବା, ଘର ଘର ବୁଲି ଟ୍ରାଫିକ ନିୟମ ଉପରେ ସଚେତନ କରିବା ଓ ଧାର୍ମିକ ସ୍ଥାନକୁ ଯାଇ ସେବା ପ୍ରଦାନ କରିବା ଭଳି କାର୍ଯ୍ୟ ଖଞ୍ଜି ଦେଇଛି ପରିବହନ ବିଭାଗ।

## ଅନ୍ତର୍ବସ୍ତ୍ର ପାଇଁ ଅଡୁଆ



**ମୁଜାଫରନଗର:** ଭାରତୀୟ ଦଣ୍ଡବିଧି ଆଇନ ବ୍ୟବସ୍ଥା ବଡ଼ ବିଚିତ୍ର। ଜଘନ୍ୟ ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ବର୍ଷ ବର୍ଷ ଲାଗିଯାଉଛି, ଅଥଚ ଖୋଲାରେ ଅନ୍ତର୍ବସ୍ତ୍ର ଶୁଖାଇଥିବା ଅଭିଯୋଗରେ ୨୩ବର୍ଷ ଧରି ଭ୍ରଷ୍ଟାଚାର ବିରୋଧରେ ଧାରଣା ଦେଇଆସୁଥିବା ଜଣେ ଶିକ୍ଷକ ମାତ୍ର କେଇ ମିନିଟ୍ ମଧରେ ଟଣା ହୋଇଛନ୍ତି କାଠଗଡ଼ାକୁ। ଉତ୍ତରପ୍ରଦେଶର ମୁଜାଫରନଗର ସିଭିଲ ଲାଇନ୍ ଥାନା ଅଞ୍ଚଳରେ ଏପରି ଏକ ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା।

ପୋଲିସ ଷ୍ଟେଶନ ହାଉସ୍ ଅଫିସର (ଏସ୍‌ଏଚ୍‌ଓ) ସମୀପାଲ ଅତ୍ରେୟଙ୍କ କହିବା କଥା, ଅଭିଯୁକ୍ତ ଶିକ୍ଷକ ବିଜୟ ସିଂଙ୍କ ବିରୋଧରେ ସଞ୍ଜୟ କୁମାର ନାମକ ଜଣେ ବ୍ୟକ୍ତି ଏହି ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତ ଜଣକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋଲାରେ ଅନ୍ତର୍ବସ୍ତ୍ର (ଅଣ୍ଡରୱେର) ଶୁଖାଇଥିବା ଏତଲାରେ ଦର୍ଶାଯାଇଛି। ମହିଳାଙ୍କ ଭାବନାକୁ ଆଘାତ ଦେଇଥିବା ଅଭିଯୋଗରେ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଆଇପିସିର ଧାରା ୫୦୯ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଜିଲାପାଳଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ଶିକ୍ଷକଙ୍କୁ ଧାରଣାସ୍ଥଳରୁ ହଟାଇ ଦିଆଯାଇଛି। ତାଙ୍କ ବ୍ୟବହୃତ ସାମଗ୍ରୀ ଫିଙ୍ଗାଫୋପଡ଼ା କରାଯାଇଛି। ଏହାପରେ ସେ ଶିବଚୌକ୍ ଡାକଘର ନିକଟରେ ପୁଣିଥରେ ଧାରଣା ଆରମ୍ଭ କରିଛନ୍ତି। ପୋଲିସ ଏବଂ ପ୍ରଶାସନ ଉପରେ ଖପ୍ପା ବିଜୟ କହିଛନ୍ତି, ତାଙ୍କୁ ଧାରଣାରୁ ହଟାଇବାକୁ ଏହା ଏକ ଷଡ଼ଯନ୍ତ୍ର। ହେଲେ କୌଣସି ପରିସ୍ଥିତିରେ ସେ ଚାପଗ୍ରସ୍ତ ହେବେନାହିଁ। ତାଙ୍କ ପ୍ରତିବାଦ ଆହୁରି ଶାଣିତ ହେବ। ସେ ଆହୁରି ମଧ କହିଛନ୍ତି, ଯେଉଁ ଅଣ୍ଡରୱେର ଲାଗି ତାଙ୍କ ନାମରେ ମାମଲା ରୁଜୁ ହୋଇଛି, ତାହା ତାଙ୍କର ନୁହେଁ। ଏହା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହୁଥିବା ଅନ୍ୟ ଜଣେ ଅସହାୟ ଲୋକଙ୍କର। ସୂଚନାଯୋଗ୍ୟ, ବିଜୟଙ୍କ ଧାରଣା ୨୩ବର୍ଷ ତଳର। ଜଣେ ପୂର୍ବତନ ବିଧାୟକଙ୍କ ନାମରେ ଜମି ହଡ଼ପ ଅଭିଯୋଗ ଆଣି ସେ ଧାରଣାରେ ବସିଛନ୍ତି। ଦୀର୍ଘବର୍ଷ ଧରି ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିବା ନେଇ ତାଙ୍କ ନାମ ଲିମ୍କା ବୁକ୍ ଅଫ୍ ରେକର୍ଡ୍‌ସରେ ସାମିଲ ମଧ ହୋଇଛି।

## ତାରରେ ଝୁଲି ବାହାହେଲେ

**ବର୍ଲିନ:** ଅନେକ ଲୋକଙ୍କୁ କିଛି ଭିନ୍ନ କରି ଦେଖାଇବାର ନିଶା ଘାରିଥାଏ। ଏଥିପାଇଁ ସେମାନେ କିଛି ବି କରିବାକୁ ପ୍ରସ୍ତୁତ ଥାନ୍ତି। ଏଇ ଯେମିତି ଜର୍ମାନୀର ଏକ ଯୋଡ଼ି। ନିଜ ବିବାହକୁ ସ୍ମରଣୀୟ କରିବା ପାଇଁ ସେମାନେ ତାର ସାହାଯ୍ୟରେ ଆକାଶରେ ଝୁଲି ବିବାହ କରିଛନ୍ତି। ବିବାହ ସମୟର ସମସ୍ତ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କନ୍ୟା ଜଣଙ୍କ ହେଲେ ଏନା ଟ୍ରେବର। ଯିଏକି ପେସାରେ ଜଣେ 'ହାଇ ଓୟାର' ଆର୍ଟିଷ୍ଟ ଅର୍ଥାତ୍ ତାରରେ ଚାଲନ୍ତି। ଏନା ତାର ଏବଂ ରଶିରେ ଷ୍ଟଣ୍ଟ କରିଥାନ୍ତି। ବରଙ୍କ ନାମ ସ୍ୱେନ ଲିୟନ। ଏନାଙ୍କ ପିତା ମଧ ଜଣେ ହାଇ ଓୟାର ଆର୍ଟିଷ୍ଟ। ବିବାହରେ ଆସିଥିବା ସମସ୍ତ ଲୋକେ ଏପରି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



## ଛାତ୍ରଙ୍କଠାରୁ ମିଳିଲା ୧୫୦ ଇ-ସିଗାରେଟ୍

**ନୂଆଦିଲ୍ଲୀ:** ନିକଟରେ ଇ-ସିଗାରେଟ୍‌କୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବ୍ୟାନ୍ କରିଥିବାବେଳେ ଏହାର ବିକ୍ରି ଉପରେ ମଧ କଡ଼ା ଦଣ୍ଡ ରହିଛି। ଏହା ସତ୍ତ୍ୱେ ଦିଲ୍ଲୀରେ ଏକ ଘରୋଇ ବିଦ୍ୟାଳୟର କିଛି ଛାତ୍ରଙ୍କ ନିକଟରୁ ପ୍ରାୟ ୧୫୦ ଇ-ସିଗାରେଟ୍ ମିଳିଛି। ସ୍କୁଲ ପକ୍ଷରୁ ଏହି ଇ-ସିଗାରେଟ୍‌ଗୁଡ଼ିକୁ ଜବତ କରାଯିବା ସହ ଛାତ୍ରଙ୍କ ଅଭିଭାବକମାନଙ୍କୁ ସୂଚିତ କରାଯାଇଛି। ଉକ୍ତ ବିଦ୍ୟାଳୟର ଜଣେ ଛାତ୍ରଙ୍କ ମାଆଙ୍କ ଅନୁରୋଧ କ୍ରମେ ବିଦ୍ୟାଳୟ ପକ୍ଷରୁ ଚେକିଂ କରାଯାଇଥିଲା। ମାଆଙ୍କୁ ସନ୍ଦେହ ଥିଲା ଯେ ତାଙ୍କ ପୁଅ ଓ ତାଙ୍କ ବନ୍ଧୁମାନେ ଇ-ସିଗାରେଟ୍‌ର ବ୍ୟବହାର କରୁଛନ୍ତି। ଏନେଇ ମାଆ ସ୍କୁଲ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ। ଅଭିଭାବକଙ୍କଠାରୁ ଏଭଳି ସୂଚନା ପାଇ ସ୍କୁଲର ୧୦ମ ରୁ ଯୁକ୍ତ ୨ ଶ୍ରେଣୀର ଛାତ୍ରମାନଙ୍କୁ ହଠାତ୍ ଚେକିଂ କରାଯାଇଥିଲା। ଏଭଳି ହଠାତ୍ ଚେକିଂ ପରେ ସେହି ଗୋଟିଏ ଦିନରେ ପ୍ରାୟ ୧୫୦ଟି ଇ-ସିଗାରେଟ୍ ଛାତ୍ରଙ୍କ ନିକଟରୁ ମିଳିଥିଲା। ଏହାକୁ ଦେଖି ପ୍ରିନ୍ସିପାଲ ଚକିତ ହୋଇଯାଇଥିଲେ। ସୂଚନା ଥାଉ କି, ଇ-ସିଗାରେଟ୍ ଏକ ପ୍ରକାର ଇଲେକ୍ଟ୍ରୋନିକ୍ ଇନ୍‌ହେଲର୍, ଯେଉଁଥିରେ ନିକୋଟିନ୍ ସହ ଅନ୍ୟ ରାସାୟନିକ ତରଳ ପଦାର୍ଥ ଭର୍ତ୍ତି କରାଯାଇଥାଏ। ଏହି ଇନ୍‌ହେଲର୍ ବ୍ୟାଟେରି ସାହାଯ୍ୟରେ ତରଳ ପଦାର୍ଥକୁ ଧୂଆଁରେ ପରିଣତ କରେ, ଯାହା ଫଳରେ ଧୂମ୍ରପାନ ଭଳି ଅନୁଭବ ହୋଇଥାଏ। ଅନ୍ୟପଟେ ଏହାକୁ କୌଣସି ପକେଟ୍ ବା ବ୍ୟାଗ୍‌ରେ ଲୁଚାଇ ରଖିବା ମଧ ଅତି ସହଜ। ୨୦୦୩ରେ ଏହାର ଆବିଷ୍କାର ହୋଇଥିଲା। ଏହା ବ୍ୟାଟେରି ଦ୍ୱାରା ପରିଚାଳିତ। ଇ-ସିଗାରେଟ୍‌ରେ ତରଳ ନିକୋଟିନ୍ ଭର୍ତ୍ତି ରହିଥାଏ। ଏହାକୁ ସେବନ କରୁଥିବା ବ୍ୟକ୍ତି ଏହାର ଅଭ୍ୟାସରେ ପଡ଼ିଯାଏ।





## ମ୍ୟୁଜିକ୍ ଭିଡିଓ 'ଫିଲହାଲ୍'ରେ ଅକ୍ଷୟ, ନୂପୁରଙ୍କ ଯୋଡ଼ି

## ବଲିଉଡ୍‌ମୁହାଁ କ୍ରିତି ସାନନ୍‌ଙ୍କ ଭଉଣୀ

**ମୁମ୍ବାଇ:** ଗୋଟିଏ ପରେ ଗୋଟିଏ ବକ୍ସ ଅଫିସ୍‌ରେ ହିଟ୍ ଫିଲ୍ମ ଦେବା ପରେ ଏବେ ବଲିଉଡ୍ ଖିଲାଡୀ ଅକ୍ଷୟ କୁମାର ଏକ ମ୍ୟୁଜିକ୍ ଭିଡିଓରେ ନଜରକୁ ଆସିବେ। ଅକ୍ଷୟଙ୍କ ଏହି ପ୍ରଥମ ମ୍ୟୁଜିକ୍ ଭିଡିଓରେ ତାଙ୍କ ସହ ନଜର ଆସିବେ କ୍ରିତି ସାନନ୍‌ଙ୍କ ଭଉଣୀ ନୂପୁର ସାନନ୍। ନିକଟରେ ମୁମ୍ବାଇର ସେଣ୍ଟ ଜାଭିୟର୍ସ କଲେଜରେ ଏହାର ଶୁଟିଂ ଶେଷ ହୋଇଛି। ଅକ୍ଷୟ-ନୂପୁରଙ୍କ ଏହି ଅପକମିଂ ମ୍ୟୁଜିକ୍ ଭିଡିଓର ନାମ 'ଫିଲହାଲ୍' ହୋଇଥିବାବେଳେ ଏହାକୁ ଅରବିନ୍ଦର ଖୈରା ନିର୍ଦ୍ଦେଶନା ଦେଇଛନ୍ତି। ଅନ୍ୟପଟେ ଏହି ମ୍ୟୁଜିକ୍ ଭିଡିଓରେ ବି ପ୍ରାକ୍ ନିଜ କଣ୍ଠଦାନ କରିଛନ୍ତି।

ବି. ପ୍ରାକ୍ ଜଣେ ପଞ୍ଜାବୀ ଗାୟକ, ଯିଏ ଫିଲ୍ମ 'କେଶରୀ'ର ଲୋକପ୍ରିୟ 'ତେରି ମିଟ୍ଟି' ଗୀତଟି ଗାଇଥିଲେ। ଅନ୍ୟପଟେ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଭଉଣୀ ନୂପୁର ମଧ ଜଣେ ଗାୟିକା। ସେ ଅନେକ ମ୍ୟୁଜିକ୍ ଭିଡିଓରେ କାମ କରିସାରିଛନ୍ତି। 'ଫିଲହାଲ୍'ରେ ପ୍ରଥମ ଥର ପାଇଁ ଅକ୍ଷୟ-ନୂପୁରଙ୍କୁ ଦେଖିବାକୁ ମିଳିବ। ତେବେ ସେ ଖୁବଶୀଘ୍ର ସାଜିଦ୍ ନାଡିଆଡ୍‌ୱାଲାଙ୍କ ଚଳଚ୍ଚିତ୍ରରୁ ବଲିଉଡ୍‌ରେ ପାଦ ରଖିବାକୁ ଯାଉଛନ୍ତି।

## ମୁକ୍ତ ହେବେ ଏଲିଅନ୍

ବିଶ୍ୱରେ ଏମିତି କିଛି ରହସ୍ୟମୟ ସ୍ଥାନ ରହିଛି, ଯାହା ସମ୍ପର୍କରେ ଲୋକେ ଆଜି ପର୍ଯ୍ୟନ୍ତ ଜାଣିନାହାନ୍ତି। ସେହିପରି ଏକ ରହସ୍ୟମୟ ସ୍ଥାନ ହେଉଛି 'ଏରିଆ ୫୧'। ନାଁ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା ? ଆମେରିକାର ନେଭେଡାସ୍ଥିତ 'ଏରିଆ ୫୧'କୁ ବିଶ୍ୱର ସବୁଠୁ ରହସ୍ୟମୟ ସ୍ଥାନ ଭାବେ ଗଣନା କରାଯାଏ। ବର୍ତ୍ତମାନ ଏହି ସ୍ଥାନ ଚର୍ଚ୍ଚିତ ହୋଇଛି। କାରଣ ଇମରସିଭ୍ ଏଣ୍ଟରଟେନ୍‌ମେଣ୍ଟ ନାମକ ଏକ କମ୍ପାନୀ ଏହି ଜାଗା ଉପରେ ମୋହର ମାରିବାକୁ ଘୋଷଣା କରିଛି। କମ୍ପାନୀର କହିବା ଅନୁସାରେ, ଏଠାରେ ଏଲିଏନ୍ ଦେଖିବାକୁ ମିଳିବ। ଖାଲି ଏତିକି ନୁହେଁ ଏହାର ଲାଇଭ୍ ଶୋ' ସୋସିଆଲ ମିଡିଆରେ ସିଧା ପ୍ରସାରଣ କରଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ଦାବି 'ଏରିଆ ୫୧'ରେ ଏଲିଅନଙ୍କୁ ବନ୍ଧନ କରି ରଖାଯାଇଛି। ଯାହାକୁ ସେ ମୁକ୍ତ କରିବ। ଏକ ରିପୋର୍ଟ ଅନୁଯାୟୀ, ଏଠାକୁ ଏଲିଅନ୍ ଦେଖିବାକୁ ଯିବା ପାଇଁ ଲୋକମାନେ ମଧ ଏକଜୁଟ୍ ହେଉଛନ୍ତି। ଏହି ସ୍ଥାନରେ ଆମେରିକାର ଏୟାର ଫୋର୍ସ ବେସ୍ ରହିଛି। କିନ୍ତୁ ପ୍ରକୃତରେ ଏହା ଭିତରେ କ'ଣ ହେଉଛି, ତାହା ସମ୍ପୂର୍ଣ୍ଣ ଗୁପ୍ତ। ଏଠାରେ ସିସିଟିଭି, ସଶସ୍ତ୍ର ଗାର୍ଡଙ୍କ ଦ୍ୱାରା କଡ଼ା ନଜର ରଖାଯାଇଛି। ଏହି ସ୍ଥାନରେ ବିମାନ ଉଡ଼ାଣରେ ପ୍ରତିବନ୍ଧକ ମଧ ରହିଛି। 'ଏରିଆ ୫୧' କୁ ନେଇ କିଛି ଲୋକ ଦାବି କରନ୍ତି, ଏହାର ଆଖପାଖରେ ୟୁଏଫ୍‌ଓକୁ ଦେଖିଛନ୍ତି। ଏହାକୁ ଏଲିଅନ୍ ଅପହରଣ କରି ନେଇ ପୁଣି ପୃଥିବୀ ପୃଷ୍ଠରେ ଛାଡ଼ି ଦେଇଥାନ୍ତି। ତେଣୁ ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଉକ୍ତ କମ୍ପାନୀ ପ୍ରସ୍ତୁତ ହେଉଥିବା କହିଛି।





ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ମହାଲକ୍ଷ୍ମୀ ପାଳିଲେ ଦ୍ୱିତୀୟା ଓଷା

**ପୁରୀ ଅଫିସ, ୨୨।୯:** ଶ୍ରୀମନ୍ଦିରରେ ରବିବାର ମହାଲକ୍ଷ୍ମୀ ପାଳିଛନ୍ତି ଦ୍ୱିତୀୟା ଓଷା। ସକାଳ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବସି ଲକ୍ଷ୍ମୀମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏଠାରେ ପାରମ୍ପରିକ ବିଧି ଅନୁଯାୟୀ ବ୍ରତ କାର୍ଯ୍ୟ ସହ ଭୋଗ ବନ୍ଦାପନା ହୋଇଥିଲା। ଭିତରେ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀ ଠାକୁରାଣୀ ରତ୍ନସିଂହାସନକୁ ବିଜେ କରିଥିଲେ।

### ବୋହୂଙ୍କ ଜିନିଷ ପୋଡ଼ିବା ଘଟଣା
### ଶାଶୁ, ଶ୍ୱଶୁର ଗିରଫ

ବ୍ରହ୍ମଗିରି,୨୨।୯(ଡି.ଏନ୍.ଏ.)-ଶାଶୁ ଶ୍ୱଶୁରଙ୍କ ଦ୍ୱାରା ବୋହୂର ଜିନିଷପତ୍ର ପୋଡ଼ା ଓ ପୋତାଯିବା ଘଟଣାରେ ବ୍ରହ୍ମଗିରି ପୋଲିସ ରବିବାର ଅଭିଯୁକ୍ତ ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡରୋଡଙ୍ଗ ଗ୍ରାମରେ ବୋହୂ ଘରେ ନ ଥିବାବେଳେ ଶାଶୁ, ଶ୍ୱଶୁର ମିଶି ବୋହୂ ରହୁଥିବା ଘରୁ ଆଲମିରା, ଟ୍ରଙ୍କ୍, ଟଙ୍କା, ଲୁଗାପଟା ଇତ୍ୟାଦି ନେଇ ଘର ବାଡିପଟେ ପୋଡିବା ସହିତ ମାଟିଖୋଳି ପୋତିଥିଲେ। ଶନିବାର ବୋହୂ ପ୍ରଭାତୀଙ୍କ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରି ପୋତାଯାଇଥିବା ଜିନିଷକୁ ଉଦ୍ଧାର କରିଥିଲା। ଏ ନେଇ ୧୫୧/୧୯ରେ ଏକ ମାମଲା ରୁଜୁ ହୋଇଛି।

### ବାଇକ୍ ଚୋର ର୍‍ୟାକେଟ ଠାବ
### ୩ ଗିରଫ, ୫ ବାଇକ୍ ଜବତ

**ପୁରୀ ଅଫିସ, ୨୨।୯:**କୁମ୍ଭାରପଡ଼ା ପୋଲିସ ରବିବାର ଏକ ବାଇକ ଚୋର ର୍‍ୟାକେଟକୁ ଧରିଛି। ବାଇକ ଚୋରି ଓ ଚୋରା ବାଇକ ରଖିଥିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁମ୍ଭାରପଡ଼ାର ବିକାଶ ବାଧୋଇ, ବଡଶଙ୍ଖ ନିର୍ବାଣ ଲେନ୍‌ର ରଶିଦ୍ ଖାନ ଏବଂ ଏସ୍.କେ, ରହିମ୍। ଏମାନଙ୍କଠାରୁ ୫ଟି ବାଇକ୍ ଜବତ ହୋଇଛି।

### ଆଧ୍ୟାତ୍ମିକତା ଦ୍ୱାରା ବିଶ୍ୱ ଶାନ୍ତି ସମ୍ଭବ

**ପୁରୀ ଅଫିସ, ୨୨।୯:** ପୁରୀ ରୋଟାରୀ କ୍ଲବ ଆନୁକୂଲ୍ୟରେ ରବିବାର ହୋଟେଲ ହଲିଡେ ରିସର୍ଟରେ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ସ୍ତରୀୟ ବିଶ୍ୱ ଶାନ୍ତି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ସଭାପତି ରବିନାରାୟଣ ମିଶ୍ର ଅଧକ୍ଷତା କରିଥିଲେ। ରୋଟାରୀ ଗଭର୍ନର ଦେବାଶିଷ ମିଶ୍ର ମୁଖ୍ୟ ଅତିଥି, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାର ଡ. ଗିରୀଶ ପଟେଲ ମୁଖ୍ୟବକ୍ତା, ବ୍ରହ୍ମାକୁମାରୀ ଗୀତା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଥମ ମହିଳା ଅଞ୍ଜନା ମିଶ୍ର, ଗଭର୍ନର ଇଲେକ୍ଟ ସୌମ୍ୟରଞ୍ଜନ ମିଶ୍ର, ଡିଷ୍ଟ୍ରିକ୍ଟ ଟ୍ରେନର ଜୟଶ୍ରୀ ମହାନ୍ତି, ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ପ୍ରସନ୍ନ ଲେଙ୍କା, ଡିଷ୍ଟ୍ରିକ୍ଟ ଶାନ୍ତି କମିଟି ଅଧକ୍ଷ ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଜୟ ଦାସଗୁପ୍ତା ଏବଂ କ୍ଲବ ସମ୍ପାଦକ ସନ୍ତୋଷ କୁମାର ଲେଙ୍କା ମଞ୍ଚାସୀନ ଥିଲେ। ବକ୍ତା ଓ ଅତିଥିମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ଏବଂ ଆଧ୍ୟାତ୍ମିକତା ଦ୍ୱାରା ହିଁ ବିଶ୍ୱଶାନ୍ତ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର 'ନୀଳଚକ୍ର'ର ସ୍ୱତନ୍ତ୍ର ସଂଖ୍ୟାକୁ ଲୋକାର୍ପଣ କରାଯାଇଥିଲା।

### ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ଆରମ୍ଭ

**ପୁରୀ ଅଫିସ,୨୨।୯:** ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ମା' ବିମଳାଙ୍କ ପୀଠ ସମେତ ଅନ୍ୟାନ୍ୟ ଦେବୀ ପୀଠରେ ରବିବାର ଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଏଥିସହ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଦୁର୍ଗାମାଧବ ଉପାସନା। ରବିବାର ଅବକାଶ ବଢ଼ିବା ପରେ ମହାପ୍ରଭୁଙ୍କ ବେଶରେ ୨ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା। ଶ୍ରୀମାଧବଙ୍କୁ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଭଣ୍ଡାର ଦ୍ୱାରଠାରେ ଭଦ୍ରାସନରେ ଦୁର୍ଗାଦେବୀଙ୍କ ସହ ମାଧବଙ୍କୁ ଏକତ୍ର ରୁନ୍ଧା ଯାଇଥିଲା। ଦୁର୍ଗାମାଧବ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ କରି ବିମଳାଙ୍କ ମନ୍ଦିର ଖଟରେ ବିଜେ କରିଥିଲେ। ସେଠାରେ ଭିତରଚ୍ଛ ମହାପାତ୍ର ରୂପା ପିଙ୍ଗଣରେ କର୍ପୁର ଜଳ ଲାଗି କରାଇଥିଲେ। ରାତ୍ର ଚନ୍ଦନ ଲାଗି ପରେ ଦୁର୍ଗାମାଧବ ଭଣ୍ଡାରକୁ ବିଜେ କରିଥିଲେ। ଏହାକୁ ଦୁର୍ଗାମାଧବ ଉପାସନା କୁହାଯାଏ। ଏହିପରି ଦଶହରା ପର୍ଯ୍ୟନ୍ତ ଦୁର୍ଗାମାଧବ ରୁନ୍ଧା ହୋଇ ରହିବେ। ଦଶହରା ଦିନ ଜଗନ୍ନାଥବଲ୍ଲଭ ମଠରୁ ଫେରିବା ପରେ ରୁନ୍ଧା ଫିଟାଯିବ।



ନୀଳାଦ୍ରି ଭକ୍ତ ଉତ୍ସବରେ କଳାକାରମାନେ ଧୁଡୁକି ନାଚ ପରିବେଷଣ କରୁଛନ୍ତି।



ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ।

# ଧୁଡୁକି ନାଚରେ ଫନୀର ବ୍ୟଥା

**ପୁରୀ ଅଫିସ, ୨୨।୯**

**ନୀଳାଦ୍ରି ଭକ୍ତ ଉତ୍ସବ**
- ଚାରା ରୋପଣ ପାଇଁ ସଚେତନତା
- ଆକର୍ଷଣ ସାଜିଲା ଦାଣ୍ଡିଆ ନାଚ

ବାତ୍ୟା 'ଫନୀ'ରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ପୁରୀ। ଉଜୁଡ଼ି ଯାଇଛି ଏକାଧିକ ଜଙ୍ଗଲ। ନିଶ୍ଚିହ୍ନ ହୋଇଯାଇଛି ବାଲୁଖଣ୍ଡ ଅଭୟାରଣ୍ୟ। ଧରାଶାୟୀ ହୋଇପଡ଼ିଛି ଲକ୍ଷ ଲକ୍ଷ ଗଛ। ବୃକ୍ଷରାଜିକୁ ଭରସା କରି ଜୀବିକା ନିର୍ବାହ କରୁଥିବା ଲୋକେ ହୋଇପଡ଼ିଛନ୍ତି ବେସାହାରା। ଆଗକୁ ଚଳିବେ କେମିତି, ପରିବାର ପ୍ରତିପୋଷଣ କିପରି କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଫନୀ ଯେଉଁ ବ୍ୟଥା ଦେଇଯାଇଛି ସେଥିରୁ ମୁକୁଳିବାକୁ ହେଲେ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ। ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ିବଗିଚାରେ, ରାସ୍ତାପାର୍ଶ୍ୱରେ ଚାରା ରୋପଣ କଲେ କିଛିବର୍ଷ ମଧ୍ୟରେ ସବୁଜିମା ଫେରିଆସିବ। ପରିବେଶ ସୁସ୍ଥ ରହିବ, ଆମକୁ ପର୍ଯ୍ୟାପ୍ତ ଅମ୍ଳଜାନ ମିଳିବ। ଗଛକୁ ନିର୍ଭର କରି ଚଳୁଥିବା ଲୋକଙ୍କ ମୁହଁରେ ହସ ଫୁଟିବ ବୋଲି ଧୁଡୁକି ନାଚ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି ଭରତ ତରାଇ। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ପ୍ରତ୍ୟେକ ରବିବାର ସକାଳେ ଆୟୋଜନ ହେଉଛି ନୀଳାଦ୍ରି ଭକ୍ତ ଉତ୍ସବ। ରବିବାର ଏହି କାର୍ଯ୍ୟକ୍ରମର ଆକର୍ଷଣ ସାଜିଥିଲା ବ୍ରହ୍ମଗିରିର ଶ୍ରୀକଳିଙ୍ଗ ନାଟ ଧୁଡୁକି। ହଜିଯାଉଥିବା ଆମର ଏହି ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ପ୍ରଶାସନର ଏଭଳି ପ୍ରୟାସରେ ଭକ୍ତମାନେ ବଡ଼ଦାଣ୍ଡରେ ଦେଖିଥିଲେ ଧୁଡୁକି ନାଚ। ଧୁଡୁକିଆ ଭରତ କଥା ଛଳରେ ଚମ୍ପାବୋଉ (ସହଯୋଗୀ ମହିଳାଙ୍କୁ ଏଭଳି ସମ୍ବୋଧନ)କୁ ବାତ୍ୟା ଫନୀର ପ୍ରଭାବ କିପରି ମଣିଷକୁ ବେସାହାରା କରିଦେଇଛି ସେ ସମ୍ପର୍କରେ ବୁଝାଇଥିଲେ।

ଭରତ କହିଥିଲେ, ସେ ଜଣେ ନଳୁଆ କେଳା। ରାତି ପାହିରେ ନଳଗୋଛା ଧରି ବଣ ଜଙ୍ଗଲ ଘୂରିବୁଲନ୍ତି। ଜଙ୍ଗଲର ବଡ଼ ବଡ଼ ଗଛରେ ବସିଥିବା ବିଭିନ୍ନ ପ୍ରକାର ପକ୍ଷୀଙ୍କୁ ନଳରେ ଧରି ଏହାକୁ ବିକ୍ରି କରି ପରିବାର ଚଳାନ୍ତି। ହେଲେ ବାତ୍ୟାରେ ଗଛଗୁଡ଼ିକ ଭାଙ୍ଗିଯାଇଛି। ଗଛ ନ ପାଇ ପକ୍ଷୀଗୁଡ଼ିକ କେଉଁଆଡେ ପଳାଇଯାଇଛନ୍ତି। ତେଣୁ ବାତ୍ୟା ପରଠୁ ସେମିତି ତାଙ୍କ ନଳଗୋଛା ଡେରା ହୋଇ ରହିଛି। ଏବେ ପରିବାର ପ୍ରତିପୋଷଣ ଚିନ୍ତା ଘାରିଛି। କେବଳ ସେ ନୁହଁନ୍ତି, ଏମିତି ଅନେକ ଲୋକ ଜଙ୍ଗଲଜାତ ଦ୍ରବ୍ୟରୁ ପରିବାର ଚଳାଉଥିଲେ। ଗଛ ବି ଅମ୍ଳଜାନ ଦେଉଥିଲା। ହେଲେ ବାତ୍ୟା ପରେ ସମସ୍ତେ ପ୍ରଭାବିତ ହୋଇଛନ୍ତି। ଏଣୁ ଆମକୁ ପୁଣି ସବୁଜିମା ଫେରାଇ ଆଣିବାକୁ ହେବ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରା ଲଗାଇବାକୁ ଧୁଡୁକି ନାଚ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ ଭରତ। ଏହାବ୍ୟତୀତ ଏହି ଉତ୍ସବରେ ଅନ୍ୟତମ ଆକର୍ଷଣ ଥିଲା ଦାଣ୍ଡିଆ ନୃତ୍ୟ। ବଡ଼ଦାଣ୍ଡରେ ଦେଖିବାକୁ ମିଳିଥିଲା ପିପିଲିର ରାଧାମାଧବ ଦାଣ୍ଡିଆ ନାଚ। ଏଥିସହ ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ରର ଶିଳ୍ପୀମାନେ ଓଡ଼ିଶୀ, ପଦ୍ମଶ୍ରୀ ଗୋଟିପୁଅ ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ, ନିମାପଡ଼ାର ଗୌରାଙ୍ଗ ସେବା ସମିତି ନଦିଆ ସଂକୀର୍ତ୍ତନ ମଣ୍ଡଳୀ ଏବଂ ସତ୍ୟବାଦୀର ବାଲୁଙ୍କେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଓଡ଼ିଶା ଚାରୁ ଓ କାରୁକଳାର ଶିଳ୍ପୀମାନେ ଚିତ୍ରକଳା ଏବଂ ଶ୍ରୀ ଶ୍ରୀ ଯୋଗ ବେଦାନ୍ତ ଗ୍ରୁପ୍ ପକ୍ଷରୁ ଯୋଗ ପ୍ରଦର୍ଶନ କରାଯାଇଥିଲା। ଆଇସିଡିଏସ୍ ପକ୍ଷରୁ ସୂର୍ଯ୍ୟକାନ୍ତି ପ୍ରଧାନଙ୍କ ନେତୃତ୍ୱରେ ଝୋଟି ଚିତ୍ର ମନ ଛୁଇଁଥିଲା। କାର୍ଯ୍ୟକ୍ରମକୁ ଉପଜିଲାପାଳ ଭବତାରଣ ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ପ୍ରମୁଖ ପରିଚାଳନା କରିଥିଲେ।

**ମିଳିଲା ନୂଆ ନାଁ**

ଶ୍ରୀମନ୍ଦିର ପରିକ୍ରମା ମାର୍ଗର ପରିଚ୍ଛନ୍ନତା ଓ ପବିତ୍ରତାର ସୁରକ୍ଷା ସହ ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଆରମ୍ଭ ହୋଇଥିଲା ଆଧ୍ୟାତ୍ମିକତା ଭରା ସାଂସ୍କୃତିକ କାର୍ଯ୍ୟକ୍ରମ। ଜୁଲାଇ ୨୧ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ବିଧିବଦ୍ଧ ଭାବେ ଏହାର ନାମ ଦିଆଯାଇ ନ ଥିଲା। ନାମକରଣ ପାଇଁ ପ୍ରଶାସନ ବୁଦ୍ଧିଜୀବୀ, ଗବେଷକଙ୍କଠାରୁ ମତାମତ ଲୋଡ଼ିଥିଲା। ଏବେ ଏହାର ନାମ ନୀଳାଦ୍ରି ଭକ୍ତ ଉତ୍ସବ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ଷୋଳପୂଜା ପ୍ରଥମ ଦିନରେ ରବିବାର ବାସେଳି ସାହି ମା' ମଙ୍ଗଳାଙ୍କ କାଳୀବେଶ।

### ପାନୀୟଜଳ ଯୋଗାଣରେ ସରକାର ବିଫଳ
## ଜିଲାପାଳଙ୍କ ଚିଠିକୁ ଚାପି ଦିଆଯାଇଛି

**ପୁରୀ ଅଫିସ, ୨୨।୯**

ଆଉ କିଛିଦିନ ପରେ ବାତ୍ୟା ଫନୀକୁ ୫ ମାସ ପୂରିବ। ହେଲେ ଏ ପର୍ଯ୍ୟନ୍ତ ଜିଲାବାସୀଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରି ନାହିଁ। ଏ ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏ ନେଇ ଜିଲାପାଳଙ୍କ ଚିଠିକୁ ବିଭାଗୀୟ ଉଚ୍ଚ ଅଧିକାରୀ ଚାପି ବସିଛନ୍ତି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ପୁରୀର ଜଣେ ସଚେତନ ନାଗରିକ ଲକ୍ଷ୍ମୀନାରାୟଣ ମିଶ୍ର ଅଭିଯୋଗ ଆଣିଛନ୍ତି। ମିଶ୍ର ଜଣାଇଛନ୍ତି, ଫନୀରେ ପୁରୀ ଜିଲା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ବି କେତେକ ଗାଁରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରି ନ ଥିବାବେଳେ ଅନେକ କ୍ଷତିଗ୍ରସ୍ତ ବାତ୍ୟା ସହାୟତା ପାଇନାହାନ୍ତି। ସେତେବେଳେ ଇବା ପାଣି ନେଇ ଯେଉଁ ସଙ୍କଟ ଦେଖାଯାଇଥିଲା ତାହାର ସମାଧାନ ପାଇଁ ପୁରୀ ଜିଲାପାଳ ଗତ ଜୁନ୍ ୪ ତାରିଖରେ ଚିଠି ନଂ. ୪୯୩୭ରେ ପଞ୍ଚାୟତିରାଜ ଓ ଜଳଯୋଗାଣ ପ୍ରମୁଖ ସଚିବଙ୍କ ନିକଟକୁ ପତ୍ର ଲେଖିଥିଲେ। ତୁରନ୍ତ ଜିଲାକୁ ୯୮୪ଟି ନୂଆ ନଳକୂପ ଯୋଗାଇ ଦେବା ପାଇଁ ପତ୍ରରେ ଅନୁରୋଧ କରିଥିଲେ। ଏଥିରେ ଅସ୍ତରଙ୍ଗରେ ୫୫ଟି, ନିମାପଡ଼ା ୧୨୦, ଗୋପ ୨୦, କାକଟପୁର ୧୯, ପୁରୀ ସଦର ୩୯, ବ୍ରହ୍ମଗିରି ୧୪୨, କୃଷ୍ଣପ୍ରସାଦ ୧୯୬, ସତ୍ୟବାଦୀ ୧୧୧, ଡେଲାଙ୍ଗ ୮୪, ପିପିଲି ୩୯, କଣାସ ୧୫୯ ଏହିପରି ମୋଟ ୯୮୪ଟି ନୂଆ ନଳକୂପ ଅନ୍ତର୍ଭୁକ୍ତ ଥିଲା। ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଯଥାଶୀଘ୍ର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମିଶ୍ର ଦାବି କରିଛନ୍ତି।

## 'ପୁରୀ ସଂସ୍କୃତି ଉପରେ ଅଧିକ ଗବେଷଣା ହେଉ'



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

**ପୁରୀ ଅଫିସ, ୨୨।୯**

ଭାଷା ଓ ସଂସ୍କୃତି ଗୋଟିଏ ଜାତିର ପରିଚୟ। ଗୋଟିଏ ଜାତି ଏହାକୁ ନେଇ ଗର୍ବ ଅନୁଭବ କରେ। ପୁରୀ ଲୋକଭାଷା ଓ ସଂସ୍କୃତି କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱକୁ ପ୍ରଭାବିତ କରିଛି। ଏଣୁ ଏହି ସଂସ୍କୃତି ଉପରେ ଅଧିକ ଗବେଷଣା ହେବା ଆବଶ୍ୟକ ବୋଲି ରବିବାର ଅନୁଷ୍ଠିତ ପୁରୀର ଲୋକଭାଷା ଓ ସଂସ୍କୃତି ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଏହା କହିଛନ୍ତି। ନିମାପଡ଼ାର ସୋସିଆଲ ଆୱାରନେସ୍ ଫର୍ ଭିଲେଜ୍ ଏନଭାୟର୍ନମେଣ୍ଟ ଆନୁକୂଲ୍ୟରେ ପୁରୀ ପାନ୍ଥନିବାସରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ରିସର୍ଚ୍ଚ ଚେୟାର ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା କହିଥିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏହାର ଗୌରବ ବୃଦ୍ଧି ପାଇଛି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଐତିହ୍ୟ କୀର୍ତ୍ତିରାଜି ସମ୍ପର୍କରେ ଆଲୋକପାତ କରି କହିଲେ, ପୁରୀ ଓ କୋଣାର୍କ ପ୍ରଭୃତି ଐତିହ୍ୟ ଅଭିଲେଖ ସମ୍ପର୍କରେ ସଠିକ ତଥ୍ୟ ନ ଥିବାରୁ ଅନ୍ଧାରରେ ରହିଛୁ। ଡ. ହରପ୍ରସାଦ ମିଶ୍ର ବହୁ ପ୍ରାଚୀନ କୀର୍ତ୍ତିରାଜି ସମ୍ପର୍କରେ ସୂଚନା ଦେଇଥିଲେ। ଐତିହ୍ୟ ଗବେଷକ ଦେବୀ ପ୍ରସନ୍ନ ନନ୍ଦ, ଆଇନଜୀବୀ ବାମଦେବ ବରାଳ, ଅଧ୍ୟାପିକା ଡ. ପ୍ରମୋଦିନୀ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ନିମାପଡ଼ା ସାହିତ୍ୟ ସଂସଦର ସଭାପତି ଶୁଭେନ୍ଦୁ ରାଉତରାୟ ସ୍ୱାଗତ ଭାଷଣ ଓ ସମ୍ପାଦକ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ୟାମପ୍ରକାଶ ସେନାପତି, ଚିନ୍ମୟ ବିବେକ, ପବିତ୍ର ମୋହନ ଦାଶ, କାମଦେବ ମହାରଣା, ମାନମୟୀ ରଥ, ବିଚିତ୍ରା ଦାଶ, ଝରଣା ନାଥ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



କର୍ଣ୍ଣାଟକରୁ ଆସିଥିବା ଶ୍ରଦ୍ଧାଳୁମାନେ ଏମାର ମଠ ଚକଡ଼ାରେ ଭଜନ ପରିବେଷଣ କରୁଛନ୍ତି।

## ଏମାର ମଠ ଚକଡ଼ାରେ କର୍ଣ୍ଣାଟକ ଶ୍ରଦ୍ଧାଳୁଙ୍କ ଭଜନ ପରିବେଷଣ

**ପୁରୀ ଅଫିସ, ୨୨।୯**

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ତିନୋଟି ମଠ ଭଙ୍ଗାଯାଇଛି। ପ୍ରଥମେ ଲଙ୍ଗୁଳି ମଠ, ପରେ ଏମାର ଏବଂ ଶେଷରେ ବଡ଼ ଆଖଡା ମଠ ଉଚ୍ଛେଦ ହୋଇଛି। ଏମାର ମଠ ଚକଡ଼ାରେ ଥିବା ଦୋକାନ ଘର, ରଘୁନନ୍ଦନ ଲାଇବ୍ରେରୀ ଭଙ୍ଗାଯିବା ପରେ ଏହି ସ୍ଥାନକୁ ପ୍ରଶାସନ ପକ୍ଷରୁ ସମତୁଲ କରାଯାଇ ଟାଇଲ ବିଛାଯାଇଛି। ଏଠାରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ବସି ମହାପ୍ରଭୁଙ୍କୁ ସ୍ମରଣ କରିବା ସହ ଶ୍ରୀମନ୍ଦିର ଏବଂ ନୀଳଚକ୍ରରେ ବାନା ବନ୍ଧା ଦୃଶ୍ୟ ଉପଭୋଗ କରୁଛନ୍ତି। ତେବେ ରବିବାର ସକାଳେ ଏମାର ମଠ ଚକଡ଼ାରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ସୁଦୂର କର୍ଣ୍ଣାଟକ ମହୀଶୂରରୁ ଆସିଥିବା ଏକ ସଙ୍ଗଠନର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଚକଡ଼ାରେ ବସି ପ୍ରାର୍ଥନା କରିଥିଲେ। ଏହାପରେ ସମବେତ ଭକ୍ତିଭରା ଭଜନ ପରିବେଷଣ କରିଥିଲେ। ଗୋଟିଏ ପଟେ ନୀଳାଦ୍ରି ଭକ୍ତ ମହୋତ୍ସବ ଚାଲିଥିବାବେଳେ ଅନ୍ୟପଟେ ଏହି ଭଜନ ପରିବେଷଣ ଶ୍ରୀକ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

### ଗୋବର୍ଦ୍ଧନ ମଠ
## ମା' ବିମଳାଙ୍କ ଷୋଳପୂଜା ଆରମ୍ଭ

**ପୁରୀ ଅଫିସ, ୨୨।୯**

ଆଦି ଶଙ୍କରାଚାର୍ଯ୍ୟଙ୍କଦ୍ୱାରା ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ପୀଠରେ ରବିବାରଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଶନିବାର ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ରବିବାର ପ୍ରାତଃ କାଳରେ ମା' ବିମଳାଙ୍କ ସ୍ନାନ ମାର୍ଜନା ପରେ ବେଶ ଅନୁଷ୍ଠିତ ହୋଇ ଦୁର୍ଗା ସପ୍ତସତୀ ଚଣ୍ଡୀପାଠ କରାଯାଇଥିଲା। ଅପରାହ୍ନରେ ସ୍ନାନ ମାର୍ଜନା ପରେ ବେଶ ହୋଇ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା। ଆଗାମୀ ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ତିଥିରେ ବିଶେଷ ପୂଜାନୀତି ସହ ମା'ଙ୍କ ଅଳଙ୍କାର ଆଭୂଷଣ କରାଯାଇ ବିଭିନ୍ନ ବେଶ ଅନୁଷ୍ଠିତ ହେବ। ଏଥିସହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବ। ଏହି ଦୁର୍ଗୋତ୍ସବ ପୂଜା ବିଧି ପୀଠ ପୁରୋହିତ ପଣ୍ଡିତ ବିଶ୍ୱମ୍ଭର ଦାଶ, ବେଦାଚାର୍ଯ୍ୟ ପଣ୍ଡିତ ଗୋପାଳ ମହାପାତ୍ର, ହରେକୃଷ୍ଣ ଦାଶ ଓ ଅନ୍ୟ ଆଚାର୍ଯ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଉଛି। ପୀଠର ମୁଖପାତ୍ର ମନୋଜ କୁମାର ରଥ, ସଞ୍ଚାଳକ ଜିତେନ୍ଦ୍ର ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର ଓ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

■ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ
## ପୀଠ ପୂଜା ଲାଗି ବ୍ରାହ୍ମଣ ବରଣ

**ପୁରୀ ଅଫିସ,୨୨।୯**

ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ରବିବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏଥିସହ ଶ୍ରୀମନ୍ଦିର ଭିତରବେଢା ପରିସରସ୍ଥ ମା' ଭୁବନେଶ୍ୱରୀ, ମା' ବାଟମଙ୍ଗଳା, ମା' ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ, କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ ଷୋଡ଼ଶ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶ୍ରୀନଅରରେ ୨୧ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯିବା ପରେ ସେମାନେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଓ ସୁଧାଂଶୁ ରାଜଗୁରୁଙ୍କୁ ପୂର୍ବରୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିଥିଲେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିଥିଲେ।



ପୀଠ ପୂଜା ପାଇଁ ଶୋତ୍ରୀୟ ବ୍ରାହ୍ମଣମାନଙ୍କୁ ବରଣ କରାଯାଉଛି।

# ଆଧୁନିକତା ଚାକଚକ୍ୟରେ ଯୁବପିଢ଼ି ହଜି ନ ଯାଆନ୍ତୁ

**ପୁରୀ ଅଫିସ, ୨୨।୯**

ସ୍ୱାମୀ ବିବେକାନନ୍ଦ ତ୍ୟାଗର ଏକନିଷ୍ଠ ସାଧକ ଥିଲେ। ସେ କନ୍ୟାକୁମାରୀରେ ଧ୍ୟାନସ୍ଥ ଅବସ୍ଥାରେ ଭାରତବାସୀଙ୍କ ଦୁଃଖଦୁର୍ଦ୍ଦଶାକୁ ଅନୁଭବ କରିଥିଲେ। ପରିବ୍ରାଜକ ଭାବେ ସାରା ଭାରତବର୍ଷ ଭ୍ରମଣ କରି ସବୁ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ଚିକାଗୋ ଧର୍ମ ମହାସଭାରେ ତାଙ୍କର ଐତିହାସିକ ସାରଗର୍ଭକ ଭାଷଣ ଆଜି ବି ସାରା ବିଶ୍ୱକୁ ଆକର୍ଷିତ କରି ରଖିଛି। ସେ କହୁଥିଲେ, ଦେଶ ପାଇଁ ବଞ୍ଚ, ନିଜ ମାତୃଭୂମିକୁ ଭଲ ପାଅ। ଏ ମାଟିର ମହତ୍ତ୍ୱକୁ ଅନୁଭବ କର। ଜାପାନର ଛୋଟ ପିଲାଟିଏ ଖେଳଣା ଗଢି ସ୍ୱାବଲମ୍ବୀ ହୋଇପାରୁଛି। ତେବେ ଆଜିର ଭାରତୀୟ ଯୁବପିଢି କାହିଁକି ହୋଇପାରିବେନି। ବାହାର ଦେଶରେ ମୁଣ୍ଡ ବିକିବା ଅପେକ୍ଷା ନିଜ ଜ୍ଞାନକୌଶଳକୁ ଭାରତର ବିକାଶରେ ଲଗାଅ ବୋଲି ରବିବାର ରାମକୃଷ୍ଣ ମିଶନ ପକ୍ଷରୁ ଚିକାଗୋ ଧର୍ମସଭାର ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଭାଷଣର ୧୨୫ତମ ପୂର୍ତ୍ତି ଅବସରରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ଏହା କହିଛନ୍ତି।



ସମ୍ମିଳନୀରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିମାନେ।

**ରାମକୃଷ୍ଣ ମିଶନ ଆଶ୍ରମର ଯୁବ ସମ୍ମିଳନୀ**

ମିଶନର ପରିଚାଳନା ସଭାପତି ଶିକ୍ଷାବିତ୍ ଦିବାକର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଯୁବ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ କହିଥିଲେ, ଭାରତ ସର୍ବଦା ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଛି। ଆଧୁନିକତାର ଚାକଚକ୍ୟତାରେ ଯୁବପିଢି ହଜି ନ ଯାଇ ନିଜ ଗୌରବମୟ ଇତିହାସକୁ ମନେ ପକାଇବାକୁ ସେ ଆହ୍ୱାନ ଦେଇଥିଲେ। ମିଶନର ମୁଖ୍ୟ ଆପ୍ତେଶ୍ୱରାନନ୍ଦ ଜୀ ମହାରାଜ ସ୍ୱାଗତ ଭାଷଣ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ମନୋଜ ମହାପାତ୍ର ଏବଂ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ମାନବେନ୍ଦୁ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଧନଞ୍ଜୟ ଦାଶ ମଞ୍ଚ ପରିଚାଳନା କରିଥିଲେ। ସ୍ୱାମୀ ଯୋଗାପୂର୍ଣ୍ଣାନନ୍ଦ ଜୀ ମହାରାଜ, ସ୍ୱାମୀ ଗୋପାଳ ଆତ୍ମାନନ୍ଦ, ସ୍ୱାମୀ କ୍ରିଷ୍ଣା ରୂପାନନ୍ଦ, ସ୍ୱାମୀ ପଦ୍ମଲୋଚନ ନାୟକ, ଡ. ଜଗବନ୍ଧୁ ମିଶ୍ର, ଏବିଭିପିର ରାଜ୍ୟ ସଙ୍ଗଠନ ସମ୍ପାଦକ ଅଭିଳାଷ ପଣ୍ଡା, ଏନ୍‌ୱାଇକେ ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଉପକାରୀ ଗୁଡ଼



- ଶୀତଦିନରେ ଗୁଡ ଖାଇଲେ ତାହା ଶରୀରକୁ ଉଷ୍ମ ରଖିଥାଏ।
- ଆପଣ ଥଣ୍ଡା, କାଶ, କଫଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ପ୍ରତିଦିନ ଅଳ୍ପ ଗୁଡ଼ ଖାଇଲେ ତାହା ଏଥିରୁ ଅନେକାଂଶରେ ଉପଶମ ଦେଇଥାଏ।
- ଶରୀରରେ ଆଇରନ୍ ପରିମାଣ କମ୍ ଥିଲେ ଖାଦ୍ୟତାଲିକାରେ ଗୁଡ଼କୁ ସାମିଲ କରନ୍ତୁ। କାରଣ ଏଥିରେ ଆଇରନ୍ ପରିମାଣ ଭରି ରହିଛି।
- ଆନେମିଆ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ସ୍ୱାସ୍ଥ୍ୟପ୍ରଦ।
- ଗୁଡ଼ରେ ଆଣ୍ଟି ଆଲର୍ଜି ତତ୍ତ୍ୱ ଭରି ରହିଛି। ତେଣୁ ଏହା ଆଜ୍‌ମା ରୋଗୀଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ମେଟାବଲିଜିମ୍ ସ୍ତରକୁ ସନ୍ତୁଳିତ ରଖିଥାଏ।
- ଏହା ଦ୍ୱାରା ପାଚନକ୍ରିୟା ଆହୁରି ସକ୍ରିୟ ରହିଥାଏ ଏବଂ ଭୋକଜନିତ ସମସ୍ୟା ଦୂର କରେ।
- ମାଇଗ୍ରେନ୍ ରୋଗୀଙ୍କ ପାଇଁ ଗୁଡ଼ ଉପକାରୀ।

# ନକାରାତ୍ମକ ଚିନ୍ତାଧାରା ପାଇଁ ଅବସାଦ ଦାୟୀ



ମନରେ ଅନେକ ସମୟରେ ନକାରାତ୍ମକ ଚିନ୍ତାଧାରା ଆସିଥାଏ। ଏଥିପାଇଁ ପାରିପାର୍ଶ୍ୱିକ ପରିବେଶ ଏବଂ ନିଜର ଦୁର୍ବଳ ମାନସିକତା ଅନେକାଂଶରେ ଦାୟୀ। ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହନ୍ତି ତେବେ ତାଙ୍କ ମାନସିକତା ଅନେକ ସମୟରେ ନକାରାତ୍ମକ ରହିଥାଏ ବୋଲି ସିଡନୀ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ଏପରି ଏକ ବିଷୟବସ୍ତୁ ଉପରେ ସେମାନେ ନିକଟରେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବାର ଦେଖିବାକୁ ମିଳିଥିଲା। ସେମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ଅଧ୍ୟୟନ କରି ସେମାନେ ଜାଣିପାରିଥିଲେ ଯେ, ନକାରାତ୍ମକ ମାନସିକତା ପାଇଁ ସେମାନେ ଏପରି ପରିସ୍ଥିତିର ସାମନା କରୁଥିଲେ। ତେଣୁ ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରିବା ଦରକାର ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଅଟିଜିମ୍



ଡା. ସତ୍ୟକାମ ମହାପାତ୍ର





"ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁ ଅନ୍ୟମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ। ୧ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି।"

ଅଟିଜିମ୍ ହେଉଛି ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ ଯାହା ସାଧାରଣତଃ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ। ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ ଭାବର ଆଦାନପ୍ରଦାନ ଓ ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ଦେଖାଯାଇଥାଏ। ଆମ ଦେଶରେ ପ୍ରାୟ ୫୦ଲକ୍ଷ ପିଲା ଏହି ରୋଗ ଦ୍ୱାରା ପ୍ରଭାବିତ। ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କଠାରେ ଏହା ୫ ଗୁଣ ଅଧିକ ଦେଖାଯାଇ ଥାଏ। ଭାରତରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି। ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ।

**କାରଣ:** ଅଟିଜିମ୍ ରୋଗ ବିଭିନ୍ନ କାରଣରୁ ହୋଇପାରେ। ଜିନ୍‌ଗତ ପାରିପାର୍ଶ୍ୱିକ କାରଣଗୁଡ଼ିକ ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ। ପିଲା ଜନ୍ମ ପୂର୍ବରୁ ଓ ଜନ୍ମ ସମୟରେ ଘଟିଥିବା କେତେକ ସମସ୍ୟା ଏଥିପାଇଁ ଦାୟୀ ହୋଇପାରେ। ଗର୍ଭଧାରଣ ସମୟରେ ମାତାପିତାଙ୍କ ବୟସ ଅଧିକ ହୋଇଥିଲେ, ଗର୍ଭଧାରଣ ସମୟରେ ମାଆର ଶାରୀରିକ ଅସୁସ୍ଥତା, ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲାର ଜନ୍ମ ସମୟରେ ଓଜନ କମ୍ ହେବା ଓ ଜନ୍ମ ପରେ ପିଲା ଡେରିରେ କାନ୍ଦିବା ଆଦି କାରଣ ଯୋଗୁ ଅଟିଜିମ୍ ରୋଗ ହୋଇପାରେ।

**ଲକ୍ଷଣ:** ଅଟିଜିମ୍ ରୋଗରେ ଶିଶୁ ଅନ୍ୟମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ। ୧ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି। ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇପାରନ୍ତି ନାହିଁ। ଅନ୍ୟର ମନର ଭାବନା ଓ ସ୍ନେହକୁ ଠିକ୍ ଭାବେ ବୁଝିପାରନ୍ତି ନାହିଁ। ନିଜର ପାରିପାର୍ଶ୍ୱିକ ଅବସ୍ଥା ପ୍ରତି କମ୍ ସମ୍ବେଦନଶୀଳ ରହିଥାନ୍ତି।

ଏହି ପିଲାମାନେ ନିଜ ମନର ଆବେଗକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, ଯାହା ଫଳରେ ସେମାନେ ବିନା କାରଣରେ ହସନ୍ତି, କାନ୍ଦନ୍ତି ଏବଂ ରାଗନ୍ତି। କେତେକ ପିଲା ନିଜକୁ କ୍ଷତି କଲା ଭଳି ବ୍ୟବହାର ଯଥା ନିଜକୁ କାମୁଡ଼ିବା, ମୁଣ୍ଡ ବାଡ଼େଇବା, ଚୁଟି ଟାଣିବା ଆଦି ବାରମ୍ବାର କରିଥାନ୍ତି।

ଏହି ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦ ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଉକ୍ତ ରୋଗରେ ପିଲାମାନେ କେତେକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ବାରମ୍ବାର କରିଥାନ୍ତି। ଯେମିତିକି ଆଗକୁ ପଛକୁ ଦୋହଲିବା, ଆଖି ଆଗରେ ଆଙ୍ଗୁଠି ମୋଡ଼ିବା, ଗୋଲ ଗୋଲ ହୋଇ ଘୂରିବା, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ବାରମ୍ବାର କହିବା ଆଦି। ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳନା ସହ ଖେଳି ନ ଥାନ୍ତି। ଘରକରଣା ଜିନିଷ ଯଥା ସାବୁନ, ଦଉଡ଼ି ଓ ମଗ ଆଦି ସହିତ ଖେଳିବାକୁ ବେଶି ପସନ୍ଦ କରିଥାନ୍ତି। ଅନ୍ୟ ପିଲାମାନଙ୍କ ସହ ନ ଖେଳି ସବୁବେଳେ ଏକୁଟିଆ ଖେଳିଥାନ୍ତି।

ଏହି ପିଲାମାନେ କୌଣସି ଉଚ୍ଚ ଶବ୍ଦ କିମ୍ବା ଅତି ଉଜ୍ଜ୍ୱଳ ଆଲୋକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଏସବୁ ପ୍ରତି ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି।

ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନଙ୍କଠାରେ ନିମ୍ନଲିଖିତ କୌଣସି ଲକ୍ଷଣ ଦେଖାଗଲେ ଅଟିଜମ୍‌ର ସନ୍ଦେହ ସୃଷ୍ଟି ହୋଇଥାଏ।

୧)୧୨ ମାସ ବୟସ ସୁଦ୍ଧା ପିଲା କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ନ ପାରିବା।

୨) ୧୨ମାସ ବୟସ ସୁଦ୍ଧା ଆଙ୍ଗୁଠି ଦେଖାଇ ନ ପାରିବା କିମ୍ବା କୌଣସି ଅଙ୍ଗଭଙ୍ଗୀ ଦେଖାଇ ନ ପାରିବା।

୩) ୧୬ ମାସ ବୟସ ସୁଦ୍ଧା ଗୋଟିକିଆ ଶବ୍ଦ କହି ନ ପାରିବା।

୪) ୨୪ ମାସ ବୟସ ସୁଦ୍ଧା ଦୁଇ ଶବ୍ଦ ବିଶିଷ୍ଟ ବାକ୍ୟ କହି ନ ପାରିବା।

ଅଟିଜିମ୍‌ରେ ଆକ୍ରାନ୍ତ ପିଲାମାନଙ୍କଠାରେ ନାନା ପ୍ରକାର ଶାରୀରିକ ସମସ୍ୟା ଯଥା ଅପସ୍ମାର ବାତ ବିଭିନ୍ନ ପେଟଜନିତ ସମସ୍ୟା ଏବଂ କେତେକ ନିର୍ଦ୍ଦିଷ୍ଟ ଜିନ୍‌ଗତ ରୋଗ ଆଦି ଦେଖାଯାଇଥାଏ।

ଏଥିସହ ଅନ୍ୟ କେତେକ ମାନସିକ ସମସ୍ୟା ଯଥା: ଚଞ୍ଚଳାମି ରୋଗ (ଏଡିଏଚ୍‌ଡି) ମାନସିକ ଉଦ୍‌ବେଗ ରୋଗ, ଅବସାଦ ରୋଗ ଓ ନିଦ୍ରାହୀନତା ଆଦି ମଧ୍ୟ ଦେଖାଯାଇ ଥାଏ। ଏହି ରୋଗରେ ଅନେକ ପିଲାଙ୍କର ବୃଦ୍ଧିର ଠିକ୍ ବିକାଶ ହୋଇ ନ ଥାଏ।

*-ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ : ୮୮୯୫୨୯୩୯୯୭*

## ଚିକିତ୍ସା

ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନ୍‌ସୋରି ଇଣ୍ଟିଗ୍ରେସନ ଥେରାପି ଓ ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଭିଭାବକମାନେ ଡାକ୍ତରଙ୍କଠାରୁ ସମସ୍ତ ବ୍ୟବହାରିକ ଚିକିତ୍ସା ପଦ୍ଧତିଗୁଡ଼ିକୁ ଜାଣିରଖିବା ଉଚିତ। ପିଲା ସହ ଏହି ଚିକିତ୍ସା ପଦ୍ଧତି ଅନୁସାରେ ବ୍ୟବହାର କଲେ ତା'ର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ। ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଟିଜିମ୍ ସହ ଦେଖା ଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ମଧ୍ୟ ଉପଯୁକ୍ତ ଚିକିତ୍ସା ଜରୁରୀ । ଅଭିଭାବକମାନେ ଧୈର୍ଯ୍ୟର ସହିତ ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖାଯାଇଥାଏ।

# ସମସ୍ୟା ସୃଷ୍ଟି କରିପାରେ ପ୍ରାକୃତିକ ଭେଷଜ

"ପ୍ରତ୍ୟେକ ଔଷଧରେ ବିଭିନ୍ନ ଘଟକର କମ୍ ବେଶି ମାତ୍ରା ତା'ର କାର୍ଯ୍ୟକ୍ଷମତା ଉପରେ ନିର୍ଭରକରେ। ଜ୍ଞାନ ଅଭାବରୁ ଠିକ୍ ପ୍ରୟୋଗ ନ କଲେ ଶରୀର ଓ ମୁଖ ଶୁଷ୍କତା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଝାଳ ବୋହିବା, ଆକାପାକା ଲାଗିବା ଦେଖାଯାଏ। ଏସବୁ ସମସ୍ୟାର ସମାଧାନ ଔଷଧ ଦ୍ୱାରା କରାଯାଇପାରେ।"



ଡା. ଆଶିଷ ବାନାର୍ଜୀ

ଶରୀର ବ୍ୟାଧିର ଗନ୍ତାଘର। ଏଥିରୁ ମୁକୁଳିବା ସହ ସୁସ୍ଥ ଜୀବନଯାପନ କରିବା ପାଇଁ ପ୍ରକୃତି ହାତପାଆନ୍ତାରେ ଔଷଧୀୟ ବୃକ୍ଷ, ଗୁଳ୍ମଲତା, ଧାତବ ଜିନିଷ ଯଥା: ଲୌହ, ଅଭ୍ର, ତାମ୍ର, କାଂସ୍ୟ, ସ୍ୱର୍ଣ୍ଣ, ରୌପ୍ୟ ଆଦିରୁ ପ୍ରସ୍ତୁତ ଭସ୍ମ, ସୁଧାବର୍ଗୀୟ ଦ୍ରବ୍ୟ-ଶଙ୍ଖ, କପର୍ଦ୍ଦକ, ମୁକ୍ତା, ପ୍ରବାଳ, ପ୍ରାଣୀଜଦ୍ରବ୍ୟ-କସ୍ତୁରୀ, ଗୋରଚନା, ରତ୍ନ, ଉପରତ୍ନ ଇତ୍ୟାଦି ପୃଥିବୀ ମାତା ଧରାବକ୍ଷରେ ଅମୃତକୁମ୍ଭରେ ଝଡ଼ିପଡ଼ିଲା। ଔଷଧୀୟ ବୃକ୍ଷ ଓ ଏହାର ପତ୍ରଗୁଡ଼ିକ ମଧ୍ୟରୁ କେତେକ ପ୍ରାୟତଃ ଏକାପରି ଦେଖିବାକୁ ହେଲେ ମଧ୍ୟ ସାମାନ୍ୟ ଫରକ ଥାଏ, ସେଥିମଧ୍ୟରୁ ଠିକ୍ ଚିହ୍ନଟ ଅଭିଜ୍ଞ ଡାକ୍ତରଙ୍କ ପାଇଁ ସମ୍ଭବ। କୁଚିଲା, ଭାଲିଆ, ଦୁଦୁରାବୀଜ, ବିଦାରିକନ୍ଦ, ଜୟପାଳ ଆଦି ଔଷଧୀୟ ଗୁଣ ଥିଲେ ମଧ୍ୟ ଶୋଧନ ବିନା ବ୍ୟବହାର କଲେ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ।

ଧାତୁ, ଉପଧାତୁ, ରତ୍ନ, ଉପରତ୍ନ ଇତ୍ୟାଦିର ଶୋଧନ, ଭସ୍ମ ଓ ମର୍ଦ୍ଦନ ଉତ୍ତମରୂପେ ହେଲେ ଯାଇ ଏହା ଶରୀର ଅନ୍ତରେ ଅବଶୋଷିତ ହୋଇ ଉତ୍ତମ କାର୍ଯ୍ୟ କରିଥାଏ।

ପ୍ରତ୍ୟେକ ଔଷଧରେ ବିଭିନ୍ନ ଘଟକର କମ୍ ବେଶି ମାତ୍ରା ତା'ର କାର୍ଯ୍ୟକ୍ଷମତା ଉପରେ ନିର୍ଭରକରେ। ଜ୍ଞାନ ଅଭାବରୁ ଠିକ୍ ପ୍ରୟୋଗ ନ କଲେ ଶରୀର ଓ ମୁଖ ଶୁଷ୍କତା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଝାଳ ବୋହିବା, ଆକାପାକା ଲାଗିବା ଦେଖାଯାଏ। ଏସବୁ ସମସ୍ୟାର ସମାଧାନ ଔଷଧ ଦ୍ୱାରା କରାଯାଇପାରେ। ପ୍ରତ୍ୟେକ ଔଷଧ ସହ ଆବଶ୍ୟକ କ୍ଷେତ୍ରରେ ଅନୁପାନ ବିଭିନ୍ନ ବୃକ୍ଷର ପତ୍ରର ସ୍ୱରସ, ମୂଳ, ଫଳ ଓ ଛାଲିର କ୍ୱାଥ ସହ ଶାସ୍ତ୍ର ସମ୍ମତ ମାତ୍ରାରେ ଦିଆଯାଇଥାଏ। ମାତ୍ର ମାତ୍ରାଧିକ ସେବନଜନିତ ପେଟଗରମ, ପତଳାଝାଡ଼ା, ପେଟ ଫାମ୍ପିବା ଓ ପରିସ୍ରା ସମସ୍ୟା ଇତ୍ୟାଦି ଦେଖାଯାଇପାରେ। କୃମି, ବାନ୍ତି, ଯକୃତ ଜନିତ ଔଷଧ ଖାଇବା ପୂର୍ବରୁ ଖାଇବାକୁ ଦିଆଯାଏ, ଏତଦ୍‌ଭିନ୍ନ ଅନ୍ୟାନ୍ୟ ଔଷଧ ଖାଇବା ପରେ ଦିଆଯାଏ। ମହୁ, ଘୃତ ସମମାତ୍ରାରେ, ମାଛ ଓ କ୍ଷୀର ଏକ ସଙ୍ଗରେ ସେବନ ଅନୁଚିତ। ଔଷଧୀୟ ବୃକ୍ଷ ପଞ୍ଚାଙ୍ଗ ଶାସ୍ତ୍ରୀୟ ଅନୁଯାୟୀ ଋତୁରେ ସଂଗ୍ରହ କଲେ ଉତ୍ତମ ଫଳ ପ୍ରାପ୍ତି ହୁଏ। ଚୂର୍ଣ୍ଣ ଔଷଧ ଛଅମାସ, ମୋଦକ ଏକବର୍ଷ ଓ ଆସବାରିଷ୍ଟ ଯେତେ ପୁରାତନ ହେବ ସେବନ କଲେ ଉତ୍ତମ ଫଳ ମିଳେ। ହଳଦୀ, ମେଥି, ସଦାବିହାରୀ, ନିମ୍ବ, ତୁଳସୀ, ବେଲପତ୍ର ଓ ଗୁଡ଼ମାରୀ ଠିକ୍ ମାତ୍ରାରେ ସେବନକଲେ ଶରୀରପକ୍ଷେ ହିତକର। କାଜୁ, ବାଦାମ, ପେସ୍ତା ଓ ପ୍ରୋଟିନ୍ ଜାତୀୟ ଖାଦ୍ୟ ସ୍ୱଳ୍ପ ମାତ୍ରାରେ ଖାଇବା ଉଚିତ। ରୋଗର ଆରୋଗ୍ୟ ପାଇଁ ପଥ୍ୟାପଥ୍ୟ ନିୟମ ଉପରେ ଗୁରୁତ୍ୱ ଦେବା ଉଚିତ। ଏହିପରି ବୟସ, କାଳ, ମାତ୍ରା ଅନୁଯାୟୀ ଠିକ୍ ଔଷଧ ଚୟନ ଓ ପ୍ରୟୋଗ କେବଳ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ହିଁ ସମ୍ଭବ।



ଧାରଣକରି ଜରାବ୍ୟାଧିରୁ ମୁକ୍ତିର ମାର୍ଗ ଦର୍ଶାଇଛନ୍ତି। ବର୍ତ୍ତମାନ ଗାଁ ଗହଳିରେ ଅନଭିଜ୍ଞ ଚିକିତ୍ସକ, ଆଧ୍ୟାତ୍ମିକ ବାବା ଏପରି କି ବିନା ଡିଗ୍ରୀଧାରୀ ବ୍ୟକ୍ତି ଅର୍ଥ ଉପାର୍ଜନ ଲାଳସାରେ ଏହାର ପାର୍ଶ୍ୱପ୍ରତିକ୍ରିୟା ନ ଥାଏ ବୋଲି ଭୁଲ୍ ପ୍ରୟୋଗ କରୁଛନ୍ତି। ଯାହାର କ୍ରିୟା ଅଛି ତା'ର ପ୍ରତିକ୍ରିୟା ଥାଏ, ମାତ୍ର ଏହା ଜୀବନ ପ୍ରତି ବିପଦ ନ ଥିଲେ ମଧ୍ୟ ଶରୀରରେ ଅନ୍ୟ ସମସ୍ୟା ସୃଷ୍ଟି କରିପାରେ। ଯେପରି ଜଣେ ମହିଳାଙ୍କ ଦାନ୍ତ ପୋକ ଲାଗୁଥିଲା, ସେ ଜଣେ ଗାଉଁଲି କ୍ୱାକ୍‌ଙ୍କୁ କହିବାରୁ ସେ ଏକ ଚେର ଦେଇ କହିଲେ, ଏହାକୁ ରାତିରେ ଶୋଇବା ସମୟରେ ଦାନ୍ତମୂଳରେ ରଖି ଶୋଇଲେ ସକାଳେ ପୋକସବୁ ମରି ବାହାରିଯିବେ। ଦାନ୍ତରେ ପୋକ ଲାଗେ ନାହିଁ, ଦାନ୍ତମୂଳରେ ଖାଦ୍ୟକଣିକା ଜମିରହି ଆସ୍ତେ ଆସ୍ତେ ସେହି ସ୍ଥାନ ଆବରଣକୁ ନଷ୍ଟକରି ଗାତ ସୃଷ୍ଟିକରେ। ମହିଳା ଜଣକ ସକାଳୁ ଉଠି ଦେଖିଲାବେଳକୁ ପୋକ ନାହିଁ, ମାତ୍ର ଦାନ୍ତମୂଳ ସବୁ ଦୁର୍ବଳ ହୋଇ ସେସବୁ କିଛିଦିନ ପରେ ଆସ୍ତେ ଆସ୍ତେ

-ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସ୍ୱାସ୍ଥ୍ୟ ସୂଚନା



- ସାମାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲେ କେତେକ ଡାକ୍ତରଙ୍କ ପରାମର୍ଶ ନ କରି ଔଷଧ ଖାଇଥାଆନ୍ତି। ଏପରି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। କାରଣ କେଉଁ ରୋଗର ପ୍ରାରମ୍ଭିକ ସ୍ତରରେ କି ଔଷଧ ଖାଇବା ଦରକାର ତାହା ସେମାନେ ପରାମର୍ଶ ଦେଇଥାଆନ୍ତି।
- ପେଟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଅତ୍ୟଧିକ ମସଲା ଏବଂ ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ଖାଉଥିବା ସମୟରେ କେତେକ ତା' ଭିତରେ ପାଣି ପିଇଥାଆନ୍ତି। ଏପରି ଅଭ୍ୟାସଠାରୁ ଦୂରେଇ ରହନ୍ତୁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।
- ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ।
- କୌଣସି ଗୁରୁତର ରୋଗରେ ପୀଡ଼ିତ ଥିଲେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ନିଜର ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିଲେ ସେ ବିଷୟରେ କୌଣସି କଥା ଲୁଚାନ୍ତୁ ନାହିଁ। କାରଣ ରୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପରେ ହିଁ ସେ ସେହି ଅନୁସାରେ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି।

# ଦାନ୍ତ ପାଇଁ କ୍ଷତିକାରକ ସୁଗାର ଫ୍ରି ଖାଦ୍ୟ



ସାଧାରଣତଃ ଡାଇବେଟିସ୍ ରୋଗୀ ନିଜର ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିଥାଆନ୍ତି। ବିଶେଷଭାବରେ ଡାକ୍ତର ସେମାନଙ୍କୁ ସୁଗାର ଫ୍ରି ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାଆନ୍ତି, ଯାହାଦ୍ୱାରା ରକ୍ତରେ ଶର୍କରା ମାତ୍ରା ନିୟନ୍ତ୍ରଣରେ ରହିଥାଏ। କିନ୍ତୁ ଏହି ଖାଦ୍ୟ ଅତ୍ୟଧିକ ପରିମାଣରେ ଖାଇଲେ ତାହା ଦାନ୍ତକୁ ପ୍ରଭାବିତ କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ଡାଇବେଟିସ୍ ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିୟମିତ ସୁଗାର ଫ୍ରି ଖାଦ୍ୟ ଖାଉଥିବା କେତେଜଣ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନେ ଏକଥା ଜାଣିପାରିଥିଲେ। ତର୍ଜମା ସମୟରେ ସେମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କ ଦାନ୍ତ ଏହାଦ୍ୱାରା ପ୍ରଭାବିତ ହୋଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସୁଗାର ଫ୍ରି ଖାଦ୍ୟ ନୁହେଁ, ସୁଗାର ଫ୍ରି ମୃଦୁପାନୀୟ ଦାନ୍ତ କ୍ଷୟର କାରଣ ସାଜିଥାଏ। କାରଣ ଏଗୁଡ଼ିକରେ ମିଶାଯାଉଥିବା ରାସାୟନିକ ତତ୍ତ୍ୱ ଦାନ୍ତର ଉପରଭାଗକୁ ଧୀରେ ଧୀରେ ନଷ୍ଟ କରିବା ଆରମ୍ଭ କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ଅଙ୍ଗୁର ଓ ଲୋ ବ୍ଲଡ୍ ପ୍ରେସର



ବ୍ଲଡ୍ ପ୍ରେସର ବା ରକ୍ତଚାପ ଆଜିକାଲ ଏକ ସାଧାରଣ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଲଟିଗଲାଣି। ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ- ଉଚ୍ଚ ରକ୍ତଚାପ (ହାଇ ବ୍ଲଡ୍‌ପ୍ରେସର) ଏବଂ ନିମ୍ନ ରକ୍ତଚାପ (ଲୋ ବ୍ଲଡ୍‌ପ୍ରେସର)। ଜଣେ ଲୋ ବ୍ଲଡ୍ ପ୍ରେସର ରୋଗୀ ନିଜର ଖାଦ୍ୟପେୟ ପ୍ରତି ସଚେତନ ହେବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ଦରକାର। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଏପରି ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଯଦି ପ୍ରତିଦିନ କିଛି ଅଙ୍ଗୁର ଖାଆନ୍ତି ତେବେ ଲୋ ବ୍ଲଡ୍‌ପ୍ରେସର ନିୟନ୍ତ୍ରଣରେ ରହିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଭେଷଜ ବିଶେଷଜ୍ଞମାନେ 'ଲୋ ବ୍ଲଡ୍‌ପ୍ରେସର ଏବଂ ଅଙ୍ଗୁର' ବିଷୟବସ୍ତୁକୁ ନେଇ ଏକ ଗବେଷଣା କରି ଏପରି କଥା ଜାଣିପାରିଛନ୍ତି। ଏହା ସହ ସେହି ବ୍ୟକ୍ତି ପ୍ରଚୁର ପାଣି ପିଇବା ଆବଶ୍ୟକ। ଅଳ୍ପ ଲୁଣ ଖାଇଲେ କିଛି କ୍ଷତି ନାହିଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଖାଦ୍ୟ ତାଲିକାରେ ଆଇରନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ତଟକା ପନିପରିବାରେ ପ୍ରଚୁର ଆଇରନ୍ ଭରି ରହିଛି। ଓଟ୍‌ସରେ ଥିବା ଫାଇବର ତତ୍ତ୍ୱ ଲୋ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ଏମାନେ ଦୈନନ୍ଦିନ ଖାଦ୍ୟ ତାଲିକାରେ ରସୁଣକୁ ସାମିଲ କରିପାରନ୍ତି।

## ସଂକ୍ଷେପରେ

### ସୌଦିରେ ଡ୍ରୋନ ଆକ୍ରମଣ ପରେ
## ପେଟ୍ରୋଲ ୧.୫୯, ଡିଜେଲ ୧.୩୧ଟଙ୍କା ବଢ଼ିଛି

**ନୂଆଦିଲ୍ଲୀ,୨୨-୯:** ସୌଦି ଆରବର ଆରାମ୍‌କୋ ତୈଳ ଭଣ୍ଡାରରେ ଡ୍ରୋନ ଆକ୍ରମଣ ପରେ ବିଗତ ୬ ଦିନ ମଧ୍ୟରେ ଦେଶରେ ପେଟ୍ରୋଲ ଲିଟର ପିଛା ୧.୫୯ ଟଙ୍କା ଓ ଡିଜେଲ ଲିଟର ପିଛା ୧.୩୧ ଟଙ୍କା ବୃଦ୍ଧି ପାଇଛି। ୨୦୧୭ରେ ଦେଶରେ ଦୈନିକ ତେଲ ଦର ସମୀକ୍ଷା ଆରମ୍ଭ ପରଠାରୁ ଏହି ବୃଦ୍ଧି ସବୁଠାରୁ ଅଧିକ କୁହାଯାଉଛି। ରବିବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୨୭ ପଇସା ବୃଦ୍ଧି କରାଯିବା ଯୋଗୁ ଲୋକେ ୭୩.୬୨ ଟଙ୍କାରେ କିଣିବାକୁ ବାଧ ହେଉଛନ୍ତି। ସେହିପରି ଡିଜେଲ ଦର ଲିଟର ପିଛା ୧୮ ପଇସା ବୃଦ୍ଧି ପାଇ ୬୬.୭୪ ଟଙ୍କା ହୋଇଛି। ସୌଦି ଆରାମ୍‌କୋର ତୈଳ ଭଣ୍ଡାରରେ ଡ୍ରୋନ ଆକ୍ରମଣ ପରେ କ୍ରମାଗତ ୬ ଦିନ ହେବ ତେଲ ଦର ବଢ଼ିଛି। ଡ୍ରୋନ ଆକ୍ରମଣର ଦିନକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୨୦ ପ୍ରତିଶତ ବୃଦ୍ଧି ପାଇଥିଲା। ତେବେ ଅଳ୍ପ କେଇଦିନ ଭିତରେ ତୈଳ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ସୌଦି ଆରବ ପ୍ରତିଶ୍ରୁତି ଦେବା ପରେ ଏବେ ଅଶୋଧିତ ତେଲ ଦର ହ୍ରାସ ପାଇଛି। ତେବେ ପୂର୍ବାପେକ୍ଷା ସେଭଳି ହ୍ରାସ ପାଇନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୌଦି ସରକାର ଭାରତକୁ ତେଲ ଯୋଗାଣ ଜାରି ରଖିବ ବୋଲି କହିଥିବା ଇଣ୍ଡିଆନ ଅଏଲ କର୍ପୋରେଶନ ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି। ତେବେ ଭାରତର ଅବଶିଷ୍ଟ ଚାହିଦା କାତାରରୁ ପୂରଣ କରାଯିବ। ଇତିମଧ୍ୟରେ ସୌଦି ଆରବ ସମ୍ପୂର୍ଣ୍ଣ ଏଲ୍‌ପିଜି ଯୋଗାଣ ଜାରି ରଖିପାରିବ ନାହିଁ ବୋଲି କହିବା ପରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ଅକ୍ଟୋବରରେ ଆମଦାନୀ ଜାରି ରଖିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ଟେଣ୍ଡର ଜାରି କରିଛି। ସୂଚନାଥାଉ କି, ଭାରତ ପ୍ରତି ମାସରେ ପ୍ରାୟ ୨ ଲକ୍ଷ ଟନ ଏଲ୍‌ପିଜି ସୌଦି ଆରବରୁ ଆମଦାନୀ କରିଥାଏ।

### କର୍ପୋରେଟ ଟିକସ ହ୍ରାସ
## ଶୀର୍ଷ ୧୦୦୦ କମ୍ପାନୀଙ୍କୁ ହେବ ୩୭ ହଜାର କୋଟିର ଫାଇଦା

**ନୂଆଦିଲ୍ଲୀ,୨୨-୯:** ସରକାରଙ୍କ ପକ୍ଷରୁ କର୍ପୋରେଟ ଟିକସ ହ୍ରାସ ଘୋଷଣା କରାଯିବା ଦ୍ୱାରା ତାଲିକାଭୁକ୍ତ ଶୀର୍ଷ ୧ ହଜାର କମ୍ପାନୀଙ୍କୁ ପ୍ରାୟ ୩୭ ହଜାର କୋଟି ଟଙ୍କାର ଫାଇଦା ମିଳିବାକୁ ଯାଉଛି ବୋଲି କ୍ରେଡିଟ ରେଟିଂ ଏଜେନ୍ସି କ୍ରିସିଲ୍‌ର ଏକ ରିସର୍ଚ୍ଚରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଗତ କିଛିଦିନ ହେବ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର କରାଯାଇଥିବା ଘୋଷଣା ଅତ୍ୟନ୍ତ ବ୍ୟାପକ ଥିଲା। କମ୍ପାନୀର ବିଶ୍ଳେଷଣ ଅନୁଯାୟୀ, କର୍ପୋରେଟ ଟିକସ ହ୍ରାସ ସରକାରଙ୍କ ମୋଟ ସଞ୍ଚୟ ଅନୁମାନର ପ୍ରାୟ ୨୫% ବୋଲି ମନେ କରାଯାଉଛି। ଟିକସ ହ୍ରାସ ଦ୍ୱାରା ଏବେ ଭାରତ ଏସିଆର ଅଧିକାଂଶ ଦେଶର ଅର୍ଥନୀତି ସହ ସମକକ୍ଷ ହୋଇଛି। ୧୦୦୦ ଶୀର୍ଷ କମ୍ପାନୀଙ୍କୁ ନେଇ ୮୦ରୁ ଅଧିକ କ୍ଷେତ୍ରର ବିଶ୍ଳେଷଣ କରି କ୍ରିସିଲ ପକ୍ଷରୁ ରିସର୍ଚ୍ଚ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ବଜାର ପୁଞ୍ଜୀକରଣରେ ଏହି ୧୦୦୦ କମ୍ପାନୀଙ୍କ ୭୦ ପ୍ରତିଶତ ଅଂଶ ରହିଛି। ବିଶ୍ଳେଷଣରୁ ଜଣାପଡୁଛି ଯେ, ଗତ ୫ ବର୍ଷରେ ଲାଗୁ ହୋଇଥିବା କର୍ପୋରେଟ ଟିକସ ଅଧିକ ରହିଥିଲା। ତେଲ ଏବଂ ଗ୍ୟାସ୍ ତଥା ଆର୍ଥିକ ସେବା କ୍ଷେତ୍ରର କମ୍ପାନୀଗୁଡ଼ିକ ଉକ୍ତ ୧୦୦୦ କମ୍ପାନୀଙ୍କ ମଧ୍ୟରେ ସାମିଲ ହୋଇଛି। ଏହି ଆକଳନ ଆର୍ଥିକ ବର୍ଷ ୨୦୧୮-୧୯ର ଟିକସ ପୂର୍ବ ଲାଭ ଆଧାରିତ ହୋଇଛି। ସୂଚନାଥାଉ କି, ସରକାର କର୍ପୋରେଟ ଟିକସ ହାରକୁ ୨୫.୧୭%କୁ ହ୍ରାସ ଘୋଷଣା କରିଛନ୍ତି। ଏଥିରେ ମୂଳ ଟିକସ ସହ ଜିଏସ୍‌ଟି ଓ ସେସ୍‌କୁ ସାମିଲ କରାଯାଇଛି।



ମାନ୍ଦାବସ୍ଥା କାରଣରୁ ଗୋଦ୍‌ରେଜ କନ୍‌ଷ୍ଟ୍ରକ୍‌ଶନ ସହରାଞ୍ଚଳ ଢ଼ାଞ୍ଚା ନିର୍ମାଣକୁ ଅଧିକ ଗୁରୁତ୍ୱ ଦେଉଛି। କାରଣ ସରକାର ସହରାଞ୍ଚଳର ବିକାଶ ଉପରେ ଅଧିକ ଜୋର୍ ଦେଉଛନ୍ତି।
**– ଅନୁପ ମାଥ୍ୟୁ, ବରିଷ୍ଠ ଉପସଭାପତି ଗୋଦ୍‌ରେଜ କନ୍‌ଷ୍ଟ୍ରକ୍‌ଶନ**



ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ସୁଧୁରିବାର ସଙ୍କେତ ମିଳୁ ନ ଥିବା କାରଣରୁ ହିରୋ ମୋଟୋକର୍ପ ଆର୍ଥିକ ବର୍ଷ ୨୦୨୦ ଲାଗି ପୁଞ୍ଜିନିବେଶକୁ ୧୫୦୦ କୋଟି ତଳେ ରଖିବ।
**– ନିରଞ୍ଜନ ଗୁପ୍ତା, ହିରୋ ମୋଟୋକର୍ପ ସିଏଫଓ**

# ୧୫୦ ଘରୋଇ ଟ୍ରେନ ଚଳାଇବାକୁ ଯୋଜନା

**ନୂଆଦିଲ୍ଲୀ,୨୨-୯**

ଆଗାମୀ ଦିନରେ ରେଳଯାତ୍ରୀମାନେ ଘରୋଇ ଟ୍ରେନରେ ଆରାମଦାୟକ ଯାତ୍ରାର ମଜା ଉଠାଇପାରିବେ। ଏହି ଟ୍ରେନଗୁଡ଼ିକ ଅତ୍ୟାଧୁନିକ ହେବା ସହ ଆରାମ୍ ଦୃଷ୍ଟିରୁ ବିଶ୍ୱସ୍ତରୀୟ ହେବ। ଭାରତୀୟ ରେଲୱେ ପକ୍ଷରୁ ଏପରି ବ୍ୟବସ୍ଥା ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ବିନୋଦ କୁମାର ଯାଦବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ,'ତେଜସ୍ ଏକ୍ସପ୍ରେସ' ନାମରେ ଏହି ଟ୍ରେନ ଆସନ୍ତା ମାସର ପ୍ରଥମ ସପ୍ତାହରେ ଚାଲିବା ଆରମ୍ଭ କରିବ। ଏଥିପାଇଁ ରେଲୱେ କ୍ୟାଟରିଂ ବୁଝୁଥିବା ଆଇଆର୍‌ସିଟିସିକୁ ଦାୟିତ୍ୱ ଦିଆଯାଇଛି। ଏହି ପରୀକ୍ଷାନିରୀକ୍ଷା ସଫଳ ହେଲେ ଭାରତୀୟ ରେଲୱେ ଆଗାମୀ ଦିନରେ ଦେଶରେ ୧୫୦ ଘରୋଇ ଟ୍ରେନ ଚଳାଇବାକୁ ଯୋଜନା ପ୍ରସ୍ତୁତ କରିଛି।

ରେଲୱେର ଯୋଜନା ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଦିଲ୍ଲୀ-ମୁମ୍ବାଇ ଓ ଦିଲ୍ଲୀ-ହାଓଡା ମଧ୍ୟରେ ଫ୍ରେଟ୍ କରିଡର ସମେତ ବ୍ୟବସାୟିକ ଦୃଷ୍ଟିରୁ ଲାଭଜନକ ରୁଟ୍‌ରେ ଏହି ଟ୍ରେନଗୁଡ଼ିକ ଚଳାଯିବ। ରୁଟ୍‌କୁ ନେଇ କୌଣସି ବିବାଦର ସମାଧାନ ଲାଗି ଏକ ନିୟାମକ ଗଠନ କରାଯିବ। ଏନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ୨୦୨୦ ଶେଷ ସୁଦ୍ଧା ନିଲାମ ପ୍ରଦାନ ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ଫଳରେ ନୂଆ ଘରୋଇ ଟ୍ରେନ ୨୦୨୩-୨୪ ସୁଦ୍ଧା ଦେଶରେ ପୂର୍ଣ୍ଣ ଦମ୍‌ରେ ଚଳାଚଳ କରିପାରିବେ। ତାଙ୍କର କହିବାନୁଯାୟୀ, ୧୬ ବଗି ବିଶିଷ୍ଟ ୧୫୦ ଘରୋଇ ଟ୍ରେନ ଲାଗି ୨୪୦୦ କୋଚ୍ ବ୍ୟବହାର କରାଯିବ। ଏଥିପାଇଁ ପ୍ରାୟ ୧୬ ହଜାର କୋଟି ଟଙ୍କା ବ୍ୟୟ ହେବ। ଯାଦବ କହିଛନ୍ତି ଯେ, ଦେଶରେ ଘରୋଇ କମ୍ପାନୀଙ୍କ ଦ୍ୱାରା କଣ୍ଟେନର ଟ୍ରେନ ପରିଚାଳନା କରାଯାଇସାରିଛି। କିନ୍ତୁ ପ୍ରଥମ ଥର ୧୫୦ ପାସେଞ୍ଜର ଟ୍ରେନର ପରିଚାଳନା ଦାୟିତ୍ୱ ଘରୋଇ ହାତକୁ ଟେକି ଦିଆଯିବ। ରେଲୱେର ଯୋଜନାନୁଯାୟୀ ଘରୋଇ ହାତରେ ଟ୍ରେନକୁ ଟେକି ଦେବା କେବଳ ଦେଖାଣିଆ ହେବ ନାହିଁ। ଘରୋଇ ଅପରେଟରମାନେ ନିଜସ୍ୱ ଲୋକୋ ଡ୍ରାଇଭର ନିଯୁକ୍ତ କରିପାରିବେ। ତେବେ ସେମାନଙ୍କୁ ରେଲୱେ ଦ୍ୱାରା ଅନୁମୋଦିତ ହେବାକୁ ପଡିବ। ସେ କହିଛନ୍ତି ଯେ,



**୨୪୦୦ କୋଚ୍ ଲାଗିବ**
- ୧୬ ହଜାର କୋଟି ଖର୍ଚ୍ଚ ହେବ
- ୨୦୨୩-୨୪ ସୁଦ୍ଧା ଟ୍ରେନ ଚାଲିବ
- ୨୦୨୦ ଶେଷ ସୁଦ୍ଧା ନିଲାମୀ ଡକାଯିବ

ଘରୋଇ ଅପରେଟରମାନେ ବିଦେଶରୁ କୋଚ୍ ଓ ଇଞ୍ଜିନ ଆଣିପାରିବେ ନଚେତ୍ ରେଲୱେ ଠାରୁ ଏହାକୁ ଭଡ଼ା ବା ଲିଜ୍ ସୂତ୍ରରେ ନେଇପାରିବେ। ଏହି ଯୋଜନା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ପ୍ଲାଟ୍‌ଫର୍ମ, ଟ୍ରାକ୍, ସିଗ୍‌ନାଲ ଓ ଅନ୍ୟାନ୍ୟ ଭିତ୍ତିଭୂମି ବ୍ୟବହାର କରିବା ବାବଦରେ ଘରୋଇ ଅପରେଟରଙ୍କଠାରୁ ସାମଗ୍ରୀର ପରିବହନ ଶୁଳ୍କ ଆଦାୟ କରାଯିବ। ସେମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ୱଳ୍ପ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ଅତ୍ୟାଧୁନିକ ଟ୍ରେନ ଆମଦାନୀ କରିବାକୁ କୁହାଯିବ। ସେଥିଲାଗି ସେମାନଙ୍କର ସ୍ୱତନ୍ତ୍ର ବିଦ୍ୟୁତ ଦେୟ ସ୍ଥିର କରାଯିବ। ଅପରେଟରଙ୍କ କନ୍‌ସୋର୍ଟିୟମ ମାଧ୍ୟମରେ ଘରୋଇ ଟ୍ରେନଗୁଡ଼ିକ ପରିଚାଳନା କରାଯିବ ବୋଲି ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ହର୍ଷ ଧିଙ୍ଗ୍‌ରା କହିଛନ୍ତି। ସେ ପୂର୍ବରୁ ବୋମ୍ବାର୍ଡିୟର ଇଣ୍ଡିଆର କଣ୍ଟ୍ରି ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, ବୋମ୍ବାର୍ଡିୟର ସମେତ ଡ୍ୟୁଶ୍‌ଟ ବାନ୍ ଏଜି(ଜର୍ମାନୀ), ଏସ୍‌ଏନ୍‌ସିଏଫ୍(ଫ୍ରାନ୍ସ), ଏମ୍‌ଟିଆର୍(ସିଙ୍ଗାପୁର), ଭର୍ଜିନ ଟ୍ରେନ୍ସ(ୟୁକେ), ଫାର୍ଷ୍ଟ(ୟୁକେ) ଏବଂ ରେନ୍‌ଫି(ସ୍ପେନ୍) ବିଶ୍ୱବିଖ୍ୟାତ ଟ୍ରେନ ଅପରେଟର ଭାବେ ଜଣାଶୁଣା। ସେହିପରି ରେଲୱେ ଏସ୍‌ଏନ୍‌ସିଏଫ୍ ଭଳି ରାଷ୍ଟ୍ରାୟତ୍ତ ଟ୍ରେନ କମ୍ପାନୀଙ୍କୁ ମଧ୍ୟ ନିଲାମୀରେ ସାମିଲ ହେବାକୁ ସୁଯୋଗ ଦେବ। ସୂଚନାଥାଉ କି, ରେଳମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ କହିଥିଲେ ଯେ, ସରକାର ପବ୍ଲିକ୍-ପ୍ରାଇଭେଟ ପାର୍ଟନରଶିପ୍ ଜରିଆରେ ଘରୋଇ ଟ୍ରେନ ପରିଚାଳନା କରିବେ। କାରଣ ରେଲୱେ ଟ୍ରାକ୍, ସିଗ୍‌ନାଲ ଓ ଷ୍ଟେଶନ ରେଲୱେ ହାତରେ ରହିବ। ସେହିପରି ସରକାର ରେଲୱେର ନିଜସ୍ୱ ଟ୍ରେନକୁ ଘରୋଇ ହାତରେ ଟେକି ଦେବେ ନାହିଁ। ଧିଙ୍ଗରାଙ୍କ ମତରେ ଟାଟା, ଅଡାନୀ ଓ ଏଲ୍‌ଆଣ୍ଡଟି ଭଳି ବୃହତ ଘରୋଇ କମ୍ପାନୀ ଅପରେଟର ଭୂମିକାରେ ଓହ୍ଲାଇବାକୁ ପାଦ ବଢ଼ାଇବେ। ସ୍ପେନର ହାଇସ୍ପିଡ୍ ପାସେଞ୍ଜର ଟ୍ରେନ ନିର୍ମାତା ଟାଲ୍‌ଗୋର ଭାରତୀୟ କମ୍ପାନୀ ଏମ୍‌ଡି ସୁବ୍ରତ ନାଥ କହିଛନ୍ତି ଯେ, ବହୁ ଭାରତୀୟ କମ୍ପାନୀ ସେମାନଙ୍କ ସହ ଟାଇ-ଅପ୍ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ ରେଲୱେ ପକ୍ଷରୁ ବେଙ୍ଗାଲୁରୁ-ଚେନ୍ନାଇ, ବେଙ୍ଗାଲୁରୁ-ମହିଶୂର, ସିକନ୍ଦରାବାଦ୍-ଭାଇଜାଗ୍, ନାଗପୁର-ସିକନ୍ଦରାବାଦ୍ ଏବଂ ହାଓଡା-ଭାଇଜାଗ୍ ରୁଟ୍‌ରେ ମଧ୍ୟ ଘରୋଇ ଟ୍ରେନ ଚଳାଚଳ ଲାଗି ନିଲାମ ଡକାଯାଇପାରେ। ରେଲୱେର ଆକଳନ ଅନୁଯାୟୀ ଦିଲ୍ଲୀ-କୋଲକାତା ଓ ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ଡେଡିକେଟେଡ ଫ୍ରେଟ୍ କରିଡର ନିର୍ମାଣ ୨୦୨୧ ଡିସେମ୍ବର ସୁଦ୍ଧା ଶେଷ ହେବାକୁ ଯାଉଛି। ଏହାର ଅର୍ଥ ବର୍ତ୍ତମାନ ଚାଲୁଥିବା ୯୦% ପାସେଞ୍ଜର ଓ ମାଲ୍ ପରିବହନ ଟ୍ରେନ୍ ଏହି ରୁଟ୍‌କୁ ଚାଲିଯିବ। ଅର୍ଥାତ ଏହି ରୁଟ୍‌ରେ ୧୨୦ ଟ୍ରେନ ଘଣ୍ଟାରେ ୮୦ କିମି ହିସାବରେ ଚାଲିପାରିବ। ତେଣୁ ଏହି କରିଡରରେ ୨୦୨୩-୨୪ ସୁଦ୍ଧା ଅଧିକ ସେମି ହାଇସ୍ପିଡ୍ ଟ୍ରେନର ଆବଶ୍ୟକତା ହେବ। ଏ କ୍ଷେତ୍ରରେ ଘରୋଇ ଅପରେଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

# ଦିଲ୍ଲୀରେ ପିଆଜ କିଲୋ ୮୦

**ନୂଆଦିଲ୍ଲୀ,୨୨-୯**

- ଯୋଗାଣ ପ୍ରଭାବିତ ଯୋଗୁ ଦର ବଢ଼ୁଛି
- ସ୍ଥିତି ନିୟନ୍ତ୍ରଣ ନ ହେଲେ ମହଜୁଦ ଉପରେ ସୀମା ଲାଗିବ
- ପିଆଜ ଉତ୍ପାଦନକାରୀ ରାଜ୍ୟରେ ବର୍ଷା ଯୋଗୁ ଉତ୍ପାଦନ ପ୍ରଭାବିତ



ଦେଶର ରାଜଧାନୀ ନୂଆଦିଲ୍ଲୀ ସହ ଅନ୍ୟ ପ୍ରାନ୍ତରେ ପିଆଜ ଦର କିଲୋ ପିଛା ୭୦ରୁ ୮୦ ଟଙ୍କା ଛୁଇଁଛି। ଏପରି ସ୍ଥିତିରେ କେନ୍ଦ୍ର ସରକାର ବ୍ୟବସାୟୀଙ୍କ ପିଆଜ ମହଜୁଦ କରିବାର ସୀମା ନିର୍ଦ୍ଧାରଣ କରିବାକୁ ବିଚାର କରୁଛନ୍ତି। ପିଆଜ ଉତ୍ପାଦନକାରୀ ରାଜ୍ୟରେ ବର୍ଷା ଯୋଗୁ ଉତ୍ପାଦନ ବାଧାପ୍ରାପ୍ତ ହେବାରୁ ଏଭଳି ସ୍ଥିତି ଉପୁଜିଛି। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ମୁତାବକ ଗତ ସପ୍ତାହରେ ନୂଆଦିଲ୍ଲୀରେ ପିଆଜର କିଲୋ ପ୍ରତି ଦର ୫୭ ଟଙ୍କା ରହିଥିଲା। ସେହିଭଳି ମୁମ୍ବାଇରେ ଏହାର ଦାମ ୫୬ ଟଙ୍କା ଥିବା ବେଳେ କଲିକତାରେ ୪୮ ଏବଂ ଚେନ୍ନାଇରେ ୩୪ ଟଙ୍କା ଥିଲା। ଅପରପକ୍ଷରେ ଗୁରୁଗ୍ରାମ ଏବଂ ଜମ୍ମୁରେ ପିଆଜ ଦର ୬୦ ଟଙ୍କା ଛୁଇଁଛି। ଗତ ସପ୍ତାହରେ ପିଆଜର ଖୁଚୁରା ବଜାର ଦର ୫୦ରୁ ୬୦ ଟଙ୍କା ଥିବା ବେଳେ ଏହା ୭୦ରୁ ୮୦ଟଙ୍କା ଛୁଇଁଛି।

ସୂତ୍ର ମୁତାବକ, ପିଆଜ ଦର ନିୟନ୍ତ୍ରଣ ଏବଂ ଯୋଗାଣକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ପିଆଜ ଦର ହ୍ରାସ ହେବାର ନାଁ ଧରୁନାହିଁ। ଗତ ୨ରୁ ୩ ଦିନ ମଧ୍ୟରେ ପିଆଜ ଉତ୍ପାଦକ ରାଜ୍ୟଗୁଡିକରେ ପ୍ରବଳ ବର୍ଷା ଯୋଗୁ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଆଗାମୀ କିଛି ଦିନରେ ସ୍ଥିତି ନିୟନ୍ତ୍ରଣକୁ ନ ଆସିଲେ ସରକାର ପିଆଜ ମହଜୁଦ ଉପରେ ସୀମା ନିର୍ଦ୍ଧାରଣ କରିବେ। ପାଣିପାଗ ବିଭାଗ ସୂଚନା ମୁତାବକ ମହାରାଷ୍ଟ୍ର, କର୍ଣାଟକ, ଆନ୍ଧ୍ର ପ୍ରଦେଶ, ଗୁଜରାଟ, ପୂର୍ବ ରାଜସ୍ଥାନ ଏବଂ ପଶ୍ଚିମ ମଧ୍ୟପ୍ରଦେଶରେ ପ୍ରବଳ ବର୍ଷା ହୋଇଛି। ବ୍ୟବସାୟୀଙ୍କ ସୂଚନା ମୁତାବକ ଏବେ ଭଣ୍ଡାରରେ ଥିବା ପିଆଜ ବିକ୍ରି ହେଉଛି। ଖରିଫ ଫସଲ ନଭେମ୍ବରରେ ବଜାରକୁ ଆସିବ ବୋଲି ଜଣାପଡିଛି।

### କର୍ପୋରେଟ ଟିକସ ହ୍ରାସକୁ ନେଇ ସ୍ପଷ୍ଟ କଲେ ସୀତାରାମନ୍
## ବର୍ତ୍ତମାନ ବିତ୍ତୀୟ ନିଅଣ୍ଟ ସଂଶୋଧନ ହେବ ନାହିଁ

**ନୂଆଦିଲ୍ଲୀ,୨୨-୯**

କର୍ପୋରେଟ, ମିନିମମ୍ ଅଲ୍‌ଟରନେଟ ଟିକସ ତଥା ହୋଟେଲ ଶିଳ୍ପ ପାଇଁ ଟିକସ ହ୍ରାସ ଘୋଷଣା କରାଯିବା ଯୋଗୁ ବିତ୍ତୀୟ ନିଅଣ୍ଟ ଉପରେ ଚାପ ବଢ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଏଥିଯୋଗୁ ସରକାର ଧାର୍ଯ୍ୟ କରିଥିବା ୩.୩%ର ଲକ୍ଷ୍ୟ ଟପିଯିବ ବୋଲି ସେମାନେ କହୁଥିବା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିଜର ପଦକ୍ଷେପ ନେଇ ନିଃସନ୍ଦେହ ରହିଛନ୍ତି। କର୍ପୋରେଟ ଟିକସ ହ୍ରାସ ଯୋଗୁ ସରକାର ବିତ୍ତୀୟ ନିଅଣ୍ଟର ସଂଶୋଧନ ଅଥବା ଖର୍ଚ୍ଚକାଟ କରିବେ ନାହିଁ ବୋଲି ସୀତାରାମନ୍ ସ୍ପଷ୍ଟ କରିଛନ୍ତି। ୨୦୨୦-୨୧ ବଜେଟରେ ସରକାର ବିତ୍ତୀୟ ନିଅଣ୍ଟ ସଂଶୋଧନ ବିଷୟରେ ଚିନ୍ତା କରିବେ ବୋଲି ସେ ରବିବାର ଖବରଦାତାଙ୍କୁ କହିଛନ୍ତି। ତାଙ୍କର କହିବାନୁଯାୟୀ, ସରକାର ୨୦୧୯-୨୦ର ଦ୍ୱିତୀୟାର୍ଦ୍ଧରେ ବଜାରରୁ ଅତିରିକ୍ତ ଋଣ ନେବା ନେଇ ନିଷ୍ପତ୍ତି ନେବେ। ସୂଚନାଥାଉ କି, ସରକାର ପୂର୍ବରୁ ଗଣମାଧ୍ୟମକୁ କହିଥିଲେ ଯେ, ଭାରତ ଚଳିତ ଆର୍ଥିକ ବର୍ଷରେ ଏହାର ବିତ୍ତୀୟ ନିଅଣ୍ଟର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିବ ନାହିଁ। ଫଳରେ ଏହାକୁ ସଂଶୋଧନ କରାଯାଇ ୩.୫%ରେ ପୁନଃ ଧାର୍ଯ୍ୟ କରାଯିବ। ପୂର୍ବରୁ ବିତ୍ତୀୟ ନିଅଣ୍ଟ ଜିଡିପିର ୩.୩%ରେ ରହିବ ବୋଲି ସରକାର ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ।

# ୫ ଦିନ ବନ୍ଦ ରହିବ ବ୍ୟାଙ୍କ କାରବାର

**ନୂଆଦିଲ୍ଲୀ,୨୨-୯**

ଚଳିତ ମାସ ୨୯ରୁ ନବରାତ୍ର ଆରମ୍ଭ ହେଉଥିବା ବେଳେ ଏହା ପୂର୍ବରୁ ନଗଦ ନିଜ ନିକଟରେ ରଖିନେବା ବୁଦ୍ଧିମାନ କାମ ହେବ। କାରଣ ଚଳିତ ମାସ ଶେଷ ୫ ଦିନ ଲାଗି ବ୍ୟାଙ୍କ କାରବାର ବନ୍ଦ ରହିବ। ଲଗାତର ଭାବେ ଏତେଦିନ ବ୍ୟାଙ୍କ ବନ୍ଦ ରହିବା ଯୋଗୁ ନଗଦ ସଙ୍କଟ ଦେଖାଦେଇପାରେ। ଏଣୁ ବ୍ୟାଙ୍କ ବନ୍ଦ ହେବା ଆଗକୁ ସମସ୍ତ ପ୍ରସ୍ତୁତି କରିନେଲେ କୌଣସି ଅସୁବିଧା ସାମ୍ନା କରିବାକୁ ପଡିବ ନାହିଁ। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ବ୍ୟାଙ୍କ କର୍ମଚାରୀସଙ୍ଗଠନଗୁଡିକ ୨୬ ଏବଂ ୨୭ ତାରିଖରେ ଧର୍ମଘଟକୁ ଓହ୍ଲାଉଛନ୍ତି। ୨୮ ସେପ୍ଟେମ୍ବର ଚତୁର୍ଥ ଶନିବାର ଏବଂ ୨୯ ତାରିଖ ରବିବାର ପଡିବାରୁ ବ୍ୟାଙ୍କ ବନ୍ଦ ରହିବ। ୩୦ ସେପ୍ଟେମ୍ବରରେ ବ୍ୟାଙ୍କ ଖୋଲିବାକୁ ଥିବା ବେଳେ ବର୍ଷର ୬ ମାସ ସମୟ ଶେଷ ଯୋଗୁ ନେଣଦେଣ ହେବ ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ମୋଟ ୫ ଦିନ ବ୍ୟାଙ୍କ କାରବାର ବନ୍ଦ ରହିବା ଯୋଗୁ ଉପଭୋକ୍ତା ଏବଂ ବ୍ୟବସାୟୀ ନେଣଦେଣ ନେଇ ସମସ୍ୟା ସାମ୍ନା କରିବେ ବୋଲି ଜଣାପଡିଛି।

**ଏଟିଏମ୍‌ରେ ନଗଦ ସମସ୍ୟା ଆଶଙ୍କା**

ଲଗାତର ୫ ଦିନ ବ୍ୟାଙ୍କ କାରବାର ବନ୍ଦ ହେବା ଯୋଗୁ ଏଟିଏମଗୁଡିକରେ କ୍ୟାଶ ଶେଷ ହେବାର ସମସ୍ୟା ମଧ୍ୟ ଉପୁଜିବାର ସମ୍ଭାବନା ରହିଛି। କୌଣସି ଏଟିଏମ୍‌ରେ ନଗଦ ରଖିବାର କ୍ଷମତା ୨ ଦିନ ରହିଥାଏ। ଧର୍ମଘଟ ଏବଂ ବନ୍ଦ ଯୋଗୁ ଏଟିଏମ ଟଙ୍କା ଭରିବା ସମସ୍ୟା ଦେଖାଯିବ।

**ଚେକ୍ କ୍ଲିୟର ପାଇଁ ଲାଗିବ ଅଧିକ ସମୟ**

ଏହି ସମୟରେ ଚେକ୍ କ୍ଲିୟର ହେବାକୁ ଅଧିକ ସମୟ ଲାଗିବ। ଯଦି କୌଣସି ଗ୍ରାହକ ୨୫ ସେପ୍ଟେମ୍ବରରେ ଚେକ୍ କ୍ଲିୟର ଲାଗି ଦେଇଥାନ୍ତି ତେବେ ଏହା କ୍ଲିୟର ଲାଗି ୩ ଅକ୍ଟୋବର ଯାଏ ସମୟ ଲାଗିବ। ଅକ୍ଟୋବର ପହିଲାରେ ଏହା ଯଦି କ୍ଲିୟର ହୁଏ ତେବେ ୨ ଅକ୍ଟୋବର ଗାନ୍ଧୀଜୟନ୍ତି ପଡୁଥିବାରୁ ୩ ତାରିଖରେ ଖାତାକୁ ପଇସା ଆସିବ।

# ଇନୋଭିଟିର ନୂଆ ସ୍ୱାଇପ ମେଶିନ

**ଭୁବନେଶ୍ୱର,୨୨-୯**



ଇନୋଭିଟି ବ୍ରାଣ୍ଡ ପକ୍ଷରୁ ନୂଆ ସ୍ୱାଇପ ମେଶିନ ବଜାରକୁ ଆସିଛି। କମ୍ପାନୀର ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ମାନସ ରଞ୍ଜନ ସାହୁ, ଆର୍‌ଜେସ୍ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ଜୟ ସଦାନୀ, ଶାଖା ପ୍ରବନ୍ଧକ ସୌମ୍ୟ ସଙ୍କେତ ଏହାର ବଜାର ପ୍ରବେଶ କରାଇଛନ୍ତି। କ୍ୟାଶଲେସ ପେମେଣ୍ଟର ବୃଦ୍ଧିକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ମଡେଲ ବଜାରକୁ ଛଡାଯାଇଛି। ଏହା ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ବ୍ୟବହାର କରିବାକୁ ସହଜ ହୋଇଥିବା ବେଳେ ଗ୍ରାହକଙ୍କ କ୍ୟାଶଲେସ ନେଣଦେଣର ବର୍ଦ୍ଧିତ ଚାହିଦା ପୂରଣ ଦିଗରେ ସହାୟକ ହେବ ବୋଲି କମ୍ପାନୀ କହିଛି। ଏହି ସ୍ୱାଇପ ମେଶିନ କ୍ରୟ କରିବାକୁ ଚାହୁଁଥିବା ଗ୍ରାହକ ନିକଟସ୍ଥ ବିତରକ ପଏଣ୍ଟ ସହ ଯୋଗାଯୋଗ କରିପାରିବେ।

## ଅଦ୍ୟାବଧି ଏଫ୍‌ପିଆଇ କାଢ଼ି ନେଇଛନ୍ତି ୪୧୯୩ କୋଟି

**ନୂଆଦିଲ୍ଲୀ,୨୨-୯**

ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର (ଏଫ୍‌ପିଆଇ) ବା ବିଦେଶୀ ନିବେଶକ ଦେଶର ଷ୍ଟକ୍ ବଜାରରୁ ଶେୟାର ବିକ୍ରି କରି ଅଦ୍ୟାବଧି ୪୧୯୩ କୋଟି ଟଙ୍କା କାଢ଼ି ନେଇଛନ୍ତି। ଡିପୋଜିଟୋରି ତଥ୍ୟରୁ ଜଣାପଡିଛି ଯେ, ଏଫ୍‌ପିଆଇ ୩-୨୦ ମଧ୍ୟରେ ଶେୟାର ବଜାରରୁ ୫୫୬୭.୯୯ କୋଟି ଏବଂ ବଣ୍ଡ ବା ଋଣ ବଜାରରୁ ୧,୩୮୪.୮୧ କୋଟି ଟଙ୍କା କାଢ଼ି ନେଇଛନ୍ତି। ଏଥିପୂର୍ବରୁ ଏଫ୍‌ପିଆଇ ଅଗଷ୍ଟରେ ପୁଞ୍ଜି ବଜାରରୁ ୫୯୨୦.୦୨ କୋଟି ଟଙ୍କା ଉଠାଇ ନେଇଥିଲେ।

# ପେସାଦାରି ଅଭିଜ୍ଞତା ହିଁ ସବୁକିଛି: ଶକ୍ତିକାନ୍ତ

**ମୁମ୍ବାଇ,୨୨-୯**



ଇତିହାସର ଛାତ୍ର ଥିବା ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୨୫ତମ ଗଭର୍ନର ହେବା ପରେ ତାଙ୍କୁ ଅନେକ ଥଟ୍ଟା ପରିହାସର ସମ୍ମୁଖୀନ ହେବାକୁ ପଡୁଛି। ଶକ୍ତିକାନ୍ତ ଇତିହାସର ଛାତ୍ର ହେବା କାରଣରୁ ତାଙ୍କୁ ଆର୍‌ବିଆଇ ଗଭର୍ନର ଭଳି ଏକ ଶୀର୍ଷ ପଦବୀରେ କାର୍ଯ୍ୟ କରିବାରେ ଅସୁବିଧା ହେଉଛି କି ବୋଲି ମୁମ୍ବାଇଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ତାଙ୍କୁ ଦର୍ଶକ ମଣ୍ଡଳୀରୁ ଜଣେ ପ୍ରଶ୍ନ ପଚାରିଥିଲେ। ତେବେ ଶକ୍ତିକାନ୍ତ ଏହାର ଉତ୍ତର ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରାସଙ୍ଗିକ ନୁହେଁ। କିନ୍ତୁ ତାଙ୍କର ଅର୍ଥନୀତି ଉପରେ ଗଭୀର ଜ୍ଞାନ ରହିବା ଜରୁରୀ। ଅର୍ଥନୀତିରେ ଦେଖାଦେଉଥିବା ସମସ୍ୟା ଉପରେ ତାଙ୍କର ସାଧାରଣ ଭାବେ ସଚେତନତା ରହିବା ଆବଶ୍ୟକ। ସବୁଠୁ ବଡ଼ କଥା ହେଲା ବ୍ୟକ୍ତିଙ୍କ ନିକଟରେ ପେସାଦାରି ଅଭିଜ୍ଞତା ରହିଥିବା ଜରୁରୀ। ଏହାହିଁ କାର୍ଯ୍ୟରେ ଲାଗିଥାଏ ବୋଲି ଶକ୍ତିକାନ୍ତ କହିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାରରେ ଅର୍ଥ ମନ୍ତ୍ରଣାଳୟର ବିଭିନ୍ନ ଶୀର୍ଷ ପଦବୀରେ ରହିବା ପରେ ଅବସର ନେଇଥିବା ଶକ୍ତିକାନ୍ତଙ୍କୁ ହଠାତ ୨୦୧୮ ଡିସେମ୍ବର ୧୦ରେ ଆର୍‌ବିଆଇର ଗଭର୍ନର ଭାବେ ନିଯୁକ୍ତ କରାଯାଇଥିଲା। ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ତାଙ୍କୁ ଉକ୍ତ ଦାୟିତ୍ୱ ମିଳିଥିଲା। ରାଜନ ଅନ୍ତର୍ଜାତୀୟ ସ୍ତରରେ ଜଣେ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ, ଲେଖକ ଏବଂ ସାମାଜିକ-ରାଜନୈତିକ ଚିନ୍ତକ ଥିବାବେଳେ ପଟେଲ ମୁଦ୍ରାନୀତି ବିଶେଷଜ୍ଞ ଭାବେ ଜଣାଶୁଣା। ଶକ୍ତିକାନ୍ତ ଉଦାହରଣ ଛଳରେ କହିଛନ୍ତି ଯେ, ଆମେରିକା ଫେଡେରାଲ ରିଜର୍ଭ ମୁଖ୍ୟ ଜେରମ ପାୱେଲ ରାଜନୀତି ବିଜ୍ଞାନର ଛାତ୍ର ହୋଇଥିବା ବେଳେ ୟୁରୋପିୟାନ ସେଣ୍ଟ୍ରାଲ ବ୍ୟାଙ୍କର ମୁଖ୍ୟ ତଥା ପୂର୍ବତନ ଆଇଏମ୍‌ଏଫ୍ ପ୍ରେସିଡେଣ୍ଟ କ୍ରିଷ୍ଟିନ ଲାଗାର୍ଡ ଜଣେ ଆଇନ ଛାତ୍ରୀ। ସେହିପରି ବ୍ୟାଙ୍କ ଅଫ୍ ଜାପାନର ମୁଖ୍ୟ ହାରୁହିକୋ କୁରୋଡା ସିଭିଲ ସର୍ଭିସ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଛନ୍ତି ବୋଲି ଶକ୍ତିକାନ୍ତ କହିଛନ୍ତି।

# ମାନ୍ଦାବସ୍ଥା ଦୂର ଲାଗି ଉପାୟ ଦେଲା ଶିଳ୍ପଜଗତ

**ନୂଆଦିଲ୍ଲୀ,୨୨-୯**

- ଟିକସ ହ୍ରାସ ଘୋଷଣାରୁ ଶିଳ୍ପ ଜଗତ ଉତ୍ସାହିତ
- ଚାହିଦା ବୃଦ୍ଧି ନେଇ ଶିଳ୍ପ କ୍ୟାପଟେନଙ୍କ ଗୁରୁତ୍ୱ

ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହାର ଦୂରୀକରଣ ଲାଗି ଦେଶର ଶିଳ୍ପ ଜଗତ ପକ୍ଷରୁ ବିଭିନ୍ନ ଉପାୟ ଦିଆଯାଇଛି। ଇଣ୍ଡିଆ ଟୁଡେ କନକ୍ଲେଭରେ ଦେଶର ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ମାନେ ଯୋଗ ଦେଇ ମାନ୍ଦାବସ୍ଥା ବିରୋଧରେ ଲଢେଇ ଲାଗି ବିଭିନ୍ନ କୌଶଳ ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି। ସରକାର ଶୁକ୍ରବାର କର୍ପୋରେଟ ଟିକସ କ୍ଷେତ୍ର ପଦକ୍ଷେପକୁ ନେଇ ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ ତଥା ପ୍ରଶଂସା କରାଯାଇଛି। ଘରୋଇ କମ୍ପାନୀଗୁଡିକ ଲାଗି କର୍ପୋରେଟ ଟିକସ ହ୍ରାସ ନିଷ୍ପତ୍ତି ଦ୍ୱାରା ଦେଶର ପୁଞ୍ଜି ବଜାରରେ ଉତ୍ସାହ ଫେରିଛି। ସରକାରଙ୍କ ଏହି ପଦକ୍ଷେପ ଦେଶର ଅର୍ଥ ବ୍ୟବସ୍ଥା ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଏଠାରେ କୁହାଯାଇଛି।

ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରି ଗୋଦରେଜ ଗ୍ରୁପର ଅଧ୍ୟକ୍ଷ ଆଦି ଗୋଦରେଜ କହିଛନ୍ତି, ସରକାରଙ୍କ ଉକ୍ତ ଘୋଷଣା ଅର୍ଥନୈତିକ ଧାରାରେ ପରିବର୍ତ୍ତନ ଆଣିବା ସହ ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବାରେ କାର୍ଯ୍ୟ କରିବ। ଏହା ଦ୍ୱାରା ମାନ୍ଦାବସ୍ଥାରୁ ବାହାରିବାକୁ ଅର୍ଥ ବ୍ୟବସ୍ଥାକୁ ବଳ ମିଳିବ। ଏପରି ସ୍ଥିତିରେ ଚାହିଦା ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଗୋଦରେଜ ମତ ରଖିଛନ୍ତି। ଟିକସ ହ୍ରାସ ହେଲେ ସେହି ଅନୁସାରେ ସାମଗ୍ରୀର ମୂଲ୍ୟ କମିବ ବୋଲି କହି ହେବ ନାହିଁ। ଗ୍ରାହକଙ୍କୁ ପ୍ରୋତ୍ସାହିତ କରିବା ନେଇ ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି.ଭାର୍ଗଭ କହିଛନ୍ତି, ସରକାରଙ୍କ ଟିକସ ହ୍ରାସ ନିଷ୍ପତ୍ତି ଏକ ବଡ ପଦକ୍ଷେପ। ମାତ୍ର ଚାହିଦା ଦିଗକୁ ଧ୍ୟାନରେ ରଖିବାକୁ ହେବ। ମାନୁଫାକଚରିଂ କ୍ଷେତ୍ରରେ ପ୍ରଦର୍ଶନ ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କେବଳ ଯୋଗାଣ କ୍ଷେତ୍ରରେ ବିଚାର ନ କରି ଚାହିଦା ଉପରେ ମଧ୍ୟ ଧ୍ୟାନ ରଖିବା ଉପରେ ହିରାନନ୍ଦିନୀ ଗ୍ରୁପ ଅଧ୍ୟକ୍ଷ ନିରଞ୍ଜନ ହୀରାନନ୍ଦିନୀ କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ସରକାର ଦେଶକୁ ଟିକସ କ୍ଷେତ୍ରରେ ଏକ ଉନ୍ନତ ସ୍ଥାନ ଭାବେ ପରିବର୍ତ୍ତନ କରିବାକୁ ଚାହୁଁଥିବା ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କାର୍ଯ୍ୟକ୍ରମରେ ମତ ଦେଇଛନ୍ତି। ସେହିଭଳି ଟିକସ ହ୍ରାସ ହେବା ଦ୍ୱାରା କମ୍ପାନୀଗୁଡିକର କାରବାର ଏବଂ ନଗଦ କ୍ଷେତ୍ରରେ ଏହା ସହାୟତା କରିବ ବୋଲି ସେ ମତ ଦେଇଛନ୍ତି। ବର୍ତ୍ତମାନ କାର ନିର୍ମାତା ମାନେ ସେମାନଙ୍କ ମୂଲ୍ୟ ହ୍ରାସ କରିବାର ସମୟ ଆସିଛି ବୋଲି ସେ କମ୍ପାନୀଗୁଡିକୁ ଆହ୍ୱାନ ଦେଇଛନ୍ତି। ଏହା ହେଲେ ଅଟୋ ସେକ୍ଟରରେ ଚାହିଦା ପୁଣି ଫେରିବ। ଏହା ବାଦ ଟିକସ ଅଧିକାରୀମାନେ ଆକ୍ରୋଶମୂଳକ ଭାବେ ବାଣିଜ୍ୟ ଗୋଷ୍ଠୀଙ୍କୁ ହଇରାଣ କରୁଥିବାରୁ ଏଠାରେ କ୍ଷୋଭ ପ୍ରକାଶ ପାଇଛି।



“ସାଫ୍ ଚାମ୍ପିୟନଶିପ୍‌ରେ ବାଂଲାଦେଶ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ତେଣୁ ଏହି ଦଳ ବିପକ୍ଷ ଆମର ପ୍ରଥମ ମ୍ୟାଚ ନିଶ୍ଚିତ ତୀବ୍ର ସଂଘର୍ଷପୂର୍ଣ୍ଣ ହେବ।

–ଫ୍ଲୟଡ ପିଣ୍ଟୋ, ଭାରତୀୟ ୧୯ ବର୍ଷରୁ କମ୍ ଫୁଟବଲ କୋଚ୍



“ସଦ୍ୟସମାପ୍ତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ବକ୍ସରମାନେ ପାରମ୍ପରିକ ପାୱାରହାଉସ କାଜାଖସ୍ତାନ ଓ ଉଜ୍‌ବେକିସ୍ତାନର ନିକଟତର ହୋଇଛନ୍ତି।

–ସାଣ୍ଟିଆଗୋ ନିଏଭା, ହାଇପରଫର୍ମାନ୍ସ ଡାଇରେକ୍ଟର

## ସଂକ୍ଷେପରେ

### ବାଳିକାରେ ପୁରୀ, ବାଳକରେ ଜଟଣୀ ଚାମ୍ପିୟନ

**ଭୁବନେଶ୍ୱର,୨୨।୯(ସ୍ପୋର୍ଟ୍ସ ବ୍ୟୁରୋ):** କୁଦିଆରୀ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ୧୨ତମ ଜୁନିୟର ରାଜ୍ୟସ୍ତରୀୟ ଥ୍ରୋ ବଲ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୋପାଳ ଚନ୍ଦ୍ର ବେସରା, ସମ୍ମାନିତ ଅତିଥି ଭାବେ ଦେବାଶିଷ ପଟ୍ଟନାୟକ, ଜ୍ୟୋତିରଞ୍ଜନ ଦାସ, ମାନସ ଠାଟୋଇ, ଭାଗୀରଥି ବେସରା ଓ ଜିତେନ୍ଦ୍ର ନାଥ ଦାସ, ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ପାଣୀ, ସତିକାନ୍ତ ପଟ୍ଟନାୟକ, ଯଶୋବନ୍ତ ପରମ ଗୁରୁ ଉପସ୍ଥିତ ଥିଲେ। ବାଳିକା ବିଭାଗରେ ପୁରୀ ୧୬-୧୪ ଓ ୧୬-୧୩ ବ୍ୟବଧାନରେ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ସେହିଭଳି ବାଳକ ବିଭାଗର ଫାଇନାଲରେ ଜଟଣୀ ୧୫-୧୦ ଓ ୧୫-୧୩ ଗେମ୍‌ରେ ପୁରୀକୁ ହରାଇଥିଲା। ମ୍ୟାଚ୍‌ଗୁଡ଼ିକୁ ଯଶୋବନ୍ତ ପରମ ଗୁରୁ ପରିଚାଳନା କରିଥିଲେ। ଦୁଇ ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

### ଗୁଜରାଟକୁ ହରାଇଲା ୟୁ ମୁମ୍ବା

**ଜୟପୁର,୨୨।୯(ପି.ଟି.):** ପ୍ରୋ କବାଡି ଲିଗ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ୟୁ ମୁମ୍ବା ୩୧- ୨୫ ବ୍ୟବଧାନରେ ଗୁଜରାଟ ଫର୍ଚ୍ୟୁନ୍‌ଜିଆଣ୍ଟ୍ସକୁ ପରାସ୍ତ କରିଛି। ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୟୁ ମୁମ୍ବା ପାଇଁ ଅଭିଷେକ ସିଂ ଏ ସୁପର ୧୦ (୧୧ ରେଡ ପଏଣ୍ଟସ) ହାସଲ କରିଛନ୍ତି। ୟୁ ମୁମ୍ବା ପାଇଁ ଡିଫେନ୍ସରେ ସୁରିନ୍ଦର ସିଂ ଓ ହରେନ୍ଦ୍ର କୁମାର ଭଲ ପ୍ରଦର୍ଶନକରି ଉପଯୋଗୀ ପଏଣ୍ଟ ହାସଲ କରିଥିଲେ। ଏହି ବିଜୟ ସହ ମୁମ୍ବାଇର ଏହି ଦଳ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି ଓ ପ୍ଲେ ଅଫ୍ ପର୍ଯ୍ୟାୟ ଆଶାକୁ ଉଜ୍ଜୀବିତ ରଖିଛି। ଲିଗ୍‌ରେ ମୁମ୍ବାଇ ଓ ଗୁଜରାଟ ଡିଫେନ୍ସ ସବୁଠାରୁ ଉଚ୍ଚକୋଟୀର ରହିଥିବା ବେଳେ ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅନ୍ତିମ ୫ ମିନିଟ୍‌ରେ ଡିଫେନ୍ସରେ ଉଚ୍ଚକୋଟୀର ପ୍ରଦର୍ଶନ କରି ମୁମ୍ବାଇ ଶେଷରେ ବାଜି ମାରିଥିଲା।

### ସେମିରେ ଓଡ଼ିଶା ପରାସ୍ତ

**କଟକ ଅଫିସ,୨୨।୯:** ଅରୁଣାଚଳ ପ୍ରଦେଶର ସିଏଚ୍‌ଏଫ ଷ୍ଟାଡିୟମରେ ରବିବାର ୨୫ତମ ସିନିୟର ମହିଳା ଫୁଟବଲ ଜାତୀୟ ଚାମ୍ପିୟନଶିପର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ୧-୩ ଗୋଲରେ ଭାରତୀୟ ରେଲୱେଠାରୁ ପରାସ୍ତ ହୋଇଛି । ରେଲୱେ ପକ୍ଷରୁ ୱାଇ କମଳାଦେବୀ ୧୦ତମ, ୬୦ତମ ମିନିଟରେ ୨ଟି ଗୋଲ ଦେଇଥିବା ବେଳେ ମମତା ୨୩ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ । ଓଡ଼ିଶା ପକ୍ଷରୁ ଯଶୋଦା ମୁଣ୍ଡା ୮୮ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଛନ୍ତି ।

### ମାରିନଙ୍କୁ ଚାଇନା ଓପନ ଟାଇଟଲ



**ଚାଙ୍ଗ୍‌ଝୋ,୨୨।୯:** ଅଲିମ୍ପିକ୍ ଚାମ୍ପିୟନ କାରୋଲିନା ମାରିନ ସଫଳତାର ସହ ଆହତ ସମସ୍ୟାରୁ ଫେରି ନିଜର ଚାଇନା ଓପନ ଟାଇଟଲ ଡିଫେଣ୍ଡ କରିଛନ୍ତି। ରିଓ ଅଲିମ୍ପିକ୍ ଚାମ୍ପିୟନ ମାରିନ ୧୪-୨୧, ୨୧-୧୭, ୨୧-୧୮ ଗେମ୍‌ରେ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗଙ୍କୁ ହରାଇ ଦେଇଛନ୍ତି। ପ୍ରଥମ ଗେମ୍‌ରେ ହାରିବା ପରେ ମଧ୍ୟ ପୂର୍ବତନ ଶୀର୍ଷ ର୍‌ୟାଙ୍କଧାରୀ ସ୍ପାନିଶ ଖେଳାଳି ମାରିନ ଦ୍ୱିତୀୟ ଓ ତୃତୀୟ ଗେମ୍ ଜିତି ଟାଇଟଲ ହାତେଇ ନେଇଥିଲେ। ସମାନ ପ୍ରତିପକ୍ଷ ଖେଳାଳିଙ୍କଠାରୁ କ୍ରମାଗତ ୬ ଥର ହାରିବା ପରେ ମାରିନ ପ୍ରଥମ ବିଜୟ ସ୍ୱାଦ ଚାଖିଛନ୍ତି। ମ୍ୟାଚ୍ ଜିତିବା ପରେ ମାରିନ କାନ୍ଦି ପକାଇଥିଲେ। ମୁଁ ଏତେ ଖୁସି ଯେ, ମୁଁ କିଛି କହିପାରିବି ନାହିଁ ବୋଲି ଟାଇଟଲ ବଜାୟ ରଖିବା ପରେ ସେ କହିଛନ୍ତି। ଉଲ୍ଲେଖଥାଉ କି, ଗତ ଜାନୁୟାରୀରେ ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟରେ ମାରିନଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଏଥିରୁ ମୁକୁଳିବା ପାଇଁ ତାଙ୍କୁ ଅସ୍ତ୍ରୋପଚାର ମଧ୍ୟ କରାଇବାକୁ ପଡ଼ିଥିଲା। ଏଥିଯୋଗୁ ଦୀର୍ଘ ୮ ମାସ ଧରି ସେ କୋର୍ଟରୁ ଦୂରେଇ ରହିଥିଲେ।

## ଭେଟେଲ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି



ସିଙ୍ଗାପୁର, ୨୨।୯(ଏଏଫପି)

ଫେରାରୀର ସେବାଷ୍ଟିଆନ ଭେଟେଲ ରବିବାର ଅନୁଷ୍ଠିତ ସିଙ୍ଗାପୁର ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟର ରେସିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୀର୍ଘ ୧ ବର୍ଷ ଟାଇଟଲ ଶୂନ୍ୟତାର ଅନ୍ତ ଘଟାଇ ଭେଟେଲ ଏଠାରେ ଚାମ୍ପିୟନ ହୋଇଛନ୍ତି। ଭେଟେଲଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ଅନ୍ୟତମ ଫେରାରୀ ଡ୍ରାଇଭର ତଥା ପୋଲ ପୋଜିଶନର ଅଧିକାରୀ ଚାର୍ଲ୍ସ ଲେକ୍‌ରେକ୍। ମାତ୍ର ୪ ଥର ବିଶ୍ୱ ଚାମ୍ପିୟନ ଭେଟେଲ ଅଭିଜ୍ଞତାର ଉପଯୋଗ କରି ବାଜି ମାରିଛନ୍ତି। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ୩ୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମର୍ସିଡିଜ୍‌ର ଲୁଇସ ହାମିଲଟନ, ଭାଲଟେରୀ ବୋଟ୍ଟାସ, ରେଡ୍‌ବୁଲ୍‌ର ଆଲେକଜାଣ୍ଡର ଆଲବନ, ମ୍ୟାକଲରେନର ଲାନ୍‌ଡୋ ନୋରିସ, ଟୋରୋ ରୋସୋର ପିଏରେ ଗାସ୍‌ଲେ, ରେନଲ୍ଟର ନିକୋ ହକେନବର୍ଗ ଓ ଆଲ୍‌ଫା ରୋମିଓର ଆଣ୍ଟୋନିଓ ଜିଓଭିନାଜି ଟପ୍-୧୦ ଫିନିଶ୍ କରିଛନ୍ତି। ଏହି ରେସ୍ ପରେ ମର୍ସିଡିଜ୍‌ର ହାମିଲଟନ ୨୯୬ ପଏଣ୍ଟ ସହିତ ଡ୍ରାଇଭର ଷ୍ଟାଣ୍ଡିଂରେ ପ୍ରଥମସ୍ଥାନ ବଜାୟ ରଖିଛନ୍ତି। ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ବୋଟ୍ଟାସ ୨୩୧ ଏବଂ ଫେରାରୀର ଲେକ୍‌ରେକ ଓ ରେଡବୁଲ୍‌ର ଭର୍ଷ୍ଟାପେନ ୨୦୦ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ମର୍ସିଡିଜ୍ ୫୨୭ ପଏଣ୍ଟ ସହିତ ପ୍ରଥମ ଏବଂ ଫେରାରୀ ୩୯୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

# ୫ ପଦବୀ ପାଇଁ ୧୦ ପ୍ରାର୍ଥୀ



ଓସିଏ ନିର୍ବାଚନ

- ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ
- ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଶୁଭାଶିଷ

କଟକ ଅଫିସ,୨୨।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ନିମନ୍ତେ ରବିବାର ଘୋଷଣା ହୋଇଛି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା । ୫ ପଦବୀରେ ଏବେ ସାମ୍ନାସାମ୍ନି ହେବେ ୧୦ ପ୍ରାର୍ଥୀ । ସଭାପତି ଓ ସମ୍ପାଦକ ପଦବୀରେ ହେବ କଡା ଟକ୍କର । ସଭାପତି ପଦବୀ ନିମନ୍ତେ ପଙ୍କଜ ଲୋଚନ ମହାନ୍ତି ଓ ପ୍ରଦୀପ ଚୌହ୍ୱାନ, ସମ୍ପାଦକ ପଦବୀ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ଓ ସଞ୍ଜୟ ବେହେରାଙ୍କ ମଧ୍ୟରେ ଲଢ଼େଇ ହେବ। ଅନ୍ୟପକ୍ଷରେ ଗୋଟିଏ ପଦବୀରେ ନିର୍ବାଚନ ହେବାର ଆବଶ୍ୟକତା ରହିନି। ଆପେକ୍ସ କାଉନସିଲ ପଦବୀରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଆଶୀର୍ବାଦ ବେହେରା ଗୋଷ୍ଠୀର ସମର୍ଥିତ ପ୍ରାର୍ଥୀ ଶୁଭାଶିଷ ସେନାପତି । ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ। ତେଣୁ ଆସନ୍ତା ୪ଦିନ ଅଙ୍କକଷା ଜୋରଦାର ହେବ।

ରବିବାର ଅପରାହ୍ନରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ। ଏହା ପୂର୍ବରୁ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ସୁନ୍ଦରଗଡ଼ ଜିଲାର ପ୍ରତିନିଧି ପ୍ରଭାତ କୁମାର ଭୋଳ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ । ଆଶୀର୍ବାଦଙ୍କ ଗୋଷ୍ଠୀ ପକ୍ଷରୁ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଗତ ଶୁକ୍ରବାର ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଜଣେ ହେଲେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାନ ଓ ଅନ୍ୟଜଣେ ପ୍ରଭାତ । ଯୁଗ୍ମ ସମ୍ପାଦକ ପଦବୀରେ ମେହତାବଙ୍କୁ ଲଢ଼ିବାର ସୁଯୋଗ ଦେଇ ପ୍ରଭାତ ଓହରି ଯାଇଛନ୍ତି । ଏହି ପଦବୀରେ ପ୍ରଦୀପଙ୍କ ଗୋଷ୍ଠୀ ପକ୍ଷରୁ ଆଶାୟୀ ପ୍ରାର୍ଥୀ ରହିଛନ୍ତି ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନ। ସଭାପତି ପଦବୀରେ ବୌଦ୍ଧ ଜିଲାରୁ ପ୍ରତିନିଧି ହୋଇ ଆସିଥିବା ପଙ୍କଜଙ୍କର ଲଢ଼େଇ ହେବ କଟକର ୟୁନିୟନ ସ୍ପୋର୍ଟିଂ କ୍ଲବ ସମ୍ପାଦକ ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପ୍ରଦୀପଙ୍କ ସହିତ। ଅନ୍ୟପକ୍ଷରେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ସମ୍ପାଦକ ପଦବୀରେ ମଙ୍ଗଳା କ୍ଲବରୁ ପ୍ରତିନିଧି ହୋଇଥିବା ନବରଞ୍ଜନ ପଟ୍ଟନାୟକଙ୍କ ସହ ଲଢ଼ିବେ । ଉପସଭାପତି ପଦବୀରେ ଅକ୍ଷୟ କୁମାର ସାମନ୍ତ ଓ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ, ଯୁଗସମ୍ପାଦକ ପଦବୀରେ ମେହତାବ ଖାନ ଓ ସୁଜିତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପଦବୀରେ ବିକାଶ ପ୍ରଧାନ ଓ ଅନିଲ କୁମାର ବିଶ୍ୱାଳ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । କ୍ଲବ ଓ ଜିଲା ସଂଘର ଭୋଟ ଗୁଡ଼ିକୁ ହାତେଇବା ପାଇଁ ଉଭୟ ଗୋଷ୍ଠୀ ପ୍ରୟାସ ଜାରି ରଖିଥିବାବେଳେ ସ୍କୁଲ, କଲେଜ ଗୁଡ଼ିକର ଭୋଟକୁ ନେଇ ଉତ୍ସୁକତା ବଢ଼ିବାରେ ଲାଗିଛି।





ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନରେ ସଫଳତାର ସହ ରବିବାର ମାଉଣ୍ଟ ଷ୍ଟକ୍ କାଙ୍ଗ୍ରି ଆରୋହଣ କରିଥିବା ଓଡ଼ିଶା ଅଭିଯାତ୍ରୀ ଦଳ।

## ଓଡ଼ିଶା ଭଲିବଲ ଆସୋସିଏଶନର ରେଫରି କ୍ଲିନିକ

ଭୁବନେଶ୍ୱର, ୨୨।୯
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଆନୁକୂଲ୍ୟରେ କିଟ୍ ପରିସରରେ ଏକ ରେଫରି କ୍ଲିନିକ୍ ୨୧ ଓ ୨୨ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ଜିଲାର ରେଫରି ଓ ଟେକ୍ନିକାଲ ଅଫିସିଆଲଙ୍କୁ ମିଶାଇ ପାଖାପାଖି ୮୦ ଜଣ ଉପସ୍ଥିତ ଥିଲେ। ଏହି କ୍ଲିନିକ୍‌ରେ ରେଫରିଙ୍କ କାର୍ଯ୍ୟଧାରା ଏବଂ ନୀତି ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ଭଲିବଲ ଆସୋସିଏଶନ ବାଇଲ ଅନୁସାରେ ପରାମର୍ଶଦାତା କମିଟି ଏବଂ ଓଡ଼ିଶା ଭଲିବଲ ରେଫରି ଆସୋସିଏଶନର କର୍ମକର୍ତ୍ତା ମନୋନୟନ ହୋଇଥିଲା। କ୍ଲିନିକ୍‌ରେ ଉପସ୍ଥିତ ଥିବା ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ରେଫରିଙ୍କ ଦ୍ୱାରା ନିର୍ବିବାଦରେ ଉକ୍ତ ପରାମର୍ଶଦାତା କମିଟି ଗଠିତ ହେବାସହ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ତଦନୁସାରେ ଓଭିଏର ସମ୍ପାଦକ ଡ. ଗଗନେନ୍ଦୁ ଦାସ ସଭାପତି, ଓଭିଏ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ କାର୍ଯ୍ୟକାରୀ ସଭାପତି, ପ୍ରମୋଦ କୁମାର ବେହେରା ଉପସଭାପତି, ସୁଦର୍ଶନ ପଟ୍ଟନାୟକ ସାଧାରଣ ସମ୍ପାଦକ, ନକୁଳ ଚନ୍ଦ୍ର ବେହେରା ସହସମ୍ପାଦକ, ଧନଞ୍ଜୟ ତ୍ରିପାଠୀ କୋଷାଧ୍ୟକ୍ଷ ଏବଂ କେ. ଶିବରାମ ପାତ୍ର, ବିଶ୍ୱଜିତ ଦାସ ଓ ତ୍ରିଲୋଚନ ଦାସ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଥିଲେ। ସେହିପରି ସମରେନ୍ଦ୍ର କୁମାର ମହାପାତ୍ର, ସଞ୍ଜୟ କୁମାର ଦାସ, ସୋମନାଥ ମହାପାତ୍ର, ଡ.ଗୌର ଗୋବିନ୍ଦ ସାମନ୍ତ, ରବି ରାଉତରାୟଙ୍କୁ ନେଇ ପରାମର୍ଶ ଦାତା କମିଟି ଗଠନ ହୋଇଛି।

■ ସନ୍ତୋଷ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ

**କଟକ ଅଫିସ,୨୨।୯**

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ୭୪ତମ ଜାତୀୟ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୬-୧ ଗୋଲରେ ବିହାରକୁ ହରାଇ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛି। ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ୩ଟି ଗୋଲ ସ୍କୋର ହୋଇଥିଲା। ୨୯ତମ ମିନିଟରେ ରାଜେଶ ନାୟକ, ୩୪ତମ ମିନିଟରେ ଅର୍ପଣ ଲାକ୍ରା ଓ ୪୧ତମ ମିନିଟରେ ବିକି ସେଠୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩-୦ରେ ଓଡ଼ିଶା ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ରାଜେଶ ୫୬ତମ ଓ ୬୦ତମ ମିନିଟରେ ୨ଟି ଗୋଲ ଦେଇ ଓଡ଼ିଶାକୁ ୫-୦ରେ ଅଗ୍ରଣୀ ଦେବା ସହ ବ୍ୟକ୍ତିଗତ ୩ୟ ଗୋଲ ସ୍କୋର କରିଥିଲେ। ବିହାର ପକ୍ଷରୁ ୬୭ତମ ମିନିଟରେ ମହମ୍ମଦ ସର୍ଫରାଜ ଏକ ଗୋଲ ପରିଶୋଧ କରିଥିଲେ। ଅତିରିକ୍ତ ୯୨ତମ ମିନିଟରେ ରାଜେଶ ବ୍ୟକ୍ତିଗତ ୪ର୍ଥ ଗୋଲ ଦେଇ ଓଡ଼ିଶାକୁ ୬-୧ ଗୋଲରେ ଜିତାଇଥିଲେ। ଆସନ୍ତା ୨୬ରେ ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ପ୍ରଦୀପ, ନବ ରଞ୍ଜନଙ୍କ ପାଇଁ ପୂର୍ଣ୍ଣ କାର୍ଯ୍ୟକାଳ ମନା

କଟକ ଅଫିସ,୨୨।୯

ଜିତିଲେ ବି ୧୦ମାସ ୯ଦିନ ପଦବୀରେ ରହିବେ। ସଭାପତି ଆଶାୟୀ ପ୍ରାର୍ଥୀ ପ୍ରଦୀପ ଚୌହ୍ୱାନଙ୍କ ପାଇଁ ଏପରି ଏକ କଣ୍ଟ ରଖିଛନ୍ତି ଓସିଏ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର। ପ୍ରଦୀପଙ୍କ ଗୋଷ୍ଠୀରୁ ସମ୍ପାଦକ ପଦବୀ ପାଇଁ ଆଶାୟୀ ଥିବା ନବରଞ୍ଜନ ପଟ୍ଟନାୟକଙ୍କ ପାଇଁ ବି ପୂର୍ଣ୍ଣ କାର୍ଯ୍ୟକାଳ ପଦବୀରେ ରହିବାର ସୁଯୋଗ ନାହିଁ । ନବ ରଞ୍ଜନ ସମ୍ପାଦକ ପଦବୀ ଜିତିଲେ ୩ବର୍ଷ ନୁହେଁ, ୨ ବର୍ଷ ପଦବୀରେ ରହି ଇସ୍ତଫା ଦେବେ। ଯାହା ଫଳରେ ଏହି ଦୁଇ ପଦବୀରେ ଉଭୟ ନିର୍ବାଚିତ ହେଲେ ଆସନ୍ତା ୨ବର୍ଷରେ ପୁଣି ୨ଥର ନିର୍ବାଚନ ହେବ । ୟୁନିୟନ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପ୍ରଦୀପଙ୍କର ରାଜ୍ୟ କ୍ରିକେଟ ଜଗତରେ ଦୀର୍ଘବର୍ଷର ସମ୍ପୃକ୍ତି। ୨୦୦୦ରେ ପ୍ରଥମ ଥର ସେ ଓସିଏର ପଦବୀରେ ଅବସ୍ଥାପିତ ହୋଇଥିଲେ। ୨୦୦୦ ଜୁନ ୨୫ ତାରିଖରେ ଓସିଏର କର୍ମକର୍ତ୍ତା ନିର୍ବାଚନ ହୋଇଥିବା ବେଳେ ପ୍ରଦୀପ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ସେ କୋଷାଧ୍ୟକ୍ଷ ପଦବୀରେ ରହିଥିଲେ। ଦୀର୍ଘବର୍ଷର ବ୍ୟବଧାନ ପରେ ପୁଣି ଥରେ ସେ ଓସିଏ ପଦବୀ ନିମନ୍ତେ ଆଶାୟୀ। ଏଥର ସଭାପତି ହେବେ ବୋଲି ଅଣ୍ଟା ଭିଡିଛନ୍ତି । ହେଲେ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ)ର ନୂଆ ନିୟମ ତାଙ୍କ ପାଇଁ ଅକଳିଆ ହୋଇଛି। ଓସିଏ ନିର୍ବାଚନ ଅଧିକାରୀଙ୍କ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ବିଜ୍ଞପ୍ତି ଅନୁସାରେ ପ୍ରଦୀପ ନିର୍ବାଚିତ ହେଲେ ୧୦ମାସ ୯ଦିନ ପଦବୀରେ ରହିପାରିବେ। ତେବେ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି ପ୍ରଦୀପ। ସେ କହିଛନ୍ତି ଯେ ଭଲ କାମ କରିବାକୁ ଗୋଟିଏ ବର୍ଷ ବହୁତ ସମୟ। ଯଦି ମୁଁ ଭଲ କାମ କରିବି ତାହେଲେ ପରବର୍ତ୍ତୀ ନିର୍ବାଚନରେ ମଧ୍ୟ ଆମ ଗୋଷ୍ଠୀର ପ୍ରାର୍ଥୀ ବିଜୟୀ ହେବେ। ଏହାଛଡ଼ା ଲୋକଙ୍କ ସହାନୁଭୂତି ମୋ ପ୍ରତି ଅଧିକ ରହିବା ମୋର ଆଶା ଅଛି ବୋଲି ପ୍ରଦୀପ ମତ ଦେଇଛନ୍ତି। ସେହିପରି ନବରଞ୍ଜନ ୧୯୮୨ ମସିହାରୁ ରାଜ୍ୟ କ୍ରିକେଟ ଜଗତ ସହ ଜଡ଼ିତ ଅଛନ୍ତି । ବିଭିନ୍ନ ଜିଲା କ୍ରିକେଟ ସଂଘ ସହିତ ତାଙ୍କର ଭଲ ସମ୍ପର୍କ ଅଛି। ପୂର୍ବରୁ ଭୁବନେଶ୍ୱର, ନୟାଗଡ଼ ଜିଲାରୁ ପ୍ରତିନିଧି ହୋଇ ସେ ଓସିଏ ପଦବୀରେ ରହିଥିଲେ। ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ଓସିଏ ଉପସଭାପତି ଓ ୨୦୧୨ରୁ ପ୍ରାୟ ୨୦୧୪ ମସିହା ଶେଷ ପର୍ଯ୍ୟନ୍ତ ସେ ଓସିଏ କ୍ଲବ କମିଟିର ଅଧ୍ୟକ୍ଷ ଥିଲେ। ତେଣୁ ଏବେ ତାଙ୍କ ପାଇଁ କାର୍ଯ୍ୟକାଳ ଅବଧି ରହିଛି ୨ ବର୍ଷ। ଚଳିତ ନିର୍ବାଚନରେ ସେ କଟକର ମଙ୍ଗଳା କ୍ଲବରୁ ପ୍ରତିନିଧି ହୋଇ ନିର୍ବାଚନକୁ ଓହ୍ଲାଇଛନ୍ତି। ତେଣୁ ଏହି ଦୁଇ ପ୍ରାର୍ଥୀ ଯଦି ନିର୍ବାଚିତ ହୁଅନ୍ତି ତାହେଲେ ଆସନ୍ତା ୨୭ ତାରିଖ ଠାରୁ୧୦ମାସ ୯ ଦିନ ପରେ ସଭାପତି ପଦବୀ ନିମନ୍ତେ ଓ ୨ବର୍ଷ ପରେ ସମ୍ପାଦକ ପଦବୀ ନିମନ୍ତେ ପୁଣି ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ।

## ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ | ଦୀପକଙ୍କୁ ରୌପ୍ୟ, ରାହୁଲଙ୍କୁ ବ୍ରୋଞ୍ଜ

ନୁର-ସୁଲତାନ (କାଜାଖସ୍ତାନ), ୨୨।୯(ପିଟି)

ଏଠାରେ ଚାଲିଥିବା ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରବିବାର ଭାରତକୁ ଏକ ରୌପ୍ୟ ସମେତ ଦୁଇ ପଦକ ମିଳିଛି। ୮୬ କେଜି ବର୍ଗରେ ଫାଇନାଲରେ ପ୍ରବେଶ କରିଥିବା ଦୀପକ ପୁନିଆ ଆହତ ସମସ୍ୟା ଯୋଗୁ ଫାଇନାଲରୁ ଓହରି ଯାଇଥିଲେ। ଫଳରେ ୨୦ ବର୍ଷୀୟ ରେସଲରଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହାପରେ ରାହୁଲ ଆୱାରେ ୬୧ କେଜି ବର୍ଗରେ ଦେଶ ପାଇଁ ୫ମ ପଦକ ଆଣିଛନ୍ତି। ବ୍ରୋଞ୍ଜ ପଦକ ଲାଗି ହୋଇଥିବା ପ୍ଲେ-ଅଫ୍ ମ୍ୟାଚ୍‌ରେ ସେ ୨୦୧୭ ପାନ ଆମେରିକା ଚାମ୍ପିୟନ ଟେଲର ଲି ଗ୍ରାଫଙ୍କୁ ୧୧-୪ରେ ହରାଇ ଦେଇଛନ୍ତି। ସମ୍ମାନଜନକ ଇଭେଣ୍ଟରେ ଭାରତ ମୋଟ ୫ ପଦକ ସହ ଅଭିଯାନ ଶେଷ କରିଛି। ଦୀପକ ଓ ରାହୁଲଙ୍କ ବ୍ୟତୀତ ବଜରଙ୍ଗ ପୁନିଆ, ରବି ଡାହିୟା ଓ ଭିନେଶ ଫୋଗତ୍ ପଦକ ହାତେଇଛନ୍ତି। ଏହି ଟୁର୍ନାମେଣ୍ଟ ଇତିହାସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୨୦୧୩ ସଂସ୍କରଣରେ ଭାରତ ୩ ପଦକ ଜିତିଥିଲା। ସେହିଥର ଅମିର ଡାହିୟା(ରୌପ୍ୟ), ବଜରଙ୍ଗ ପୁନିଆ (ବ୍ରୋଞ୍ଜ) ଓ ସନ୍ଦୀପ ତୁଲସୀ ଯାଦବ (ବ୍ରୋଞ୍ଜ) ପଦକ ହାତେଇଥିଲେ। ଆୱାରେ ପୂରା ମ୍ୟାଚ୍‌ରେ ସମ୍ପୂର୍ଣ୍ଣ କଣ୍ଟ୍ରୋଲରେ ଥିଲେ। ମହାରାଷ୍ଟ୍ରର କୁସ୍ତିଯୋଦ୍ଧା ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ସହ ଏସିଆନ୍ ଚାମ୍ପିୟନଶିପ୍(୨୦୦୯ ଓ ୨୦୧୧)ରେ ଦୁଇ ବ୍ରୋଞ୍ଜ ପଦକ ଜିତିଥିଲେ। ବାଉଟର ପ୍ରଥମାର୍ଦ୍ଧରେ ଆମେରିକାନ ଗ୍ରାପଲର ଦୁଇ ଗୋଡ଼ରେ ରାହୁଲଙ୍କୁ ଆଟାକ କରିଥିଲେ। ଏହାସତ୍ତ୍ୱେ ବ୍ରେକ୍ ସୁଦ୍ଧା ରାହୁଲ ୪-୨ ବ୍ୟବଧାନରେ ଆଗୁଆ ଥିଲେ। ପରେ ରାହୁଲ ବାଉଟ୍‌କୁ ଆମେରିକୀୟ ଯୋଦ୍ଧାଙ୍କ ହାତରୁ ବହୁ ଦୂରକୁ ନେଇ ଯାଇଥିଲେ। ସେ ପୂର୍ବରୁ ସେମିଫାଇଲରେ ୬-୧୦ ବ୍ୟବଧାନରେ ଇରୋପିଆନ ରୌପ୍ୟ ପଦକ ସଜେନ ବେକା ଲୋମଟାଡ୍‌ଜେଙ୍କଠାରୁ ପରାସ୍ତ ହୋଇଛନ୍ତି। ପ୍ରତିଯୋଗିତାର ଅନ୍ତିମ ଦିନ ସକାଳେ ଅନୁଷ୍ଠିତ ହେବାକୁ ଥିବା ୮୬ କେଜି ବର୍ଗର ଫାଇନାଲରେ ଦୀପକ ଖେଳିବାକୁ ସକ୍ଷମ ନ ଥିବା ସ୍ପଷ୍ଟ କରିଥିଲେ। ଫାଇନାଲରେ ସେ ଇରାନର କିମ୍ବଦନ୍ତୀ ହାଜସାନ ୟାଜଦାନିଙ୍କୁ ଭେଟିବାର ଥିଲା। କିନ୍ତୁ ସେମିଫାଇନାଲରେ ତାଙ୍କ ବାମଗୋଡ଼ ଗୋଇଠିରେ ଆଘାତ ଲାଗିଥିଲା। ଚାଲିବାବେଳେ ବାମ ପାଦରେ କଷ୍ଟ ଅନୁଭବ କରୁଛି। ଏଭଳି ସ୍ଥିତିରେ ଲଢ଼େଇ କରିବା କଷ୍ଟକର। ମୁଁ ଜାଣିଛି, ୟାଜଦାନିଙ୍କ ସହ ଲଢ଼ିବାକୁ ଏହା ସବୁଠୁ ବଡ଼ ସୁଯୋଗ। କିନ୍ତୁ ମୁଁ ଲଢ଼ି ପାରିବି ନାହିଁ ବୋଲି ଦୀପକ କହିଛନ୍ତି। ସୁଇଜରଲାଣ୍ଡର ଷ୍ଟେଫାନ ରିଜମୁଥଙ୍କ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପରେ ଦୀପକ ଛୋଟେଇ ଛୋଟେଇ ମ୍ୟାଟରୁ ଫେରିଥିଲେ। ତାଙ୍କ ଆଖିରେ ମଧ୍ୟ ଆଘାତ ଲାଗିଥିଲା। ଉଲ୍ଲେଖଥାଉ କି, ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ଏକମାତ୍ର ଭାରତୀୟ ରେସଲର ଭାବେ ବିଶ୍ୱ ଚାମ୍ପିୟନ ଟାଇଟଲ ଜିତିଥିଲେ। ୨୦୧୦ ବିଶ୍ୱ ଚାମ୍ପିୟନଶିପ ମସ୍କୋଠାରେ ୬୬ କେଜି ବର୍ଗରେ ଏହି ସଫଳତା ପାଇଥିଲେ।



ରାହୁଲ ଆୱାରେ ଓ ଟେଲର ଲି ଗ୍ରାଫଙ୍କ ମଧ୍ୟରେ ଲଢ଼େଇ ।

## ସଂକ୍ଷେପରେ

### ଓଡ଼ିଶା ଖୋ ଖୋ ଆସୋସିଏଶନ ନିର୍ବାଚନ

## ନାରାୟଣ ସଭାପତି, ପ୍ରଦ୍ୟୁମ୍ନ ସମ୍ପାଦକ

**ଭୁବନେଶ୍ୱର, ୨୨।୯(ସ୍ପୋର୍ଟ୍ସ ବ୍ୟୁରୋ):** ଓଡିଶା ଖୋଖୋ ଆସୋସିଏଶନ ନିର୍ବାଚନ (୨୦୧୯-୨୦୨୩) ଓଡିଶା ଅଲମ୍ପିକ ଆସୋସିଏଶନର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ଆଇନଜୀବୀ ରବି ଶଙ୍କର ପ୍ରତିହାରୀ ଏହାକୁ ପରିଚାଳନା କରିଥିଲେ। ସଭାପତି ଭାବେ ନାରାୟଣ ପାତ୍ର, ଉପସଭାପତି ଭାବେ କ୍ଷିତିଶ ସାମନ୍ତରାୟ, ଜନାର୍ଦ୍ଦନ ଦାସ, ନଳିନୀ କୁମାର ଦାସ , ତୁଷାରକାନ୍ତି ଘୋଷ, ବିଜୟ ଭାସ୍କର ସିଂ ସାମନ୍ତ, ସମ୍ପାଦକ ଭାବେ ପ୍ରଦ୍ୟୁମ୍ନ ମିଶ୍ର , ସହ ସମ୍ପାଦକ ଭାବେ କାର୍ତ୍ତିକ ଚନ୍ଦ୍ର ନାୟକ, ଲକ୍ଷ୍ମଣ କୁମାର ନାଥ, କୋଷାଧକ୍ଷ ଭାବେ ଚୌଧୁରୀ ପାର୍ଥ ସାରଥି ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ଭାବେ ଅଶୋକ କୁମାର ସାହୁ, ଅଜୟ କୁମାର ସ୍ୱାଇଁ, ପ୍ରଶାନ୍ତ ସେଠ୍, ସୁନାକର ରାଉତ, ଭୁବନ ମୋହନ ଦାସ, ବୁଲୁ ପଟ୍ଟନାୟକ ଆଗାମୀ ୪ ବର୍ଷ ପାଇଁ (୨୦୧୯ - ୨୦୨୩) ସର୍ବସମ୍ମତି କ୍ରମେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ଭାରତୀୟ ଖୋ ଖୋ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଛତିଶଗଡ ଖୋଖୋ ସଂଘ ସଭାପତି କମଲଜିତ୍ ଆରୋରା ଯୋଗ ଦେଇଥିଲେ।

## ଷ୍ଟାଡିୟମରେ ମହିଳାଙ୍କ ପ୍ରବେଶ ନେଇ ଇରାନକୁ ଫିଫାର ନିର୍ଦ୍ଦେଶ

ପ୍ୟାରିସ୍,୨୨।୯(ଏଏଫ୍‌ପି): ଫୁଟବଲ୍ ଷ୍ଟାଡିୟମରେ ମହିଳା ପ୍ରଶଂସିକାଙ୍କ ପ୍ରବେଶ ନେଇ ଅନୁମତି ଦେବାକୁ ଫିଫା ଇରାନ୍‌କୁ ନିର୍ଦ୍ଦେଶ ଦେଇଛି। ବହୁ ଚର୍ଚ୍ଚିତ 'ବ୍ଲୁ ଗର୍ଲ' ଘଟଣାରେ ଜଣେ ମହିଳା ଆତ୍ମହତ୍ୟା କରିବା ପରେ ଫିଫା ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏହି ଘଟଣା ଅନୁସାରେ ଫୁଟବଲ ଷ୍ଟାଡିୟମକୁ ପ୍ରବେଶ କରୁଥିବାବେଳେ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ଏଥିରେ କ୍ଷୁବ୍ଧ ହୋଇ ସମ୍ପୃକ୍ତ ମହିଳା ଜଣକ ଆତ୍ମହତ୍ୟ କରିଥିଲେ। ଫଳରେ ଫିଫା ଫୁଟବଲ ଷ୍ଟାଡିୟମରେ ମହିଳାଙ୍କ ଅସୀମିତ ପ୍ରବେଶ ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଇରାନକୁ ନିର୍ଦ୍ଦେଶ ଦେଇଛି। ଫୁଟବଲ ଓ ମହିଳାଙ୍କ ସମସ୍ୟା ନେଇ ଫିଫାର ପ୍ରତିନିଧି ଦଳ ଚଳିତ ସପ୍ତାହ ଶେଷ ପୂର୍ବରୁ ଇରାନ ଗସ୍ତ କରିଛି। ଫୁଟବଲ ମ୍ୟାଚ୍ ଦେଖିବାକୁ ମହିଳାଙ୍କୁ ଅନୁମତି ଦେବା ଓ ବିନାମୂଲ୍ୟରେ ଏହି ସୁବିଧା ଯୋଗାଇଦେବାକୁ ଫିଫା ତା'ର ଏହି ଆଭିମୁଖ୍ୟକୁ ଦୋହରାଇଛି। ଦେଶରେ ଏହା ଫୁଟବଲର ଲୋକପ୍ରିୟତାକୁ ବଢ଼ାଇବାର ସହାୟକ ହେବ ବୋଲି ଫିଫା ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ୧୯୮୧ ପରଠାରୁ ଇରାନ ମହିଳା ପ୍ରଶଂସକଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ଦେଉନାହିଁ। ପୁରୁଷ ଫୁଟବଲରମାନେ ସମ୍ପୂର୍ଣ୍ଣ ପୋଷାକ ପରିଧାନ କରି ନ ଥିବାରୁ ଷ୍ଟାଡିୟମରେ ଏକ ଭିନ୍ନ ପ୍ରକାର ପରିବେଶ ସୃଷ୍ଟି ହେଉଛି। ଫଳରେ ମୁସଲିମ୍ ଧର୍ମଗୁରୁମାନେ ମହିଳାଙ୍କୁ ଷ୍ଟାଡିୟମ ପ୍ରବେଶ ନେଇ ବାରଣ କରିଛନ୍ତି।

'ବ୍ଲୁ ଗର୍ଲ' ଘଟଣାରେ ମହିଳା ପ୍ରଶଂସକ ଜଣକ ପୁରୁଷ ବେଶରେ ଷ୍ଟାଡିୟମକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। ତେବେ ସେ ଧରାପଡି ଗିରଫ ହୋଇଥିଲେ। ସମ୍ପୃକ୍ତ ମହିଳା ଜଣକ ଏଷ୍ଟେଘଲାଲ ଏଫ୍‌ସିକୁ ସମର୍ଥନ କରୁଥିଲେ। ଏହି କ୍ଲବର ଖେଳାଳିଙ୍କ ଜର୍ସି ରଙ୍ଗ ବ୍ଲୁ ହୋଇଥିବାରୁ ମହିଳାଙ୍କୁ ବ୍ଲୁ ଗର୍ଲ ବୋଲି କୁହାଯାଉଛି। ଗିରଫ ହେବା ପରେ ସେ କୋର୍ଟ ବାହାରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ତେହେରାନ୍‌ର ଏକ ହସ୍ପିଟାଲରେ ସେ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ପରେ ସାର ବିଶ୍ୱରେ ଚର୍ଚ୍ଚା ଓ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ଇରାନକୁ ବାସନ୍ଧ କରବା ପାଇଁ ବିଶ୍ୱର ସର୍ବୋଚ୍ଚ ଫୁଟବଲ ସଂସ୍ଥା ଫିଫା ଉପରେ ଚାପ ପ୍ରୟୋଗ କରାଯାଇଥିଲା।

> ଏସିଆନ ଏଜ୍ ଗ୍ରୁପ ସନ୍ତରଣ ଚାମ୍ପିୟନଶିପ୍‌ର ପଦକ ତାଲିକାରେ ଶୀର୍ଷସ୍ଥାନ ହାସଲ କରିବା ଭାରତର ଲକ୍ଷ୍ୟ। ଏଥିପାଇଁ ଭଲ ଭାବେ ପ୍ରସ୍ତୁତି ହୋଇଛି।
> –ପ୍ରଦୀପ କୁମାର, ଭାରତୀୟ ସୁଇମିଂ କୋଚ୍



> ଲାଭରକପ୍ ଟେନିସ ଟୁର୍ନାମେଣ୍ଟରୁ ଓହରି ଯାଇଥିବାରୁ ମୁଁ ଦୁଃଖିତ । ମାତ୍ର ହାତ ଫୁଲି ଯାଇଥିବାରୁ ମୁଁ ବିଶ୍ରାମ ଆବଶ୍ୟକ କରୁଛି।
> –ରାଫାଲ ନାଡାଲ, ସ୍ପେନ ଟେନିସ ତାରକା



# ଦକ୍ଷିଣ ଆଫ୍ରିକା ବିଜୟୀ, ସିରିଜ ଡ୍ର

ବେଙ୍ଗାଲୁରୁ,୨୨।୯(ପି.ଟି.)

ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ଓ ଅଧିନାୟକ କ୍ୱିଣ୍ଟନ ଡିକକ୍‌ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତକୁ ୧୯ଟି ବଲ୍ ବାକିଥାଇ ୯ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜ ୧-୧ ବ୍ୟବଧାନରେ ଅମୀମାଂସିତ ଭାବେ ଶେଷ ହୋଇଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବାମହାତୀ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ବେଉରାନ ହେଣ୍ଡ୍ରିକ୍ସ ମାତ୍ର ୧୪ ରନ ଦେଇ ମୁଲ୍ୟବାନ ୨ ଉଇକେଟ ଅକ୍ତିଆର କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରଜରେ ସ୍ଥିର ପ୍ରଦର୍ଶନ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ କ୍ୱିଣ୍ଟନ ଡିକକ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୩୫ ରନ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ଜବରଦସ୍ତ ଆରମ୍ଭ କରିଥିଲା। ରିଜା ହେଣ୍ଡ୍ରିକ୍ସ ଓ ଅଧିନାୟକ କ୍ୱିଣ୍ଟନ ଡିକକ୍ ଓପନିଂ ଯୋଡିରେ ୬୧ ବଲରୁ ୭୬ ରନ ସଂଗ୍ରହ କରି ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ। ତେବେ ଓପନର ହେଣ୍ଡ୍ରିକ୍ସ ୨୬ ବଲରୁ ୪ ଚୌକା ସହ ୨୮ ରନକରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ମିଡ୍‌ଅନ୍‌ରେ କୋହଲିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ୍‌ରେ ଡିକକ୍ ଓ ଟେମ୍ବା ବଭୁମା ୪୦ ବଲରୁ ଅପରାଜିତ ୬୪ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡିକକ୍ ୫୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହ ୭୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ସେହିପରି ବଭୁମା ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାର୍ଦ୍ଦିକ ଭାରତ ପାଇଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଫଳରେ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇପାରି ନ ଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ସର୍ବାଧିକ ୩୬ ରନ କରି ଆଉଟ ହୋଇଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୯, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୪, ରବୀନ୍ଦ୍ର ଜାଡେଜା ୧୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ।

ତାରକା ଓପନର ରୋହିତ ଶର୍ମା ୯ ରନ କରି ବେଉରାନ ହେଣ୍ଡ୍ରିକ୍ସଙ୍କ ବଲ୍‌ରେ ରିଜା ହେଣ୍ଡ୍ରିକ୍ସଙ୍କୁ ସ୍ଲିପ୍‌ରେ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଅନ୍ୟତମ ଓପନର ଶିଖର ଧାୱନ ତାବରେଜ ଶାମସିଙ୍କ ବଲକୁ ଏକ୍ସଟ୍ରା କଭର ଉପରେ ଦେଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ସେ ଟେମ୍ବା ବଭୁମାଙ୍କ ହାତରେ ଧରା ପଡିଥିଲେ। ଅଧିନାୟକ ବିରାଟ କୋହଲି ଏହି ମ୍ୟାଚରେ ନିରାଶ କରିଥିଲେ। ସେ ମାତ୍ର ୯ ରନ କରିଥିବା ବେଳେ କାଗିସୋ ରାବାଡ଼ାଙ୍କ ବଲକୁ ଲଙ୍ଗ୍‌ଅନ୍ ଉପରେ ଛକା ମାରିବାକୁ ଯାଇ ବାଉଣ୍ଡାରିର ଅତି ନିକଟରେ ଆଣ୍ଡିଲ ଫେଲୁକ୍ୱାୟୋଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବେପରୁଆ ଶଟ୍ ଖେଳିବା ନେଇ ବେଶ୍ ସମାଲୋଚିତ ହେଉଥିବା ପନ୍ତ ପୁଣି ସେହି ତ୍ରୁଟି ଦୋହରାଇଥିଲେ। ବିର୍ଜନ ଫର୍ଚ୍ୟୁନଙ୍କ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅଫ୍‌ରେ ସେ ଫେଲୁକ୍ୱାୟୋଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫ ରନ କରିଥିବା ବେଳେ ଶ୍ରେୟାସ ଆୟାର ଫର୍ଚ୍ୟୁନଙ୍କ ବଲ୍‌ରେ ଉଇକେଟକିପର କ୍ୱିଣ୍ଟନ ଡିକକ୍ ଦ୍ୱାରା ଷ୍ଟମ୍ପ୍ ଆଉଟ ହୋଇଥିଲେ। ଏହାପରେ ହାର୍ଦ୍ଦିକ ରାବାଡ଼ାଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗ୍‌ଅନ୍‌ରେ ଡେଭିଡ ମିଲରଙ୍କୁ କ୍ୟାଚ୍ ଦେଇଥିଲେ। କ୍ରୁନାଲ ପାଣ୍ଡ୍ୟା ମାତ୍ର ୪ ରନ କରିଥିବା ବେଳେ ବେଉରାନ ହେଣ୍ଡ୍ରିକ୍ସଙ୍କ ବଲ୍‌ରେ ଉଇକେଟକିପର ଡିକକ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ୧୭ ବଲରୁ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୯ ରନ କରି ଜାଡେଜା ରାବାଡ଼ାଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ୱାଶିଂଟନ ସୁନ୍ଦର ୪ ରନ କରି ରନ୍ ଆଉଟ ହୋଇଥିବା ବେଳେ ଦୀପକ ଚହର ଓ ନବଦୀପ ସଇନି ବିନାସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ରାବାଡ଼ା ସର୍ବାଧିକ ୩, ଫର୍ଚ୍ୟୁନ ଓ ବେଉରାନ ହେଣ୍ଡ୍ରିକ୍ସ ୨ଟି ଲେଖାଏ, ଶାମସି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।





ଉଇକେଟ ନେବା ପରେ ତାବରେଜ ଶାମସି ଓ ବେଉରାନ ହେଣ୍ଡ୍ରିକ୍ସ ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୪/୯ (ଧାୱନ– ୩୬, ପନ୍ତ– ୧୯, ଜାଡେଜା– ୧୯, ହାର୍ଦ୍ଦିକ– ୧୪, ରାବାଡ଼ା– ୩/୩୯, ଫର୍ଚ୍ୟୁନ– ୨/ ୧୯, ହେଣ୍ଡ୍ରିକ୍ସ– ୨/(୧୪)। ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ୧୪୦/୧(ଡିକକ– ୭୯*, ହେଣ୍ଡ୍ରିକ୍ସ– ୨୮, ବଭୁମା– ୨୭*, ହାର୍ଦ୍ଦିକ– ୧/ ୨୩)।

## ସ୍ୱତନ୍ତ୍ର ଟି୨୦ ବ୍ୟାଟ୍ସମ୍ୟାନ କ୍ଲବରେ ଧାୱନ

ବେଙ୍ଗାଲୁରୁ,୨୨।୯(ପିଟି)

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ୟ ଟି୨୦ ମ୍ୟାଚ୍‌ରେ ଶିଖର ଧାୱନ ୩୬ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହି ଅବସରରେ ସେ ଟି୨୦ ଫର୍ମାଟରେ ଧାୱାନ ୭୦୦୦ ରନ୍ ପୂରଣ କରି ସ୍ୱତନ୍ତ୍ର ବ୍ୟାଟ୍ସମ୍ୟାନଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଦେଶର ୪ର୍ଥ ବ୍ୟାଟ୍ସମ୍ୟାନ ଭାବେ ଧାୱନ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ଏହି ତାଲିକାରେ ବିରାଟ କୋହଲି (୮,୫୪୭), ରୋହିତ ଶର୍ମା (୮,୩୦୩) ଓ ସୁରେଶ ରାଇନା (୮,୩୯୨) ରହିଛନ୍ତି। ମୋଟ ଉପରେ ୭ ହଜାର ରନ୍ ପୂରଣ କରିବାରେ ଧାୱନ ୧୫ ନଂ ବ୍ୟାଟ୍ସମ୍ୟାନ। ଏଥିରେ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଓପନର କ୍ରିସ ଗେଲ ୧୩,୦୨୧ ରନ୍ ସହ ଶୀର୍ଷରେ ଅଛନ୍ତି। ତାଙ୍କ ପରେ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡଡ଼ ମ୍ୟାକୁଲମ (୯,୯୨୨) ଓ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରନ ପୋଲାର୍ଡ (୯,୬୦୧) ରହିଛନ୍ତି।

## ଧୋନୀଙ୍କ ସମକକ୍ଷ ରୋହିତ

ବେଙ୍ଗାଲୁରୁ,୨୨।୯

ଭାରତୀୟ ଓପନର ରୋହିତ ଶର୍ମା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସମକକ୍ଷ ହୋଇଛନ୍ତି। ଉଭୟେ ଏପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଦେଶ ପାଇଁ ସର୍ବାଧିକ ୯୮ ମ୍ୟାଚ୍ ଖେଳି ସାରିଛନ୍ତି। ଏହି ତାଲିକାରେ ୭୮ ମ୍ୟାଚ୍ ଖେଳିଥିବା ସୁରେଶ ରାଇନା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି (୭୨), ଯୁବରାଜ ସିଂ (୫୮) ଓ ଶିଖର ଧାୱନ (୫୫)।

# ଉନ୍ନତ ପ୍ରଦର୍ଶନ ନେଇ ଦୂତୀ ଆଶାବାଦୀ



ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୨।୯(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତମାସ ୨୭ ତାରିଖରେ ଦୋହାଠାରେ ଆରମ୍ଭ ହେବ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍। ଏଥିରେ ଭାଗ ନେବାକୁ ଯାଉଥିବା ଭାରତର ଦ୍ରୁତତମ ମହିଳା ତଥା ଓଡ଼ିଆ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଉନ୍ନତ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ଫାଇନାଲ୍ସରେ ପ୍ରବେଶ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଦୋହା ଭଳି ପରିବେଶରେ ଖାପ୍ ଖୁଆଇବା ପାଇଁ ଦୂତୀ ସ୍ୱତନ୍ତ୍ର ଭାବେ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ଜାରି ରଖିଛନ୍ତି। ଏଥିପାଇଁ ସେ ରାତିରେ ଅଭ୍ୟାସ କରୁଛନ୍ତି। ଭାରତୀୟ ଦଳ ୨୩ ତାରିଖରେ ଦୋହା ଯିବାର କାର୍ଯ୍ୟକ୍ରମ ଥିଲେ ହେଁ ଦୂତୀ ୨୫ ତାରିଖରେ ସେଠାକୁ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଏବେ ସେ ନିଜର ତ୍ରୁଟି ସୁଧାରି ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛନ୍ତି।

ଦୋହାରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି ବୋଲି ଦୂତୀ କହିଛନ୍ତି। ଗତ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲି। ତେବେ ଏଥର ଅତିକମ୍‌ରେ ଫାଇନାଲ୍ସରେ ପ୍ରବେଶ କରିବି ବୋଲି ଆଶା ରଖିଛି। ଏହା ଆଦୌ ସହଜ ନୁହଁ। ତେବେ ଏଥିପାଇଁ ପ୍ରୟାସ କରିବି। ଫାଇନାଲ୍ସରେ ପହଞ୍ଚି ପାରିଲେ ଖୁସି ହେବି ବୋଲି କହିଛନ୍ତି। ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ଦୂତୀ ହିଟ୍ସରେ ୧୨.୦୭ ସେକେଣ୍ଡ ନେଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ଓ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ଏବେ ପ୍ରସ୍ତୁତି ଠିକ୍ ଚାଲିଛି। ଦୋହା ରେସ୍ ଟାଇମିଂ ସହ ଖାପ୍ ଖୁଆଇବା ପାଇଁ ରାତିରେ ଅଭ୍ୟାସ କରୁଛି। ରାତି ୭ରୁ ୮ଟା ମଧ୍ୟରେ ଅଭ୍ୟାସ କରୁଛି ବୋଲି ସେ କହିଛନ୍ତି। ତେବେ ଦୋହାରେ କ'ଣ ହେଉଛି ତାହା ପରେ ଦେଖାଯିବ ବୋଲି ୨୩ ବର୍ଷୟା ଦୂତୀ କହିଛନ୍ତି। ଗତ ଜୁଲାଇରେ ଦୂତୀ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ଭାବେ ବିଶ୍ୱ ୟୁନିଭର୍ସିଟି ଗେମ୍ସ ଭଳି କୌଣସି ବିଶ୍ୱସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସେ କୋଚ୍ ଏନ୍. ରମେଶଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଜାରି ରଖିଛନ୍ତି।

ଦୋହାରେ ସେ ମହିଳା ୧୦୦ମି. ହିଟ୍ସରେ ଆସନ୍ତା ୨୮ ତାରିଖର ଅପରାହ୍ନ ୪.୩୦ (ଭାରତୀୟ ସମୟ ସନ୍ଧ୍ୟା ୭.୩୦)ରେ ଦୌଡ଼ିବେ। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା କଷ୍ଟସାଧ୍ୟ ବୋଲି ସେ ସ୍ୱୀକାର କରିଛନ୍ତି। ଚଳିତ ସେସନରେ ଦୂତୀ ୧୫ଟି କମ୍ପିଟେଟିଭ ରେସ୍‌ରେ ଅଂଶଗ୍ରହଣ କରିଛନ୍ତି। ସେ ୩ଟି ଇଣ୍ଡିଆନ୍ ଗ୍ରିକ୍ସ, ୩ଟି ଫେଡ କପ୍, ୩ଟି ଆନ୍ତଃ ରାଜ୍ୟ ଜାତୀୟ, ୩ଟି ବିଶ୍ୱ ୟୁନିଭର୍ସିଟି ଓ ୩ଟି ଏସିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି। ପ୍ରତି ଦୁଇବର୍ଷରେ ଥରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହୋଇଥାଏ। ତେବେ ଅଗଷ୍ଟ ପରେ ଏହି ମେଗା ଇଭେଣ୍ଟ ଆୟୋଜିତ ହୋଇ ନ ଥାଏ। କିନ୍ତୁ ଦୋହାରେ ପ୍ରବଳ ଗ୍ରୀଷ୍ମ ଚାଲିଥିବାରୁ ଏଥର ଏହାକୁ ସେପ୍ଟେମ୍ବର ଶେଷ ଓ ଅକ୍ଟୋବର ଆରମ୍ଭରେ ଆୟୋଜନ କରାଯାଉଛି।

କୋଚ୍ ଏନ୍. ରମେଶ ଦୂତୀଙ୍କ ସହ ଦୋହା ଯିବେ। ରମେଶ ଭାରତ ଅଫିସିଆଲ ଦଳରେ ସାମିଲ ହୋଇ ନ ଥିବାରୁ ତାଙ୍କର ସବୁ ଖର୍ଚ୍ଚ ଦୂତୀ ବହନ କରିବେ। ରହିବା ଓ ଫ୍ଲାଇଟ୍ ଖର୍ଚ୍ଚ ମୁଁ ବହନ କରିବି। ରମେଶଙ୍କ ପାଇଁ ଏକ ପାସ ବ୍ୟବସ୍ଥା କରିବାକୁ ଆଥଲେଟିକ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ)କୁ କହିଛି । ଏଏଫ୍‌ଆଇ ମଧ ପାସ ଦେବାକୁ ବ୍ୟବସ୍ଥା କରୁଛି ବୋଲି ଦୂତୀ କହିଛନ୍ତି। ଗତ ମାସ ଭିଜା ସମସ୍ୟା କାରଣରୁ ୟୁରୋପ୍‌ରେ କେତୋଟି ଦୌଡ଼ ଅଂଶଗ୍ରହଣ କରିପାରି ନ ଥିବାରୁ ଦୂତୀ ଅବସୋସ ଜାହିର କରିଛନ୍ତି। କେତେକ ବୈଷୟିକ ସମସ୍ୟା ଯୋଗୁ ଭିଜା ମିଳିପାରି ନ ଥିଲା ବୋଲି ଦୂତୀ କହିଛନ୍ତି।

# ଅଭ୍ୟାସ ମ୍ୟାଚ୍‌ରେ ହାରିଲା ବୋର୍ଡ ସଭାପତି ଏକାଦଶ

ସୁରଟ, ୨୨।୯(ପି.ଟି.)

**ମହିଳା ଟି୨୦**

ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଟି୨୦ ଅଭ୍ୟାସ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ମହିଳା ଦଳଠାରୁ ବୋର୍ଡ ସଭାପତି ଏକାଦଶ ବୃହତ୍ ୮୩ ରନରେ ପରାସ୍ତ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅଭ୍ୟାସ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ସଭାପତି ଦଳ ୨୦ ଓଭରରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଭାରତ ତରଫରୁ ଭାରତୀ ଫୁଲମାଳି ୨୩, ମାନସି ଜୋଶୀ ୨୦, ଦେବିକା ବୈଦ୍ୟ ୧୯ ରନ କରି ଆଉଟ ହୋଇଥିବା ବେଳେ ତାରାନୁମ ପଠାନ ୧୫ ରନ କରି ଅପରାଜିତ ରହିଥିଲେ। ବାକି ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଶବନିମ ଇସ୍‌ମାଇଲ ଓ ସୁନେ ଲୁସ୍ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଆୟାବୋଙ୍ଗା ଖାକା ୨ ଓ ଆନି ବୋସ୍କ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଲିଜେଲି ଲି ୬୫, ତାଜମିନ ବ୍ରିଟ୍ସ ୨୦, ନାଡିନ ଡି କ୍ଲେର୍କ ୨୯ ରନକରି ଆଉଟ ହୋଇଥିବା ବେଳେ ମିଗ୍‌ନନ ଡୁ ପ୍ରିଜ୍ ୪୦ ରନ କରି ଅପରାଜିତ ରହିଥିଲେ। ବୋଡ ସଭାପତି ଏକାଦଶ ତରଫରୁ ପଠାନ ୨, ଓଡ଼ିଆ ବୋଲର ସୁଶ୍ରୀ ଦିବ୍ୟଦର୍ଶିନୀ, ବୈଦ୍ୟ, ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୪ ତାରିଖରୁ ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ। ଏହାପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆୟୋଜନ ହେବ। ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ୨୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ବ୍ୟାଟିଂରେ ସେ ବିନା ସ୍କୋରରେ ରନ୍ ଆଉଟ ହୋଇ ଅନ୍ତିମ ଉଇକେଟ ଭାବେ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୭୪/୫ (ଲି– ୬୫, ପ୍ରିଜ୍– ୪୦*, ପଠାନ– ୨/୨୩)।
ବୋର୍ଡ ସଭାପତି ଏକାଦଶ ୨୦ ଓଭରରେ ୯୧ ଅଲଆଉଟ୍ (ଫୁଲମାଳି– ୨୩, ଜୋଶୀ– ୨୦, ଇସ୍‌ମାଇଲ– ୩/୧୧, ଲୁସ୍– ୩/୧୭, ସୁଶ୍ରୀ ଦିବ୍ୟଦର୍ଶିନୀ– ୧/ ୨୬)।

# ଓଡବ୍ଲ୍ୟୁଏସିର ମହିଳା ବାଇକ୍ ରାଲି

ଭୁବନେଶ୍ୱର, ୨୨।୯
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ (ଓଡବ୍ଲ୍ୟୁଏସି) ଆନୁକୂଲ୍ୟରେ ରବିବାର ଏକ ମହିଳା ବାଇକ୍ ରାଲି ଆୟୋଜିତ ହୋଇଛି। ଏହି ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାମମନ୍ଦିର, ରୂପାଲି, ଆଚାର୍ଯ୍ୟବିହାର ଛକ ଦେଇ ରବୀନ୍ଦ୍ରମଣ୍ଡପଠାରେ ଶେଷ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି ରାଲିରେ ପୁରୀ, କଟକ ଓ ଭୁବନେଶ୍ୱରରୁ ଶତାଧିକ ମହିଳା ଯୋଗ ଦେଇଥିଲେ। ରାଲି ମାଧ୍ୟମରେ ଆରୋହୀମାନେ ଟ୍ରାଫିକ୍ ସଚେତନତା ସୃଷ୍ଟି କରିଥିଲେ। କମିଶନରେଟ୍ ପୋଲିସ ଟ୍ରାଫିକ୍ ଡିସିପି ସାଗରିକା ନାଥ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଓଡବ୍ଲ୍ୟୁଏସି ୧୯୯୨ରେ ପ୍ରତିଷ୍ଠାଲାଭ କରି ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମମାନ କରି ଆସୁଛି। ଅନୁଷ୍ଠାନର ସମ୍ପାଦିକା ମଧୁସ୍ମିତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଇକ୍ ରାଲି ସଫଳତାର ସହ ସମ୍ପନ୍ନ ହୋଇଥିଲା।



ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ ଆନୁକୂଲ୍ୟରେ ରବିବାର ଆୟୋଜିତ ମହିଳା ବାଇକ୍ ରାଲି।



କମିଶନରେଟ୍ ପୋଲିସ ଟ୍ରାଫିକ୍ ଡିସିପି ସାଗରିକା ନାଥ ପତାକା ଦେଖାଇ ରାଲିର ଶୁଭାରମ୍ଭ କରୁଛନ୍ତି।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୩/୨୦୧୯ Bhubaneswar, Monday, September 23/2019







# ହର୍ପିସ ଭୂତାଣୁର ଅନୁଧାନ ପାଇଁ ଆସିବେ କେନ୍ଦ୍ରୀୟ ଟିମ୍




**ବାରଙ୍ଗ,୨୨।୯(ଡି.ଏନ.ଏ)**

ନନ୍ଦନକାନନରେ ହର୍ପିସ ଭାଇରସ ଯୋଗୁ ୪ଟି ହାତୀଙ୍କର ମୃତ୍ୟୁ ଘଟଣା କର୍ତ୍ତୃପକ୍ଷଙ୍କ ପାଇଁ ନାନା ଚିନ୍ତା ବଢ଼ାଇଛି। ଏହି ଘଟଣା ଏବେ ରାଜ୍ୟରେ ସୀମିତ ହୋଇରହି ନାହିଁ। ଜାତୀୟସ୍ତରରେ ମଧ୍ୟ ଏହାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଏହି ଘଟଣା ପରେ ନନ୍ଦନକାନନ ପକ୍ଷରୁ ବିଭିନ୍ନ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଶ ମଧ୍ୟ କରାଯାଇଛି ବୋଲି ସୂଚନା ମିଳିଛି। ଶନିବାର ନନ୍ଦନକାନନରେ ହୋଇଥିବା ବୈଷୟିକ କମିଟିର ବୈଠକରେ ଡାକ୍ତରମାନଙ୍କ ଚିକିତ୍ସା ପ୍ରଣାଳୀ ତର୍ଜମା କରିବା ସହ ପ୍ରତିକାର ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ଆମେରିକା, କେରଳ ଓ ଆସାମ ସହ ନନ୍ଦନକାନନ ପକ୍ଷରୁ ଯୋଗାଯୋଗ ରଖାଯାଇଛି ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ତେବେ ଏହି ଘଟଣା ପରେ ଆସନ୍ତା ୨୫ ତାରିଖରେ କେନ୍ଦ୍ରୀୟ ଚିଡିଆଖାନାର ଏକ ଟିମ ହାତୀ ମୃତ୍ୟୁ ବିଷୟରେ ଅନୁଧାନ ପାଇଁ ନନ୍ଦନକାନନକୁ ଆସୁଥିବାର ଜଣାପଡିଛି। ନନ୍ଦନକାନନ କର୍ତ୍ତୃପକ୍ଷ ଏ ବିଷୟରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଥିଲେ।

## କୃଷ୍ଣସାର ମୃଗ, କୁଜିହରିଣର ଛୁଆ ଜନ୍ମ

ବାରଙ୍ଗ,୨୨।୯(ଡି.ଏନ.ଏ)– ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ଦୁଇ ନୂଆ ଅତିଥି ଆସିଛନ୍ତି। ୬୬ଏ ନଂ ଏନକ୍ଲୋଜରରେ ଥିବା କୃଷ୍ଣସାର ମୃଗ ଏକ ଶାବକ ଜନ୍ମ କରିଛି। ଫଳରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୩ରେ ପହଞ୍ଚିଛି। ସେଥିମଧ୍ୟରେ ୬ଅଣ୍ଡିରା, ୧୦ମାଈ, ୧୭ଟିର ଲିଙ୍ଗ ନିରୂପଣ ହୋଇନାହିଁ। ସେହିଭଳି ୬୬ବି ଏନକ୍ଲୋଜରରେ ଥିବା କୁଜିହରିଣ ମଧ୍ୟ ଏକ ଶାବକ ଜନ୍ମ ଦେଇଛି। ଫଳରେ କୁଜିହରିଣ ସଂଖ୍ୟା ବୃଦ୍ଧି ପାଇ ୪୪ରେ ପହଞ୍ଚିଛି। ସେଥିମଧରେ ୬ଅଣ୍ଡିରା, ୨୦ମାଈ, ୧୮ଟିର ଲିଙ୍ଗ ନିରୂପଣ ହୋଇ ନ ଥିବା ଜଣାପଡିଛି।

## ପୁଣି ଏକ ବେଲେରା ମୂଷା ମୃତ

**ବାରଙ୍ଗ,୨୨।୯(ଡି.ଏନ.ଏ):** ନନ୍ଦନକାନନର କ୍ଷୁଦ୍ର ସ୍ତନ୍ୟପାୟୀ କମ୍ପ୍ଲେକ୍ସର ୩୭ଡି ଏନକ୍ଲୋଜରରେ ରହୁଥିବା ଦୁଇ ବେଲେରା ମୂଷାଙ୍କ ଶନିବାର ମୃତ୍ୟୁ ହୋଇଥିବାବେଳେ ରବିବାର ସକାଳେ ପୁଣି ଏକ ମାଈ ବେଲେରା ମୂଷା ମରିପଡିଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଦୁଇଦିନ ମଧରେ ୩ଟି ମାଈ ବେଲେରା ମୂଷାଙ୍କର ମୃତ୍ୟୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟେପଟେ ହାତୀ ମୃତ୍ୟୁକୁ ନେଇ ନାନା କଥା ଚାଲିଥିବାବେଳେ ଅନ୍ୟପଟେ ସୁସ୍ଥଥାଇ ଠିକଭାବେ ବିଚରଣ କରୁଥିବା ତିନୋଟି ବେଲେରା ମୂଷାଙ୍କର ମୃତ୍ୟୁ ଡାକ୍ତରମାନଙ୍କର ରୋଗ ନିରୂପଣ ନ କରିପାରିବାର ସ୍ପଷ୍ଟ ପ୍ରମାଣ ଦେଉଛି ବୋଲି କର୍ମଚାରୀମାନେ କହୁଛନ୍ତି। ତିନିଜଣଙ୍କର ମୃତ୍ୟୁ ପରେ ୨ବର୍ଷର ଅଣ୍ଡିରା ବେଲେରା ମୂଷା ଛୁଆକୁ ରବିବାର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯାଇଥିବାର ଜଣାପଡିଛି। ଫଳରେ ଛୁଆ ମୂଷାଟି ନିଃସଙ୍ଗ ଜୀବନ ଜିଇବା ଆରମ୍ଭ କରିଛି। ଏହି ମୂଷା ଦେଖିବାକୁ ସୁନ୍ଦର ଥିବାବେଳେ ଭାରତର ପଶ୍ଚିମଘାଟ ପର୍ବତମାଳାରେ ବହୁଳ ଭାବେ ଦେଖାଦେଇଥାନ୍ତି। ୨କିଗ୍ରା ପର୍ଯ୍ୟନ୍ତ ଓଜନ ବିଶିଷ୍ଟ ଏହି ମୂଷା ଫୁଲ, ଫଳ, ଅଣ୍ଡା, ପୋକଯୋକ ଖାଇଥାନ୍ତି। ବର୍ଷସାରା ଏମାନେ ପ୍ରଜନନକ୍ଷମ ହୋଇଥିବାବେଳେ ୩୧ଦିନର ଗର୍ଭଧାରଣ ପରେ ଏକାସାଙ୍ଗରେ ୨ଟି ଶାବକ ଜନ୍ମ ଦେଇଥାନ୍ତି।

# ପୁଣି ଶ୍ରୀଲିଙ୍ଗରାଜ ମନ୍ଦିରରେ ଫଟୋ ଭାଇରାଲ

**ପୁରୁଣା ଭୁବନେଶ୍ୱର, ୨୨। ୯ (ଡି.ଏନ.ଏ.)**

ଐତିହ୍ୟ ଶ୍ରୀଲିଙ୍ଗରାଜ ମନ୍ଦିରରେ ପୁଣି ଫଟୋ ଭାଇରାଲ ଘଟଣା ଆଲୋଚନାକୁ ଆସିଛି। ବାରମ୍ବାର ମନ୍ଦିର ଭିତରେ କୌଣସି ସେବାୟତ କିମ୍ବା ପର୍ଯ୍ୟଟକ ଫଟୋ ଉଠାଇବା ବା ସେଲଫି ନେବାକୁ ମନ୍ଦିର ପ୍ରଶାସନ ପକ୍ଷରୁ କଟକଣା ଥିବା ବେଳେ ରବିବାର ଏଭଳି ଜନୈକ ସେବାୟତଙ୍କ ଫଟୋ ଫେସ୍‌ବୁକ୍‌ରେ ଅପଲୋଡ଼ ଘଟଣା କଟକଣାକୁ ପଦାରେ ପକାଇ ଦେଇଛି। ମିଳିଥିବା ଖବର ମୁତାବକ, ସେବାୟତ ଜଣକ ମନ୍ଦିର ଗର୍ଭଗୃହରେ ଖୁବ୍ ସୁନ୍ଦର ଭାବରେ ସେଲଫି ନେଇଛନ୍ତି। ଏହାକୁ ସେ ଟିକେ ବି ଭୃକ୍ଷେପ ନ କରି ଫଟୋ ଭାଇରାଲ ମଧ୍ୟ କରିଥିଲେ, ଯାହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୂଚନା ଥାଉ କି ସେଲିବ୍ରେଟି ଶ୍ରୀଲିଙ୍ଗରାଜ



ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ବେଳେ ଏଭଳି ବ୍ୟତିକ୍ରମ ଅନେକ ସମୟରେ ଦେଖାଯାଉଛି। ଏଣୁ ପ୍ରଶାସନ ଏଭଳି ବିଶୃଙ୍ଖଳା ଆଚରଣ ନିମନ୍ତେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଲେ ହିଁ ସୁଫଳ ମିଳିବ ବୋଲି ଆଶା କରାଯାଉଛି। ଶନିବାର ଇସ୍ରୋ ଅଧକ୍ଷ କେ. ଶିବନ୍ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ମାତ୍ର ଏହି ଗସ୍ତ ସମୟରେ ମନ୍ଦିର ପ୍ରଶାସନର ଅନେକ କର୍ମଚାରୀ ଓ ଅନ୍ୟ ଅଧିକାରୀ ମୋବାଇଲ ସେଲଫି ଉଠାଇଥିଲେ, ଯାହାକୁ ସେବାୟତ ମହଲରେ ନିନ୍ଦା କରାଯାଇଛି। ଏଥିସହ ପ୍ରଶାସନର ଏଭଳି କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, September 23/2019 | ★★★★★★

୪୫ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଦୀପକ ପୁନିଆଙ୍କୁ ରୌପ୍ୟ ପଦକ

କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ଦୀପକ ପୁନିଆ।

୧୮

୧୪

## ଅକ୍ଷୟଙ୍କ ମ୍ୟୁଜିକ୍ ଭିଡିଓରେ ନୂପୁର

ଅଭିନେତା ଅକ୍ଷୟ କୁମାର ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ 'ଫିଲ୍‌ହାଲ୍'ର ଶୁଟିଂ କରିଛନ୍ତି। ଏଥିରେ କ୍ରିତି ସାନନଙ୍କ ଭଉଣୀ ନୂପୁର ଅଭିନୟ କରିଛନ୍ତି।



### ■ ହ୍ୟୁଷ୍ଟନ ମଞ୍ଚରୁ ଭାରତ-ଆମେରିକାର ଘୋଷଣା

# ଆତଙ୍କବାଦ ବିରୋଧରେ ଏକାଠି

**ହ୍ୟୁଷ୍ଟନ,୨୨।୯(ପି.ଟି./ଆଇଏଏନ୍ଏସ୍)**

ଆତଙ୍କବାଦ କେବଳ ଭାରତ କି ଆମେରିକା ପାଇଁ ନୁହେଁ, ବରଂ ସାରା ବିଶ୍ୱ ଆଗରେ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡ଼ା ହୋଇଛି। ଆତଙ୍କବାଦର ମୁକାବିଲା ପାଇଁ ଭାରତ ଓ ଆମେରିକା ଏକାଠି ହୋଇଥିବାବେଳେ ଏହାର ମୂଳୋତ୍ପାଟନ ଲାଗି ବିଶ୍ୱ ସମୁଦାୟ ଆଗେଇ ଆସିବା ଜରୁରୀ ହୋଇପଡ଼ିଛି। ହ୍ୟୁଷ୍ଟନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱ ସମୁଦାୟକୁ ଏପରି ଆହ୍ୱାନ ଦେଇଛନ୍ତି।

୭ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ରବିବାର 'ହାଓଡି ମୋଦି' ମେଗା ଇଭେଣ୍ଟରେ ଉଦ୍‌ବୋଧନ ଦେଇଛନ୍ତି। ହ୍ୟୁଷ୍ଟନର ଏନ୍ଆର୍‌ଜି ଷ୍ଟାଡିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିଛନ୍ତି। ଆମେରିକାରେ ଏତେବଡ଼ କାର୍ଯ୍ୟକ୍ରମରେ ଭାଷଣ ଦେବାରେ ମୋଦି ହେଉଛନ୍ତି ପ୍ରଥମ ବିଦେଶୀ ନେତା। ଏହି ମେଗା ଇଭେଣ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେଇ ମୋଦିଙ୍କୁ ପ୍ରଶଂସାରେ ପୋତି ଦେଇଥିଲେ। ପ୍ରଥମେ ମୋଦି ଅଭିଭାଷଣ ଆରମ୍ଭ କରି ଟ୍ରମ୍ପଙ୍କୁ ଉଚ୍ଚ ପ୍ରଶଂସା କରିବା ସହ 'ଅବ୍‌କି ବାର୍ ଟ୍ରମ୍ପ୍ ସରକାର' (ଏଥର ଟ୍ରମ୍ପ୍ ସରକାର) ବୋଲି କହିଥିଲେ। ଟ୍ରମ୍ପ୍ ଜଣେ ସ୍ୱତନ୍ତ୍ର ବ୍ୟକ୍ତି, ଯାହାଙ୍କର ସବୁଠାରେ ଗଭୀର ତଥା ସ୍ଥାୟୀ ପ୍ରଭାବ ରହିଛି । ଏଭଳି ବିଶାଳ ଐତିହାସିକ ସମାବେଶରେ ଟ୍ରମ୍ପଙ୍କୁ ସ୍ୱାଗତ କରିବା ତାଙ୍କ ପାଇଁ ଅତ୍ୟନ୍ତ ସମ୍ମାନର କଥା। ଭାରତ ତଥା ସାରା ବିଶ୍ୱରେ ଥିବା ଭାରତୀୟମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ, ଆମ ଗହଣରେ ଆଜି ଜଣେ ଅତି ସ୍ୱତନ୍ତ୍ର ବ୍ୟକ୍ତି ଅଛନ୍ତି, ଯିଏ ଆମେରିକାର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ। ରାଷ୍ଟ୍ରପତି ଟ୍ରମ୍ପ୍ ଇସ୍‌ଲାମିକ୍ ଆତଙ୍କବାଦକୁ ସାରା ବିଶ୍ୱ ପାଇଁ ବିପଦ ବୋଲି ଅଭିହିତ କରିବା ସହ ଏହାର ସଫଳ ମୁକାବିଲା ଲାଗି ଭାରତ ସହ ଆମେରିକା ଛିଡ଼ା ହୋଇଛି। ସେହିପରି ସୁରକ୍ଷା କ୍ଷେତ୍ରରେ ଭାରତ ସହ ସ୍ୱାକ୍ଷରିତ ଚୁକ୍ତି ସମ୍ପର୍କରେ ଅବତାରଣା କରିଥିଲେ। ଆମେରିକାକୁ ଆତଙ୍କବାଦରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଦେଶର ସୀମାକୁ ବନ୍ଦ କରିବା ଉପରେ ଟ୍ରମ୍ପ୍ ଗୁରୁତ୍ୱ ଦେଇଥିଲେ। ଆତଙ୍କବାଦ ନିରୋଧୀ ଲଢ଼େଇରେ ସେ ମୋଦିଙ୍କୁ ଜଣେ ପ୍ରକୃତ ବନ୍ଧୁ ଭାବେ ଅଭିହିତ କରିଥିଲେ।

ଟେକ୍ସାସ୍-ଇଣ୍ଡିଆ ଫୋରମ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ଅଭିଭାଷଣ ପରେ ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଥିଲେ, ଭାରତ-ଆମେରିକା ମଧ୍ୟରେ ନୂଆ ଇତିହାସ ଓ ସମ୍ବନ୍ଧ ସୃଷ୍ଟି ହେଉଛି। ଏଠାରେ ଉପସ୍ଥିତ ଜନସମୁଦ୍ର ଏହାର ପ୍ରମାଣ ☞ ପୃଷ୍ଠା-୪



ଏନ୍ଆର୍‌ଜି ଷ୍ଟାଡିୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ଆମେରିକା କହିଲା ହାଓଡି ମୋଦି**

- ■ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ
- ■ ଅବ୍‌କି ବାର୍ ଟ୍ରମ୍ପ୍ ସରକାର: ମୋଦି
- ■ ଆତଙ୍କବାଦ ବିରୋଧରେ ଟ୍ରମ୍ପଙ୍କ କଡ଼ା ସନ୍ଦେଶ
- ■ ପାକିସ୍ତାନକୁ ପରୋକ୍ଷରେ ଟାର୍ଗେଟ କଲେ ଦୁଇନେତା
- ■ ପରସ୍ପରକୁ ପ୍ରଶଂସାରେ ପୋତିଲେ

# ଚିଲିକାରେ ଜଳ ଘୂର୍ଣ୍ଣିଝଡ

**ବାଲୁଗାଁ,୨୨।୯(ଡି.ଏନ.ଏ.)**

**ବାତ୍ୟା ଆଶଙ୍କାରେ ଲୋକେ ଭୟଭୀତ**

ବଡ଼କୁଳ ପାନ୍ଥନିବାସସ୍ଥିତ ଚିଲିକା ଜଳରାଶିରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ ଜଳ ଘୂର୍ଣ୍ଣିଝଡ (ୱାଟର ସ୍ପାଉଟ୍) ସୃଷ୍ଟି ହୋଇ ଆକାଶକୁ ସ୍ପର୍ଶ କରିଥିଲା। ଏହା ଚିଲିକା ମଧ୍ୟସ୍ଥ ଜଟିଆନାସୀ ପାହାଡ଼ ଓ କାଳିଜାଈ ମଧ୍ୟରେ ପ୍ରାୟ ୨୦ମିନିଟ୍ ଧରି ଦୃଶ୍ୟ ହୋଇଥିଲା। ଚିଲିକା ଜଳକୁ ପବନର ଗୋଲେଇ ଚକ୍ର ମଧ୍ୟରେ ଆବଦ୍ଧ କରି ବାଦଲକୁ ଛୁଇଁଥିଲା, ଯାହାକି ଏକ ବିରାଟକାୟ ହାତୀଶୁଣ୍ଢ ପରି ଦୃଶ୍ୟମାନ ହୋଇଥିଲା। ସେଠାରେ ଉପସ୍ଥିତ ପର୍ଯ୍ୟଟକ ଏହି ଦୃଶ୍ୟକୁ ଉପଭୋଗ କରିଥିବା ବେଳେ ନିକଟସ୍ଥ ଅଞ୍ଚଳବାସୀଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା। ଚିଲିକାରେ ଏହା ପ୍ରଥମ ଘଟଣା। ପୂର୍ବରୁ ଏପରି ଦୃଶ୍ୟ କେବେ ଦୃଷ୍ଟିଗୋଚର ହୋଇ ନ ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି। କେହି ଏହା ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟାର ପ୍ରାକ୍ ସୂଚନା ବୋଲି ମତ ଦେଇଛନ୍ତି।



ରବିବାର ଅପରାହ୍ନରେ ଚିଲିକାରେ ସୃଷ୍ଟି ହୋଇଥିବା ଜଳ ଘୂର୍ଣ୍ଣିଝଡ।

### ■ ଆନ୍ଧ୍ର ସୀମାରେ ଏନ୍‌କାଉଣ୍ଟର

# ୫ ମାଓବାଦୀ ନିହତ

**ବିଶାଖାପଟନମ୍, ୨୨।୯ (ଆଇଏଏନ୍ଏସ୍)**



ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାରେ ରବିବାର ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୁରକ୍ଷା ବଳର ମିଳିତ ଏନ୍‌କାଉଣ୍ଟରରେ ୨ ମହିଳାଙ୍କ ସମେତ ୫ ମାଓବାଦୀ ନିହତ ହୋଇଛନ୍ତି।

ବିଶାଖାପଟନମ୍ ଜିଲା ଗୁଡେମ୍ କୋଟା ବିଧି ବ୍ଲକ୍ ଅନ୍ତର୍ଗତ ଗୁମ୍ମିରେଭୁଲୁ ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ସୁରକ୍ଷା ବଳ ସେଠାକୁ ଯାଇ କୋମ୍ବି ଅପରେଶନ ଚଳାଇଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପଟୁ ଗୁଳି ବିନିମୟ ପରେ ୫ ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଏହାସହ ଏନ୍‌କାଉଣ୍ଟରସ୍ଥଳରୁ ମାଓବାଦୀଙ୍କ ବିପୁଳ ଅସ୍ତ୍ରଶସ୍ତ୍ର ଓ କିଟ୍ ବ୍ୟାଗ୍ ଜବତ ହୋଇଛି। ମାଓବାଦୀଙ୍କ ଗୁଳିମାଡ଼ରେ କେହି ଯବାନ ମୃତାହତ ହୋଇନାହାନ୍ତି। ଏହି ମିଳିତ ଅପରେଶନରେ ମାଓବାଦୀ ନିରୋଧୀ ବଳ, ଗ୍ରେହାଉଣ୍ଡସ, ସ୍ପେଶାଲ ପ୍ରୋଟେକ୍ସନ୍ ଫୋର୍ସ (ଏସ୍‌ପିଏଫ୍) ନିୟୋଜିତ ଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ) ପକ୍ଷରୁ ପ୍ରତିଷ୍ଠା ସପ୍ତାହ (ସେପ୍ଟେମ୍ବର ୨୧ରୁ ୨୮) ପାଳନ ଚାଲିଥିବାବେଳେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୨୩ରେ ମାଓବାଦୀମାନେ ଆନ୍ଧ୍ରପ୍ରଦେଶର ଟିଡିପି ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ଶିବେରି ସୋମଙ୍କୁ ବିଶାଖାପଟନମ୍ ଜିଲାର ଆକାରୁ ଅଞ୍ଚଳରେ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାକୁ ବର୍ଷେ ପୂରିବାର ଦିନକ ପୂର୍ବରୁ ଯବାନଙ୍କ ଗୁଳିରେ ୫ ମାଓବାଦୀ ନିପାତ ହୋଇଛନ୍ତି।

**ଆଜିର ସମ୍ପାଦକୀୟ**

**ଛବିରେ ହାତୀ**

**ଆଜିର ମନ୍ତବ୍ୟ**

" ନେହେରୁଙ୍କ ଭୁଲ ଯୋଗୁ ପିଓକେ ସୃଷ୍ଟି ହୋଇଛି।

–ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଜୁଲାଇରେ ଦେଶର କୋଇଲା ଆମଦାନୀ ୪% ହ୍ରାସ ଘଟି ୧୯ ନିୟୁତ ଟନ୍ ରହିଛି।

– କୋଇଲା ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 22.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 49/-Dozen

Issued in the Interest of Consumers


# ଧୋଇଗଲା ନଗଡ଼ା ବିକାଶ

**ଯାଜପୁର ଅଫିସ,୨୨।୯**

ନଗଡ଼ା ବିକାଶକୁ ଅଧାପନ୍ତରିଆ କରି ବସିଯାଇଛି ପ୍ରଶାସନ। ନଗଡ଼ା ଆଧିବାସୀଙ୍କୁ ସେବା ପ୍ରଦାନ ପାଇଁ କୌଣସି ସରକାରୀ କର୍ମଚାରୀ ଆଉ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଚିକିତ୍ସକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ/କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି। ସ୍ୱଳ୍ପ ଓ ଦୀର୍ଘମିଆଦୀ ଯୋଜନା କାଗଜକଲମରେ ସୀମିତ ରହିଛି। ଅଶୋକଝରର ପାହାଡ଼ ପାଦଦେଶରୁ ତଳନଗଡ଼ା ପର୍ଯ୍ୟନ୍ତ ୧୨.୯୫କୋଟି ଟଙ୍କାରେ ନିର୍ମିତ ରାସ୍ତା ୨ବର୍ଷ ନ ପୂରଣୁ ଗମନାଗମନ ଅନୁପଯୋଗୀ ହେବା ଏହାର ପ୍ରମୁଖ କାରଣ ସାଜିଛି। ଏହି ମର୍ମରେ ଗତ ୧୩ ତାରିଖରେ ଧରିତ୍ରୀରେ ଆରଡି ବିଭାଗରେ ଡିଏମ୍ଏଫ୍ ଚଳୁ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଆରଡି ବିଭାଗ ଅଧିକାରୀମାନେ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ବର୍ଷାର ସହଯୋଗ ନେଇଛନ୍ତି। ଗତ ୨ ମୌସୁମୀ ଋତୁରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସଫେଇ ଦେଇଛନ୍ତି। କିନ୍ତୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସିଂହଭାଗ ଅର୍ଥ ଚଳୁ ହୋଇଛି। ଯାହା ଫଳରେ ☞ ପୃଷ୍ଠା-୪



- ■ ୨ ବର୍ଷ ଗଲାନି ୧୨.୯୫ କୋଟିର ରାସ୍ତା
- ■ ପ୍ରବଳ ବର୍ଷା ଯୋଗୁ ଧୋଇଗଲା ରାସ୍ତା: ଆରଡି ବିଭାଗ
- ■ ନିମ୍ନମାନର ରାସ୍ତା ନିର୍ମାଣକୁ ଦାୟୀ କଲେ ଅଞ୍ଚଳବାସୀ





ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।


# ଦଶମଶ୍ରେଣୀ ଛାତ୍ରଙ୍କୁ ପ୍ରଜାକୋର୍ଟରେ ହତ୍ୟା

**ମାଲକାନଗିରି,୨୨।୯(ସ୍ୱ.ପ୍ର/ଡି.ଏନ.ଏ.)**

ମାଲାକନଗିରି ଜିଲା ସୀମାନ୍ତରେ ମାଓବାଦୀଙ୍କ ବର୍ବରତା ସୀମା ଟପିଛି। ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ପ୍ରଜାକୋର୍ଟରେ ଅତି ନିର୍ମମ ଭାବେ ହତ୍ୟା କରିଛି ଲାଲବାହିନୀ। ମୃତ ଛାତ୍ରଙ୍କ ନାମ ରମେଶ କୁଞ୍ଜାମ। ବିଜାପୁର ଏସ୍‌ପି ଦିବ୍ୟାଙ୍ଗ ପଟେଲଙ୍କ ସୂଚନା ଅନୁଯାୟୀ ଛତିଶଗଡ଼ ବିଜାପୁର ଜିଲାର ତଶ୍ରିମ ଅଞ୍ଚଳରୁ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ରମେଶଙ୍କୁ ଗତ ୧୬ରେ ମାଓବାଦୀମାନେ ଅପହରଣ କରି ନେଇ ଯାଇଥିଲେ। ଦୁଇ ଦିନ ରଖିବା ପରେ ପୋଲିସକୁ ମାଓବାଦୀଙ୍କ ଗୁପ୍ତ ସୂଚନା ଦେଉଥିବା ସନ୍ଦେହ କରି ତାଙ୍କୁ ଜଙ୍ଗଲ ମଧ୍ୟରେ ଏକ ପ୍ରଜାକୋର୍ଟରେ ହତ୍ୟା କରିଥିଲେ। ତେବେ ମାଓବାଦୀଙ୍କ ଚାପରେ ପରିବାର ଲୋକେ ପୋଲିସକୁ ଏ ସମ୍ପର୍କରେ କୌଣସି ସୂଚନା ନ ଦେଇ ତାଙ୍କର ଅନ୍ତିମ ସଂସ୍କାର କରି ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ଏସ୍‌ପି ପଟେଲ କହିଛନ୍ତି।





- 1% ସୁଧହାର ପ୍ରତି ମାସ ନିମନ୍ତେ (ଧନ ଶକ୍ତି ସ୍କିମ, ବାର୍ଷିକ ସୁଧହାର 12%* ମାସିକ ସୁଧ ପଇଠ ସାପେକ୍ଷ)
- 6 ମାସ ଏବଂ 1 ବର୍ଷ ଋଣ ଅବଧି ଯୋଜନା ମଧ୍ୟ ଉପଲବ୍ଧ ।
- ଆପଣଙ୍କ ସ୍ୱର୍ଣ୍ଣର ସମ୍ପୂର୍ଣ୍ଣ ବୀମା ସୁରକ୍ଷା ।
- ଅଧିକ ଜାଣିବା ନିମନ୍ତେ ଆପଣଙ୍କ ନିକଟତମ ମଣପ୍ପୁରମ୍ ଶାଖା କିମ୍ବା ଆମ ୱେବ୍‌ସାଇଟ୍ www.manappuram.com ଲଗ୍ ଅନ୍ କରନ୍ତୁ ।

ସୁଧହାର କେବଳ 1%* ପ୍ରତି ମାସ ବାର୍ଷିକ ସୁଧହାର 12%

9.90%* ସୁଧହାର ସହିତ ବ୍ୟବସାୟୀମାନଙ୍କ ପାଇଁ ଏକ ବିଶେଷ ଯୋଜନା (ଜିଏଲ୍-ବିଏଲ୍)

ଶନିବାର ଦିନ ଆମେ ସମ୍ପୂର୍ଣ୍ଣ ଦିନ କାର୍ଯ୍ୟକରୁ ।

ନିୟମିତ ଅନ୍ତରାଳରେ ମାସିକ ସୁଧ ପରିଶୋଧ କରି 50% ପର୍ଯ୍ୟନ୍ତ ରିହାତି ପାଆନ୍ତୁ ।

OGL Online Gold Loan — ଆପଣ ଘରେ ବସି, କିମ୍ବା ଅଫିସ୍‌ରେ ଥାଇ, ଗୋଲ୍ଡ ଲୋନ୍ ପାଇବା ସହିତ ରିନ୍ୟୁଅଲ୍ ଏବଂ ସୁଧ ପରିଶୋଧର ସୁବିଧା ! 24x7

ମଣପ୍ପୁରମ୍ ଗୋଲ୍ଡ ଲୋନ୍ — MANAPPURAM FINANCE LIMITED

Call : 9337072152, Toll Free : 1800 420 22 33 24x7 SMS : GHELP to 56070

## ସଂକ୍ଷେପରେ

### ମା'ଚର୍ଚ୍ଚିକାଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ

**ବାଙ୍କୀ,୨୨।୯(ସ୍ୱ.ପ୍ର.):** ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଷୋଡ଼ଶ ଉପଚାର ପୂଜା ରବିବାର ପ୍ରଭାତରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଏହି ପୂଜା ୧୬ଦିନ ହେଉଥିବାବେଳେ ଚଳିତ ବର୍ଷ ୧୪ଦିନ ହେବ। ଭୋର ୪ଟାରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ଓ ପଞ୍ଚ ଅବକାଶ କରାଯାଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ହୋଇଥିଲା। ପୂର୍ବାହ୍ନରେ ବାଙ୍କୀ ରାଜା ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ର ରାଜଗୁରୁ ଭାବାନୀ ଶଙ୍କର ମହାପାତ୍ରଙ୍କୁ ବରଣ କରିବା ପରେ ମନ୍ଦିର ସେବାୟତଙ୍କ ଦ୍ୱାରା ମହାନଦୀର ରେଣୁକା ତୁଠରୁ ସହସ୍ର କୁମ୍ଭ ଜଳ ଅଣାଯାଇ ମା'ଙ୍କ ଭଙ୍ଗାରି ସ୍ନାନ କରାଯାଇଥିଲା। ପରେ ମାଜଣା କରାଯାଇ ଦେବୀଙ୍କୁ ବେଶ ଓ ଗହଣା ଲାଗି କରାଯାଇଥିଲା। ଗହଣା ଲାଗି ପରେ ମା'ଙ୍କୁ ଶ୍ରୀ ମହାପ୍ରସାଦ ସମର୍ପଣ କରାଯାଇ ମନ୍ଦିର ଉପରେ ନେତ ବନ୍ଧା ଉତ୍ସବ ହୋଇଥିଲା। ଏହାପରେ ସୂର୍ଯ୍ୟ, କଳସ, ଦ୍ୱାରପାଳ ଓ ଠାକୁରାଣୀଙ୍କ ବଲ୍ଲଭ ପୂଜା ସହ ଉପାଧି ଭୋଗ (ଅଧାଭୋଗ) କାର୍ଯ୍ୟ ସମ୍ପାଦିତ ହୋଇ ମାଣ୍ଡୁଆ ଧୂପ ଅର୍ପଣ କରାଯାଇଥିଲା। ଦ୍ୱିପ୍ରହରେ ଆମିଷ ସହିତ ଶଙ୍ଖୁଡ଼ି ଭୋଗ ଅର୍ପଣ କରାଯାଇ ପହଡ଼ ବନ୍ଦ ପୂର୍ବରୁ ଖଞ୍ଜାହାଣ୍ଡି ଭୋଗ ଶେଷ ହୋଇଥିଲା। ଅପରାହ୍ନରେ ମା'ଙ୍କ ବେଶପରେ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ଯାଇଥିଲା। ସନ୍ଧ୍ୟା ଓ ରାତିଧୂପ କରାଯାଇ ପ୍ରଥମ ଦିନର ପୂଜା ଶେଷ କରାଯାଇଥିଲା। ଷୋଡ଼ଶ ପୂଜାର ପ୍ରଥମ ଦିନରେ ମା'ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ନରସିଂହପୁର,୨୨।୯(ଡି.ଏନ.ଏ.):** ବିଦ୍ୟୁତ୍ ଆଘାତରେ ରବିବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ଥାନା ପତଣ୍ଡା ଗ୍ରାମର ବିଶ୍ୱଜିତ ନନ୍ଦ(୨୫)। ବିଶ୍ୱଜିତ ନିଜ ମାମୁଘର କୁଞ୍ଜବନ ଗ୍ରାମରେ ହେଉଥିବା ଦ୍ୱିତୀୟ ଓଷାରେ ଯୋଗଦେବାକୁ ଯାଇଥିଲେ। ସେଠାରେ ଓଷାଲାଗି ଆୟୋଜିତ ମଣ୍ଡପରେ ବଦ୍ୟୁତ୍ ସଂଯୋଗ କରୁଥିଲେ। ତେବେ ବିଦ୍ୟୁତ୍ ତାର ସର୍ଟ ଥିବାରୁ ତାଙ୍କୁ ଆଘାତ ଲାଗିଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ଲୋକେ ତାଙ୍କୁ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଶ୍ୱଜିତ ପୂର୍ବରୁ ବିଦ୍ୟୁତ୍ ବିଭାଗ ଆରୟୁପିଏଲରେ ଜିଲିଣ୍ଡା ଅଞ୍ଚଳ ପାଇଁ କାର୍ଯ୍ୟ କରୁଥିଲେ। ଛଟେଇ ହେବା ପରେ ଜିଲିଣ୍ଡାଠାରେ ରହି ବିଦ୍ୟୁତ୍ ଓ୍ୟାରିଂ କାର୍ଯ୍ୟ କରି ପରିବାର ପୋଷୁଥିଲେ।

■ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ବାପଘର

**କଟକ ଅଫିସ, ୨୨।୯**

ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ଗୋପାଳସାହିର ଏକ ଘରୁ ରବିବାର ସକାଳେ ଦିପ୍ତୀମୟୀ ମହାରଣା ନାମ୍ନୀ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପରେ ବ୍ୟବଚ୍ଛେଦ ଲାଗି ଏସ୍‌ସିବି ମେଡିକାଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଗୋପାଳସାହିର ବୁଲୁ ମହାରଣାଙ୍କୁ ୨୦୧୮ ଜାନୁୟାରୀ ୨୧ରେ ପୁରୀ ଜିଲା ମାର୍କଣ୍ଡସାହିର ଦୀପ୍ତିମୟୀ ବିବାହ କରିଥିଲେ। ବୁଲୁ ରାଣୀହାଟ ଅଞ୍ଚଳରେ ଏକ ଲେଦ୍‌ରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ରବିବାର ସକାଳେ ବୁଲୁ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରି ଦେଖିଲେ ତାଙ୍କ ରୁମ୍ କବାଟ ବନ୍ଦ ଅଛି। ବହୁତ ସମୟ କବାଟ ବାଡେଇଲେ ମଧ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ପରେ ବୁଲୁ ଓ ତାଙ୍କ ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ପଶିବାରୁ ଦିପ୍ତୀମୟୀ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ମଙ୍ଗଳାବାଗ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ପରେ ମଙ୍ଗଳାବାଗ ଥାନା ପକ୍ଷରୁ ଏହି ମାମଲା ମହିଳା ଥାନାକୁ ହସ୍ତାନ୍ତର କରାଯାଇଛି। ଖବରପାଇ ଦିପ୍ତୀମୟୀଙ୍କ ବାପଘର ଲୋକେ ମେଡିକାଲରେ ପହଞ୍ଚିବା ପରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଦୀପ୍ତିମୟୀଙ୍କୁ ଶାଶୁଘର ଲୋକେ ହତ୍ୟାକରି ଫ୍ୟାନ୍‌ରେ ଝୁଲାଇ ଦେଇଥିବା ତାଙ୍କ ବାପଘର ଲୋକେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଦିପ୍ତୀମୟୀଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି, ବିବାହର କିଛିଦିନ ପରେ ଦିପ୍ତୀମୟୀଙ୍କ ବର୍ଣ୍ଣ କଳା କହି ତାଙ୍କ ସ୍ୱାମୀ ତାଙ୍କୁ ନାପସନ୍ଦ କରୁଥିଲେ। ଶାଶୁଙ୍କ ମୃତ୍ୟୁ ପରେ ଦିପ୍ତୀମୟୀଙ୍କୁ ସ୍ୱାମୀ, ଶ୍ୱଶୁର ଓ ୨ ଦେଢଶୁର ମିଶି ନିର୍ଯାତନା ଦେଉଥିଲେ। ଦିପ୍ତୀମୟୀ ଗର୍ଭବତୀ ହୋଇଥିବା ଜାଣିବା ପରେ ଶାଶୁଘର ଲୋକେ ତାଙ୍କୁ ଘରୁ କାଢି ଦେଇଥିଲେ। ଫଳରେ ଦୀପ୍ତିମୟୀ ବାପଘରକୁ ପଳାଇ ଯାଇଥିଲେ। କିଛିଦିନ ପରେ ବାପଘର ଲୋକେ ଶାଶୁଘର ଲୋକଙ୍କ ସହ ବୁଝାମଣା କରି ଦିପ୍ତୀମୟୀଙ୍କୁ ଶାଶୁଘରେ ଛାଡିଥିଲେ। ସେଠାରେ କିଛିଦିନ ରହିବା ପରେ ରବିବାର ଦୀପ୍ତିମୟୀ ଆତ୍ମହତ୍ୟା କରିଥିବା ବାପଘର ଲୋକେ ଖବର ପାଇଥିଲେ। ପରେ ବାପଘର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଦିପ୍ତୀମୟୀଙ୍କ ସ୍ୱାମୀ, ଶ୍ୱଶୁର ଓ ଦେଢସୁରଙ୍କୁ ଥାନାରେ ଅଟକରଖି ପଚରାଉଚରା କରୁଥିବା ମହିଳା ଥାନା ଅଧିକାରୀ ଅନସୂୟା ନାୟକ କହିଛନ୍ତି।



ସଫେଇ କାର୍ଯ୍ୟରେ ସାମିଲ୍ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର କର୍ମକର୍ତ୍ତା ଓ ଅନ୍ୟମାନେ।

## ୧୧ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ

**ବାଙ୍କୀ,୨୨।୯(ସ୍ୱ.ପ୍ର.)**

ସ୍ଥାନୀୟ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରବିବାର ବାଙ୍କୀ କଲେଜ ପରିସରରେ ସ୍ଥାପିତ ୧୧ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇଛି। ପ୍ରଥମେ ରାଣୀ ଶୁକଦେଈ ଛାତ୍ରୀନିବାସ ପରିସରରେ ଥିବା ଆଦ୍ୟ ଦେବତା ପ୍ରଭୁ ଗଣେଶ, ଆଜାଦ୍ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷଚନ୍ଦ୍ର ବୋଷ, ରାଣୀ ଶୁକଦେଈ, କଲେଜ ପ୍ରାଣ ପ୍ରତିଷ୍ଠାତା ଡା. ଯୋଗେଶ ଚନ୍ଦ୍ର ରାଉତ, ବାଙ୍କୀର ପ୍ରଥମ ବିଧାୟକ ଗୋକୁଳାନନ୍ଦ ପ୍ରହରାଜ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, ଉତ୍କଳ ସମ୍ମିଳନୀର ଆଦ୍ୟପ୍ରବକ୍ତା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଗୋବିନ୍ଦ ରଥ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, କଲେଜ ପରିଚାଳନା ସମିତିର ପ୍ରଥମ ସଭାପତି ଅନନ୍ତ ଚରଣ ଦେଉରୀ, ଶିକ୍ଷାବିତ୍ ଭାଗବତ ପ୍ରସାଦ ପଟ୍ଟନାୟକ ଓ ବାଞ୍ଛାନିଧି ପାଠାଗାରାର ପ୍ରତିଷ୍ଠାତା ବାଞ୍ଛାନିଧି କରଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରାଯିବା ସହ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିସହିତ କଲେଜ ପରିସରରେ ଥିବା ପ୍ରତିମୂର୍ତ୍ତି ଗୁଡିକର ସୁରକ୍ଷା ଓ ଯତ୍ନନେବାକୁ ଉପସ୍ଥିତ ବ୍ୟକ୍ତି ଶପଥ ନେଇଥିଲେ। ସୁରକ୍ଷା ଅଭିଯାନ ସଭାପତି କବି ସୁନୀଲ ମିଶ୍ର ଓ ସଂଯୋଜକ ପ୍ରାଧ୍ୟାପକ ମନୋଜ ମହାପାତ୍ରଙ୍କ ପରିଚାଳନାରେ କଲେଜ ଅଧକ୍ଷା ଡ.ନିବାସିନୀ ପଣ୍ଡା, ସନ୍ଧ୍ୟାରାଣୀ ମହାନ୍ତି, ପ୍ରାବନ୍ଧିକ ବ୍ରଜବନ୍ଧୁ ପାଲ, ଆମ ଗାଁ ଆମ ବାଙ୍କୀର ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରହରାଜ, ପଶ୍ଚିମ ବାଙ୍କୀ ବିକାଶ ପରିଷଦ ଆବାହକ ପ୍ରଦୀପ ପଟ୍ଟନାୟକ, ବିଶିଷ୍ଟ କବି କୌଶିକ ନାୟକ, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ଏବଂ କଲେଜ ଜାତୀୟ ସମର ଶିକ୍ଷାର୍ଥୀ ମହିଳା ବାହିନୀ ଛାତ୍ରୀମାନେ ଯୋଗଦାନ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସାମିଲ୍ ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଗ୍ରାମ୍ୟ କମିଟି ଗଠିତ

**ଖୁଣ୍ଟୁଣୀ,୨୨।୯(ଡି.ଏନ.ଏ)**

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ତୋଟାପଡ଼ା-ରାଧାଶରଣପୁର ଗ୍ରାମ୍ୟ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ତୋଟାପଡ଼ାର ରାଧାକୃଷ୍ଣ ମଣ୍ଡପ କୋଠଘରରେ ଉଭୟ ଗ୍ରାମବାସୀ ମିଳିତ ହୋଇ ଗ୍ରାମର ସାମାଜିକ କର୍ମୀ ତ୍ରିନାଥ ରାଉତଙ୍କୁ ସଭାପତି ଭାବେ ମନୋନୀତ କରିଛନ୍ତି। ସମ୍ପାଦକ ଦ୍ୱୈତାରୀ ସାହୁ, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ରାଉତ, ଧ୍ରୁବଶାସନ ସାହୁ, ପ୍ରତାପ ସ୍ୱାଇଁ, ସୁଧାକର ସାହୁ, ଗଣେଶ ପଲେଇ, ନିବାସ ଜେନା, ଅମୂଲ୍ୟ ସାମନ୍ତରାୟ ଓ ସନ୍ତୋଷ ସାହୁ ପ୍ରମୁଖ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିବା ସଭାପତି ରାଉତ ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଟିଗିରିଆ,୨୨।୯(ଡି.ଏନ.ଏ.)**

ଟିଗିରିଆ ନବନିର୍ମାଣ କୃଷକ ସଙ୍ଗଠନ, ବରିଷ୍ଠ ନାଗରିକ ମଞ୍ଚ ଓ ପୋଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଟିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ଓ କୃଷକ ସଙ୍ଗଠନ କର୍ମକର୍ତ୍ତା ପାଞ୍ଚଗାଁସ୍ଥିତ ହନୁମାନ ମନ୍ଦିର ଛକଠାରେ ଟ୍ରାଫିକ ନିୟମ ମାନିବା, ହେଲେମେଟ ପିନ୍ଧିବା, ଚାରିଚକିଆ ଯାନ ଚଳାଇବାବେଳେ ସିଟ ବେଲ୍ଟ ବାନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଆଦି ଉପରେ ଲୋକଙ୍କୁ ସଚେତନ କରାଇଥିଲେ। କୃଷକ ସଙ୍ଗଠନର ଯୁବ ସଂଯୋଜକ ଅଜିତ ଦାଶଙ୍କ ନେତୃତ୍ୱରେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କୁ ଟ୍ରାଫିକ୍ ସଚେତନତା ପ୍ରଚାର ପତ୍ର ଓ ଚକୋଲେଟ ଦିଆଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କସୁରକ୍ଷା ସଚେତନତା ଉପରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠ ଛାତ୍ରୀଛାତ୍ର ଟ୍ରାଫିକ ନିୟମ ସମ୍ପର୍କିତ ସ୍ଲୋଗାନ ଦେଇ ପାଞ୍ଚଗାଁ କଲ୍ୟାଣ ମଣ୍ଡପଠାରୁ ଶିବ ମନ୍ଦିର ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଜଗବନ୍ଧୁ ତୁଙ୍ଗସାମନ୍ତ, ସମ୍ପାଦକ ସୁଶୀଳ ନନ୍ଦ, ନିରାକାର ମହାପାତ୍ର, ପ୍ରଦ୍ୟୁମ୍ନ ଦାଶ, ସରୋଜ ଦାଶ, ପାଞ୍ଚଗାଁ ଗ୍ରାମ ସଭାପତି ନରେନ୍ଦ୍ର ସାହୁ, କୃଷକ ସଂଗଠନର ପ୍ରମୁଖ ସଦସ୍ୟ ତ୍ରିବିକ୍ରମ ଦାଶ, ସଚ୍ଚିନ୍ଦ୍ର ଦାସ, ବ୍ରଜ ପ୍ରଧାନ, ନରେଶ ମହାପାତ୍ର, ଜୟକୃଷ୍ଣ ବେହେରା, ନଣ୍ଡା ପ୍ରଧାନ ଓ ବ୍ରଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରାଙ୍କନ, ଝୋଟି ପ୍ରତିଯୋଗିତା

**ଲଳିତଗିରି,୨୨।୯(ସ୍ୱ.ପ୍ର.)**

ମାହାଙ୍ଗାର ଉଦୟ ମାନ ଗୃପ(ଉଦୟ ମାହାଙ୍ଗା)ପକ୍ଷରୁ ଚାହାପଡ଼ା ପଞ୍ଚାୟତଠାରେ ଥିବା ମୁଖବଧିର ସ୍କୁଲରେ ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ପିଲାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଭାଙ୍କୁ ମାନପତ୍ର ଓ ସିଲ ପ୍ରଦାନ କରାଯାଇଥିଲା। ଏଥିରେ ଉଦୟ ମାହାଙ୍ଗାର ପ୍ରତିଷ୍ଠାତା ଧ୍ରୁବଚରଣ ମହାନ୍ତି, କୋଷାଧକ୍ଷ ପ୍ରଜ୍ଞପରମିତା ପଣ୍ଡା, ସହସମ୍ପାଦକ ଅରୁଣ ମହାନ୍ତି, ହାଟପଡ଼ା ହାଇସ୍କୁଲ ଶିକ୍ଷକ ପ୍ରଦୀପ୍ତ ମହାନ୍ତି, ପ୍ରତାପ ମହାନ୍ତି, ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ଦମୟନ୍ତୀ ବିଶ୍ୱାଳ ଯୋଗ ଦେଇଥିଲେ।

## ୟୁରିଆ ସାରର କୃତ୍ରିମ ଅଭାବ

**ରଘୁନାଥପୁର, ୨୨।୯ (ଡି.ଏନ.ଏ.)**

**ରଘୁନାଥପୁର ବ୍ଲକ**

ରଘୁନାଥପୁର ବ୍ଲକ ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ତଥା ବ୍ୟାପକ କଳାବଜାର ଯୋଗୁ ଚାଷୀଙ୍କ ମଧରେ ଉଦ୍‌ବେଗ ପ୍ରକାଶ ପାଇଛି। କିଛିଦିନ ପୂର୍ବରୁ ୟୁରିଆ ସାର ଅଭାବ ଯୋଗୁ ଚାଷୀ ଧାନ ଫସଲରେ ପ୍ରୟୋଗ ପାଇଁ ଚାତକ ପରି ଚାହିଁ ବସିଥିଲେ। ତେବେ ଦୁଇ ଦିନ ତଳୁ ଅଞ୍ଚଳରେ ଥିବା ଅଧିକୃତ ବିକ୍ରେତାଙ୍କ ପାଖରେ ସାର ପହଞ୍ଚିବା ପରେ ମଧ ଏହାର କୃତ୍ରିମ ଅଭାବ ସମ୍ପର୍କରେ ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପରବର୍ତ୍ତୀ ସମୟରେ ଗାଁଗହଳିରେ ଥିବା ରିଟେଲରଙ୍କ ପାଖରେ ଏହି ସାର ଉପଲବ୍ଧ ହୋଇ ଚଢା ଦରରେ ବିକ୍ରୟ କରାଯାଉଥିବା ଚାଷୀ ବିପିନ ବିହାରୀ ସ୍ୱାଇଁ ଓ ଅଜୟ ସ୍ୱାଇଁ ପ୍ରମୁଖ ଶନିବାର ଏଏଓ ରାଜଲକ୍ଷ୍ମୀ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଛାଷୀଙ୍କୁ ବ୍ୟଥିତ କରିଥିବାବେଳେ ଜିଲା କୃଷକ ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ଅଧିକୃତ ବିକ୍ରେତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଡିଏ ରମେଶ ଚନ୍ଦ୍ର ନାୟକଙ୍କୁ ଦାବି ଜଣାଇଛନ୍ତି। ୟୁରିଆ ସାର ୫୦ କିଗ୍ରା ବସ୍ତା ପିଛା ୨୬୬ ଟଙ୍କା ବିକ୍ରୟ ପାଇଁ ଥିବା ବେଳେ ଅଧିକୃତ ବିକ୍ରେତା ଏପରି କି ଲୋକ ଦେଖି ୪ ଶହ ଟଙ୍କା ବସ୍ତା ପିଛା ନେଉଛନ୍ତି। ଅନ୍ୟପକ୍ଷରେ ଅଧିକାଂଶ ଚାଷୀଙ୍କୁ ଫେରାଇ ଦିଆଯାଉଥିବା ସଙ୍ଗଠନର ସମ୍ପାଦକ ଇଂ. ବାବାଜି ଚରଣ ଜେନା ଓ ସଭ୍ୟ ବିନୋଦ ବିହାରୀ ମହାନ୍ତି ଅଭିଯୋଗ କରିଛନ୍ତି। ଖରିଫ ଧାନ ଫସଲରେ ୟୁରିଆ ସାର ପ୍ରୟୋଗ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ। ଏହି ପରିପ୍ରେକ୍ଷୀରେ ଅଧିକୃତ ବିକ୍ରେତାଙ୍କ ଚଞ୍ଚକତାପୂର୍ଣ୍ଣ କାର୍ଯ୍ୟ ତଥା ନୀତି ବିରୋଧୀ ଅଧିକ ଲାଭ ଆଶା ଯୋଗୁ ଚାଷୀକୁଳ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ତେବେ ଚାଷୀମାନେ ସବିଶେଷ ତଥ୍ୟ ଦେଲେ କଳାବଜାର କରୁଥିବା ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଡିଏ ନାୟକ ପ୍ରକାଶ କରିଛନ୍ତି।

## ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ ତାଲିମ ଶିବିର

**ଖୁଣ୍ଟୁଣୀ,୨୨।୯(ଡି.ଏନ.ଏ)**

ଆଠଗଡ଼ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଯକ୍ଷ୍ମାରୋଗୀମାନଙ୍କୁ ଚିହ୍ନଟ ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଏକ ତାଲିମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ଦିଲୀପ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଖୁଣ୍ଟୁଣୀ, ଗୁରୁଡିଝାଟିଆ. ମେଘା, ଯୋରନ୍ଦା, ରାଜନଗର ଓ ବେଣ୍ଟପଦା ଆଦି ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଆଶା କର୍ମୀ, ପୁରୁଷ, ମହିଳା ଓ ସ୍ୱାସ୍ଥ୍ୟକର୍ମୀ, ସେବିକାମାନେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ପ୍ରତି ଘରକୁ ଘର ବୁଲି ପ୍ରତ୍ୟେକ ସଦସ୍ୟଙ୍କ କଫ ନମୁନା ସଂଗ୍ରହ କରିବା ସହ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ତାଲିମପ୍ରାପ୍ତ ପାଥୋଲୋଜିଷ୍ଟମାନଙ୍କୁ ପ୍ରଦାନ କରିବେ। ଏଥିସହ ନମୁନା ପରୀକ୍ଷା ପରେ ରୋଗ ଚିହ୍ନଟ ହେଲେ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରିବେ। ଏଥିରେ ଟେକ୍ନିସିଆନ ପ୍ରଶାନ୍ତ କୁମାର ପ୍ରଧାନ, ରଶ୍ମିରଞ୍ଜନ ଜେନା, କବିତା ରାଣୀ ଦାସ ଓ ମନମୋହନ ଦାଶ ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଶିକ୍ଷା ପ୍ରଦାନ କରିଥିଲେ।




ଟିଗିରିଆ ବ୍ଲକ୍ ବିନ୍ଧାଣିମାସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ନିଜସ୍ୱ ବେଶ ଏବଂ ବଡ଼ମ୍ବାର ମା' ଭଟାରିକାଙ୍କ ସୁନାବେଶ।

■ ମାହାଙ୍ଗା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ଅନିୟମିତତା ଘଟଣା

# ୧୫ରେ ଜିଲାପାଳ ଅଫିସ ଘେରାଉ ଚେତାବନୀ

**ଲଳିତଗିରି,୨୨।୯(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

■ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ୧୫ ଦିନ ଭିତରେ ନିଲମ୍ବନ ଦାବି

■ ସାରଦା ପ୍ରଧାନଙ୍କ ଖବରଦାତା ସମ୍ମିଳନୀ

ମାହାଙ୍ଗା ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ମାହାଙ୍ଗା ଓ ବଡ଼ଚଣା ବ୍ଲକ୍‌ର କେତେକ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଗଣମାଧମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ମାହାଙ୍ଗା ଭାଜପା ନେତା ସାରଦା ପ୍ରଧାନ ଏହାର ତଦନ୍ତ ସହ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ୧୫ ଦିନ ମଧରେ ନିଲମ୍ବନ କରିବାକୁ ଦାବି କରିଛନ୍ତି। ଯଦି ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନିଏ ତେବେ ଆସନ୍ତା ୧୫ ତାରିଖରେ ସ୍ଥାନୀୟ ୧୦ ହଜାର ଜନସାଧାରଣ ଜିଲାପାଳ ଅଫିସ ଘେରାଉ କରିବେ ବୋଲି ପୋଡ଼ାମରାଇଠାରେ ଏକ ଖବରଦାତା ସମ୍ମିଳନୀ କରି ସାରଦା ଚେତାବନୀ ଦେଇଛନ୍ତି।

ସେ ଅଭିଯୋଗ କରିଛନ୍ତି, ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବାଲିଚନ୍ଦ୍ରପୁର-ଲଳିତଗିରି, ବାଲିଚନ୍ଦ୍ରପୁର-କୁଆଁପାଳ, କୁଆଁପାଳ-ଗୋପୀନାଥପୁର, ଛତିଆ-ସାଲେପୁର, ଲଳିତଗିରି-କଟିକଟା ଓ ମାହାଙ୍ଗା-ନିଶ୍ଚିତକୋଇଲି ରାସ୍ତା ନିର୍ମାଣରେ ଅନିୟମିତତା ହୋଇଛି। ଏହି ରାସ୍ତାରେ ୫ବର୍ଷ ମଧରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ରାସ୍ତା ନବୀକରଣ ନାମରେ କୋଟିକୋଟି ଟଙ୍କା ଟେଣ୍ଡର ମାଧମରେ ଖର୍ଚ୍ଚ କରାଯାଇଥିଲାବେଳେ ଗୁପ୍ତ ଟେଣ୍ଡର ମାଧମରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଏଠାରେ ରହିଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀଙ୍କ ମାଧମରେ ଏହି ଦୁର୍ନୀତି କରାଯାଇଛି। ବାଲିଚନ୍ଦ୍ରପୁର-କୁଆଁପାଳ ରାସ୍ତା ୭ କିଲୋମିଟର ହୋଇଥିଲା ବେଳେ ଏଠାରେ ୭କୋଟି ଟଙ୍କା ବ୍ୟୟ କରାଯାଇଛି। ତେବେ ରାସ୍ତା ନିର୍ମାଣର ୬ମାସ ପରେ ଫାଟି ଦୁଇଫାଳ ହୋଇଯାଇଛି। ସେହି ରାସ୍ତାରେ ବ୍ୟାପକ ଦୁର୍ନୀତି ହୋଇଥିଲାବେଳେ ଫାଟ ବନ୍ଦ କରିବା ପାଇଁ ତାଳି ପକା କାର୍ଯ୍ୟ କରାଯାଉଛି। ସେହିପରି କୁଆଁପାଳ-ଭେଡ଼ା ରାସ୍ତାରେ ୧୨ କୋଟି ଟଙ୍କା ବ୍ୟୟ କରାଯାଇଥିଲା ବେଳେ ନିର୍ମାଣର ୬ମାସ ମଧରେ ରାସ୍ତାଟି ୩ଫୁଟ୍ ଦବିଯାଇଛି। ରାସ୍ତା ଦବିବା ଘଟଣାକୁ ନେଇ ପୂର୍ତ୍ତ ବିଭାଗ ଜଳସମ୍ପଦ ବିଭାଗ ଉପରେ ଦୋଷ ଲଦି ଖସି ଯିବାକୁ ଚେଷ୍ଟା କରିଛି। ସମ୍ପୃକ୍ତ ରାସ୍ତାଟି ଦୀର୍ଘ ୭୦ବର୍ଷ ଧରି ଜଳସମ୍ପଦ ବିଭାଗ ଅଧୀନରେ ଥିଲାବେଳେ ଏହା କେବେ ଦବି ନ ଥିଲା। ମାତ୍ର ୫ବର୍ଷ ତଳେ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ନିର୍ମାଣ କାମ ଶେଷ ହେବାର ୬ମାସ ପରେ ଗୋଟିଏ ପାର୍ଶ୍ୱ ୩ଫୁଟ୍ କିପରି ଦବିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗର ଯେଉଁ ଦୁର୍ନୀତି ହୋଇଛି ସେଥିରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଥିଲା ବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସମସ୍ତ ବିଲ ପାସ କରିଛନ୍ତି। ତେବେ ନିର୍ବାହୀ ଯନ୍ତ୍ରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିଲାବେଳେ ସେ ଏବେ ତଦନ୍ତ ଦାୟିତ୍ୱ ନେଇଛନ୍ତି। ଯାହାକି ତଦନ୍ତର ନିରପେକ୍ଷତାକୁ ନେଇ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀ ଓ ପୂର୍ତ୍ତବିଭାଗ ସଚିବଙ୍କୁ ଚିଠି ଲେଖି ତଦନ୍ତ କରିବାକୁ ନିବେଦନ କରିଛନ୍ତି।




ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
- କଠୋପନିଷେଧ



## ସଂକ୍ଷେପରେ

### ଡିସିପିଙ୍କ ବଦଳି ଦାବିରେ ବିକ୍ଷୋଭ

**ଚୌଦ୍ୱାର, ୨୨।୯(ଡି.ଏନ୍.ଏ.):** କଟକ କମିଶନରେଟ୍ ପୋଲିସ ପକ୍ଷରୁ କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ଫଳରେ ବର୍ଷ ବର୍ଷ ଧରି ଚାଲି ଆସିଥିବା ଭାଇଚାରା ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଚକ୍ରାନ୍ତ ଚାଲିଛି ବୋଲି ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାକୁ ନିନ୍ଦା କରାଯିବା ସହିତ କଟକ ଡିସିପିଙ୍କ ବଦଳି ଦାବିରେ କରିଛି ଦଳ। ରବିବାର ସନ୍ଧ୍ୟାରେ ଚୌଦ୍ୱାର ଗାନ୍ଧୀଛକସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ନେତା ଓ କର୍ମୀମାନେ ଡିସିପିଙ୍କ କୁଶପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଶୋଭାଯାତ୍ରାରେ ଯାଇ ଚୌଦ୍ୱାର ଥାନା ଆଇଆଇସି ପଦ୍ମନାଭ ପ୍ରଧାନଙ୍କୁ ପୋଲିସ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚୌଦ୍ୱାର ନଗର କଂଗ୍ରେସ ସଭାପତି ବିଜୟ କୁମାର ବେହେରା, ଧୀରେନ୍ଦ୍ର ଚୌଧୁରୀ, କୈଳାସ ସାହାଣୀ, ଜୟନ୍ତୀ ନାଥ, ଭ୍ରମରବର ନାୟକଙ୍କ ସହ ଅନ୍ୟମାନେ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ତାଲିମ ଶିବିର

**ଖୁଣ୍ଟୁଣୀ,୨୨।୯(ଡି.ଏନ.ଏ):** ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଏକ ତାଲିମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ଦିଲୀପ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ଖୁଣ୍ଟୁଣୀ, ଗୁରୁଡିଝାଟିଆ. ମେଘା, ଯୋରନ୍ଦା, ରାଜନଗର ଓ ବେଣ୍ଟପଦା ଆଦି ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଆଶା କର୍ମୀ, ପୁରୁଷ, ମହିଳା ଓ ସ୍ୱାସ୍ଥ୍ୟକର୍ମୀ, ସେବିକାମାନେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ପ୍ରତି ଘରକୁ ଘର ବୁଲି ପ୍ରତ୍ୟେକ ସଦସ୍ୟଙ୍କ କଫ ନମୁନା ସଂଗ୍ରହ କରିବା ସହ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲିମପ୍ରାପ୍ତ ପାଥୋଲୋଜିଷ୍ଟମାନଙ୍କୁ ପ୍ରଦାନ କରିବେ। ଏଥିସହ ନମୁନା ପରୀକ୍ଷା ପରେ ରୋଗ ଚିହ୍ନଟ ହେଲେ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରିବେ। ଏଥିରେ ଟେକ୍ନିସିଆନ ପ୍ରଶାନ୍ତ ପ୍ରଧାନ, ରଶ୍ମିରଞ୍ଜନ ଜେନା, କବିତା ରାଣୀ ଦାସ ଓ ମନମୋହନ ଦାଶ ଯୋଗଦେଇଥିଲେ।

### ମହାବିଦ୍ୟାଳୟରେ ଅଧାପକ, ଅଭିଭାବକ ବୈଠକ

**କଟକସଦର, ୨୨।୯(ଡି.ଏନ୍.ଏ.):** କିଶୋରନଗର ମହାବିଦ୍ୟାଳୟରେ ଶନିବାର ଅଧାପକ ଓ ଅଭିଭାବକମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି। +୩ କଳା ଓ ବିଜ୍ଞାନ ବିଭାଗରେ ପଢୁଥିବା ବିଦ୍ୟାର୍ଥୀମାନଙ୍କ ଅଭିଭାବକମାନେ ବୈଠକରେ ସେମାନଙ୍କ ପିଲାମାନଙ୍କ ସମ୍ପର୍କରେ ଅଧକ୍ଷ ଅଜିତ ମୁଖ୍ୟାର୍ଜୀ ଓ ଅଧାପିକା ଅଧାପକଙ୍କ ସହ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଉଛି ବୋଲି ପ୍ରାଧାପକ ପ୍ରଭାକର ସାହୁ, ବଂଶୀଧର ମିଶ୍ର, ଡ.ରତ୍ନାକର ରାୟ, ଡ.ଅନାଦି ବରାଳ, ଡ.ସାଗରିକା ସାହୁ ଓ କୃଷ୍ଣଚନ୍ଦ୍ର ମହାନ୍ତି କହିଥିଲେ। ଏହାଛଡ଼ା +୨ କଳା ଓ ବିଜ୍ଞାନ ବିଭାଗରେ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ ଅନ୍ୟ ଏକ ବୈଠକରେ ଅଧାପିକା ଓ ଅଧାପକଙ୍କ ସହ ମତ ବିନିମୟ କରିଥିଲେ।

### ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଶ୍ରମଦାନ

**ଟାଙ୍ଗୀ(କଟକ),୨୨।୯(ଡି.ଏନ.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ରବିବାର ଜାତୀୟ ସେବା ଯୋଜନା (ବାଳିକା) ବିଭାଗ ପକ୍ଷରୁ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଅଧିକାରୀ ସରୋଜିନୀ ଦେବତାଙ୍କ ତତ୍ତ୍ୱାବଧାନରେ ଡାଳିଯୋଡାସ୍ଥିତ ଶ୍ରୀ ଅରବିନ୍ଦ ଶ୍ରୀକ୍ଷେତ୍ରରେ ନିର୍ମିତ ଭବାନୀ ମନ୍ଦିର ଚଲାପଥକୁ ପରିଷ୍କାର କରିବା ସହ ସଡ଼କ ପାର୍ଶ୍ୱରେ ଚାରାରୋପଣ କରିଥିଲେ। ପରେ ଶ୍ରୀ ଅରବିନ୍ଦ ଓ ସ୍ୱାଧୀନତା ସଂଗ୍ରାମ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମିରାମ୍ବିକା ସାହୁ, ରୂପାଲି ସାହୁ, ଡଲିଆରାଣୀ ଦେହୁରୀ, ବନିତା ମହାନ୍ତି, ନିବେଦିତା ମହାନ୍ତି, ନମିତା ବିରୁଆ ଶିବିରକୁ ପରିଚାଳନା କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**କଟକ ଅଫିସ, ୨୨।୯**

ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ଗୋପାଳସାହିର ଏକ ଘରୁ ରବିବାର ସକାଳେ ଦିପ୍ତୀମୟୀ ମହାରଣା ନାମ୍ନୀ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପରେ ବ୍ୟବଚ୍ଛେଦ ଲାଗି ଏସ୍‌ସିବି ମେଡିକାଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଗୋପାଳସାହିର ବୁଲୁ ମହାରଣାଙ୍କୁ ୨୦୧୮ ଜାନୁୟାରୀ ୨୧ରେ ପୁରୀ ଜିଲା ମାର୍କଣ୍ଡସାହିର ଦୀପ୍ତିମୟୀ ବିବାହ କରିଥିଲେ। ବୁଲୁ ରାଣୀହାଟ ଅଞ୍ଚଳରେ ଏକ ଲେଦ୍‌ରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ରବିବାର ସକାଳେ ବୁଲୁ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରି ଦେଖିଲେ ତାଙ୍କ ରୁମ୍ କବାଟ ବନ୍ଦ ଅଛି। ବହୁତ ସମୟ କବାଟ ବାଡେଇଲେ ମଧ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ପରେ ବୁଲୁ ଓ ତାଙ୍କ ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ପଶିବାରୁ ଦିପ୍ତୀମୟୀ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ମଙ୍ଗଳାବାଗ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ପରେ ମଙ୍ଗଳାବାଗ ଥାନା ପକ୍ଷରୁ ଏହି ମାମଲା ମହିଳା ଥାନାକୁ ହସ୍ତାନ୍ତର କରାଯାଇଛି। ଖବରପାଇ ଦିପ୍ତୀମୟୀଙ୍କ ବାପଘର ଲୋକେ ମେଡିକାଲରେ ପହଞ୍ଚିବା ପରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଦୀପ୍ତିମୟୀଙ୍କୁ ଶାଶୁଘର ଲୋକେ ହତ୍ୟାକରି ଫ୍ୟାନ୍‌ରେ ଝୁଲାଇ ଦେଇଥିବା ତାଙ୍କ ବାପଘର ଲୋକେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଦିପ୍ତୀମୟୀଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି, ବିବାହର କିଛିଦିନ ପରେ ଦିପ୍ତୀମୟୀଙ୍କ ବର୍ଣ୍ଣ କଳା କହି ତାଙ୍କ ସ୍ୱାମୀ ତାଙ୍କୁ ନାପସନ୍ଦ କରୁଥିଲେ। ଶାଶୁଙ୍କ ମୃତ୍ୟୁ ପରେ ଦିପ୍ତୀମୟୀଙ୍କୁ ସ୍ୱାମୀ, ଶ୍ୱଶୁର ଓ ୨ ଦେଢଶୁର ମିଶି ନିର୍ଯାତନା ଦେଉଥିଲେ। ଦିପ୍ତୀମୟୀ ଗର୍ଭବତୀ ହୋଇଥିବା ଜାଣିବା ପରେ ଶାଶୁଘର ଲୋକେ ତାଙ୍କୁ ଘରୁ କାଢି ଦେଇଥିଲେ। ଫଳରେ ଦୀପ୍ତିମୟୀ ବାପଘରକୁ ପଳାଇ ଯାଇଥିଲେ। କିଛିଦିନ ପରେ ବାପଘର ଲୋକେ ଶାଶୁଘର ଲୋକଙ୍କ ସହ ବୁଝାମଣା କରି ଦିପ୍ତୀମୟୀଙ୍କୁ ଶାଶୁଘରେ ଛାଡିଥିଲେ। ସେଠାରେ କିଛିଦିନ ରହିବା ପରେ ରବିବାର ଦୀପ୍ତିମୟୀ ଆତ୍ମହତ୍ୟା କରିଥିବା ବାପଘର ଲୋକେ ଖବର ପାଇଥିଲେ। ପରେ ବାପଘର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଦିପ୍ତୀମୟୀଙ୍କ ସ୍ୱାମୀ, ଶ୍ୱଶୁର ଓ ଦେଢସୁରଙ୍କୁ ଥାନାରେ ଅଟକରଖି ପଚରାଉଚରା କରୁଥିବା ମହିଳା ଥାନା ଅଧିକାରୀ ଅନସୂୟା ନାୟକ କହିଛନ୍ତି।



ରବିବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଡ. ମନୋଜ ମିଶ୍ରଙ୍କ ରଚିତ ପୁସ୍ତକଗୁଡିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କଟକ: ପିଆଜ କେଜି ୫୦, ଖାଉଟି ଅସନ୍ତୁଷ୍ଟ

**କଟକ ଅଫିସ, ୨୨।୯**

କଟକ ସହରରେ ଦିନକୁ ଦିନ ପିଆଜ ଦର ବୃଦ୍ଧି ପାଇବାରେ ଲାଗିଛି। ସହରର ବିଭିନ୍ନ ପରିବା ମାର୍କେଟ୍‌ରେ ପିଆଜ ଦର ଗୋଟିଏ ସପ୍ତାହ ଭିତରେ କିଲୋ ପ୍ରତି ୩୦ରୁ ୩୫ ଟଙ୍କା ବଢି ୫୦ ଟଙ୍କାରେ ପହଞ୍ଚିଛି। ଘରର ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ପିଆଜ ଦରକାର ପଡିଥାଏ। ହେଲେ ଏହାର ଦର ବୃଦ୍ଧି ପାଇବା ଯୋଗୁ ସିଧାସଳଖ ପ୍ରଭାବ ପଡ଼ିଛି ହାଣ୍ଡିଶାଳ ଉପରେ। ଏହାକୁ ନେଇ ଖାଉଟିଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଖାଉଟି ସୁରେନ୍ଦ୍ର ପଣ୍ଡା କହିଛନ୍ତି, ଆଜି ଦୋକାନରେ ପଚାରିବାବେଳେକୁ ପିଆଜ କିଲୋ ପ୍ରତି ଦର ୫୦ ଥିଲା। ୨ କେଜି ପିଆଜ ଘରକୁ ନେଲେ ପରିବା ନେବାକୁ ପକେଟରେ ପଇସା ରହୁନି। ଯାହାଫଳରେ ବାଧ ହୋଇ ୨୦୦ରୁ ୫୦୦ ଗ୍ରାମ ଭିତରେ ପିଆଜ ନେବାକୁ ପଡୁଛି। ସେହିପରି ଅନିତା ପଣ୍ଡା କହିଛନ୍ତି, ପିଆଜ ଦର ହୁହୁ ହୋଇ ବଢିଚାଲିଛି। ଫଳରେ ଘରର ମାସିକ ଖର୍ଚ୍ଚ ଉପରେ ଏହାର ପ୍ରଭାବ ପଡୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ପିଆଜ ଦର ନିୟନ୍ତ୍ରଣରେ ରହିପାରିବ। ଅନ୍ୟପକ୍ଷରେ ଛତ୍ରବଜାର ପିଆଜ ବ୍ୟବସାୟୀ ସଂଘ ସଭାପତି ଦେବ ସାହୁ କହିଛନ୍ତି, ସହରକୁ ଦୈନିକ ୧୦ରୁ ୧୨ ପିଆଜ ଗାଡ଼ି ଆସୁଥିବାବେଳେ ଏବେ ମାତ୍ର ୨ରୁ ୪ଟି ଗାଡ଼ି ଆସୁଛି। ଅର୍ଥାତ୍ ସହରରେ ୧୨୦ ଟନ୍ ପିଆଜ ଦରକାର ଥିବାବେଳେ ଏବେ ମାତ୍ର ୪୦ରୁ ୫୦ ଟନ୍ ଆସୁଛି। ବିଶେଷକରି ନାସିକ ଉପରେ ଓଡ଼ିଶା ନିର୍ଭର କରିବାକୁ ପଡୁଥିବାରୁ ଏପରି ସମସ୍ୟା ଉପୁଜିଛି। ସେପଟ ଅଞ୍ଚଳରେ ବର୍ଷା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ହୋଇଥିବାରୁ ପିଆଜ ଉତ୍ପାଦନ ହ୍ରାସ ପାଇଛି। ଫଳରେ ଏହାର ପ୍ରଭାବ ଓଡ଼ିଶା ଉପରେ ଦେଖିବାକୁ ମିଳିଛି। ଏହି ସମସ୍ୟା ଆହୁରି ଦୁଇ ମାସ ଲାଗି ରହିବ। ଯେପରି ପିଆଜ ଯୋଗାଣରେ ସମସ୍ୟା ନ ଉପୁଜେ ସେଥିପ୍ରତି ବ୍ୟବସାୟୀ ସଂଘ ପକ୍ଷରୁ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଛନ୍ତି।

## ଓଢଣୀ ବାନ୍ଧି ଛାତ୍ରୀଙ୍କ ଆତ୍ମହତ୍ୟା

**କଟକ ଅଫିସ, ୨୨।୯**

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ମିଶନରୋଡ ଅଞ୍ଚଳର ଏକ ହଷ୍ଟେଲ ଛାତରେ ଶନିବାର ବିଳମ୍ବିତ ରାତିରେ ଜଣେ ଛାତ୍ରୀ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲା ଗଡଡଗାଁର ଅର୍ପିତା ରାଉତ। ସେ ଇମର୍ତ୍ତୀଦେବୀ କଲେଜ ଯୁକ୍ତ ୨କଳା ଦ୍ୱିତୀୟ ବର୍ଷର ଛାତ୍ରୀଥିବାବେଳେ କଟକର ଏକ ଘରୋଇ ହଷ୍ଟେଲରେ ରହୁଥିଲେ। ଅର୍ପିତା ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ପୋଲିସ କହିଛି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ସୂଚନା ଅନୁଯାୟୀ, ଅର୍ପିତା ୩ମାସ ହେବ ଉକ୍ତ ହଷ୍ଟେଲରେ ରହୁଥିଲେ। ସେଠାରେ ସେ ଅଧିକାଂଶ ସମୟ ଈଶ୍ୱରଙ୍କ ନାମ ଜପ କରୁଥିଲେ। ତାଙ୍କୁ ଈଶ୍ୱର ଦେଖା ଦେଉଛନ୍ତି, ସେ ତାଙ୍କ ସହ କଥା ହେଉଛନ୍ତି ବୋଲି ଅବିଶ୍ୱସନୀୟ କଥା କହୁଥିବା ଅର୍ପିତାଙ୍କ ବାନ୍ଧବୀମାନେ ପୋଲିସ ନିକଟରେ ବୟାନ ଦେଇଛନ୍ତି। ଶନିବାର ରାତିରେ ହଷ୍ଟେଲରେ ସମସ୍ତେ ଶୋଇଥିଲେ। ଅର୍ପିତା ହଷ୍ଟେଲ ବାଲକୋନୀ ଛାତରେ ଥିବା ଏକ ହୁକ୍‌ରେ ଓଢଣି ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ହଷ୍ଟେଲରେ ରହୁଥିବା ଅନ୍ୟଜଣେ ଛାତ୍ରୀ ଅର୍ପିତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ହଷ୍ଟେଲ କେୟାରଟେକ ଓ ଅନ୍ୟମାନଙ୍କୁ ଜଣାଇଥିଲେ। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ତୋଟାପଡ଼ା-ରାଧାଶରଣପୁର ଗ୍ରାମ୍ୟ କମିଟି ଗଠିତ

**ଖୁଣ୍ଟୁଣୀ, ୨୨।୯(ଡି.ଏନ.ଏ):** ଆଠଗଡ଼ ବ୍ଲକର ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ତୋଟାପଡ଼ା-ରାଧାଶରଣପୁର ଗ୍ରାମ୍ୟ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ତୋଟାପଡ଼ାର ରାଧାକୃଷ୍ଣ ମଣ୍ଡପ କୋଠଘରରେ ଗ୍ରାମର ସାମାଜିକ କର୍ମୀ ତ୍ରିନାଥ ରାଉତଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ସମ୍ପାଦକ ଭାବେ ଦୈତାରୀ ସାହୁ, କମିଟିର ବରିଷ୍ଠ ସଦସ୍ୟ ରବୀନ୍ଦ୍ର ରାଉତ, ଧ୍ରୁବଶାସନ ସାହୁ, ପ୍ରତାପ ସ୍ୱାଇଁ, ସୁଧାକର ସାହୁ, ଗଣେଶ ପଲେଇ, ନିବାସ ଜେନା, ଅମୂଲ୍ୟ ସାମନ୍ତରାୟ ଓ ସନ୍ତୋଷ ସାହୁ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିବା ସଭାପତି ରାଉତ ପ୍ରକାଶ କରିଛନ୍ତି। ସମସ୍ତ ସଦସ୍ୟ ରାଧାକୃଷ୍ଣ ମନ୍ଦିରରେ ଠାକୁରଙ୍କ ପାଖରେ ଶପଥ ନେଇଥିଲେ।



କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ପୋଷ୍ଟରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସଡ଼କ ସୁରକ୍ଷା ସମ୍ପର୍କରେ ସମସ୍ତେ ସଚେତନ ହୁଅନ୍ତୁ

**କଟକ ଅଫିସ, ୨୨।୯**

**ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ**

କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ଏବଂ ଫୋରମ ଫର ପ୍ରିଭେନସନ ଅଫ ରୋଡ ଆକ୍ସିଡେଣ୍ଟ (ଏଫ୍‌ପିଆର୍‌ଏ)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନୌବାଣିଜ୍ୟ ସଂଗ୍ରହାଳୟଠାରେ ରବିବାର ଛାତ୍ରୀଛାତ୍ରମାନଙ୍କୁ ନେଇ ସଡ଼କ ସୁରକ୍ଷା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ସାମନ୍ତରାୟ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଟ୍ରାଫିକ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ସଡ଼କ ସୁରକ୍ଷା ସମ୍ପର୍କରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଡ. ଆଶୁତୋଷ ଦେବତା, ଡା. ଅନଙ୍ଗ ଦ୍ୱିବେଦୀ, ଅଧାପିକା ଡ. ଅମୀୟବାଳା ପରିଡ଼ା ଯୋଗଦେଇ କହିଥିଲେ, ବର୍ତ୍ତମାନର ସମାଜରେ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସମସ୍ତେ ଆଗେଇ ଆସିବା ସହ ସମସ୍ତ ନିୟମକୁ ପାଳନ କରିବା ଉଚିତ। ଯାହାଫଳରେ ଆଗାମୀ ଦିନରେ ଦୁର୍ଘଟଣାବିହୀନ ସମାଜ ଗଢିତୋଳି ପାରିବା। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପିଲାମାନେ ଆମ ସମାଜର ଭବିଷ୍ୟତ, ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ସେମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଶିକ୍ଷାଦାନ ଓ ସଚେତନତା କରାଯିବା ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଏଫ୍‌ପିଆର୍‌ଏ ତରଫରୁ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ସଡ଼କ ସୁରକ୍ଷା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଫୋରମ ଫର ପ୍ରିଭେନଶନ ଅଫ ରୋଡ ଆକ୍ସିଡେଣ୍ଟର ସଦସ୍ୟ ରାଜକିଶୋର ପଣ୍ଡା, ସୁଜିତ କୁମାର ସେନାପତି, ଶଶୀକାନ୍ତ ମହାନ୍ତି, ଦେବଦତ୍ତ ସ୍ୱାଇଁ, ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାମକୃଷ୍ଣ ସେବକ ସମ୍ପ୍ରଦାୟର ସାଧାରଣ ଅଧିବେଶନ

**କଟକ ଅଫିସ, ୨୨।୯**

ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ନବାଗତ ଅନ୍ତେବାସୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ଯୋଇଯାଇଛି। କୁଟୀରର ସଭାପତି ପଦ୍ମନାଭ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ଖବରଦାତା କୃଷ୍ଣ ପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାମକୃଷ୍ଣ ସେବକ ସମ୍ପ୍ରଦାୟର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଟୀରର ପ୍ରାକ୍ତନ ଛାତ୍ର ରମାକାନ୍ତ ମହାନ୍ତି, ପଦ୍ମନାଭ ସାମଲ, ଡା. ଇନ୍ଦ୍ରମଣି ସାହୁ ଓ ଇଂ. ସୂର୍ଯ୍ୟମଣି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଆମ ଗାଁ ଆମ କଥା'ର ୨ୟ ବାର୍ଷିକ ଲୋକାର୍ପଣ ଉତ୍ସବ

**ନିଆଳି, ୨୨।୯(ଡି.ଏନ୍.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳର 'ଆମ ଗାଁ ଆମ କଥା' ସାଂସ୍କୃତିକ ପରିଷଦର ଦ୍ୱିତୀୟ ବାର୍ଷିକ ଉତ୍ସବ କସର୍ଦା ସ୍ଥିତ ଶ୍ରୀ ଗୋପାଳଜୀଉ ମଣ୍ଡପରେ ଅନୁଷ୍ଠିତ ହେବା ସହ ଆମ ଗାଁ ଆମ କଥାର ମୁଖପତ୍ର ଲୋକାର୍ପିତ ହୋଇଯାଇଛି। ସାମାଜିକ କର୍ମୀ ମିହିର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଚୌଧୁରୀ ସୁଜ୍ଞାନ ମୁଦୁଲି, ମୁଖ୍ୟବକ୍ତା ଭାବେ କ୍ୟାପଟେନ୍ ଅତୁଲ୍ୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତ୍ରିଲୋଚନ ରଥ, ନାଟ୍ୟକାର ଚିନ୍ମୟ ଦାସ ଓ ସିଭିପିର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ସ୍ୱାଇଁ ଓ ସାମାଜିକ କର୍ମୀ ଯୋଗେଶ୍ ମହାପାତ୍ର, ପ୍ରାଚୀ ଗବେଷକ ହଂସନାଥ ସାହୁ ଯୋଗଦେଇଥିଲେ। ଅତିଥିମାନେ ଆମ ଗାଁ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ପରିଚାଳନା କରୁଥିବା ଅନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ପଣ୍ଡା ଅଭିଭାଷଣ ମାଧମରେ ମୁଖ୍ୟତ ଗ୍ରାମର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଉକ୍ତ ସାଂସ୍କୃତିକ ପରିଷଦ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ, କୀର୍ତ୍ତନ, ଖଞ୍ଜଣି, ଭଜନ, ପାଲା, କବିତା ଓ ଗଳ୍ପ ଆବୃତି କରାଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଗ୍ରାମାଞ୍ଚଳ ପ୍ରତିଭା ପାଲା ଗାୟକ ଉଗ୍ରସେନ ପାଢୀ, ଅକ୍ରୂର ଚରଣ ମହାନ୍ତି, କୃଷକ ସନ୍ତୋଷ ପ୍ରଧାନ, ତ୍ରିନାଥ ମହାନ୍ତି ଓ ସ୍ୱାଧିନତା ସଂଗ୍ରାମୀ ଲୋକନାଥ ପ୍ରଧାନଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆମ ଗାଁ ଆମ କଥା ଓ ଛାତ୍ରଯୁବ ବିକାଶ ପରିଷଦର ଯୁବ କର୍ମୀମାନେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କସର୍ଦା ସ୍ଥିତ ଶ୍ରୀ ଗୋପାଳଜୀଉ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଭିନ୍ନ ଏକ ପରମ୍ପରା: ଷୋଳପୁଅ ମା' ପୂଜା

**କଟକ ଅଫିସ, ୨୨।୯**

ସହର ଯେତିକି ପୁରୁଣା ଏହା ସହ ତାଳ ଦେଇ କଟକର ପରମ୍ପରା ବି ସେତିକି ପୁରୁଣା। ଅନେକ ପୁରୁଣା ପରମ୍ପରାର ଭିଡ଼ ଭିତରୁ ଏକ ଭିନ୍ନ ପରମ୍ପରା ଦଶହରା ବେଳେ ଦେଖିବାକୁ ମିଳିଥାଏ। ଏହା ହେଉଛି ଷୋଳପୁଅ ମା' ପୂଜା। କଟକିଆମାନେ ଦୁର୍ଗା ପୂଜାରେ ବ୍ୟସ୍ତଥିବାବେଳେ ଏଠାକାର ତେଲୁଗୁ ସମ୍ପ୍ରଦାୟର ଲୋକେ ଷୋଳପୁଅ ମା'ଙ୍କୁ ପୂଜା କରିଥାନ୍ତି। କଟକର ୨୦ ସ୍ଥାନର ବାସିନ୍ଦା ଏହି ପୂଜାକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରୁଥିବା ଦେଖିବାକୁ ମିଳେ। ଷୋଳଟି ଗ୍ରାମର ଦେବୀ ଭାବେ ଏପରି ନାମକରଣ ହୋଇଛି ବୋଲି ତେଲୁଗୁ ସମ୍ପ୍ରଦାୟର ଲୋକେ କହିଛନ୍ତି।

ଏହାର ନାଁ ଯେମିତି ନିଆରା, ପୂଜାର ବିଧି ମଧ ସେମିତି ନିଆରା। ମହାଳୟା ଅମାବାସ୍ୟାର ପୂର୍ବ ରବିବାରଠାରୁ ଷୋଳପୁଅ ମା' ଠାକୁରାଣୀ ପୂଜା ଆରମ୍ଭ ହୋଇଥାଏ। ପ୍ରଥମେ ଏକ ଘଟରେ ପ୍ରାଣ ପ୍ରତିଷ୍ଠା କରାଯାଏ। ପରେ ଘଟକୁ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇ ଏକ ମଣ୍ଡପରେ ସ୍ଥାପନ କରାଯାଏ। ଚଣ୍ଡୀ ପାଠ ଏହି ପୂଜାର ମୁଖ୍ୟ ମାହାତ୍ମ୍ୟ। କେବଳ ରବିବାର ଠାରୁ ବୁଧବାର ଯାଏ ଏହି ପୂଜା ହୁଏ। ଏକ ମାସର ବିଭିନ୍ନ ସପ୍ତାହରେ ପର୍ଯ୍ୟାୟକ୍ରମେ ପୂଜା କରାଯାଏ। ଏହାଛଡ଼ା ମା'ଙ୍କ ପାଖରେ ଲାଗି ହେଉଥିବା ଭୋଗର ଭିନ୍ନ ସ୍ୱତନ୍ତ୍ରତା ରହିଛି। ମା'ଙ୍କ ପାଖରେ ଘାଣ୍ଟ, ମୁଗଡାଲି, ସଜନା ଶାଗ, ପିଠା ଓ ପଣା ଆଦି ସ୍ୱତନ୍ତ୍ର ଭାବେ ତିଆରି କରାଯାଇ ଭୋଗ ଲଗାଯାଇଥାଏ। ଏହି ପୂଜାରେ ମା'ଙ୍କ ପାଖରେ କୁକୁଡା ବଳି ଦିଆଯାଇଥାଏ। ଏହି ପୂଜା କରିବା ଦ୍ୱାରା ମିଳିମିଳା, ହାଡଫୁଟି ଆଦି ରୋଗରୁ ମୁକ୍ତି ପାଇବା ସହ ନିଜର ମନୋସ୍କାମନା ପୂରଣ ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି। ଏପରି କି ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ସମ୍ପ୍ରଦାୟର ଲୋକମାନେ ନିମ୍ବଗଛର ଡାଳ ଓ ପତ୍ରକୁ ହାର ଭାବେ ତିଆରି କରି ପିନ୍ଧିଥାନ୍ତି। ବିଶେଷକରି କଟକର ରାଣୀହାଟ, ବକ୍ସିବଜାର, ପିଲିଗ୍ରୀମ ରୋଡ, ଛତ୍ରବଜାର, ତିନିକୋଣିଆ ବଗିଚା, ହାତୀପୋଖରୀ, ଓଡିଆ ବଜାର, ଦିୱାନ ବଜାର, ସୂତାହାଟ, ବାଉଁଶଗଳି, ପଟାପୋଲ, ଜଗନ୍ନାଥବଲ୍ଲଭ, ମୋତିସାହି, ଦୋଳମୁଣ୍ଡାଇ, ସେମିନାରୀ ସ୍କୁଲ, ବାରପଥର ସାହି ଓ ଖପୁରିଆ ଅଞ୍ଚଳରେ ଏହି ପୂଜା କରାଯାଇଥାଏ।

**ଦଶହରା ସମୟରେ ଦେଖିବାକୁ ମିଳେ...**


ମହାନଦୀ ଗଡଗଡିଆ ଘାଟ ନିକଟରେ ଶୋଳପୁଅ ମା' ଘଟ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ବାଉଁଶଗଳି ସ୍ଥିତ ପୂଜା ମଣ୍ଡପକୁ ନିଆଯାଉଛି।


ତେଲୁଗୁ ସମ୍ପ୍ରଦାୟର ଲୋକେ ଏହି ପୂଜାକୁ ଜାକଜମକରେ ପାଳନ କରିଥାନ୍ତି। ମା'ଙ୍କୁ ସ୍ୱାଗତ କରିବା ପାଇଁ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି କରାଯାଇଥାଏ। ଏହି ପୂଜା ଉତ୍ସବ କଟକର ମିନି ଦଶହରା ନାମରେ ମଧ ବେଶ୍ ପ୍ରସିଦ୍ଧ।
-କେ. ରାମୁଲୁ, ଶ୍ରଦ୍ଧାଳୁ


ମହାଳୟା ଅମାବାସ୍ୟାର ପୂର୍ବ ରବିବାରଠାରୁ ଷୋଳପୁଅ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ଅନ୍ୟ ଦେବଦେବୀଙ୍କ ପୂଜାର୍ଚ୍ଚନା, ରୀତିନୀତି ଓ ପରମ୍ପରା ଠାରୁ ଏହା ସମ୍ପୂର୍ଣ୍ଣ ଅଲଗା। ଏହି ପୂଜା କରିବା ଦ୍ୱାରା ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଓଡ଼ିଶା ତଥା ଓଡ଼ିଶା ବାହାରର ଶ୍ରଦ୍ଧାଳୁଙ୍କର ଭିଡ ଜମିଥାଏ।
- ଆଶିଷ କୁମାର ଦୋରା, ଯୁବକ

## ପଟୁଆର, ସଭା ଲାଇସେନ୍ସକୁ ନିଃଶୁଳ୍କ କରିବା ଦାବି

**କଟକ ଅଫିସ, ୨୨।୯**

ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ରବିବାର ସ୍ଥାନୀୟ ଗାନ୍ଧୀଭବନଠାରେ ନାଗରିକ କନଭେନଶନ ଅନୁଷ୍ଠିତ ହୋଇଛି। ଏଥିରେ କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ପଟୁଆର, ସଭା ଓ ସମିତି ଲାଇସେନ୍ସକୁ ନିଃଶୁଳ୍କ କରିବା ନିମନ୍ତେ ଦାବି କରାଯାଇଛି। ସମ୍ବିଧାନର ୧୯ ଧାରା ପ୍ରତ୍ୟେକ ଭାରତୀୟଙ୍କୁ ମତପ୍ରକାଶର ଅଧିକାର ଦେଇଛି। ଠିକ୍ ସେହିପରି ୨୧ ଧାରାରେ ମୁକ୍ତ ଜୀବନଧାରଣର ଅଧିକାର ଦିଆଯାଇଛି। ଏହି ଦୁଇଟି ସାମ୍ବିଧାନିକ ଧାରା ଅନୁଯାୟୀ, ସଭା ସମିତି କରିବା ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ଧାରଣା ମାଧମରେ ମତାମତ ପ୍ରକାଶ କରିବାର ଅଧିକାର ପ୍ରତ୍ୟେକ ଭାରତୀୟଙ୍କର ରହିଛି। ମାତ୍ର ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ ଏ ନେଇ ଅତ୍ୟଧିକ ଲାଇସେନ୍ସ ଶୁଳ୍କ ଆଦାୟ କରାଯାଉଛି। ଯାହାକି ଅଗଣତାନ୍ତ୍ରିକ। ଏ ନେଇ ନାଗରିକ କନଭେନଶନରେ ଏକ ପ୍ରସ୍ତାବ ପାରିତ ହୋଇଛି। ପଟୁଆର, ସଭାସମିତି, ମାଇକ ବ୍ୟବହାର ଓ ଧାରଣା ବିକ୍ଷୋଭ ଲାଇସେନ୍ସକୁ ନିଃଶୁଳ୍କ କରିବା ଏବଂ ସିଙ୍ଗଲ ଉଇଣ୍ଡୋରେ ଲାଇସେନ୍ସ ଦେବା ଲାଗି ଦାବି କରାଯାଇଛି। ଗୋଟିଏ କାର୍ଯ୍ୟକ୍ରମର ଲାଇସେନ୍ସ ପାଇଁ ୧୦୦ଟଙ୍କାର କୋର୍ଟ ଫି' ସହିତ ଆଫିଡେଭିଟ, ମାଇକ ବ୍ୟବହାର ପାଇଁ ଦିନକୁ ୨୦୦ ଟଙ୍କା, ସଭା ପାଇଁ ୨୦୦ ଟଙ୍କା ଆଦାୟ କରିବା, ବାହାଘର ପଟୁଆର ପାଇଁ ଘରୋଇ ନିରାପତ୍ତାରକ୍ଷୀ ଖର୍ଚ୍ଚ ବହନ କରିବା ପାଇଁ ଆବେଦନକାରୀଙ୍କୁ ବାଧ କରିବା ବ୍ୟବସ୍ଥାର ଅବସାନ ଘଟାଇବା ଲାଗି କନଭେନଶନରେ ଦାବି କରାଯାଇଛି।

ଏହି କନ୍‌ଭେନ୍‌ଶନରେ ଅମରେନ୍ଦୁ ମହାନ୍ତି ସଭାପତିତ୍ୱ କରିଥିଲେ। ରବିନାରାୟଣ ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଉପରେ ବିଧାୟକ ଇଂ. ମହମ୍ମଦ ମୋକିମ, କଂଗ୍ରେସର ନିକୁଞ୍ଜ ପଶାୟତ, ସିପିଏମ୍‌ର ପ୍ରତାପ ମହାପାତ୍ର, ସିପିଆଇର ବିନୋଦ ବେହେରା, ଶ୍ରମିକ ନେତା କିଶୋର ଜେନା, ଅଭୟ ସ୍ୱାଇଁ, ପୂର୍ବତନ କର୍ପୋରେଟର ଗିରିବାଳା ବେହେରା ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କଟକ ସହରରେ ପାର୍ବଣକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଅନୁଷ୍ଠିତ ବୈଠକକୁ ଡିସିପି ବିଧାୟକ ମୋକିମଙ୍କୁ ନିମନ୍ତ୍ରଣ ନ କରିବା ଘଟଣାକୁ ନିନ୍ଦା କରାଯିବା ସହ ଉଚ୍ଚ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିବା ଦାବିରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା।



ପିତା ପରମ ଆରାଧ୍ୟ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ୍ୟ ସନ୍ତୋଷ ଲାଭ କରନ୍ତି।
- କଠୋପନିଷଦ



## ସଂକ୍ଷେପରେ

### ୨ ଚୋରା ବାଇକ ଉଦ୍ଧାର

**ଖୋର୍ଦ୍ଧା ଅଫିସ, ୨୨।୯:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜଣେ ବାଇକ୍ ଲୁଟ୍ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନୟାଗଡ ଜିଲା ଫତେଗଡ ଥାନା ସଂଗ୍ରାମ ପଣ୍ଡା (୧୯)ଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ୨୦ ତାରିଖରେ ଖୋର୍ଦ୍ଧା ବାସେଲିସାହିର ବିରଜ କୁମାର ଦଳାଇଙ୍କର ବାଇକ୍ ଚୋରି ହୋଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୩୧୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ବିରଜଙ୍କ ବାଇକ୍ ଚୋରି ଯାଞ୍ଚ କରୁ କରୁ ସଂଗ୍ରାମଙ୍କଠାରୁ ୨ଟି ଚୋରା ବାଇକ୍ ଖୋର୍ଦ୍ଧା ସହରର ଚଣ୍ଡିଚୁଆଁଠାରୁ ଜବତ ହୋଇଛି। ଏଥିରେ ବିରଜଙ୍କର ବାଇକ୍ ରହିଛି।

କବିକନ୍ୟା ସ୍ମୃତି ସମାରୋହ

### କବିକନ୍ୟା ସାହିତ୍ୟ, ସଂସ୍କୃତିର ଆଲୋକ ଜାଳିଛନ୍ତି

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)-** ସାହିତ୍ୟ ଓ ସଂସ୍କୃତିର ଆଲୋକ ଜାଳିଛନ୍ତି କବିକନ୍ୟା। ସମାଜକୁ ଆଦର୍ଶ ଓ ଦିଗଦର୍ଶନ ଦେଇଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ କହିଛନ୍ତି। ରବିବାର ଦିବଂଗତ କବୟିତ୍ରୀ ଓଁ ଈଶ୍ୱରୀ କବିକନ୍ୟାଙ୍କ ସ୍ମୃତି ସମାରେହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। କବିକନ୍ୟା ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ରେଡକ୍ରସ ଭବନରେ ଆୟୋଜିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ତଥା କବି ଧନଞ୍ଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କବି ଅନ୍ନପୂର୍ଣ୍ଣା ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ କବି ବିରଞ୍ଚି ମହାପାତ୍ରଙ୍କ 'ବଧୂ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି କବିକନ୍ୟାଙ୍କ 'ଅବ୍ୟୟୀଭାବ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ସମାରୋହରେ କବିକନ୍ୟା ଆସେସ ଆୱାର୍ଡ ପ୍ରଦୀପ୍ତ କୁମାର ମହାନ୍ତି, ଡ. ଆଲୋକ କୁମାର ରାୟ ଓ ବବି ଜୈନଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗାଳ୍ପିକ ହେମନ୍ତ କୁମାର ଘୋଷାଲଙ୍କୁ କବିକନ୍ୟା ଗଳ୍ପ କଳ୍ପ ସମ୍ମାନ, ଅଜିତ କୁମାର ସାବତଙ୍କୁ କବିକନ୍ୟା କବିତା କଳ୍ପ ସମ୍ମାନ, ସଞ୍ଜୟ ଭଞ୍ଜଙ୍କୁ କବିକନ୍ୟା କଳା କଳ୍ପ ସମ୍ମାନ, ନୀହାର ରଞ୍ଜନ ପରିଡାଙ୍କୁ କବିକନ୍ୟା ତରୁଣ କବିତା କଳ୍ପ ସମ୍ମାନ, ଅର୍ଚ୍ଚନାଙ୍କୁ କବିକନ୍ୟା ତରୁଣ ଗଳ୍ପ କଳ୍ପ ସମ୍ମାନ, କବି ଚିତ୍ତରଞ୍ଜନ ନାୟକ ଓ ଈପସିତା ଷଡଙ୍ଗୀଙ୍କୁ କବିକନ୍ୟା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିକନ୍ୟା ସ୍ମୃତି ପରିଷଦର ଉପସଭାପତି କବି ରମେଶ ପତି ସଭା ପରିଚାଳନା ଏବଂ ସମ୍ପାଦକ ଅୟସକାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ସହ ସମ୍ପାଦିକା ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବ ସମ୍ମାନ ସମାରୋହ: ୧୭ଜଣ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)-** ବୟସ ଯୌବନର ମାପକାଠି ନୁହେଁ। ଥରେ ଯୁବ ବୟସ ଅତିକ୍ରମ କରିଗଲେ ଆଉ ତାହା ଫେରିବ ନାହିଁ। ଏହି ଯୁବ ବୟସ ହିଁ କିଛି କରିବାର ପ୍ରକୃତ ସମୟ। ଏମିତି କିଛି ନ ହେଉ, ଯାହାଦ୍ୱାରା ଯୁବକଟି ବୟସ ଅତିକ୍ରାନ୍ତ କରିବାପରେ କିଛି ନ କରି ପାରିବାର ଅବଶୋଷ ଅନୁଭବ କରିବ। ଓଡ଼ିଶା ମିଡିଆ ସଂସ୍ଥା ପକ୍ଷରୁ ରବିବାର ସ୍ଥାନୀୟ ସୂଚନା ଭବନରେ ଆୟୋଜିତ ଯୁବ ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ କଥାଶିଳ୍ପୀ ତଥା ଶିଶୁସାହିତ୍ୟିକ ଦାଶ ବେନହୁର ଯୋଗଦେଇ କହିଥିଲେ, ଏ ସମ୍ମାନ ଯୁବପିଢ଼ିଙ୍କ ପାଇଁ ଏକ ଚେତାବନୀ ସଦୃଶ। ଏହାଦ୍ୱାରା ସେମାନଙ୍କ ଦାୟିତ୍ୱବୋଧ ବୃଦ୍ଧିପାଇବ। ପୁରସ୍କାର ପାଇଲେ ବୋଲି ଖୁସି ହୋଇ ବସିପଡିଲେ ହେବ ନାହିଁ। ସମାଜ ପାଇଁ ଅଧିକରୁ ଅଧିକ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଅତିଥିମାନେ ରାଜ୍ୟର ୧୭ ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୁଭ୍ରାଂଶୁ ପଣ୍ଡା, ସତ୍ୟବ୍ରତ ବଳିଆର ସିଂ, ମିଲନ ପ୍ରଧାନ, ଜିତେନ୍ଦ୍ର କୁମାର ଜେନା, ଆଶିଷ କୁମାର ରଥ, ଶୁଭଶ୍ରୀ ଶୁଭଲକ୍ଷ୍ମୀ ମହାନ୍ତି, ପ୍ରଗତି ପଣ୍ଡିତ, ପ୍ରମିତାଭ ଶତପଥୀ, ପ୍ରଦ୍ୟୁମ୍ନ ମହାପାତ୍ର ଓ ଜ୍ୟୋତିରଞ୍ଜନ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲଗାମ ପାଇଁ ସଚେତନତା ନାହିଁ

**ଖୋର୍ଦ୍ଧା ଅଫିସ, ୨୨।୯**

ଖୋର୍ଦ୍ଧା ଜିଲାରେ ସଚେତନତା ଅଭାବରୁ ବିଭିନ୍ନ କ୍ଷେତ୍ରରେ ଶ୍ରମିକମାନେ ଶୋଷଣ ହୋଇ ଚାଲିଛନ୍ତି। ଶିକ୍ଷାର ଅଭାବ ତଥା ଅଭିଯୋଗ କରିବାର ସାହସ ନ ଥିବାରୁ ଶ୍ରମିକ ଶୋଷଣ ହେଉଥିଲେ ମଧ୍ୟ ପ୍ରତିକାର ନାହିଁ। କେଉଁଠି ଶାରୀରିକ ନିର୍ଯାତନା ଦିଆଯାଉଛି ତ ପୁଣି କେଉଁଠାରେ ବିନା ପାରିଶ୍ରମିକରେ ଗୋଟି ଖଟା ଯାଉଛି। ଶ୍ରମିକଙ୍କୁ ସେମାନଙ୍କ ଉଚିତ ପ୍ରାପ୍ୟ ଦେବା, ଶୋଷଣରୁ ମୁକ୍ତ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଶ୍ରମିକ କଲ୍ୟାଣ ଆଇନ ରହିଛି। ହେଲେ ସରକାରୀ ଉଦାସୀନତା ଓ ଶ୍ରମ ବିଭାଗର ଅଣଦେଖା ଯୋଗୁ ତାହା ବାଟବଣା ହୋଇଯାଉଛି। ସରକାରଙ୍କ ଆଇନ ସମ୍ପର୍କରେ ଶ୍ରମଦାନ କରୁଥିବା ଶ୍ରମିକ ଜାଣୁ ନ ଥିବାରୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଶୀତଳଭଣ୍ଡାରରେ ରହି ଯାଉଛି। ଫଳରେ ଶ୍ରମିକ ନିର୍ଯାତନା ବଢୁଛି ସିନା ହ୍ରାସ ପାଇବାର କୌଣସି ସଙ୍କେତ ମିଳୁନାହିଁ ବୋଲି ଅଭିଯୋଗ ହୋଇଆସୁଛି। ସଚେତନତା ଅଭାବରୁ ଏଭଳି ସମସ୍ୟା ବଢି ଚାଲିଛି।

### ବିନା ସୁରକ୍ଷା ଉପକରଣରେ କାମ

ଖୋର୍ଦ୍ଧାରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଓ ସାରୁଅ ଶିଳ୍ପାଞ୍ଚଳ ରହିଛି। ହେଲେ ଉଭୟ ଶିଳ୍ପାଞ୍ଚଳରେ ଅଧିକାଂଶ କ୍ଷେତ୍ରରେ ଶ୍ରମିକମାନେ ବିନା ସୁରକ୍ଷା ସରଞ୍ଜାମରେ କାମ କରୁଛନ୍ତି। କିଛି ଅଘଟଣ ଘଟିଲେ ଘଟଣା ନଜରକୁ ଆସୁଛି। ତେବେ କାର୍ଯ୍ୟରତ ବେଳେ କିଛି ଶ୍ରମିକ ପ୍ରାଣ ହରାଇଲେ ମଧ୍ୟ ଭିନ୍ନ ରୂପ ଦେଇ ଘଟଣାକୁ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ତେବେ ମାଦକ ଦ୍ରବ୍ୟ ସେବନ କରି କାମ କରୁଥିଲେ ଓ ନିଯୁକ୍ତିଦାତାଙ୍କ ଦ୍ୱାରା ଦିଆଯାଇଥିବା ନିରାପଦ ସରଞ୍ଜାମ ନ ପିନ୍ଧି କାମ କରୁଥିଲେ କ୍ଷତିପୂରଣ ମିଳିବ ନାହିଁ ଆଇନ ରହିଛି। ଅନ୍ୟପକ୍ଷେ ଶ୍ରମିକ ଦିନକୁ ୮ ଘଣ୍ଟା କାମ କରିବେ। ଓଭରଟାଇମ କାମ କଲେ ସର୍ବନିମ୍ନ ମଜୁରିର ହାର ଅନୁସାରେ ୨ ଗୁଣା ପାଇବେ। ଯେଉଁ ରାଜ୍ୟରେ କାମ କରୁଥିବେ ସେହି ରାଜ୍ୟର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପାଇବେ।

### ବାଟବଣା ଶ୍ରମ ଆଇନ

ଅଭିଯୋଗ କରିବା ନିମନ୍ତେ ହାଜିରା ଡାଏରୀ, କଣ୍ଟ୍ରାକ୍ଟର କିମ୍ବା ନିଯୁକ୍ତିଦାତାଙ୍କ ନାମ, ଠିକଣା ରଖିବାକୁ ପଡିବ। କିଛି ଅଭିଯୋଗ ଥିଲେ ନିଜେ ଶ୍ରମିକ ଓକିଲ ମାଧ୍ୟମରେ ଓ ବେସରକାରୀ ଅନୁଷ୍ଠାନ ମାଧ୍ୟମରେ ଅଭିଯୋଗ କରିପାରିବେ। ହେଲେ ଆଇନ ଅନୁସାରେ ଅଭିଯୋଗ କଲେ ଛଟେଇ ହେବାକୁ ପଡୁଛି। ଅନ୍ୟପକ୍ଷେ କାର୍ଯ୍ୟରତ ବେଳେ କିଛି ଅଘଟଣ ଘଟିଲେ କ୍ଷତିପୂରଣ ମିଳିବାର ବ୍ୟବସ୍ଥା ଅଛି।

### ପ୍ରବାସୀ ଶ୍ରମିକ ଉପେକ୍ଷିତ

ପ୍ରବାସୀ ଶ୍ରମିକଙ୍କ ପାଇଁ ଅନେକ ଆଇନ ରହିଛି। ହେଲେ ସବୁ ଆଇନ ଶୀତଳଭଣ୍ଡାରରେ ପଡି ରହିଛି। ଫଳରେ ପ୍ରବାସୀ ଶ୍ରମିକ ସବୁବେଳେ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଖୋର୍ଦ୍ଧା ଜିଲାର ଶ୍ରମିକମାନେ ବିଭିନ୍ନ ସମୟରେ ଅନ୍ୟ ରାଜ୍ୟରେ ଯାଇ କାମ କରି ନିର୍ଯାତିତ ହେଉଛନ୍ତି। ହେଲେ ସେମାନଙ୍କ ପାଇଁ ଆଇନ କ'ଣ ରହିଛି ସେମାନେ ଜାଣନ୍ତି ନାହିଁ। ଅନ୍ୟ ରାଜ୍ୟକୁ କାମ କରିବାକୁ ଗଲେ ସେମାନଙ୍କୁ ପ୍ରବାସୀ ଶ୍ରମିକ କୁହାଯାଏ। ତେବେ ପ୍ରବାସୀ ଶ୍ରମିକ ନିୟୋଜିତ କରିବାକୁ ହେଲେ ଠିକାଦାରଙ୍କୁ ଲେବର ଲାଇସେନ୍ସ କରିବାକୁ ପଡିବ। ସେହିପରି ଶ୍ରମିକଙ୍କ ଫଟୋ ଲାଗିଥିବା ଏକ ପାସବୁକ୍ କରାଯିବ। ଯେଉଁଥିରେ କି ଶ୍ରମିକ କେଉଁଠାରୁ କି କାମ କରିବାକୁ ଯାଉଛନ୍ତି, କେତେଦିନ କାମ କରିବେ, ଦୈନିକ ମଜୁରି, ସ୍ଥାନଚ୍ୟୁତ ଭତ୍ତା, ଯାତାୟାତ ଖର୍ଚ୍ଚ, ଠିକାଦାରଙ୍କ ନାଁ ଓ ଠିକଣା ରହିବ। ସ୍ଥାନଚ୍ୟୁତ ଭତ୍ତାରେ ଜଣେ ଶ୍ରମିକଙ୍କୁ ୧୫ ଦିନର ମଜୁରି ଦେବାକୁ ପଡିବ। ବାସସ୍ଥାନର ସୁବିଧା, ସ୍ୱାସ୍ଥ୍ୟସେବା ଓ ନିରାପଦରେ ରହିବାର ବ୍ୟବସ୍ଥା ମଧ୍ୟ ଠିକାଦାର କରାଇବେ। ଠିକାଦାର ଓ ମୁଖ୍ୟ ନିଯୁକ୍ତି କର୍ତ୍ତାଙ୍କ ଦ୍ୱାରା ନିୟମର ଉଲ୍ଲଂଘନ ହେଲେ ଶ୍ରମ ବିଭାଗରେ ଅଭିଯୋଗ କରାଯାଇ ପାରିବ। ଅଭିଯୋଗ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ଜରିମାନା ଓ ଜେଲଦଣ୍ଡର ଏପରିକି ଉଭୟ ଦଣ୍ଡ ବି ଲାଗୁ ହୋଇପାରେ। ତେବେ ଏ ନେଇ କୌଣସି କାଗଜାତ ହେଉ ନ ଥିବାରୁ ଶ୍ରମିକ ନିର୍ଯାତିତ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ।

▪ ମଥୁରାରେ ବୃନ୍ଦାବନ ବାଁସୁରୀ ରଙ୍ଗ ମହୋତ୍ସବ

## ଖୋର୍ଦ୍ଧା ହାତେଇଲା ୪ଟି ପୁରସ୍କାର




ଖୋର୍ଦ୍ଧାର ଆନ୍ଦୋଳନ ନାଟ୍ୟ ଅନୁଷ୍ଠାନର କଳାକାର।

**ଖୋର୍ଦ୍ଧା ଅଫିସ,୨୨।୯**

ଉତ୍ତର ପ୍ରଦେଶର ମଥୁରାରେ ଗତ ୧୯ରୁ ଆରମ୍ଭ ହୋଇଥିବା ବୃନ୍ଦାବନ ବାଁସୁରୀ ରଙ୍ଗ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏ ଅବସରରେ ବୃନ୍ଦାବନ ସୋଧ ସଂସ୍ଥାର ପ୍ରେକ୍ଷାଳୟରେ ଭାରତବର୍ଷର ପ୍ରାୟ ୨୨ ରାଜ୍ୟରୁ ବିଭିନ୍ନ ନାଟକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ରବିବାର ସନ୍ଧ୍ୟାରେ ବୃନ୍ଦାବନ ରାଜରାସ୍ତାରେ ରଙ୍ଗ ହୁଲସ୍ କାର୍ଯ୍ୟକମ ହେବା ସହ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଆନ୍ଦୋଳନ ଅନୁଷ୍ଠାନର ଶ୍ରେଷ୍ଠ ନାଟ୍ୟକାର ଭାବେ ଧନେଶ୍ୱର ସାହୁ, ଶ୍ରେଷ୍ଠ ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି, ଶ୍ରେଷ୍ଠ ରଙ୍ଗକର୍ମୀ ସର୍ମିଷ୍ଠା ରାଉତରାୟ ଓ ଶ୍ରେଷ୍ଠ ନାଟ୍ୟ ପ୍ରଯୋଜନା ପୁରସ୍କାର ହାତେଇଛି।

## ରେଳ ସୁରକ୍ଷାବଳ ପ୍ରତିଷ୍ଠା ଦିବସ




ରେଳ ସୁରକ୍ଷା ବଳ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

**ବାଲୁଗାଁ, ୨୨।୯(ଡି.ଏନ.ଏ.)**

ରେଳ ସମ୍ପତ୍ତି ଓ ଯାତ୍ରୀ ସୁରକ୍ଷା ପାଇଁ ୧୯୮୭ ମସିହା ସେପ୍ଟେମ୍ବର ୨୦ତାରିଖରେ ରେଳ ସୁରକ୍ଷା ବଳ (ଆର.ପି.ଏଫ୍) ସ୍ଥାପନ କରାଯାଇଛି। ଏହାର ପ୍ରତିଷ୍ଠା ଦିବସରେ ରେଳ ସୁରକ୍ଷା ବଳ ପକ୍ଷରୁ ସାରା ଭାରତରେ ସପ୍ତାହବ୍ୟାପୀ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦ତାରିଖରେ ମୁଖ୍ୟ କାର୍ଯ୍ୟାଳୟ ଓ ବିଭାଗୀୟ କାର୍ଯ୍ୟାଳୟରେ ପରେଡ୍ ଅନୁଷ୍ଠିତ ହୋଇଥିବା ବେଳେ ୨୧ରେ ବାଲୁଗାଁ କାର୍ଯ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ୨୨ତାରିଖରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ହେଲ୍ପ ଲାଇନ୍ ସିକ୍ୟୁରିଟି ୧୮୨ ନମ୍ବର ସମ୍ପର୍କରେ ଯାତ୍ରୀଙ୍କୁ ସଚେତନ କରାଯାଇଥିଲା। ୨୩ରେ ବୃକ୍ଷରୋପଣ, ୨୪ରେ ମଣ୍ଡଳସ୍ତରୀୟ ରକ୍ତଦାନ, ୨୫ରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ୨୬ ତାରିଖରେ ଅସହାୟ ମହିଳା ଓ ଶିଶୁଙ୍କ ଥଇଥାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସେବାଶ୍ରମକୁ ସମ୍ପର୍କ ସ୍ଥାପନ ପାଇଁ ସ୍ଥିର କରାଯାଇଛି। ବାଲୁଗାଁ ରେଳ ସୁରକ୍ଷାବଳ ଅଧିକାରୀ ମହେଶ୍ୱର ଚଣ୍ଡରାୟ, ସହଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ବେହେରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଚୋରି ବାଇକ୍ ଜବତ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ଖଣ୍ଡଗିରିଥାନା ଅଞ୍ଚଳରେ ଚୋରିବାଇକ୍‌କୁ ପୋଲିସ ରବିବାର ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ କଳିଙ୍ଗ ବିହାର ଅଞ୍ଚଳରେ ରହୁଥିବା ମନୋରଞ୍ଜନ ରଥ। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ ଡୁମଡୁମା ଅଞ୍ଚଳରେ ଶେଖ ଶାହାନୱାଜଙ୍କ ବାଇକ୍ ୧୭ ତାରିଖ ରାତିରେ ଘର ସାମ୍ନାରୁ ଚୋରି ହୋଇଥିଲା। ଏ ନେଇ ଶାହାନୱାଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୧୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ବିଶେଷ ସୂତ୍ରରୁ ଖବରପାଇ ପୋଲିସ କଳିଙ୍ଗ ବିହାର ଅଞ୍ଚଳରେ ଚଢାଉ କରି ଚୋରି ବାଇକ୍‌କୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବାଲୁଗାଁ ମହାବିଦ୍ୟାଳୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ



ବିଶ୍ୱ ଭ୍ରାତୃତ୍ୱ ଦିବସରେ କଲେଜର ଛାତ୍ରୀଛାତ୍ରମାନେ କଲେଜ ପରିସରକୁ ସଫା କରୁଛନ୍ତି।

**ବାଲୁଗାଁ, ୨୨।୯(ଡି.ଏନ.ଏ.)**

ବାଲୁଗାଁ ମହାବିଦ୍ୟାଳୟରେ ରବିବାର ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜାତୀୟ ସେବା ଯୋଜନାର ୬୦ଜଣ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସହିତ ଚାରା ରୋପଣ କରିଥିଲେ । ଯୁକ୍ତ ୩ ପ୍ରଥମବର୍ଷ ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ଏକ ଆଭିମୁଖ୍ୟକରଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ସ୍ୱେଚ୍ଛାସେବୀ ବିକ୍ରମ ବିଶୋଇ, ବବୁଲ ରଣସିଂହ ଓ ଯଶୋବନ୍ତ ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ସ୍ୱେଚ୍ଛାସେବୀଙ୍କ ସମାଜ ପ୍ରତି ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା, ଡ. ଲକ୍ଷ୍ମୀଧର ସୁବୁଦ୍ଧି ଏହାକୁ ପରିଚାଳନା କରିଥିଲେ।

### କମେଣ୍ଟ ମାରି ଫସିଲେ ଅଟୋ ଚାଳକ

**ଖୋର୍ଦ୍ଧା ଅଫିସ,୨୨।୯**

ଖୋର୍ଦ୍ଧା ଆଦର୍ଶ ଥାନାର ପୁରୁଣା ବସ୍‌ଷ୍ଟାଣ୍ଡରେ ଜଣେ ମହିଳାଙ୍କୁ ଅଶ୍ଳୀଳ କମେଣ୍ଟ ମାରି ଜଣେ ଅଟୋ ଚାଳକ ଫସିଛନ୍ତି। ବଜାରରେ ମହିଳାଙ୍କୁ କମେଣ୍ଟ ମରାକୁ ଦେଖି ସ୍ଥାନୀୟ ଲୋକ ଚାଳକ କାବୁ କରି ମାଡ ମାରି ପୋଲିସ ଜିମା ଦେଇଛନ୍ତି। ଏପରିକି ଚାଳକଙ୍କ ନଂ. ଓଡି ୩୩ ଡବ୍ଲୁ ୭୭୧୬ ଅଟୋକୁ ମଧ୍ୟ ପୋଲିସକୁ ହସ୍ତାନ୍ତର କରିଛନ୍ତି। ବରୁଣେଇସାହିର ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ମହିଳା ଏକତା ମହିଳା ସଂଘର ବୈଠକ ସାରି ଘରକୁ ଫେରୁଥିବାବେଳେ ରବିବାର ସନ୍ଧ୍ୟା ୭ଟାରେ ଅଶ୍ଳୀଳ କମେଣ୍ଟର ଶିକାର ହୋଇଥିଲେ।

▪ ବାଣପୁରରେ ସ୍ୱଷ୍ଟ ଦିବାଲୋକରେ ଚୋରି

## ଗ୍ରାହକ ସାଜି ଲୁଟିଲେ ୨ ଲକ୍ଷ ଟଙ୍କାର ସୁନା

**ଖୋର୍ଦ୍ଧା ଅଫିସ, ୨୨।୯**

ଖୋର୍ଦ୍ଧା ଜିଲା ବାଣପୁର ଥାନା ନିକଟ ପାଇକସାହି ଛକରେ ଥିବା ଭଗବତୀ ସ୍ୱର୍ଣ୍ଣ ଅଳଙ୍କାର ଦୋକାନରୁ ରବିବାର ଅପରାହ୍ଣରେ ସ୍ୱଷ୍ଟ ଦିବା ଲୋକରେ ଗ୍ରାହକ ସାଜି ୩ ଦୁର୍ବୃତ୍ତ୨ ଲକ୍ଷ ଟଙ୍କା ମୂଲ୍ୟର ସୁନା ମୁଦି ଚୋରାଇ ନେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୩ଜଣ ଦୁର୍ବୃତ୍ତ ଭଗବତୀ ସ୍ୱର୍ଣ୍ଣ ଅଳଙ୍କାର ଦୋକାନ ନିକଟରେ ରବିବାର ଅପରାହ୍ଣରେ ପହଞ୍ଚିଥିଲେ। ଜଣେ ଦୁର୍ବୃତ୍ତ ଦୋକାନ ନିକଟରେ ବାଇକ୍‌କୁ ଷ୍ଟାର୍ଟରେ ରଖି ପରିସ୍ଥିତି ପ୍ରତି ନଜର ରଖିଥିବା ବେଳେ ଅନ୍ୟ ଜଣେ ଦୁର୍ବୃତ୍ତ ଦୋକାନ ସମ୍ମୁଖରେ ଠିଆ ହୋଇ ଅନୁରୂପ ଭାବେ ଅନୁଧ୍ୟାନ କରୁଥିଲେ। ୩ୟ ଦୁର୍ବୃତ୍ତ ଗ୍ରାହକ ସାଜି ଭଗବତୀ ଜୁଏଲେରୀ ଅଳଙ୍କାର ଦୋକାନକୁ ଯାଇ ଦୁଇ ହଜାର ଟଙ୍କା ମୂଲ୍ୟର ଅଳଙ୍କାର କିଣିଥିଲେ। ଦୋକାନୀ କୈଳାସ ପାତ୍ର କୌଣସି କାମରେ ଘରକୁ ଯାଇଥିବାରୁ ପୁଅ କାଳିଆ ଦୋକାନରେ ବସିଥିଲେ। ପରେ ଅନ୍ୟ ଅଳଙ୍କାର ଦେଖାଦେଖି କରି ସେ ବିଷୟରେ ବୁଝାବୁଝି କରିବା ସହ ଦରଦାମ ନେଇ ମୂଲଚାଲ କରି କାଳିଆଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲେ। କାଳିଆଙ୍କ ଅସାବଧାନତାର ସୁଯୋଗ ନେଇ ଦୁର୍ବୃତ୍ତ ଜଣଙ୍କ ପ୍ରାୟ ୬୦ ଗ୍ରାମ ଓଜନର ସୁନା ମୁଦି ଥିବା ଏକ ଡବାକୁ ଚୋରି କରି ନେଇଥିଲେ। କାଳିଆ ସଙ୍ଗେ ସଙ୍ଗେ ସନ୍ଦେହ କରି ଦୁର୍ବୃତ୍ତଙ୍କ ପକେଟ ଯାଞ୍ଚ କରିବାକୁ ଉଦ୍ୟତ ହେବାରୁ ସେ ଦୌଡି ପଳାଇଥିଲେ। କାଳିଆ ତାଙ୍କ ପିଛା କରିବାରୁ ସେ କିଛି ଦୂରରେ ବାଇକ ସହ ପ୍ରସ୍ତୁତ ହୋଇ ରହିଥିବା ୨ ସହଯୋଗୀଙ୍କ ସହ ଫେରାର ହୋଇଯାଇଥିଲା। ଏ ନେଇ ମାଲିକ କୈଳାସ ପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୁର୍ବୃତ୍ତଙ୍କର ପିଛା କରିଥିଲା। ମାତ୍ର ସେମାନଙ୍କର ଟେର ପାଇ ନ ଥିଲେ।

▪ ଦୁଇ ସପ୍ତାହ ମଧ୍ୟରେ ପ୍ଲାଷ୍ଟିକ୍ ମୁକ୍ତ ନ ହେଲେ ଆନ୍ଦୋଳନ

## ଖଣ୍ଡଗିରି ପାହାଡ଼, ବସ୍‌ଷ୍ଟାଣ୍ଡ ସଫେଇ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯୁବ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଜନସାଧାରଣଙ୍କୁ ସ୍ୱଚ୍ଛ ଭୁବନେଶ୍ୱର ତଥା ପରିବେଶ ସୁରକ୍ଷା ବିଷୟରେ ସଚେତନ କରିବାକୁ ଐତିହ୍ୟ ପର୍ଯ୍ୟଟନସ୍ଥଳୀ ଖଣ୍ଡଗିରି ପାହାଡ ଏବଂ ବସ୍‌ଷ୍ଟାଣ୍ଡକୁ ସଫେଇ କରାଯାଇଛି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଖଣ୍ଡଗିରି ପାହାଡକୁ ବୁଲିବା ପାଇଁ ଆସିଥାନ୍ତି। ବୁଲିବା ସମୟରେ ବ୍ୟବହୃତ ସାମଗ୍ରୀକୁ ଫୋପାଡି ପରିବେଶ ପ୍ରଦୂଷଣ କରିଥାନ୍ତି। ଅନୁରୂପ ଭାବେ ପ୍ରତିଦିନ ଶହଶହ ସଂଖ୍ୟାରେ ଯାତ୍ରୀ ଖଣ୍ଡଗିରି ବସ୍‌ଷ୍ଟାଣ୍ଡରେ ଯାତାୟାତ କରିବା ସହ ବସଷ୍ଟାଣ୍ଡରେ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପକାଇ ପରିବେଶ ପ୍ରଦୂଷଣ କରିଥାନ୍ତି। ଏହିସବୁକୁ ଦୃଷ୍ଟିରେ ରଖି ରବିବାର ସାମ୍ମୁଖ୍ୟ ପକ୍ଷରୁ ଏହି ସଫେଇ କାର୍ଯ୍ୟ କରାଯାଇଛି। ଏଥିସହ ଦାୟିତ୍ୱରେ ଥିବା ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଏବଂ ଖଣ୍ଡଗିରି ବସ୍‌ଷ୍ଟାଣ୍ଡ ଦାୟିତ୍ୱରେ ଥିବା ଏନ୍ଏସି ଏବଂ ବିଏମ୍‌ସିର କର୍ତ୍ତୃପକ୍ଷଙ୍କୁ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଖଣ୍ଡଗିରି ପାହାଡ଼ ସହ ଖଣ୍ଡଗିରି ବସ୍‌ଷ୍ଟାଣ୍ଡ ସରସ, ସୁନ୍ଦର ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ଦୃଢ ଚେତାବନୀ ଦିଆଯାଇଛି। ଯଦି ଦୁଇ ସପ୍ତାହ ମଧ୍ୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଛାତ୍ର ଓ ଯୁବ ସଙ୍ଗଠନ ପକ୍ଷରୁ ବିଏମ୍‌ସି ଓ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ପ୍ରୀତେଶ ରଞ୍ଜନ ଦାସ, ଅମିତ କୁମାର ସାହୁ, ନବଘନ ବେହେରା, ପ୍ରେମ୍ ଥାଟୋଇ, ନବୀନ ପଣ୍ଡା ଏବଂ ଛାତ୍ର ସଙ୍ଗଠନର କିଶନ କୁମାର ସାଥୁଆ, ସୁବାସ ଦାସ, ସତ୍ୟପ୍ରକାଶ ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତ, ସ୍ୱାତୀସୁମନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଯୁବ ସାମ୍ମୁଖର ସଦସ୍ୟମାନେ ଖଣ୍ଡଗିରି ପାହାଡ଼କୁ ସଫେଇ କରୁଛନ୍ତି।

### ଦମ୍ପତିଙ୍କଠାରୁ ସୁନାଚେନ୍ ଲୁଟିନେଲେ ଦୁର୍ବୃତ୍ତ

**ବାରଙ୍ଗ,୨୨।୯(ଡି.ଏନ.ଏ)**

ବାରଙ୍ଗ ଥାନା ଅଧୀନ ତ୍ରିଶୁଳିଆ ଛକଠାରେ ରବିବାର ଦୁଇ ହେଲମେଟ ପିନ୍ଧା ଯୁବକ ବାଇକରେ ଆସି କଟକ ଯାଉଥିବା ଜଣେ ଦମ୍ପତିଙ୍କଠାରୁ ସୁନା ଚେନ ଲୁଟି ନେଇଛନ୍ତି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ ପାଇଁ ଯିବାବେଳେ ଜନୈକ ପୋଲିସ କର୍ମଚାରୀ ଅଭିଯୋଗ ରଖିଥିଲେ ମଧ୍ୟ ବଡବାବୁ ନାହାନ୍ତି କାଲି ଆସି କହି ଫେରାଇ ଦେଇଥିଲେ। ସୂଚନାଯୋଗ୍ୟ, ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ନିଳାଦ୍ରୀବିହାରର ଗୋବିନ୍ଦ ମିଶ୍ର ଓ ତାଙ୍କ ସ୍ତ୍ରୀ କୌଶଲ୍ୟା ବାଇକ (ଓଆର୦୨-ବିଟି-୨୪୩୨ନଂ) ରେ ବସି କଟକ ଯାଉଥିଲେ। ତ୍ରିଶୁଳିଆ ବଜାର ନିକଟରେ ଥିବା ଆନ୍ଧ୍ରବ୍ୟାଙ୍କ ନିକଟରେ ହଠାତ ପଛପଟରୁ ଦୁଇ ହେଲମେଟ ପିନ୍ଧି ଯୁବକ ବାଇକରେ ଆସି ମହିଳାଙ୍କ ବେକରୁ ସୁନାଚେନକୁ ଛିଣ୍ଡାଇ ବାଙ୍କୀ ରାସ୍ତାଦେଇ ପଳାଇଯାଇଥିଲେ। ଫଳରେ ମହିଳା ଜଣଙ୍କ ବାଇକରୁ ଖସି ରାସ୍ତାଉପରେ ପଡିଯିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଏହି ସମୟରେ ପଛପଟରୁ ଆସୁଥିବା ଅନ୍ୟ ଏକ ବାଇକ ଆରୋହୀ ମହିଳାଙ୍କୁ ଉଠାଇବା ସହ ଲୁଟେରାଙ୍କ ଗାଡିକୁ ପିଛା କରିଥିଲେ।

## ଚଣ୍ଡେଶ୍ୱର ମନ୍ଦିରକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇଁ ଦାବି

**ଟାଙ୍ଗୀ (ଖୋର୍ଦ୍ଧା), ୨୨।୯ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାର ୧୬ନଂ. ଜାତୀୟ ରାଜପଥ ନିକଟରେ ଅବସ୍ଥିତ ଚଣ୍ଡେଶ୍ୱର ମନ୍ଦିରକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ପ୍ରଦାନ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। କେଶର କ୍ଷେତ୍ର ରୂପେ ପରିଚିତ ଏହି ମନ୍ଦିରକୁ କେଶରୀ ବଂଶୀୟ ନୃପତିମାନେ ସ୍ଥାପନ କରିଥିବା ପ୍ରାମାଣିକ ତଥ୍ୟ ରହିଛି। କୁହୁଡି ଛଅଗଡ ଅଞ୍ଚଳର ଏହି ପ୍ରସିଦ୍ଧ ଶୈବପୀଠରେ ଦୈନିକ ଶତାଧିକ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଓ ମହାଶିବରାତ୍ରି ପାଳନ ଅବସରରେ ଏଠାରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ପ୍ରାୟ ମାସାଧିକ କାଳ ଚାଲୁ ରହିଥାଏ। ଏତଦ୍‌ବ୍ୟତୀତ ୨୧ ଦିନ ପର୍ଯ୍ୟନ୍ତ ରାତ୍ରିରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଅଞ୍ଚଳର ସବୁଠାରୁ ବଡ ଯଜ୍ଞାନୁଷ୍ଠାନ ଏଠାରେ ମଧ୍ୟ ଆୟୋଜିତ ହୋଇଥାଏ। ଚଣ୍ଡେଶ୍ୱରଦେବଙ୍କ ମାହାତ୍ମ୍ୟକୁ ଉପଲବ୍ଧି କରି ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟମାନେ ଏହାକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ ନିମିତ୍ତ ଜିଲା ପର୍ଯ୍ୟଟନ ବିଭାଗକୁ ଦରଖାସ୍ତ ଦେଇଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ରୀନା ରଥ ଟ୍ରଷ୍ଟ ବୋର୍ଡର ଆବେଦନ ଯଥାର୍ଥ ବୋଲି ଦର୍ଶାଇ ବିଭାଗୀୟ ନିର୍ଦ୍ଦେଶକ ଓ ଅତିରିକ୍ତ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ପର୍ଯ୍ୟଟନ ବିଭାଗ ଏହାର ବିଚାର କରି ଏହି କ୍ଷେତ୍ରକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବା ପାଇଁ ଟ୍ରଷ୍ଟ ବୋର୍ଡ ବରିଷ୍ଠ ସଦସ୍ୟ ବ୍ରଜକିଶୋର ବଳିୟାରସିଂହଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।






ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
-କଠୋପନିଷେଧ



## ସଂକ୍ଷେପରେ

### ମଧ୍ୟାହ୍ନଭୋଜନରେ ଅନିୟମିତତା

ପୁରୀ ଅଫିସ, ୨୨।୯:ସରକାରୀ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଓ ଛାତ୍ରାଛାତ୍ରୀଙ୍କ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ମଧ୍ୟାହ୍ନଭୋଜନ (ମିଡ୍ ଡେ ମିଲ୍) ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରଥମଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରାଛାତ୍ରୀଙ୍କୁ ମାଗଣାରେ ପୁଷ୍ଟିକର ମଧ୍ୟାହ୍ନଭୋଜନ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ତେବେ କେତେକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଘଟୁଛି। ପୁରୀ ସଦର ବ୍ଲକ ଅଧୀନ ୮ଟି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରଦାନରେ ବ୍ୟାପକ ଅନିୟମିତତା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ମଙ୍ଗଳବାର ଟୁଇଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଅଭିଯୋଗ ଜଣାଇଛନ୍ତି। ଟୁଇଟ୍‌ରେ ସେ ଦର୍ଶାଇଛନ୍ତି, କେତେକ ବିଦ୍ୟାଳୟରେ ଉପସ୍ଥାନଠାରୁ ଅଧିକ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଏମ୍‌ଡିଏମ୍ ୱେବସାଇଟ୍‌ରେ ଉଲ୍ଲେଖ ରହିଛି। ଅନ୍ୟପଟେ ବହୁ ସ୍କୁଲରେ ନିୟମିତ ଭାବେ ମଧ୍ୟାହ୍ନଭୋଜନ ଦିଆଯାଉନାହିଁ। କେତେକ ସ୍କୁଲରେ ସକାଳ ୯ଟାରେ ମଧ୍ୟାହ୍ନଭୋଜନ ଦିଆଯାଉଥିବା ୱେବସାଇଟ୍‌ରେ ଦର୍ଶାଯାଇଛି। ପୂର୍ବାହ୍ନ ୧୦ଟାରେ ସ୍କୁଲ ଖୋଲୁଥିବାବେଳେ ୯ଟାରେ କିପରି ମଧ୍ୟାହ୍ନଭୋଜନ ଦିଆଯାଉଛି ବୋଲି ଜୟନ୍ତ ପ୍ରଶ୍ନ କରିଛନ୍ତି। ଏଭଳି ଅନିୟମିତତାର ତଦନ୍ତ ଲାଗି ସେ ଦାବି କରିଛନ୍ତି।

### ପତିତପାବନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ପିପିଲି, ୨୨।୯(ଡି.ଏନ୍.ଏ.)-ପିପିଲି ଦର୍ଜିସାହିରେ ଅବସ୍ଥିତ ବହୁ ପୁରାତନ ପତିତପାବନ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଠାକୁରଙ୍କର ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିନେଇଥିବା ଜଣାପଡ଼ିଛି। ରବିବାର ସକାଳୁ ପୂଜକ ଲକ୍ଷ୍ମୀଧର ପଣ୍ଡା ମନ୍ଦିରକୁ ଆସି ପହଡ଼ ଫିଟାଇବାପରେ ଅଳଙ୍କାର ଚୋରି ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପିପିଲି ଥାନା ଆଇଆଇସି ଶରତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଠାକୁରଙ୍କ ସିନ୍ଦୁକ (ଆଲମିରା) ଭଙ୍ଗାଯାଇ ୨.୫୦କେଜି ରୁପା, ୧ଭରି ସୁନା, ୪୦ହଜାର ଟଙ୍କାର ଠାକୁରଙ୍କ ପାଟବସ୍ତ୍ର, ପାର୍ଶ୍ୱ ଦେବଦେବୀ ପିନ୍ଧିଥିବା ୧କେଜି ରୁପା ସମେତ ଜଗନ୍ନାଥ ପିନ୍ଧିଥିବା ସୁନାର ନୋଥକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ପିପିଲି ବଜାରର ମଧ୍ୟ ଭାଗରେ ମନ୍ଦିର ଅବସ୍ଥିତ ଥିବାବେଳେ ଏତେ ବଡ଼ଧରଣର ଚୋରି କିପରି ହେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆଇଆଇସି ସାହୁଙ୍କୁ ପଚାରିବାରେ ମନ୍ଦିରର ସିସି କ୍ୟାମେରାକୁ ଯାଞ୍ଚ କରାଯାଉଛି ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଥିଲେ।

### ଦେଢ଼ ଲକ୍ଷ ଟଙ୍କା ଚୋରି ଅଭିଯୋଗ

ସାକ୍ଷୀଗୋପାଳ, ୨୨।୯(ଡି.ଏନ୍.ଏ.)-ସ୍ଥାନୀୟ ସେଣ୍ଟ୍ରାଲ ବ୍ୟାଙ୍କର ଜଣେ ସର୍ଭିସ ପ୍ରୋଭାଇଡରଙ୍କ କାର୍ଯ୍ୟାଳୟରୁ ଦେଢ଼ ଲକ୍ଷ ଟଙ୍କା ଚୋରି ହୋଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ସାକ୍ଷୀଗୋପାଳ-ଅଲଗୁମ ରାସ୍ତାର ପୁରୁଣା ସୋମେଶ୍ୱରପୁର ଛକରେ ରହିଥିବା ଏହି କାର୍ଯ୍ୟାଳୟ ପଛପାର୍ଶ୍ୱ କାନ୍ଥରେ ସିନ୍ଧିକରି ଶନିବାର ରାତିରେ ଦୁର୍ବୃତ୍ତ ଭିତରକୁ ପଶିଥିଲେ। ଆଲମିରା ଭିତରେ ରହିଥିବା ଏକ ଡ୍ର'ରୁ ଟଙ୍କା ଚୋରି ହୋଇଥିବା ବ୍ୟାଙ୍କର ଏଜେଣ୍ଟ ସତ୍ୟ ପ୍ରକାଶ ଭାରତୀ ଅଭିଯୋଗ କରିଛନ୍ତି। ଖବର ପାଇ ସତ୍ୟବାଦୀ ଥାନା ଆଇଆଇସି ସୁଜିତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଥନା କେସ ନଂ ୧୬୩/୧୯ ରେ ଏକ ମାମଲା ରୁଜୁ କରାଯାଇଛି। ପ୍ରତିଦିନ ପରି ସତ୍ୟ ପ୍ରକାଶ ଶନିବାର ଜମାକାରୀମାନଙ୍କୁ ଟଙ୍କା ଦେଣନେଣ କରିଥିଲେ। ଅବଶିଷ୍ଟ ବଳକା ଟଙ୍କା ଡ୍ରରେ ରଖି ଚାଲିଯାଇଥିଲେ ମଧ ଚାବି ପକାଇବାକୁ ଭୁଲି ଯାଇଥିଲେ ବୋଲି ପୋଲିସକୁ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଗ୍ରାମାଞ୍ଚଳରେ ଲୋକମାନଙ୍କ ନିକଟରେ ବ୍ୟାଙ୍କ ସୁବିଧା ଉପଲବ୍ଧ ନିମନ୍ତେ ବିଭିନ୍ନ ବ୍ୟାଙ୍କ ସର୍ଭିସ ପ୍ରୋଭାଇଡରଙ୍କୁ ନିୟୋଜିତ କରିଛନ୍ତି।

### ୨ଶହ ନିମ୍ବଚାରା ରୋପଣ

ସାକ୍ଷୀଗୋପାଳ, ୨୨।୯(ଡି.ଏନ୍.ଏ.): ସ୍ଥାନୀୟ ମଧୁବନ ଗ୍ରାମପଞ୍ଚାୟତର ଡାହାଣ ମୌଜା ଦେଇ ଯାଇଥିବା ଅଲଗୁମ- କଣାସ ରାସ୍ତା ପାର୍ଶ୍ୱରେ ରବିବାର ଚାରାରୋପଣ କରାଯାଇଛି। ବାସୁଦେବ ଯୁବକ ସଂଘର ସ୍ୱେଚ୍ଛାସେବୀମାନେ ୨ ଶହ ନିମ୍ବଚାରା ରୋପଣ କରି ଏହାର ଯତ୍ନ ନେବାକୁ ଶପଥ ନେଇଥିଲେ। ଶିକ୍ଷକ ବିଜୟ କୁମାର ପରିଡାଙ୍କ ନେତୃତ୍ୱରେ ନିହାର ରଞ୍ଜନ ସ୍ୱାଇଁ, ହରିହର ସ୍ୱାଇଁ, ବିଜୟ ବରାଳ ଓ ମଦନ ପରିଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

■ ପବିତ୍ର ପୁଷ୍କରିଣୀ ପାର୍ବତୀ ସାଗର ପାଣି ପ୍ରଦୂଷିତ

# ଭାସୁଛନ୍ତି ଶତାଧିକ ମଲାମାଛ

ପୁରୀ ଅଫିସ,୨୨।୯:

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରକୁ ଲାଗି ରହିଛି ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ପୁଷ୍କରିଣୀ ପାର୍ବତୀ ସାଗର। ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଏହାର ବି ସମ୍ପର୍କ ରହିଛି। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିବାକୁ ଯିବା ବେଳେ ଶ୍ରଦ୍ଧାଳୁମାନେ ଏଠାରେ ଗୋଡ଼, ହାତ ଧୋଇଥାନ୍ତି। ସେହିପରି ଶ୍ରାବଣ ମାସରେ ଜଳଲାଗି ପାଇଁ ଆସୁଥିବା ହଜାର ହଜାର କାଉଡ଼ିଆ ଏଠାରେ ସ୍ନାନ କରିଥାନ୍ତି। ସରନ୍ତି ସୋମବାର ରାତିରେ ଶ୍ରଦ୍ଧାଳୁ ଏଠାରେ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ମଧ ସଫା କରାଯାଏ। ହେଲେ ଏହି ପବିତ୍ର ପୁଷ୍କରିଣୀ ଏବେ ପ୍ରଦୂଷିତ। ଏହି ପୁଷ୍କରିଣୀରେ ଭାସୁଛନ୍ତି ଶହ ଶହ ମଲା ମାଛ।

ପାର୍ବତୀ ସାଗରର ଉତ୍ତର ପାର୍ଶ୍ୱ ପାଚେରୀ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାୟ ୧୦୦ ଫୁଟ ଭୁଶୁଡ଼ି ପଡ଼ିଛି। ଏପର୍ଯ୍ୟନ୍ତ ଏହାକୁ ମରାମତି କରାଯାଇନାହିଁ । ବିଭିନ୍ନ ସମୟରେ ଏଥିରେ ଅଳିଆ ଆବର୍ଜନା ଏବଂ ବର୍ଷାଦିନେ ବାହାରୁ ପାଣି ଗଡ଼ିଆସି ପଶୁଛି। ତେବେ ଶନିବାରଠାରୁ ପୋଖରୀରେ ମାଛ ମରିବା ଦେଖିବାକୁ ମିଳିଥିଲା। ଅଳ୍ପ କିଛି ଚାଇନା କଉ ମରି ଭାସୁଥିବା ଦେଖାଯାଇଥିଲା। କିନ୍ତୁ ରବିବାର ଶହ ଶହ ମାଛ ମରି ପୋଖରୀରେ ଭାସୁଥିଲେ। ଏ ସମ୍ପର୍କରେ ଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ ପରିଡ଼ାଙ୍କୁ ପଚାରିବାରେ କହିଛନ୍ତି, କିଛି ବର୍ଷ ବ୍ୟବଧାନରେ ଏମିତି ମାଛ ମରିଥାନ୍ତି। ୩ବର୍ଷ ତଳେ ପାର୍ବତୀ ସାଗରରେ ଚାଇନା କଉ ମରିଥିଲେ। ଏହା ଜିଲା ମତ୍ସ୍ୟ କାର୍ଯ୍ୟାଳୟକୁ ଅବଗତ କରାଯାଇ ଥିଲା। ସେମାନେ ଆସି ଅନୁଧ୍ୟାନ କରି ଅକ୍ସିଜେନ ଶର୍ଟ ଯୋଗୁ ମାଛ ମରୁଥିବା କହିଥିଲେ। ଏବେ ବି ସମାନ କାରଣରୁ ମାଛ ମରୁଥିବା ସନ୍ଦେହ କରୁଛୁ। ଗତ ଦୁଇଦିନରେ ପ୍ରାୟ ୩ଖୁଣ୍ଟିରୁ ଊର୍ଦ୍ଧ୍ୱ ଚାଇନା କଉ ମଲେଣି। ଏଗୁଡ଼ିକୁ ଛାଣି ପୋତି ଦିଆଯାଉଛି। ପୋଖରୀରେ ଚୂନ ପକାଇବା ଲାଗି ବ୍ୟବସ୍ଥା କରାଯାଉଛି।

ଏ ନେଇ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଚାଇନା କଉଙ୍କ ପ୍ରଜନନ ଅଧିକ ସଂଖ୍ୟାରେ ହୋଇଥାଏ। ପାର୍ବତୀ ସାଗରରେ ଯଦି ଏମାନେ ଯେତିକି ସଂଖ୍ୟାରେ ରହିବା କଥା ତା'ଠାରୁ ଅଧିକ ହୋଇଯାଇଥିବେ ତେବେ ଅକ୍ସିଜେନ ଶର୍ଟ ହେଉଥିବ। ହଠାତ ଖରା ପରେ ଆକାଶ ମେଘୁଆ ରହିଲେ ସାଧାରଣତଃ ଅକ୍ସିଜେନ ଶର୍ଟ ହୋଇଥାଏ। ତେଣୁ ପୋଖରୀରୁ କିଛି ମାଛ ଧରାଯିବା ଦରକାର। ଯଦି ଅକ୍ସିଜେନ ଯୋଗୁ ମରୁଥାନ୍ତି ତେବେ କିଛିଦିନ ପରେ ଏହା ସ୍ୱାଭାବିକ ହୋଇଯିବ।



ପାର୍ବତୀ ସାଗର ପୁଷ୍କରିଣୀରେ ଭାସୁଥିବା ମଲାମାଛ।



ଦ୍ୱିତୀୟ ଓଷା ଅବସରରେ ଶ୍ରୀକ୍ଷେତ୍ରର ଏକ ସାହିରେ ମହିଳାମାନେ ଏକାଠି ପୂଜାର୍ଚ୍ଚନା କରୁଛନ୍ତି।

## ମା' ମଙ୍ଗଳାଙ୍କ ବନଦୁର୍ଗା ବେଶ

କଣାସ, ୨୨।୯(ଡି.ଏନ୍.ଏ.)

ଶକ୍ତି ପୀଠମାନଙ୍କରେ ଶାରଦୀୟ ପାର୍ବଣ ଆରମ୍ଭ ହୋଇଛି। କଣାସ ବ୍ଲକ ସ୍ଥିତ ଜଳିଆପଡ଼ା ମାତୃଶକ୍ତି ପୀଠରେ ମା'ମଙ୍ଗଳାଙ୍କ ଷୋଡ଼ଶ ଉପଚାର ପୂଜା ବହୁ ଆଡମ୍ବରରେ ଆରମ୍ଭ ହୋଇଛି। ଏହା ବିଜୟା ଦଶମୀ ଦିନ ସମାପନ ହେବ। ଏହି ଉପଲକ୍ଷେ ମନ୍ଦିରରେ ମା'ଙ୍କର ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଛି। ୧୦୮ କୁମ୍ଭରେ ମା'ଙ୍କୁ ସ୍ନାନ କରାଇ କଳସ ସ୍ଥାପନ ପରେ ରୀତି ନୀତି ଅନୁଯାଇ ପୂଜା ବିଧି କରାଯାଉଛି। ରବିବାର ଭୋରୁ ମା'ଙ୍କ ଅବକାଶ ପରେ ସକାଳ ପୂଜାନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ହୋମ ଓ ମନ୍ତ୍ରଧ୍ୱନିରେ ପଣ୍ଡିତ ଓ ପୁରୋହିତମାନେ ସମସ୍ତ ପୂଜାନୀତି ସମ୍ପନ୍ନ କରିଥିଲେ। ଅପରାହ୍ନରେ ମା'ଙ୍କୁ ବନଦୁର୍ଗା ବେଶରେ ସଜ୍ଜିତ କରାଯାଇଥିଲା । ପରେ ଦିନ ୪ଟାରୁ ମା' ମଙ୍ଗଳାଙ୍କ ବେଶ ଦର୍ଶନ ପାଇଁ ମନ୍ଦିର ସାହଣମେଲା ହୋଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ମା'ଙ୍କୁ ଦର୍ଶନ କରିଥିଲେ। ବାଞ୍ଛା କଳ୍ପବଟ, ଦୁର୍ଗାମାଧବ ମନ୍ଦିର ମଧ ପାର୍ବଣରେ ଉଲ୍ଲସିତ ହୋଇଥିଲା। ବେଶ ଦର୍ଶନକରି ଭକ୍ତମାନେ ଭାବବିହ୍ୱୋଳ ହୋଇ ପଡିଥିଲେ। ଏହି ଉପଲକ୍ଷେ ପୀଠରେ ଦିନତମାନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମାତୃଶକ୍ତି ପୀଠରେ ମା'ମଙ୍ଗଳାଙ୍କ ବନଦୁର୍ଗା ବେଶ।

### ମା'ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ଆରମ୍ଭ

କାକଟପୁର, ୨୨।୯(ଡି.ଏନ୍.ଏ.)

ପବିତ୍ର ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥି ରବିବାରରେ ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା। ଶନିବାର ମା'ଙ୍କ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହୋଇଥିଲା। ରବିବାର ବ୍ରାହ୍ମମୁହୂର୍ତ୍ତରୁ ମନ୍ଦିର ଫିଟାଯାଇ ମଙ୍ଗଳଆଳତି, ମାଜଣା, ବସ୍ତ୍ର ଓ ଫୁଲ ଲାଗି କରାଯାଇଥିଲା। ଷୋଡ଼ଶ ଉପଚାରରେ ପୂଜାପଣ୍ଡାଙ୍କୁ ସଂକଳ୍ପ କରାଇଥିଲେ। ଏହାପରେ ସୂର୍ଯ୍ୟପୂଜା, ସିଂହପୂଜା, ବରୁଣପୂଜା, ବଲ୍ଲଭ ଆଦି ତିନିଧୂପ ଓ ପାଞ୍ଚ ଅବକାଶ ନୀତି କରାଯାଇଥିଲା। ଏହିପରି ପାର୍ବଣ ପୂଜାର ଶୁଭାରମ୍ଭ ହୋଇଥିଲା। ଆସନ୍ତା ୨୯ତାରିଖରୁ ମା'ଙ୍କ ନବପତ୍ରିକା ପୂଜା ଆରମ୍ଭ ହୋଇ ମା'ଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ। ଅକ୍ଟୋବର ୭ରେ ପୀଠେ ଦଶହରା ଉତ୍ସବ ପାଳନ କରାଯିବ ବୋଲି ମନ୍ଦିର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ଅଭିଯୋଗ

ଗୋପ, ୨୨।୯(ଡି.ଏନ୍.ଏ.)

ଚଳିତ ଖରିଫ ଋତୁରେ ଚାଷୀମାନଙ୍କଠାରୁ ସରକାରୀ ଦରରେ ଧାନ କିଣିବା ଲାଗି କୃଷି ସମବାୟ ସମିତିରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଗୋପ ବ୍ଲକ୍‌ର ୨୯ଟି ସେବା ସମବାୟ ସମିତିରେ ୭୪୦୯ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଅଧିକାଂଶ ଭାଗଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି। ସରକାରଙ୍କ ଭାଗ ଚାଷ ନିୟମ କଡ଼ାକଡ଼ି ପରେ ଚାଷୀମାନଙ୍କ ସଂଖ୍ୟା କମିଥିବା କୁହାଯାଉଛି। ଚଳିତ ବର୍ଷ ଗୋପ କୃଷି ବିଭାଗ ଅଧୀନରେ ପ୍ରାୟ ୧୫ ହଜାର ହେକ୍ଟର ଚାଷ ଜମିରେ ଧାନ ଚାଷ କରାଯାଇଛି। ଆସନ୍ତା ନଭେମ୍ବର ୧ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ଧାନ ବିକିବା ପାଇଁ ପାଟେଲିଆ ସେବା ସମବାୟ ସମିତିରେ ୨୧୩ ଜଣ, ବଡ଼ତରା ୨୨୭, ବଗଲେଇ ୨୬୭, ବନାଖଣ୍ଡି ୩୧୭, ବନ୍ତଳୀଗ୍ରାମ ୪୪୬, ବରିମୁଣ୍ଡ ୩୭୯, ବୀରତୁଙ୍ଗ ୩୩୨, ଛଇତନା ୩୧୮, ଦୁର୍ଗେଶ୍ୱର ୨୩୨, ଏରବଙ୍ଗ ୨୫୧, ଗଣେଶ୍ୱରପୁର ୩୫୯, ଗଡ଼ରୂପାସ ୨୩୫, ଗଡ଼ବାଙ୍ଗୋର ୨୫୬, ଗୋପ ୩୨୫, କରମଙ୍ଗା ପାଞ୍ଚେଣା ୩୦୩, ଖରାଗାଁ ୨୧୪, କୋଣାର୍କ ୧୬୯, ମହାପୁର ୨୬୯, ନୂଆହାଟ ୧୮୭, ନିତେଇଗୌରୀ ୨୦୭, ରାହାଙ୍ଗୋରଡ଼ା ୩୦୩, ରାଇସ ୩୪୧, ସିଦ୍ଧେଶ୍ୱର ୨୧୯, ପାଇକପଡ଼ା-ଗଡ଼ବାଙ୍ଗୋର ୨୩୯, ଶିଶୋ ୩୫୫ ଓ ସୁତନ ସେବା ସମବାୟ ସମିତିରେ ୨୦୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ମାତ୍ର ଚଳିତ ବର୍ଷ ଭାଗଚାଷୀଙ୍କ ସଂଖ୍ୟା କମ୍ ଥିବା ସୂଚନା ମିଳିଥିବାବେଳେ ସରକାର ଲାଗୁ କରିଥିବା ଆଇନ୍ ଯୋଗୁ ଚାଷୀଙ୍କ ସଂଖ୍ୟା କମୁଥିବା ଜଣାପଡ଼ିଛି। ଅପରପକ୍ଷେ କେତେକ ସେବା ସମବାୟ ସମିତିରେ ବିଭିନ୍ନ ସମୟରେ କର୍ମଚାରୀ ଅନୁପସ୍ଥିତ ରହିବା ଯୋଗୁ ପଞ୍ଜୀକରଣ ସଂଖ୍ୟା ଟାର୍ଗେଟ୍ ମୁତାବକ ହୋଇ ନ ଥିବା ଅଭିଯୋଗ ହୋଇଛି।

## ଖାଉଟି ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଅଭିଯୋଗ

ନିମାପଡ଼ା,୨୨।୯(ଡି.ଏନ.ଏ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଶତାଧିକ ହିତାଧିକାରୀ ପୁରୀ ଜିଲାପାଳ, ନିମାପଡ଼ା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ଶତାଧିକ ରାଶନ କାର୍ଡଧାରୀ ନହନ୍ତରାସ୍ଥିତ ଡିଲର ପଏଣ୍ଟରେ ପହଞ୍ଚି ଡିଲରଙ୍କୁ ଘେରି ହୋହଲ୍ଲା କରିଥିଲେ। ଏହି ହୋହଲ୍ଲା ଯୋଗୁ ନହନ୍ତରା ଛକରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ଏ ନେଇ ବିଡିଓ ଶ୍ରୀଧର ବିଶ୍ୱାଳଙ୍କୁ ପଚାରିବାରେ ଲୋକମାନଙ୍କ ଅଭିଯୋଗ ପାଇଛୁ। ଏହାର ତଦନ୍ତ କରି ଠିକ ପଦକ୍ଷେପ ନେବାକୁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଶିବାଶିଷ ଜେନା କୁହନ୍ତି, ଏହି ଘଟଣାର ଖୁବଶୀଘ୍ର ତଦନ୍ତ କରାଯାଇ ହିତାଧିକାରୀଙ୍କୁ ସମୟ ଅନୁଯାୟୀ ସାମଗ୍ରୀ ଦିଆଯିବ। ଅପରପକ୍ଷେ ଜର୍ନୈକ ଡିଲର ସର୍ବେଶ୍ୱର ମାନ ସିଂହ କୁହନ୍ତି, ସରକାରୀ ନିୟମ ଅନୁଯାୟୀ ରାଶନ କାର୍ଡଧାରୀମାନଙ୍କୁ ଖାଉଟି ସାମଗ୍ରୀ ଦିଆଯାଉଥିବାବେଳେ କୌଣସି ଅନିୟମିତତା ହେଉନାହିଁ, ମାତ୍ର କେତେକ ବ୍ୟକ୍ତି ରାଜନୈତିକ ଅଭିସନ୍ଧିରୁ ଇର୍ଷାନିତ ହୋଇ ଏଭଳି ମିଥ୍ୟା ଅଭିଯୋଗ କରୁଛନ୍ତି। ଲୋକମାନଙ୍କୁ ଠିକ ସମୟରେ ସାମଗ୍ରୀ ନ ମିଳିବା ଓ ଚିହ୍ନଟ ନ କରି ହିତାଧିକାରୀଙ୍କୁ ସାମଗ୍ରୀ ଦେବା ଆଦି ବିଭିନ୍ନ ଅଭିଯୋଗ ଥିବା ହିତାଧିକାରୀମାନେ କହିଛନ୍ତି।

### ନିମାପଡ଼ା ପ୍ରିମିୟର ଫୁଟବଲ ଲିଗ୍ ଉଦ୍‌ଘାଟିତ

ନିମାପଡ଼ା,୨୨।୯(ଡି.ଏନ.ଏ)

ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ବାରବାଟି ଖେଳପଡିଆରେ ୧୯ତମ ନିମାପଡ଼ା ପ୍ରିମିୟର ଫୁଟବଲ ଲିଗ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ନିମାପଡ଼ା ଦଳକୁ ୨-୧ଗୋଲରେ ପରାସ୍ତ କରି ଧଳେଶ୍ୱର ରୁଦ୍ରାମ୍ବିକ ଫୁଟବଲ କ୍ଲବ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଧଳେଶ୍ୱର ଦଳର ଖେଳାଳି ସାହେବ ଭୋଇ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଦଳର ଲଲାଟେନ୍ଦୁ ବରାଳ ୨ୟ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ନିମାପଡ଼ାର ଖେଳାଳି ବିଦ୍ଦୁ ସେଠୀ ଧଳେଶ୍ୱର ଦଳ ବିପକ୍ଷରେ କେବଳ ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ରେଫେରି ଭାବେ ରଣଜିତ କେଶରୀ ନାୟକ ଓ ଲାଇନରେ ବିରେନ ବରାଳ, ସବ୍ୟସାଚୀ ଅମିତାଭ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ନିମାପଡ଼ା ଆଥଲେଟିକ ଆସୋସିଏଶନର ଉପଦେଷ୍ଟା କ୍ରୀଡ଼ାବିତ ମହେନ୍ଦ୍ର ସିଂ ଭାଟିଆ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଉପସଭାପତି ଦୋଳଗୋବିନ୍ଦ ସେଠୀ, କ୍ରୀଡ଼ାବିତ ଶେଖ ଏନାତୁଲା ପ୍ରମୁଖ ଯୋଗଦେଇଥିଲେ।

■ ରାଜ୍ୟସ୍ତରୀୟ ଆସ୍-ତେ- ଡୁ ଆଖଡ଼ା ଉଦ୍‌ଯାପିତ

## ପୁରୀ ଚାମ୍ପିୟନ, ସୁନ୍ଦରଗଡ଼ ରନର୍ସ ଅପ୍

ପୁରୀ ଅଫିସ, ୨୨।୯:

ସ୍ଥାନୀୟ ପୋଲିସ ଲାଇନ ହାଇସ୍କୁଲ ପରିସରରେ ଚାଲିଥିବା ୬୫ତମ ବିଦ୍ୟାଳୟ ସମୂହ ରାଜ୍ୟସ୍ତରୀୟ ଆସ୍-ତେ-ଡୁ ଆଖଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୁରୀ ଜିଲା ଚାମ୍ପିୟନ ଓ ସୁନ୍ଦରଗଡ଼ ଜିଲା ରନର୍ସ ଅପ୍ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ ସଭାପତିତ୍ୱ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କିଶୋର ଶତପଥୀ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସଫଳତା ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଖଡ଼ା ସଂଘର ପୂର୍ବତନ ସଭାପତି ଜ୍ଞାନରଞ୍ଜନ ମହାନ୍ତି, ସମ୍ପାଦକ ସବ୍ୟସାଚୀ ରଥ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଦ୍ୟାଧର ମିଶ୍ର, ଧ୍ରୁବଚରଣ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ଉମେଶ ଚନ୍ଦ୍ର ଶତପଥୀ ମହମ୍ମଦ୍ ଆଲାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଳିଆପଡ଼ା ମାତୃଶକ୍ତି ।

### ଟ୍ରେନ୍‌ରେ ଛାଡ଼ିଥିବା ବ୍ୟାଗ ପାଇଲେ ସାହିଲ

**ଫେରାଇଲା ଆର୍‌ପିଏଫ୍**



ଆରପିଏଫ୍ ପକ୍ଷରୁ ଅବଦୁଲ୍ ସାହିଲଙ୍କୁ ବ୍ୟାଗ୍ ଫେରାଯାଉଛି।

ପୁରୀ ଅଫିସ,୨୨।୯ :

ଟ୍ରେନ୍‌ରେ ଛାଡ଼ିଯାଇଥିବା ନିଜ ବ୍ୟାଗକୁ ଫେରିପାଇଛନ୍ତି ଜଣେ ଯାତ୍ରୀ। ପୁରୀ ଆର୍‌ପିଏଫ୍ ପୋଲିସ ସମ୍ପୃକ୍ତ ଯାତ୍ରୀଙ୍କ ଟିକେଟ ପିଏନ୍‌ଆର୍ ନମ୍ବରରୁ ଠିକଣା ପାଇ ବ୍ୟାଗ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି। ସୂଚନା ଅନୁଯାୟୀ, ପୁରୀ ରେଳଷ୍ଟେଶନର ୪ନମ୍ବର ପ୍ଲାଟ୍‌ଫର୍ମରେ ଛିଡ଼ା ହୋଇଥିବା ଧଉଳି ଏକ୍ସପ୍ରେସରେ ସୁରକ୍ଷା ଯାଞ୍ଚବେଳେ ଏଏସ୍‌ଆଇ ବି.କେ. ବରାଳ କୋଚ୍ ନଂ. ଡି-୫ର ସିଟ୍ ନଂ.୧୪ରୁ ଗୋଟିଏ ହଳଦିଆ ରଙ୍ଗର ବ୍ୟାଗ୍ ପାଇଥିଲେ। ଏଥିରୁ ୨୧୧୦ ଟଙ୍କା, ଏକ ମୋବାଇଲ, କିଛି ଔଷଧ, ଚାବି ପେନ୍ଥା, ଯାତ୍ରୀ ଟିକେଟ ଆଦି ବାହାରିଥିଲା। ଟିକେଟ ପିଏନ୍‌ଆର୍ ନମ୍ବର ଯାଞ୍ଚ କରି ଜଗତସିଂହପୁର ଜିଲାର ଅବଦୁଲ୍ଲ ସାହିଲଙ୍କ ଠିକଣା ପାଇ ତାଙ୍କୁ ବରାଳ ଯୋଗାଯୋଗ କରିଥିଲେ। ପରେ ଅବଦୁଲ୍ଲଙ୍କୁ ତାଙ୍କ ବ୍ୟାଗ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି।

■ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ବାପଘର ଲୋକେ ଆଣିରେ ହତ୍ୟା ଅଭିଯୋଗ

କଟକ ଅଫିସ, ୨୨।୯

ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ଗୋପାଳସାହିର ଏକ ଘରୁ ରବିବାର ସକାଳେ ଦିପ୍ତୀମୟୀ ମହାରଣା ନାମ୍ନୀ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପରେ ବ୍ୟବଚ୍ଛେଦ ଲାଗି ଏସ୍‌ସିବି ମେଡିକାଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଗୋପାଳସାହିର ବୁଲୁ ମହାରଣାଙ୍କୁ ୨୦୧୮ ଜାନୁୟାରୀ ୨୧ରେ ପୁରୀ ଜିଲା ମାର୍କଣ୍ଡସାହିର ଦୀପ୍ତିମୟୀ ବିବାହ କରିଥିଲେ। ବୁଲୁ ରାଣୀହାଟ ଅଞ୍ଚଳରେ ଏକ ଲେଦ୍‌ରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ରବିବାର ସକାଳେ ବୁଲୁ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରି ଦେଖିଲେ ତାଙ୍କ ରୁମ୍ କବାଟ ବନ୍ଦ ଅଛି। ବହୁତ ସମୟ କବାଟ ବାଡେଇଲେ ମଧ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ପରେ ବୁଲୁ ଓ ତାଙ୍କ ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ପଶିବାରୁ ଦିପ୍ତୀମୟୀ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ମଙ୍ଗଳାବାଗ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ପରେ ମଙ୍ଗଳାବାଗ ଥାନା ପକ୍ଷରୁ ଏହି ମାମଲା ମହିଳା ଥାନାକୁ ହସ୍ତାନ୍ତର କରାଯାଇଛି। ଖବରପାଇ ଦିପ୍ତୀମୟୀଙ୍କ ବାପଘର ଲୋକେ ମେଡିକାଲରେ ପହଞ୍ଚିବା ପରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଦୀପ୍ତିମୟୀଙ୍କୁ ଶାଶୁଘର ଲୋକେ ହତ୍ୟାକରି ଫ୍ୟାନ୍‌ରେ ଝୁଲାଇ ଦେଇଥିବା ତାଙ୍କ ବାପଘର ଲୋକେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଦିପ୍ତୀମୟୀଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି, ବିବାହର କିଛିଦିନ ପରେ ଦିପ୍ତୀମୟୀଙ୍କ ବର୍ଣ୍ଣ କଳା କହି ତାଙ୍କ ସ୍ୱାମୀ ତାଙ୍କୁ ନାପସନ୍ଦ କରୁଥିଲେ। ଶାଶୁଙ୍କ ମୃତ୍ୟୁ ପରେ ଦିପ୍ତୀମୟୀଙ୍କୁ ସ୍ୱାମୀ, ଶ୍ୱଶୁର ଓ ୨ ଦେଢଶୁର ମିଶି ନିର୍ଯାତନା ଦେଉଥିଲେ। ଦିପ୍ତୀମୟୀ ଗର୍ଭବତୀ ହୋଇଥିବା ଜାଣିବା ପରେ ଶାଶୁଘର ଲୋକେ ତାଙ୍କୁ ଘରୁ କାଢି ଦେଇଥିଲେ। ଫଳରେ ଦୀପ୍ତିମୟୀ ବାପଘରକୁ ପଳାଇ ଯାଇଥିଲେ। କିଛିଦିନ ପରେ ବାପଘର ଲୋକେ ଶାଶୁଘର ଲୋକଙ୍କ ସହ ବୁଝାମଣା କରି ଦିପ୍ତୀମୟୀଙ୍କୁ ଶାଶୁଘରେ ଛାଡିଥିଲେ। ସେଠାରେ କିଛିଦିନ ରହିବା ପରେ ରବିବାର ଦୀପ୍ତିମୟୀ ଆତ୍ମହତ୍ୟା କରିଥିବା ବାପଘର ଲୋକେ ଖବର ପାଇଥିଲେ। ପରେ ବାପଘର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଦିପ୍ତୀମୟୀଙ୍କ ସ୍ୱାମୀ, ଶ୍ୱଶୁର ଓ ଦେଢସୁରଙ୍କୁ ଥାନାରେ ଅଟକରଖି ପଚରାଉଚରା କରୁଥିବା ମହିଳା ଥାନା ଅଧିକାରୀ ଅନସୂୟା ନାୟକ କହିଛନ୍ତି।